ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 13/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 348 ମୂଲ୍ୟ₹୭/-




**‘ଧଡ଼କ ୨’ରେ ତୃପ୍ତି, ସିଦ୍ଧାନ୍ତଙ୍କ କେମେଷ୍ଟ୍ରି**

‘ଧଡ଼କ ୨’ ଫିଲ୍ମର ଶୁଟିଂ ସେଟ୍‌ରୁ ଅଭିନେତ୍ରୀ ତୃପ୍ତି ଡିମ୍ରି ଓ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ୦୨

୦୬ **ଦୀପିକାଙ୍କ ଗୋଲରେ ଭାରତ ବିଜୟୀ**

ଦୀପିକାଙ୍କ ଡବଲ ଗୋଲ ବଳରେ ଭାରତ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ ଗୋଲରେ ପରାସ୍ତ କରିଛି।



## ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବୁଧବାର ଅପରାହ୍ନ ୪ଟା ସମୟରେ ଲୋକସେବା ଭବନର ୩ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁ ପ୍ରସ୍ତାବ ଉପରେ ମୋହର ବାଜିବ ସେନେଇ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ। ବିଧାନସଭା ଶୀତ ଅଧିବେଶନ ପୂର୍ବରୁ ବସିବାକୁ ଥିବା ଏହି କ୍ୟାବିନେଟ୍‌ରେ କେତେକ ପ୍ରସ୍ତାବ ପାରିତହୋଇ ତାହା ବିଧାନସଭାରେ ଆଗତ ହୋଇପାରେ।

**ଆଜିର ସମ୍ପାଦକୀୟ**

**ମାର୍ ମାର୍ ନାଗରିକଙ୍କୁ**

**ଆଜିର ମନ୍ତବ୍ୟ**

“ ଝାଡ଼ଖଣ୍ଡରେ ଭାଜପା କ୍ଷମତାକୁ ଆସିଲେ ସରକାରୀ ପାଣ୍ଠି ଲୁଟୁଥିବା ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଓଲଟା ଝୁଲାଇ ଦିଆଯିବ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଖୁଚୁରା ମୁଦ୍ରାସ୍ଫୀତି ୬.୨୧%

## ଆର୍‌ବିଆଇ ଆକଳନ ଭୁଲ୍ ହେଲା

**୨୦୨୪ ଅକ୍ଟୋବରରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ରେକର୍ଡ ଭାଙ୍ଗି ୬.୨୧% ଛୁଇଁଥିଲା। ସେପ୍ଟେମ୍ବରରେ ରିଟେଲ୍ ଇନ୍‌ଫ୍ଲେଶନ୍ ୫.୪୯% ରହିଥିବାବେଳେ ଗତ ମାସରେ ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଧାର୍ଯ୍ୟ କରିଥିବା ସହନଶୀଳତାର ସର୍ବୋଚ୍ଚସ୍ତର ୬ ପ୍ରତିଶତ ଉପରକୁ ଉଠିଯାଇଥିଲା, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି। ଖାଦ୍ୟ ଓ ପନିପରିବା ଦର ବଢ଼ିଚାଲିଥିବାବେଳେ ଖାଉଟିଙ୍କୁ ନିଜ ରୋଷେଇଘର ବଜେଟକୁ ସଙ୍କୁଚିତ କରିବାକୁ ପଡୁଛି। ଟଙ୍କାର ଲଗାତର ଅବମୂଲ୍ୟାୟନ, ମୌସୁମୀଜନିତ ଲଗାଣ ବର୍ଷାରେ ଫସଲ ନଷ୍ଟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଉପରେ ସରକାରୀ ନିୟନ୍ତ୍ରଣ ନ ରହିବା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ନଭେମ୍ବରରେ ମୁଦ୍ରାସ୍ଫୀତି ଆହୁରି ବଢ଼ିପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର କ୍ରୟଶକ୍ତି ହ୍ରାସ ପାଇବା ସହ ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତ ପାଇଁ ଚିନ୍ତାର କାରଣ ହୋଇଛି।**



**ମୁମ୍ବାଇ/ନୂଆଦିଲ୍ଲୀ,୧୨।୧୧**

ଦେଶରେ କିଛିବର୍ଷ ହେଲା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିଚାଲିଥିବାବେଳେ ଏଥିରେ ଲଗାମ ଲଗାଇବା ପାଇଁ ମୁଦ୍ରାସ୍ଫୀତିକୁ ୨%ରୁ ୬% ମଧ୍ୟରେ ସୀମିତ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କର ଉଦ୍ୟମ ସତ୍ତ୍ୱେ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଗତ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୯ ମାସର ସର୍ବୋଚ୍ଚ ସ୍ତର ୫.୪୯% ରହିଥିବାବେଳେ ଅକ୍ଟୋବରରେ ୫.୮୧% ରହିବା ଅନୁମାନ କରାଯାଇଥିଲା। ତେବେ ମୁଦ୍ରାସ୍ଫୀତି ଏହି ଅନୁମାନଠାରୁ ଆହୁରି ଉପରକୁ ଉଠି ୬.୨୧% ରହିଥିଲା। ସରକାରଙ୍କ ପକ୍ଷରୁ ମଙ୍ଗଳବାର ଜାରି ତଥ୍ୟ ଅନୁସାରେ ପରିବା ଦର ୫ ବର୍ଷର ରେକର୍ଡ ଭାଙ୍ଗି ୪୨.୪% ବୃଦ୍ଧି ପାଇଛି। ଅକ୍ଟୋବରରେ ଟମାଟୋ ଦର ୧୬୧.୩% ବଢ଼ିଥିଲା। ସେହିପରି ☞ପୃଷ୍ଠା-୨

## ୧ ଡଲାର = ୮୪.୪୧ ଟଙ୍କା

**ମୁମ୍ବାଇ,୧୨।୧୧**

ଆମେରିକୀୟ ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଭାରତୀୟ ଟଙ୍କା ଚାପଗ୍ରସ୍ତ ହୋଇ ସବୁଠୁ ଦୟନୀୟ ସ୍ଥିତି ଦେଇ ଗତି କରୁଛି। ଲଗାତର ୫ ଦିନ ଧରି ଟଙ୍କାର ଅବମୂଲ୍ୟାୟନ ଘଟିଥିବାବେଳେ ମଙ୍ଗଳବାର ଏହା ସର୍ବକାଳୀନ ରେକର୍ଡ ଭାଙ୍ଗି ନିମ୍ନସ୍ତରରେ ପହଞ୍ଚିଛି। କାରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୮୪.୪୧୨୫ ରହିଥିଲା। ଅନ୍ୟପକ୍ଷେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଡଲାର ମଜଭୁତ ହେବାରେ ଲାଗିଛି। କେବଳ ନଭେମ୍ବରରେ ଡଲାର ଇଣ୍ଡେକ୍ସ ୧.୮% ଉପରକୁ ଉଠିଛି। ମଙ୍ଗଳବାର ଡଲାର ଇଣ୍ଡେକ୍ସ ୦.୩% ଉପରମୁହାଁ ହୋଇ ୧୦୫.୮୭ ପଏଣ୍ଟ ଛୁଇଁଛି, ଯାହାକି ଗତ ଜୁଲାଇ ପରଠୁ ସର୍ବୋଚ୍ଚ ସ୍ତର। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଇନେବା ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଭାରତୀୟ ଷ୍ଟକ୍ସରୁ ଏଫ୍‌ଆଇଆଇ ଅକ୍ଟୋବରରେ ୧୧ ବିଲିୟନ୍ ଡଲାର ପ୍ରତ୍ୟାହାର କରିଥିବାବେଳେ ଚଳିତ ମାସରେ ୩ ବିଲିୟନ୍ ଡଲାର ଉଠାଇ ସାରିଲେଣି।



## ଭାରତୀୟ ହଳଦୀରେ ସୀସା ସ୍ତର ୧୦୦ ଗୁଣା ଅଧିକ



**ନୂଆଦିଲ୍ଲୀ, ୧୨।୧୧**

ଭାରତ, ପାକିସ୍ତାନ, ନେପାଳ ପରି ଏସୀୟ ଦେଶଗୁଡ଼ିକରେ ବିକ୍ରି ହେଉଥିବା ହଳଦୀରେ ସୀସାର ବିଷାକ୍ତ ମାତ୍ରା ମିଳିଛି। ଉକ୍ତ ଦେଶଗୁଡ଼ିକରେ ମିଳୁଥିବା ହଳଦୀରେ ସୀସାର ମାତ୍ରା ୧୦୦୦ ମାଇକ୍ରୋଗ୍ରାମ୍/ଗ୍ରାମ୍‌ରୁ ଅଧିକ ରହିଥିବା ନେଇ ମଙ୍ଗଳବାର ଏକ ଅଧ୍ୟୟନ ପ୍ରକାଶ କରିଛି, ଯାହା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ୧୦୦ ଗୁଣା ଅଧିକ ରହିଛି। ଆମେରିକାର ଷ୍ଟାନଫୋର୍ଡ ବିଶ୍ୱ ବିଦ୍ୟାଳୟ, ଭାରତର ‘ଫ୍ରିଡମ ଏମ୍ପ୍ଲୟବିଲିଟି ଏକାଡେମୀ’ ସଙ୍ଗଠନ ଏବଂ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଙ୍ଗଠନ ‘ପିୟୋର ଆର୍ଥ’ ମିଳିତ ଭାବେ ଏହି ଅଧ୍ୟୟନ କରିଛନ୍ତି, ଯାହାର ରିପୋର୍ଟ ‘ସାଇନ୍ସ ଅଫ୍ ଟୋଟାଲ ଏନ୍‌ଭାଇରନ୍‌ମେଣ୍ଟ’ ନାମରେ ଏକ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ସାପ୍ତାହିକ ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ଅଧ୍ୟୟନରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳର ୨୩ଟି ସହରରେ ବିକ୍ରି ହେଉଥିବା ହଳଦୀକୁ ବିଶ୍ଳେଷଣ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ଭାରତର ପାଟଣା, ଗୁଆହାଟୀ ଓ ଚେନ୍ନାଇ, ପାକସ୍ତାନର କରାଚୀ, ଇସ୍‌ଲାମାବାଦ ଓ ☞ପୃଷ୍ଠା-୨









ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବଦିନ ପୋଲିଂ ସାମଗ୍ରୀ ସହ ଜଣେ ଅଫିସର ନିଜ ଭୋଟଗ୍ରହଣ କେନ୍ଦ୍ରକୁ ଯିବା ପୂର୍ବରୁ ରାଞ୍ଚିଠାରେ ଆଦିବାସୀ ମହିଳାମାନେ ପାରମ୍ପରିକ ସ୍ୱାଗତ ଜଣାଉଛନ୍ତି।

### ବାଂଲାଦେଶୀ ଅନୁପ୍ରବେଶ ମାମଲା

## ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ଇଡି ଚଢ଼ାଉ

ରାଞ୍ଚି,୧୨।୧୧(ପି.ଟି.)

ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ରାଜ୍ୟ ସମେତ ପଶ୍ଚିମବଙ୍ଗର ୧୭ଟି ସ୍ଥାନରେ ମଙ୍ଗଳବାର ଚଢ଼ାଉ କରିଛି। ବେଆଇନ ଅନୁପ୍ରବେଶ କରିଥିବା ବାଂଲାଦେଶୀ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ନେଇ ଏହି ଚଢ଼ାଉ କରାଯାଇଛି। ତଦନ୍ତକାରୀ ଅଧିକାରୀମାନେ ବିଭିନ୍ନ କାଗଜାତ, ଲେଜର ଏଣ୍ଟ୍ରି ଏବଂ ଆର୍ଥିକ କାରବାର ରେକର୍ଡ ସଂଗ୍ରହ କରିଛନ୍ତି। ଚଢ଼ାଉ ବେଳେ କେତେକ ଜାଲ୍ ଆଧାର କାର୍ଡ, ନକଲି ପାସ୍‌ପୋର୍ଟ, ବେଆଇନ ଅସ୍ତ୍ରଶସ୍ତ୍ର, ସ୍ଥାବର ସମ୍ପତ୍ତିର କାଗଜପତ୍ର, ନଗଦ ଟଙ୍କା, ଅଳଙ୍କାର, ପ୍ରିଣ୍ଟିଂ ପେପର ଓ ମେଶିନ୍ ଆଦି ଜବତ ହୋଇଛି।

## ମାର୍କୋ ରୁବିଓ ହେବେ ଆମେରିକା ପରରାଷ୍ଟ୍ର ସଚିବ

ୱାଶିଂଟନ, ୧୨।୧୧ (ପି.ଟି.)

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଫ୍ଲୋରିଡା ସିନେଟର ଥିବା ମାର୍କୋ ରୁବିଓ(୫୩)ଙ୍କୁ ଦେଶର ପରରାଷ୍ଟ୍ର ସଚିବ ପଦ ପାଇଁ ମନୋନୀତ କରିଛନ୍ତି। ମାର୍କୋ ଚାଇନା,



ଇରାନ, କ୍ୟୁବା ଭଳି ଦେଶ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି। ଭାରତର ବନ୍ଧୁ ଭାବରେ ରୁବିଓଙ୍କର ଭଲ ଛବି ରହିଛି। ସେ ଭାରତ-ଆମେରିକା ମଜଭୁତ ଦ୍ୱିପାକ୍ଷିକ ସମ୍ପର୍କ ସପକ୍ଷରେ ସର୍ବଦା ରହିଆସିଛନ୍ତି। ସେହିପରି ଟ୍ରମ୍ପ ତାଙ୍କର ନୂତନ ପ୍ରଶାସନ ପାଇଁ ରିପବ୍ଲିକାନ ନେତା ମାଇକ୍ ୱାଲ୍ଟଜ୍(୫୦)ଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାପଦ ପାଇଁ ମନୋନୀତ କରିଛନ୍ତି।

# ଭାରତ, ପାକ୍ ଆକାଶରେ ବିଷାକ୍ତ କୁହୁଡ଼ି

### ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ

ନୂଆଦିଲ୍ଲୀ,୧୨।୧୧

ବାୟୁ ପ୍ରଦୂଷଣ ବିପଜ୍ଜନକ ସ୍ତରକୁ ଖସିଚାଲିଥିବାବେଳେ ବିଷାକ୍ତ ଧୂମକୁହୁଡ଼ିର ଘନ ଆସ୍ତରଣ ଭାରତ ଏବଂ ପାକିସ୍ତାନର ବିସ୍ତୀର୍ଣ୍ଣ ଅଞ୍ଚଳକୁ ଘୋଡ଼ାଇ ରଖିଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ନିକଟରେ ପ୍ରସାରିତ ସାଟେଲାଇଟ୍ ଫଟୋରୁ ଉଭୟ ଦେଶର ଜନାକୀର୍ଣ୍ଣ ସିନ୍ଧୁ- ଗାଙ୍ଗେୟ ସମତଳ ଅଞ୍ଚଳ ଅତ୍ୟଧିକ ପ୍ରଦୂଷିତ ହୋଇଥିବା ସ୍ପଷ୍ଟ ହୋଇଛି। କୃଷିକ୍ଷେତ୍ରରେ ନଡ଼ା ଓ ଅନ୍ୟାନ୍ୟ ବର୍ଜ୍ୟ ସାମଗ୍ରୀ ପୋଡ଼ି, ଗାଡ଼ିମୋଟରର ଧୂଆଁ ଓ ଧୂଳି ଏବଂ ଶିଳ୍ପଜନିତ ପ୍ରଦୂଷଣ ଯୋଗୁ ବାୟୁ




ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଛି।

ପଞ୍ଜାବରେ ନଡ଼ାପୋଡ଼ି ଘଟଣା ଚଳିତ ବର୍ଷ ୭,୦୦୦ ଅତିକ୍ରମ କରିଛି। କେବଳ ସୋମବାର ୪୧୮ଟି ନଡ଼ାପୋଡ଼ି ଘଟିଛି, ଯାହା ବିସ୍ତୀର୍ଣ୍ଣ ଅଞ୍ଚଳର ବାୟୁକୁ ପ୍ରଦୂଷିତ କରୁଛି। ଇତିମଧ୍ୟରେ ଚଣ୍ଡିଗଡ଼ର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ପହଞ୍ଚିଛି। ମଙ୍ଗଳବାର ଦିଲ୍ଲୀର ଏକ୍ୟୁଆଇ ୪୦୦ ପାଖାପାଖି ରହିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରେ ମଧ୍ୟ ଅନୁରୂପ ସ୍ଥିତି ରହିଥିବା ବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ବାହ୍ୟ କାର୍ଯ୍ୟକୁ ନିଷେଧ କରାଯାଇଛି। ପ୍ରଦୂଷଣ ରୋକିବାକୁ ଦୋକାନ ବଜାର ଏବଂ ମଲ୍‌ଗୁଡ଼ିକୁ ଶୀଘ୍ର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲାହୋରରେ ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ ପହଞ୍ଚିଛି। ଏହାର ପ୍ରତିକାର ପାଇଁ ପାକ୍ କର୍ତ୍ତୃପକ୍ଷ କେତେକ ଜରୁରୀ ପଦକ୍ଷେପ ନେଇଛନ୍ତି। ସ୍କୁଲ୍‌ଗୁଡ଼ିକୁ ବନ୍ଦ କରାଯିବା ସହ ଆଂଶିକ ଲକ୍‌ଡାଉନ୍ କାର୍ଯ୍ୟକାରୀ ହୋଇଛି। ସେହିପରି ନିର୍ମାଣ କାର୍ଯ୍ୟକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି। ନାସା ବୈଜ୍ଞାନିକ ପଓ୍ୱନ ଗୁପ୍ତାଙ୍କ କହିବା ଅନୁଯାୟୀ କେବଳ ନଡ଼ା ପୋଡ଼ି ଯୋଗୁ ଉକ୍ତ ସିନ୍ଧୁ-ଗାଙ୍ଗେୟ ଅଞ୍ଚଳର ବାୟୁ ଗୁଣବତ୍ତା ଅତ୍ୟଧିକ ଖରାପ ହେଉଛି, ତାହା ନୁହେଁ; ଏଥିପାଇଁ ଅନ୍ୟ କାରକଗୁଡ଼ିକ ମଧ୍ୟ ଦାୟୀ। ଥର୍ ମରୁଭୂମିର ଧୂଳି, ଗାଡ଼ିମୋଟରର ନିର୍ଗତ ଧୂଆଁ ଓ ଧୂଳି ତଥା ଶିଳ୍ପାଞ୍ଚଳର ଉତ୍ସର୍ଜନ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଶୀତଦିନେ ତାପମାତ୍ରା ହ୍ରାସ ଯୋଗୁ ପ୍ରଦୂଷିତ କଣିକାଗୁଡ଼ିକ ବାୟୁମଣ୍ଡଳର ନିମ୍ନ ସ୍ତରରେ ରହୁଛି। ଉତ୍ତରରେ ହିମାଳୟ ଏବଂ ଦକ୍ଷିଣରେ ବିନ୍ଧ୍ୟ ପର୍ବତମାଳା ଏହାକୁ ଘେରି ରହୁଥିବାରୁ ଉକ୍ତ ଅଞ୍ଚଳ ଉପରେ ଧୂମକୁହୁଡ଼ିର ଘନ ଆସ୍ତରଣ ସୃଷ୍ଟି ହେଉଛି।

## ମାମଲାର ଜରୁରୀ ଶୁଣାଣି ପାଇଁ ମୌଖିକ ଉପସ୍ଥାପନାକୁ ସିଜେଆଇଙ୍କ ନା

ନୂଆଦିଲ୍ଲୀ,୧୨।୧୧



ଜଷ୍ଟିସ୍ ସଞ୍ଜୀବ ଖାନ୍ନା

କୌଣସି ମାମଲାର ଜରୁରୀ ଶୁଣାଣି କିମ୍ବା ତାଲିକାଭୁକ୍ତ କରିବା ପାଇଁ ମୌଖିକ ଉପସ୍ଥାପନାକୁ ଅନୁମତି ଦିଆଯିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଙ୍ଗଳବାର ଘୋଷଣା କରିଛନ୍ତି। ଏଭଳି ମାମଲାରେ ଆଇନଜୀବୀମାନଙ୍କୁ ଏଣିକି ଇମେଲ୍ ଯୋଗେ କିମ୍ବା ଲିଖିତ ପତ୍ର ଦ୍ୱାରା ଆବେଦନ ଦାଖଲ କରିବାକୁ ହେବ। ପାରମ୍ପରିକ ଭାବେ ଆଇନଜୀବୀମାନେ ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଗରେ ଦୈନିକ ଶୁଣାଣି ଆରମ୍ଭ ପୂର୍ବରୁ ଜରୁରୀ ଦର୍ଶାଇ କେତେକ ମାମଲାକୁ ତାଲିକାଭୁକ୍ତ କରିବା ଏବଂ ଶୁଣାଣି କରିବା ପାଇଁ ଉପସ୍ଥାପନ କରୁଥିଲେ। ତେବେ ଲିଖିତ କିମ୍ବା ମୌଖିକ ଭାବେ ଏଭଳି ଅନୁରୋଧ କରାଯାଇପାରିବ ନାହିଁ। କେବଳ ଇମେଲ୍ କିମ୍ବା ଲିଖିତ ସ୍ଲିପ୍ ବା ପତ୍ରକୁ ଗ୍ରହଣ କରାଯିବ। କେବଳ ଜରୁରୀର କାରଣ ଦର୍ଶାଇବାକୁ ହେବ ବୋଲି ସିଜେଆଇ କହିଛନ୍ତି।

## ଧର୍ମ ଆଧାରିତ ହ୍ୱାଟ୍ସଆପ୍ ଗ୍ରୁପ୍ ପାଇଁ ୨ ଆଇଏଏସ୍ ଅଫିସର ନିଲମ୍ବିତ

ନୂଆଦିଲ୍ଲୀ,୧୨।୧୧

ଧର୍ମ ଆଧାରିତ ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିବା ଆଇଏଏସ୍ ଅଫିସର କେ. ଗୋପାଳକ୍ରିଷ୍ଣନଙ୍କୁ କେରଳ ସରକାର ସୋମବାର ନିଲମ୍ବନ କରିଛନ୍ତି। ସେହିପରି ବରିଷ୍ଠ ଆଇଏଏସ୍ ଅଫିସର ଏନ୍ ପ୍ରଶାନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କୁ ସମାଲୋଚନା କରି ନିଲମ୍ବିତ ହୋଇଛନ୍ତି। ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଗୋପାଳକ୍ରିଷ୍ଣନ 'ମାଲୁ ହିନ୍ଦୁ ଅଫିସର୍ସ' ନାମରେ ଏକ ନୂଆ ହ୍ୱାଟ୍ସଆପ୍ ଗ୍ରୁପ୍ ସୃଷ୍ଟି କରିଥିଲେ। କେବଳ ହିନ୍ଦୁ ଅଫିସରମାନଙ୍କୁ ସାମିଲ କରିବା ପାଇଁ ଏହି ଗ୍ରୁପ୍ କରାଯାଇଥିଲା, ଯେଉଁଥିରେ ବହୁସଂଖ୍ୟାରେ କେରଳ କ୍ୟାଡରର ଆଇଏଏସ୍ ଅଫିସରଙ୍କୁ ଅବାଞ୍ଛିତ ଭାବେ ଆଡ୍ କରାଯାଇଥିଲା। ଏହାକୁ ନେଇ ଗତ ଅକ୍ଟୋବର ୩୧ରୁ ବିବାଦ ଆରମ୍ଭ ହୋଇଥିଲା। ସରକାରୀ କର୍ମଚାରୀମାନେ ଧର୍ମନିରପେକ୍ଷ ମୂଲ୍ୟବୋଧ ଅନୁସରଣ କରିବା ଆଶା କରାଯାଉଥିଲାବେଳେ ଏହି ଗ୍ରୁପ୍ ତାହାର ଉଲ୍ଲଂଘନ କରୁଥିଲା। ବିବାଦ ପରେ ଉକ୍ତ ଗ୍ରୁପ୍‌କୁ ହଟାଇ ଦିଆଯାଇଥିଲା। ବିବାଦ ସୃଷ୍ଟି ହେବା ପରେ ତାଙ୍କ ଫୋନ୍‌କୁ ହ୍ୟାକ୍ କରି କେହି ଏଭଳି ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିବା ଗୋପାଳକ୍ରିଷ୍ଣନ ସଫେଇ ଦେଇଥିଲେ। ଏହି ବିବାଦୀୟ ଗ୍ରୁପ୍ ସୃଷ୍ଟି କରିବାରେ ସେ ସମ୍ପୃକ୍ତ ନ ଥିବା କହି ପୋଲିସରେ



କେ. ଗୋପାଳକ୍ରିଷ୍ଣନ | ଏନ୍ ପ୍ରଶାନ୍ତ

ଅଭିଯୋଗ କରିଥିଲେ। ସେହିପରି ୨୦୦୭ ବ୍ୟାଚ୍‌ର ଅଫିସର ପ୍ରଶାନ୍ତ ସୋସିଆଲ୍ ମିଡିଆରେ ଅନ୍ୟତମ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ସଚିବ ଏ. ଜୟନ୍ତିଲତାଙ୍କ ବିରୋଧରେ ଅନେକ ପୋଷ୍ଟ କରିଥିଲେ। ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନଙ୍କ ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ୨ ଆଇଏଏସ୍ ଅଫିସରଙ୍କୁ ନିଲମ୍ବନ କରିଛନ୍ତି।

## ଉଦ୍ଧବଙ୍କ ବ୍ୟାଗ୍ ଯାଞ୍ଚକୁ ନେଇ ବିବାଦ

ନୂଆଦିଲ୍ଲୀ,୧୨।୧୧

### ଏସ୍‌ଓପି କଡ଼ାକଡ଼ି ଅନୁପାଳନ କରାଯାଇଥିବା କହିଲା ଇସି



ଉଦ୍ଧବ ଠାକ୍‌ରେ

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ସୋମବାର ଅପରାହ୍ନରେ ୟାଭାତ୍‌ମାଲରେ ପହଞ୍ଚିବା ପରେ ତାଙ୍କ ଲଗେଜ୍ ଯାଞ୍ଚ କରାଯାଇଥିଲା। ନଭେମ୍ବର ୨୦ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଉଦ୍ଧବ ପ୍ରଚାର ନିମନ୍ତେ ସେଠାରେ ପହଞ୍ଚିବା ମାତ୍ରେ ଲଗେଜ୍ ଯାଞ୍ଚ କରାଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ ଉଦ୍ଧବଙ୍କ ଶିବସେନା ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଶାସକ ଦଳର ଶୀର୍ଷ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ପ୍ରଚାରରେ ଆସିଲେ ସେମାନଙ୍କ ବ୍ୟାଗ୍ ଯାଞ୍ଚ ହୋଇଥାନ୍ତା କି ବୋଲି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ୍ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶିନ୍ଦେ ସେନା ମୁଖପାତ୍ର କ୍ରିଷ୍ଣା ହେଗ୍‌ଡେ ଏହାର ଜବାବରେ କହିଛନ୍ତି, ସବୁବେଳେ ଅଭିଯୋଗ ଆଣିବା ଅଭ୍ୟାସ ରାଉତଙ୍କର ରହିଛି। ଗତ ସାଧାରଣ ନିର୍ବାଚନ ବେଳେ ନାସିକ୍‌ରେ ଶିନ୍ଦେଙ୍କ ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ଏନେଇ ଶିନ୍ଦେ କୌଣସି ଅଭିଯୋଗ କରି ନ ଥିଲେ କିମ୍ବା ଉଦ୍ଧବଙ୍କ ଗୋଷ୍ଠୀ ଭଳି ହୋହଲ୍ଲା କରି ନ ଥିଲେ ବୋଲି ହେଗ୍‌ଡେ କହିଛନ୍ତି। ନିର୍ବାଚନ କମିଶନ ମଙ୍ଗଳବାର କହିଛନ୍ତି, ସବୁ ରାଜନୈତିକ ଦଳ ପାଇଁ ନିରପେକ୍ଷତା ସୁନିଶ୍ଚିତ କରିବା ଲାଗି ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓ) କଡ଼ାକଡ଼ି ପାଳନ କରୁଛନ୍ତି। ଦଳମତ ନିର୍ବିଶେଷରେ ଶୀର୍ଷ ନେତାମାନଙ୍କ ବିମାନ ଏବଂ ହେଲିକପ୍ଟରକୁ ଯାଞ୍ଚ କରାଯାଉଛି। ଲୋକ ସଭା ନିର୍ବାଚନ ବେଳେ ଏପ୍ରିଲ ୨୪ରେ ଭାଗଲପୁରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ହେଲିକପ୍ଟର ଏବଂ ଏପ୍ରିଲ ୨୧ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିମାନକୁ କଟିହାର ଜିଲାରେ ଯାଞ୍ଚ କରାଯାଇଥିଲା ବୋଲି ଇସି ସୂତ୍ରରୁ କୁହାଯାଇଛି।

## ଜନ୍ମ ହାର ବଢ଼ାଇବାକୁ ରୁଷିଆର ଯୋଜନା

ମସ୍କୋ, ୧୨।୧୧

### ଗଠନ ହେବ ସେକ୍ସ ମନ୍ତ୍ରଣାଳୟ

ରୁଷିଆରେ ଗତ କିଛି ବର୍ଷ ହେବ ଜନ୍ମ ହାର କମିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ଦିଗରେ ଏକ ସେକ୍ସ ମନ୍ତ୍ରଣାଳୟ ଗଠନ କରିବାକୁ ରୁଷିଆ ଯୋଜନା ପ୍ରସ୍ତୁତ କରୁଛି। ବିଭିନ୍ନ ରୁଷୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବିଶ୍ୱସ୍ତ ତଥା ରୁଷୀୟ ସଂସଦର 'ପରିବାର ସୁରକ୍ଷା, ପିତୃତ୍ୱ, ମାତୃତ୍ୱ ଏବଂ ଶିଶୁ କମିଟି'ର ଅଧ୍ୟକ୍ଷ ନିନା ଓସ୍ତାନିନା ଏ ସମ୍ବନ୍ଧୀୟ ଏକ ପ୍ରସ୍ତାବକୁ ସମୀକ୍ଷା କରୁଛନ୍ତି। ଗ୍ଲାଭ୍‌ପିଆର୍ ନାମକ ଏକ ଏଜେନ୍ସି ପକ୍ଷରୁ ଦେଶର ଜନ୍ମ ହାରକୁ ବଢ଼ାଇବା ନିମନ୍ତେ ସେକ୍ସ ମନ୍ତ୍ରଣାଳୟ ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ



ହେବା ପରଠାରୁ ବହୁ ଧନଜୀବନହାନି ଘଟିଛି। ଫଳରେ ରୁଷିଆର ଜନସଂଖ୍ୟା ହ୍ରାସ ଦେଖାଦେଇଥିବାବେଳେ ଏହି ସମସ୍ୟାକୁ ଦୂର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପୁଟିନ୍ ଦେଶର ଅଧିକାରୀମାନଙ୍କୁ ଆହ୍ୱାନ କରିଛନ୍ତି। ଫଳରେ ଜନସଂଖ୍ୟା ବୃଦ୍ଧି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦିଆଯାଉଥିବା ପ୍ରସ୍ତାବଗୁଡ଼ିକ ଉପରେ ରୁଷୀୟ ଅଧିକାରୀମାନେ ବିଚାର ବିମର୍ଶ କରୁଛନ୍ତି। ସେକ୍ସ ମନ୍ତ୍ରଣାଳୟ ଗଠନ ସହ ଅନେକ ଅଜବ ପ୍ରସ୍ତାବ ମଧ୍ୟ ରୁଷୀୟ ଅଧିକାରୀମାନଙ୍କୁ ମିଳିଛି। ଦମ୍ପତିଙ୍କ ମଧ୍ୟରେ ଅନ୍ତରଙ୍ଗ ମୁହୂର୍ତ୍ତକୁ ବଢ଼ାଇବା ପାଇଁ ରାତି ୧୦ଟାରୁ ୨ଟା ମଧ୍ୟରେ ଇଣ୍ଟରନେଟ ଏବଂ ବିଜୁଳି ସେବା ବନ୍ଦ କରିବା, ଘରେ ରହି ପିଲାଙ୍କ ଲାଳନ ପାଳନ କରୁଥିବା ମା'ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା, ଯୁବପିଢ଼ି ଓ ପ୍ରେମୀ ଯୁଗଳଙ୍କ ପ୍ରଥମ ଡେଟ୍ ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ଦିଆଯିବା, ବିବାହକୁ ଆଡ଼ମ୍ବର ସହକାରେ ହୋଟେଲ ଏବଂ ସର୍ବସାଧାରଣ ସ୍ଥାନରେ ଆୟୋଜନ କରିବା ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ଆଦି ବିଭିନ୍ନ ଅଜବ ପ୍ରସ୍ତାବ ରୁଷୀୟ ଅଧିକାରୀଙ୍କ ହସ୍ତଗତ ହୋଇଛି। ଅନ୍ୟପକ୍ଷରେ, ଦେଶର ଜନ୍ମ ହାରକୁ ବଢ଼ାଇବା ପାଇଁ ଯୋଜନା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଯୌନ ସମ୍ପର୍କ ଏବଂ ଋତୁସ୍ରାବ ସମ୍ବନ୍ଧୀୟ ଅନ୍ତରଙ୍ଗ ପ୍ରସଙ୍ଗକୁ ନେଇ ରୁଷିଆର ରାଜଧାନୀ ମସ୍କୋରେ ଥିବା ସରକାରୀ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ସର୍ଭେ କରାଯାଉଛି।

### ଫୁର୍‌ସତ୍

## ସହୃଦୟତା ଶିଖାଇବା

### ବିଶ୍ୱ ଦୟା ଦିବସ



ଦୟା ଏକ ମହାନ୍ ଗୁଣ। ଏହାଦ୍ୱାରା ଶାନ୍ତି ଏବଂ ବନ୍ଧୁତ୍ୱ ବାର୍ତ୍ତା ପ୍ରସାରିତ ହୋଇଥାଏ। ସେଥିପାଇଁ ନଭେମ୍ବର ୧୩କୁ ବିଶ୍ୱ ଦୟା ଦିବସ ଭାବରେ ପାଳନ କରାଯାଏ। ୧୯୮୮ରୁ ଏହି ଦିବସ ପାଳନ କରାଯାଉଛି। ଏହାକୁ ବିଶ୍ୱ ଦୟା କିମ୍ବା ସହୃଦୟତା ଆନ୍ଦୋଳନର ଏକ ଅଂଶ ବୋଲି କୁହାଯାଏ। ତେବେ ଏହି ବର୍ଷର ଥିମ୍ ରହିଛି ସହୃଦୟତା ଶିଖାଇବା। ପିଲାଠାରୁ ବୁଢ଼ାଯାଏ ସଭିଙ୍କୁ ଦୟାଶୀଳ ଓ ସହୃଦୟତା ଦେଖାଇବା ଏହି ଦିବସର ମୂଳ ଲକ୍ଷ୍ୟ।

ବିଶ୍ୱ ଦୟା ଦିବସକୁ ଆନୁଷ୍ଠାନିକ ଭାବେ ମାନ୍ୟତା ଦେବା ପାଇଁ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ ସର୍ବସମ୍ମତି କ୍ରମେ ସମର୍ଥନ ଘୋଷଣାନାମା ସ୍ୱାକ୍ଷର କରିଥିଲେ। ୧୯୯୮ରେ ଏନଜିଓଗୁଡିକର ମିଳିତ ମଞ୍ଚ ବିଶ୍ୱ ଦୟା ଅଭିଯାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ପ୍ରଥମେ କାନାଡା, ଅଷ୍ଟ୍ରେଲିଆ, ନାଇଜେରିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ଅନେକ ଦେଶରେ ଏହା ପାଳନ କରାଯାଇଥିଲା। ସେବେଠାରୁ ଦୟା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୩ରେ ବିଶ୍ୱ ଦୟା ଦିବସ ପାଳନ କରାଯାଏ।

ଏବେ ଭାରତ ସହିତ ଏହା ଆମେରିକା, କାନାଡା, ଜାପାନ, ଅଷ୍ଟ୍ରେଲିଆ, ୟୁଏଇ ଇତ୍ୟାଦି ଅନ୍ୟାନ୍ୟ ଦେଶରେ ମଧ୍ୟ ପାଳନ କରାଯାଉଛି।

## ୨୦ ମିଟର ଲମ୍ବା କୁର୍ତ୍ତା

ବାଗ୍‌ଦାଦ

ଲୋକମାନେ ସେମାନଙ୍କର ନାମ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ପଞ୍ଜୀକୃତ କରିବା ପାଇଁ ବହୁ ପରିଶ୍ରମ କରିଥାନ୍ତି। କିଛି ଲୋକ କ୍ରୀଡ଼ାରେ ନୂତନ ରେକର୍ଡ ସ୍ଥାପନ କରି ତ ଆଉ କିଛି ଲୋକ ସେମାନଙ୍କର ଦକ୍ଷତା ସହ ଏହି ରେକର୍ଡରେ ସ୍ଥାନ ପାଇବାକୁ ସକ୍ଷମ ହୋଇଥାନ୍ତି। ସେହିପରି କିଛି ଲୋକ କେତେକ ଆଶ୍ଚର୍ଯ୍ୟଜନକ ଜିନିଷ ସୃଷ୍ଟି କରି ମଧ୍ୟ ଏହି ରେକର୍ଡର ଅଧିକାରୀ ହୋଇ ପାରିଥାନ୍ତି। ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହେବାକୁ ବିଭିନ୍ନ ପ୍ରକାରର ଶ୍ରେଣୀ ରହିଥାଏ। ନିକଟରେ ଇରାକର ଏକ କମ୍ପାନୀ ୨୦.୩ ମିଟର ଲମ୍ବର ଏକ କୁର୍ତ୍ତା ନିର୍ମାଣ କରି ଜିଡବ୍ଲ୍ୟୁଆର୍‌ର ଅଧିକାରୀ ହୋଇପାରିଛି।

ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇଥିବା ଏହି



କୁର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜିଡବ୍ଲ୍ୟୁଆର୍ ପକ୍ଷରୁ ଏହାର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ୨୦.୩ ମିଟର(୬୬ ଫୁଟ୍ ୭ ଇଞ୍ଚ) ଲମ୍ବ ବିଶିଷ୍ଟ ଏହି କୁର୍ତ୍ତାର ଭିଡିଓକୁ ଶେୟାର କରାଯାଇଛି। ଏହାର ମୋଟେଇ ୮.୪ ମିଟର (୨୭ ଫୁଟ ୬ ଇଞ୍ଚ) ରହିଛି। ଏହି ଦୀର୍ଘତମ କୁର୍ତ୍ତାକୁ ଇରାକର ରାଜଧାନୀ ବାଗ୍‌ଦାଦର 'ବୟାତି ରିଏଲ୍ ଇଷ୍ଟେଟ୍ ଇନ୍‌ଭେଷ୍ଟମେଣ୍ଟ' ନାମରେ ଏକ କମ୍ପାନୀ ପ୍ରସ୍ତୁତ କରିଛି।

ସାଧାରଣତଃ ଭାରତରେ ପର୍ବପର୍ବାଣି ସମୟରେ ଲୋକମାନେ କୁର୍ତ୍ତା ପିନ୍ଧିବାକୁ ପସନ୍ଦ କରିଥାନ୍ତି। ତେବେ ଏହି କୁର୍ତ୍ତାକୁ ଇରାକରେ ଥୋବେ କୁହାଯାଏ। ଥୋବେ କୁର୍ତ୍ତାଠାରୁ ସାମାନ୍ୟ ଭିନ୍ନ ରହିଥାଏ। ଥୋବେରେ ବେକ ନିକଟରେ ୩ରୁ ୪ଟି ବଟନ୍ ରହିଥାଏ, ଯାହାକୁ ଖୋଲାଯିବା ପରେ ହିଁ ଥୋବେକୁ ପିନ୍ଧାଯାଇପାରିବ। ରେକର୍ଡ ପାଇଁ ପ୍ରସ୍ତୁତ ଏହି ବିଶାଳ ଥୋବେ ଧୂସର ରଙ୍ଗର ହୋଇଥିବା ନେଇ ଦେଖିବାକୁ ମିଳିଛି।

## କୁକୁଡ଼ା ଆକୃତିର ସବୁଠୁ ବଡ଼ ହୋଟେଲ

ମାନିଲା

ଫିଲିପାଇନ୍ସର ନେଗ୍ରୋସ୍ ଅକ୍ସିଡେଣ୍ଟାଲ୍ ଶିଳ୍ପାଞ୍ଚଳରେ କୁକୁଡ଼ା ଆକାରରେ ଏକ ବିଶାଳ ହୋଟେଲ ରହିଛି। ନିଜର ବିଶେଷ ଡିଜାଇନ୍ ହେତୁ ଏହି ହୋଟେଲର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ନାମ ସ୍ଥାନିତ ହୋଇଛି, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି।

ଫିଲିପାଇନ୍ସର ଏହି କୁକୁଡ଼ା ଆକୃତି ହୋଟେଲର ଉଚ୍ଚତା ୧୧୫ ଫୁଟ ହୋଇଥିବାବେଳେ ଏହାର ଚଉଡ଼ା ୧୨.୨୭ ମିଟର (୪୦ ଫୁଟ) ରହିଛି। ଏହି ହୋଟେଲରେ ଶୀତତାପ ନିୟନ୍ତ୍ରିତ ୧୫ଟି କୋଠରି ରହିଛି। ଏଥିରେ ବଡ଼ ଆକାରରେ ରାଜକୀୟ ଶଯ୍ୟା, ଟିଭି ଏବଂ ରାଜକୀୟ ସାୱାର ମଧ୍ୟ ରହିଛି। ଗତବର୍ଷ ଜୁନ୍ ୧୦ରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ



ଶେଷ ହୋଇଥିଲା। ତେବେ ଏହି କୁକୁଡ଼ା ଆକୃତିର ହୋଟେଲକୁ ଅତି ଯତ୍ନର ସହ ନିର୍ମାଣ କରାଯାଇଥିବା ନେଇ ହୋଟେଲର ମାଲିକ ତଥା ସ୍ଥାନୀୟ ଶିଳ୍ପପତି ରିକାର୍ଡୋ କାନୋ ଗେଓ୍ୱପୋ ତେନ୍ କହିଛନ୍ତି। ନିର୍ମାଣ ସମୟରେ ଝଡ଼ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଦିକୁ ଧ୍ୟାନରେ ରଖାଯାଇଥିବା ନେଇ ସେ କହିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ | Bhubaneswar, Wednesday, November 13/2024




ଆଜେରବୈଜାନର ବାକୁରେ ମଙ୍ଗଳବାର ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍ ୨୯ ଉଦ୍‌ଘାଟନୀ ଅବସରରେ ନୃତ୍ୟ ପରିବେଷଣ କରାଯାଉଛି।

# ମୃତ ୩୦ ଚାଷୀଙ୍କ ନାମରେ କୃଷି ଋଣ

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଏକାଧିକ ଯୋଜନାର ସଫଳ ରୂପାୟନ ପାଇଁ ଆହ୍ୱାନ ଦେଉଛନ୍ତି। କିନ୍ତୁ ଗତ ୨ବର୍ଷ ମଧ୍ୟରେ ମୃତ ୩୦ ଚାଷୀଙ୍କ ନାମରେ କୃଷି ଋଣ ଉଠାଇବା ଅଭିଯୋଗ ଯାଜପୁର ଜିଲାର କେତେକ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ) କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଭିଯୋଗ ଉପରେ ଓଡ଼ିଶା ନିବନ୍ଧକ ସମବାୟ ସମିତି(ଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟରୁ ୧୧।୧୧।୨୦୨୪ରେ ଯାଜପୁର ଜିଲା ଉପନିବନ୍ଧକ ସମବାୟ ସମିତି ସମୂହ(ଡିଆର୍‌ସିଏସ୍)ଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମବାୟ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି।

## ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିଏସ୍



ନିବନ୍ଧକ ସମବାୟ ସମିତି ସମୂହ, ଓଡିଶା, ଭୁବନେଶ୍ୱର

ପତ୍ର ସଂଖ୍ୟା: RCSO-BANK3-MISC-0076-2024 18389 ବ୍ୟାଙ୍କ-୧୦/ତା 11.11.24

ପ୍ରାପ୍ତେଷୁ,

ଉପ-ନିବନ୍ଧକ ସମବାୟ ସମିତି ସମୂହ, ଯାଜପୁର ଡ଼ିଭିଜନ, ଯାଜପୁର।

ବିଷୟ: ଶ୍ରୀମତୀ ଉର୍ମିଳା ବାରିକ ଉପସଭାପତି ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତି, ଦଶରଥପୁର ବ୍ଲକ, ଯାଜପୁର ଓ ପରିଚାଳନା ପରିଷଦର ଅନ୍ୟ ସଭ୍ୟ ମାନେ ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ନାୟକ ଏବଂ ସମ୍ପାଦକ ବିଶ୍ୱଜିତ ଧଳଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ସମ୍ବନ୍ଧରେ।

ମହାଶୟ,

ଶ୍ରୀମତୀ ଉର୍ମିଳା ବାରିକ ଉପସଭାପତି ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତି, ଦଶରଥପୁର ବ୍ଲକ, ଯାଜପୁର ଓ ପରିଚାଳନା ପରିଷଦର ଅନ୍ୟ ସଭ୍ୟ ମାନେ ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ନାୟକ ଏବଂ ସମ୍ପାଦକ ବିଶ୍ୱଜିତ ଧଳଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ସମ୍ବନ୍ଧରେ କରିଥିବା ଅଭିଯୋଗ ପତ୍ର ସଂଲଗ୍ନ ପୂର୍ବକ ମୁଁ ନିର୍ଦ୍ଦେଶକ୍ରମେ ଆପଣଙ୍କୁ ଅନୁରୋଧ କରୁଅଛି ଯେ, ଉପରୋକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ସମବାୟ ଆଇନ ଅନୁଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାହାର ଏକ ବିସ୍ତୃତ ବିବରଣୀ ଏହି ନିର୍ଦ୍ଦେଶାଳୟକୁ ପ୍ରେରଣ କରିବା ହେବେ।

ଆପଣଙ୍କ ବିଶ୍ୱସ୍ତ,
ଯୁଗ୍ମ-ନିବନ୍ଧକ ସମବାୟ ସମିତି ସମୂହ (ଋଣ)

ସ୍ମାରକ ନମ୍ବର 18390 ତା 11.11.24

ଏହାର ଏକ ନକଲ ସଲଗ୍ନ ସହିତ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଯାଜପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଯୁଗ୍ମ-ନିବନ୍ଧକ ସମବାୟ ସମିତି ସମୂହ (ଋଣ)

ସ୍ମାରକ ନମ୍ବର 18391 ତା 11.11.24

ଏହାର ଏକ ନକଲ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ଓଡିଶାଙ୍କ ଅବଗତି ନିମନ୍ତେ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରେରଣ କରାଗଲା।

ଯୁଗ୍ମ-ନିବନ୍ଧକ ସମବାୟ ସମିତି ସମୂହ (ଋଣ)

**ଯାଜପୁର,୧୨।୧୧ (ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟର ନିରୀହ ଗରିବ କୃଷକଙ୍କ କୃଷି ଋଣ ଆକାଉଣ୍ଟକୁ ଜାଲିଆତି କରି ସେମାନଙ୍କୁ ହଇରାଣ କରାଯାଉଥିବା ପୂର୍ବରୁ ଅନେକ ଅଭିଯୋଗ ରହିଛି। ଏହି କ୍ରମରେ ୨୦୨୨ ପାକ୍ସ ସମ୍ପାଦକ କିମ୍ବା ପରିଚାଳନା ନିର୍ଦ୍ଦେଶକ ଋଣ ପାସ୍ ବହି କିମ୍ବା କେସିସି ଚେକ୍ ବୁକ୍ ନିଜ ପାଖରେ ରଖିବେ ନାହିଁ କିମ୍ବା ଏହାର ବ୍ୟବହାର କରି ପାରିବେ ନାହିଁ ବୋଲି ବିଭାଗୀୟ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାବାଦ୍ ନିୟମିତ ବ୍ୟବଧାନରେ ଋଣ ପାସ୍ ବୁକ୍‌ର ତଦନ୍ତ, ବ୍ୟକ୍ତିଗତ ଭାବେ ଋଣୀଙ୍କୁ ଯୋଗାଯୋଗ, ଋଣ ପରିମାଣ ମଞ୍ଜୁର ସଂକ୍ରାନ୍ତରେ ମୋବାଇଲକୁ ଏସ୍ଏମ୍ଏସ୍ ଜରିଆରେ ସୂଚନା ଆଦି କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। ତେବେ ଏହି ନିର୍ଦ୍ଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଯାଜପୁର ଜିଲା ଦଶରଥପୁର ବ୍ଲକ ପାଲଟପୁର ପାକ୍ସରେ ଋଣ କାରବାରରେ ବ୍ୟାପକ ଦୁର୍ନୀତି ହୋଇଛି।

ଅଭିଯୋଗ ଅନୁଯାୟୀ, ବଡକୁଆଁଳ ଗ୍ରାମର ଚାଷୀ ପଞ୍ଚାନନ ମଲିକଙ୍କ ପରଲୋକର ୧୦୮ ଦିନ ପରେ ସେ ବ୍ୟାଙ୍କରୁ ଋଣ ଟଙ୍କା ଉଠାଇଥିବା ଭଳି କୌତୂହଳପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ଏହି ସମିତିର ଉପସଭାପତି ଉର୍ମିଳା ବାରିକ, ସରପଞ୍ଚ ଲିପିକା ମଲିକ, ବୋର୍ଡ ସଭ୍ୟ ସରୋଜ ବିଶ୍ୱାଳ, ପ୍ରଫୁଲ୍ଲ କର, ହେମନ୍ତ ମଲିକ, ନରେନ୍ଦ୍ର କୁମାର ସେଠୀ, ତ୍ରିଲୋଚନ ମଲିକ ପ୍ରମୁଖ ଶତାଧିକ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ପାକ୍ସର ସଭାପତି ଅଶ୍ୱିନୀ କୁମାର ନାୟକ ଓ ସମ୍ପାଦକ ବିଶ୍ୱଜିତ ଧଳ ୨୩ ଲକ୍ଷ ୪୨ ହଜାର ଟଙ୍କା ଆତ୍ମସାତ୍ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୫୦ ଜଣ ଚାଷୀ ଏବଂ ୨୦୨୪-୨୫ ବର୍ଷରେ ☞ପୃଷ୍ଠା-୨

# ‘ଏଲ୍‌ଆର୍‌ଏଲ୍‌ଏସିଏମ୍’ର ପରୀକ୍ଷା ସଫଳ

**ବାଲେଶ୍ୱର,୧୨।୧୧(ବାଞ୍ଛାନିଧି ଦେ)**

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ‘ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିଶାଇଲ୍ (ଏଲଆରଏଲଏସିଏମ)’ର ପରୀକ୍ଷଣ ସଫଳ ହୋଇଛି। ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆରରୁ ଏକ ମୋବାଇଲ ଆର୍ଟିକୁଲେଟ୍ ଲଞ୍ଚର୍ ମାଧ୍ୟମରେ ମଙ୍ଗଳବାର ଏହି କ୍ଷେପଣାସ୍ତ୍ର(ଏଲଆରଏଲଏସିଏମ)ର ପରୀକ୍ଷଣ ହୋଇଥିଲା। ଏହି ସମୟରେ ପରୀକ୍ଷଣର ପ୍ରାଥମିକ ଲକ୍ଷ୍ୟ ପୂରଣ ଦିଗରେ ସମସ୍ତ ଉପପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ କରିଥିଲା। ତେବେ ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତା ସହ ସମ୍ପୂର୍ଣ୍ଣ ଉଡ଼ାଣ ବେଗ ଓ ପଥକୁ ଆଇଟିଆର ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ରାଡାର, ଇଲେକ୍ଟ୍ରୋଅପ୍ଟିକାଲ୍ ☞ପୃଷ୍ଠା-୨

# ପ୍ରବାସୀ ଭାରତୀୟ ସମ୍ମିଳନୀ ୱେବ୍‌ସାଇଟ୍ ଉନ୍ମୋଚିତ

**ଭୁବନେଶ୍ୱର,୧୨।୧୧(ଅନିଲ ଦାସ)**

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଆସନ୍ତା ଜାନୁଆରୀ ୮ ତାରିଖରୁ ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବ। ପ୍ରବାସୀ ଭାରତୀୟ ଦିବସ ପାଇଁ ମଙ୍ଗଳବାର ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଭବନସ୍ଥିତ ସିବି ମୁଥାମା ହଲରେ ୱେବ୍‌ସାଇଟ୍ pbdin-dia.gov.in ଉନ୍ମୋଚିତ ହୋଇଛି। ଏହାକୁ ମିଳିତ ଭାବେ ବହିର୍ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଏହି ତିନିଦିନିଆ ସମାରୋହ ଜାନୁଆରୀ ୮ରୁ ୧୦ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ପ୍ରାତଃ ୫ଟା ୩୦।
- ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବରେସନ୍ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମଧୁ ସ୍ମୃତି ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପରାହ୍ନ ୪ଟା ୩୦।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।
- ଆଲିଶା ଫାଉଣ୍ଡେଶନ ପକ୍ଷରୁ 'ମନେପଡ଼େ ପିଲାଦିନ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଡାଏବେଟିସ୍ ଆଣ୍ଡ ୱେଲବିଂ ପକ୍ଷରୁ ବିଶ୍ୱ ମଧୁମେହ ଦିବସରେ ପଦଯାତ୍ରା, ସ୍ଥାନ: କଟକ ବିଜୁ ପଟ୍ଟନାୟକ ଛକ, ସମୟ: ପ୍ରାତଃ ୫ଟା।
- ଯୁବ ସୁରକ୍ଷା ମଞ୍ଚ ପକ୍ଷରୁ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ପୋଲିସ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ଗଙ୍ଗାମନ୍ଦିର ସାହି ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ଶ୍ରୀଶ୍ରୀଗଙ୍ଗାମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାମାଜିକ ନାଟକ 'ଆଖିର ଜନମ କାନ୍ଦିବା ପାଇଁ', ସ୍ଥାନ: ବିନ୍ଧାଣିମା ହାଟ ସାହି, ତିଗିରିଆ, ସମୟ: ରାତି ୧୦ଟା।

## ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଖେଳକୁଦ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ଜଟଣୀ, ସମୟ: ଅପରାହ୍ନ ୨ଟା ୩୦।

## ବାଲେଶ୍ୱର

- ଜଗଦ୍ଧାତ୍ରୀ ପୂଜା ଉପଲକ୍ଷେ ଶ୍ରୀ ଚୈତନ୍ୟଦେବଙ୍କୁ ଆରାଧନା, ନାମ ସଂକୀର୍ତ୍ତନ, ପ୍ରସାଦ ସେବନ, ସ୍ଥାନ: ମହେଶପୁର ପଞ୍ଚାୟତ ପାଖ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଦୋଲଗୋବିନ୍ଦ ମଲ୍ଲିକଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ବାଙ୍କିପୁର ମହାବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ସଭାପତି ଚୟନ ନେଇ ବୈଠକ, ସ୍ଥାନ: ଜଳସୁଆଁ ବିଦ୍ୟାଳୟ ପରିସର, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ମହାବୀର ସେବା ସଂଗଠନ ପକ୍ଷରୁ ବୈଠକ, ସ୍ଥାନ: ସାଇଁକୁଳ ଦୁର୍ଗା ପଡ଼ିଆ, ଘଟଗାଁପୁରା, ସମୟ: ଅପରାହ୍ନ ୪ ଟା।
- ରାହାସ ପୂଜା ଉପଲକ୍ଷେ ପାଟଣାରେ ସଜ୍ଜିତା ରାଉତଙ୍କ ପାଲା ପରିବେଷଣ, ସ୍ଥାନ: ସ୍ୱାମୀ ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ପାଟଣା, ସମୟ: ସନ୍ଧ୍ୟା ୭ ଟା।
- ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ରାଧାକୃଷ୍ଣ ପୂଜା, ସ୍ଥାନ: କାନପୁର, ଘଟଗାଁପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଜଗନ୍ନାଥ ଓ ଶିରିଡ଼ିସାଇ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ଭୈରଙ୍ଗୀ ରାଘବପୁର, ବୈଶିଙ୍ଗା,ସମୟ:ସକାଳ ୮ଟା।
- ଜଗଦ୍ଧାତ୍ରୀ ମେଳାର ଶୁଭାରମ୍ଭ, ସ୍ଥାନ:ଭଞ୍ଜପୁର,ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ, ସ୍ଥାନ:ବାରିପଦା,ସମୟ:ଅପରାହ୍ନ ୩ଟା।
- ପିଆର୍‌ଏମ୍ ମେଡିକାଲ କଲେଜର ବାର୍ଷିକୋତ୍ସବ, ସ୍ଥାନ: ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ବେଦ ପ୍ରବଚନ, ସ୍ଥାନ: ଗିରିରୋଡସ୍ଥିତ ପାଢ଼ୀ ସେଲିବ୍ରେଶନ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ବୁଗୁଡ଼ା ବୁଦ୍ଧଗିରି ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ୩୯ତମ ବୋଇତ ବନ୍ଦାଣ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୮ଟା।
- ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର, ସ୍ଥାନ: ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଶ୍ରୀ ଶ୍ରୀ ନର୍ମଦେଶ୍ୱରଙ୍କ ବାର୍ଷିକ ଉତ୍ସବ ଓ ଯଜ୍ଞ, ସ୍ଥାନ: କଣିହାଁ ବ୍ଲକସ୍ଥିତ ଅର୍କୀଳ ଗ୍ରାମ, ସମୟ: ପୂର୍ବାହ୍ନ ୧୦ ଟା।

## ଜଗତସିଂହପୁର

- ରାଧାକୃଷ୍ଣ ସମିତି ପକ୍ଷରୁ ରାହାସ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ପ୍ରାତଃ ୫ଟା।
- ତିର୍ତ୍ତୋଲ ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ମଣିଜଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଶ୍ରୀନୀଳକଣ୍ଠେଶ୍ୱର ରାହାସ ଉତ୍ସବ, ସ୍ଥାନ: ତାଳସଙ୍ଗା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ମଧୁଦୈତ୍ୟ ପୋଡ଼ି, ସ୍ଥାନ: ସଖୀବଟ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଯାଜପୁର ରୋଡ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଭାଗବତ ସପ୍ତାହ, ସ୍ଥାନ : ଶ୍ରୀ ଦେବେଶ୍ୱର ମନ୍ଦିର ପରିସର,ସମୟ : ସକାଳ ୬ଟା।
- ଯାଜପୁର ସିଭିଲ ସୋସାଇଟି ଫୋରମ ପକ୍ଷରୁ ଆନ୍ଦୋଳନ, ସ୍ଥାନ: କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବାବା ବାଲୁଙ୍କେଶ୍ୱର ଦେବଙ୍କ ବାର୍ଷିକୋତ୍ସବର ପ୍ରଥମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଡବାଣପୁର ମହାଦେବ ସାହି, ସମୟ ; ସକାଳ ୬ଟା।
- ଖଣ୍ଡପଡା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ଶୁଭ କଲ୍ୟାଣ ମଣ୍ଡପ ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚୁକ ଅବସରରେ ମାଗଣା ପ୍ରସାଦ ବଣ୍ଟନ, ସ୍ଥାନ: ନୟାଗଡ଼ ସହର ୧୬ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର , ସମୟ:ଅପରାହ୍ନ ୧ଟା।
- କାର୍ତ୍ତିକେଶ୍ୱର ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ:ଅପରାହ୍ନ ୪ଟା।

## ରାୟଗଡ଼ା

- ବାଲୁଙ୍କେଶ୍ୱର ନବ ନିର୍ମିତ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ, ପୂର୍ଣ୍ଣାହୁତି, ସ୍ଥାନ: ପିଏଚଡି କଲୋନୀସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡା, ସମୟ: ମଧ୍ୟାହ୍ନ ୧୨.୪୫ ରୁ ୧, ଅପରାହ୍ନ ୫ଟା ୩୦ ରୁ ସନ୍ଧ୍ୟା ୬ ଟା।

## କୋରାପୁଟ

- କୋରାପୁଟ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ମାଲୁ ସାଉନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଥାଲପୁଟ, ଦାମନଯୋଡି, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ : ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ ସମୟ : ପୂର୍ବାହ୍ନ ୧୦ ଟା।
- ଜିଲା କୃଷି ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ,ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର

- ସମ୍ବଲପୁର ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ବାର୍ଷିକ ମିଟ, ସ୍ଥାନ : ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ: ସକାଳ ୯ଟା।
- କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗୀତା, ହୀରାକୁଦ ସ୍ଥିତ ଜିଗ ଜାଗ କ୍ଲବ, ପୂର୍ବାହ୍ନ : ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ : ଛଚାନପାଲି ସ୍ଥିତ ରୁକ୍ମଣୀ ଲାଠ ବାଳନିକେତନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରୀଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପଦ୍ମଶ୍ରୀ ମାୟାଧର ମାନସିଂଙ୍କ ଜୟନ୍ତୀ, ସ୍ଥାନ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ରକ୍ତଦାନ ଶିବିର ସ୍ଥାନ : ରୋଟାରୀ କ୍ଲବ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- କୃଷ୍ଣଲିନ କମଳଲୋଚନ ପଣ୍ଡାଙ୍କ ସମ୍ବଲପୁରୀ ଚଉତିଶା ମାଳା ଲୋକାର୍ପଣ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା ୩୦।
- ରାତ୍ରକାଳୀନ ପ୍ରବଚନ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- କାର୍ତ୍ତିକ ପଞ୍ଚକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପଞ୍ଚମ ଦିବସରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟ ସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ: ସକାଳ ୮ଟା।
- ଅଖଣ୍ଡ ନାମଯଜ୍ଞର ୨୭ତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଙ୍କଚୂଡା ବେଶ, ସ୍ଥାନ: କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଉପଲକ୍ଷେ ଉମାକାନ୍ତ ବାରିକ୍ ଓ ସାଥୀଙ୍କ ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ସହର ମଝିପଡା, ସମୟ: ସନ୍ଧ୍ୟା ୫ଟା ୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କୁଚ୍ ବିହାର ଟ୍ରଫି, ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ବାବା ବାଲୁଙ୍କେଶ୍ୱର ଫୁଟବଲ ପ୍ରତିଯୋଗିତା, ସ୍ଥାନ: ଖୁଣ୍ଟପାଲି ଖେଳ ପଡିଆ, ସମୟ: ସକାଳ ୯ଟା।
- ବିଜ୍ଞାନ ଆଲୋଚନାଚକ୍ର, ସ୍ଥାନ: ସରକାରୀ ହାଇସ୍କୁଲ, ଲହଣ୍ଡା, ଅତାବିରା, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଶୀବାନି ଦିଦିଙ୍କ ପ୍ରେରଣା ଦାୟକ ବାର୍ତ୍ତା, ସ୍ଥାନ: ମନମୋହନ ପଡ଼ିଆ, ସମୟ: ସକାଳ ୭ଟା।
- ବୈଠକ କୀର୍ତ୍ତନ, ସ୍ଥାନ: ବୃନ୍ଦାମାଲ ଶିବମନ୍ଦିର, ସମୟ: ସକାଳ ୮ଟା।
- ନାମ ସଂକୀର୍ତ୍ତନ, ସ୍ଥାନ: ଶ୍ରୀପୁର ଗୌରାଙ୍ଗ ମଠ, ସମୟ: ସକାଳ ୯ଟା।
- ଭାଗବତ ପରାୟଣ (ରୁକ୍ମିଣୀ ବିବାହ), ସ୍ଥାନ: କୁକୁରଜଙ୍ଗା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ରାଉରକେଲା ଇସ୍କନ ମନ୍ଦିରରେ ତୁଳସୀ ବିବାହ, ସ୍ଥାନ: ଛେଣ୍ଡ ଇସ୍କନ ମନ୍ଦିର, ସମୟ: ସକାଳ ୫ଟା ୩୦।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସେକ୍ଟର-୭ ପଡିଆ, ସମୟ: ସକାଳ ୭ଟା।
- ୟୁନିଭର୍ସିଟି ମହିଳା ହକି ମ୍ୟାଚ୍, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ, ପାନପୋଷ, ସମୟ: ସକାଳ ୯ଟା ୩୦।
- ବୋଇତ ବନ୍ଦାଣ ମହୋତ୍ସବ, ସ୍ଥାନ: ସେକ୍ଟର-୨ ପଡିଆ, ସମୟ: ରାତି ୮ଟା।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଦେବଗଡ଼, ସମୟ: ସକାଳ ୯ଟା।
- ବ୍ରଦର୍ସ ଆସୋସିଏଶନ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭେରୁବେଣୀ ଖେଳ ପଡ଼ିଆ ଜାମୁନାଲି କଲୋନୀ, ବ୍ଲକ ତିଲେଇବଣି, ସମୟ: ସକାଳ ୯ଟା ୩୦।
- କୃଷକ ଉତ୍ପାଦକ ସଂଘ ସଦସ୍ୟଙ୍କୁ ନେଇ ପରିଯୋଜନା ଶୁଭାରମ୍ଭ ସମ୍ପର୍କିତ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଢେଲ ପ୍ରାଥମିକ କୃଷି ସମବାୟ ସମିତି ଲିଃ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ରାମ ଚନ୍ଦ୍ର ଉଦ୍ୟାନ ବ୍ଲକ ବାରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରେସ ମିଟ୍, ସ୍ଥାନ: ରିଆମାଳ ବ୍ଲକ, କୁଣ୍ଢେଇଗଲା ଥାନା, ସମୟ: ପୂର୍ବାହ୍ନ ୧୧ଟା।
- ରାହାସ ଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ନଗର ପରିକ୍ରମା, ସ୍ଥାନ: ଭିତିରିଆ ସାହିରୁ ପୂଜା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- କଳାହାଣ୍ଡି ଜିଲାର ଶେଷ ଦଶହରା ପର୍ବ ମା' ଡୋକରୀ ଦେବୀଙ୍କ ପୂଜା ଓ ବାବା ଭୈରବ ଦେବଙ୍କ ଖାମୁଯାତ୍ରା, ସ୍ଥାନ: କୋଷାବରା (ହେଲୋପ୍ୟାଡ଼ ପଡ଼ା), ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଡିପିଏମ୍‌ୟୁ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ରାଧାକୃଷ୍ଣ ପୂଜା ଉପଲକ୍ଷେ ପୁରାଣ ପାଠ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୬ଟା।
- ରାଧାମାଧବ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ କଲୋନି ଓ ବଙ୍ଗଳାପଡ଼ା, ସମୟ: ଅପରାହ୍ନ ୪ଟା।
- ଲକ୍ଷ୍ମୀ ନାରାୟଣ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁ, ସମୟ: ଅପରାହ୍ନ ୫ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ରାତି ୯ଟା ୩୦।
- ଧନଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମିଛାପାଲି ଗାଁ, ସମୟ: ରାତି ୯ଟା ୩୦।

## ବୌଦ୍ଧ

- ହରଭଙ୍ଗା କରଡି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଅଷ୍ଟମ ଦିବସ, ସ୍ଥାନ: ମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ ଅଷ୍ଟମ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଓ ସନ୍ଥ ସମ୍ମିଳନୀର ତୃତୀୟ ଦିନ, ସ୍ଥାନ: ଡମ୍ବରଗାଡ (କଙ୍କଳା), ବୌଦ୍ଧ, ସମୟ: ସକାଳ ୯ଟା।
- ଭାଗବତ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭାଗବତ ଟୁଙ୍ଗି , ଝାଡରାଜିଙ୍ଗ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବେ। କର୍ମକ୍ଷେତ୍ରରେ ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ବାସସ୍ଥାନ ନିକଟସ୍ଥ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ଦିଗକୁ ଗତି କରୁଥିବାରୁ ମାନସିକ ବ୍ୟସ୍ତତା ଦୂରେଇ ଯାଇପାରେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ।

**ମିଥୁନ** ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ପୁନର୍ବସୁ ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସହକର୍ମୀ କୌଶଳରେ କାର୍ଯ୍ୟ ହାସଲ କରିବାରେ ପଛାଇବେ ନାହିଁ। ଜମିଜମା କାରବାର, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ତଥା ବିବାଦୀୟ ଘଟଣା ସମସ୍ୟା ବହୁଳ ହୋଇପାରେ।

**କର୍କଟ** ସାମାଜିକ ସ୍ତରରେ ନିଷ୍କପଟ ଭାବନା ସମ୍ବଳିତ କର୍ମ ପାଇଁ ଉଚ୍ଚବର୍ଗଙ୍କ ସାହାଯ୍ୟ ପାଇବେ। ସାମାନ୍ୟ ଅସୁବିଧାକୁ କୌଣସି ବନ୍ଧୁ ଗୁରୁତର ଭାବେ ଗ୍ରହଣ କରି ଦୂରେଇ ରହିପାରନ୍ତି। ସଭାସମିତିର ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ଯାତ୍ରା, ବାଣିଜ୍ୟ ଓ ଅର୍ଥ ସମ୍ପର୍କ ମାନସିକ ଶାନ୍ତିର ପାଥେୟ ହୋଇପାରେ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ କୌଣସି କ୍ଷତି ହେବନାହିଁ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମକଦ୍ଦମାରେ ବିଚାର ବିଳମ୍ବ ହେବାରୁ ମନସ୍ତାପ ବଢ଼ିଯିବ। ବନ୍ଧୁଙ୍କ ସହଯୋଗରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ଆଜି ଅଧିକାଂଶ ସମୟ ବିତିବ।

**କନ୍ୟା** ପରିବାରର ଆର୍ଥିକ ସମସ୍ୟା ବଢ଼ିବାରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିସ୍ଥିତିବଶତଃ ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ହସ୍ତା ନକ୍ଷତ୍ର ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ। ସତର୍କତା ଓ ଅନ୍ୟମନସ୍କତା କାରଣରୁ ଦରକାରୀ କାଗଜପତ୍ର ହଜିଯିବାର ସୂଚନା ରହିଛି।

**ତୁଳା** ସ୍ୱାତୀ ନକ୍ଷତ୍ର କଳେବଳେକୌଶଳେ କାର୍ଯ୍ୟ ସାଧନରେ ସମର୍ଥ ହେବେ। ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାକୁ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସମାଧାନ କରିପାରିବେ।

**ବିଛା** ବନ୍ଧୁଙ୍କ ସାହାଯ୍ୟ କାରଣରୁ ଆଶା ଓ ଅଭିଳାଷ ପୂରଣ ହେବାରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନାକୁ ଏଡ଼ି ହେବ ନାହିଁ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** ପାରିବାରିକ ସ୍ଥିତି ପୂର୍ଣ୍ଣତଃ ଭଲ ନ ହେଲେ ମଧ ଉତ୍ତରାଷାଢା ନକ୍ଷତ୍ରର ଏକ ପ୍ରକାର ଭଲ ରହିବ। ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେବ। ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କ୍ରମରେ ଅଫିସ୍ କାମରେ ବିତର୍କର ସମ୍ଭାବନା ରହିଛି।

**ମକର** ଯାହା ଭାବୁଥିଲେ ତାହା ପୂର୍ଣ୍ଣତା ଲାଭ କରିବାର ଅଶା ମନକୁ ଭାବବିଭୋର କରାଇପାରେ। ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। ଅନ୍ୟମାନଙ୍କର ତାଗିଦ୍ ଓ ବୃଥା ସନ୍ଦେହଜନକ ବାକ୍ୟାଳାପ ମନକୁ ଭାରାକ୍ରାନ୍ତ କରିପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ବହୁତ ବାଧା, ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ବ୍ୟବହାରରେ ଅପମାନିତ ବୋଧ କରିପାରନ୍ତି।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା କାରଣରୁ ମନର ସରସତା ମଉଳି ଯାଇପାରେ।

ଆଜି ନଭେମ୍ବର ୧୩ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଗରୁଡ ଉତ୍ଥାପନୀ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ଶ୍ରୀଜୀଉଙ୍କର ବାଙ୍କଚୂଡା ବେଶ, ତୁଳସୀ ବିବାହ, ରାଶିନକ୍ଷତ୍ର-ରେବତୀ/ମୀନ, ଦ୍ୱାଦଶୀ ଏବଂ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୫.୫୭ମି. ଗତେ ଘ.୦୮.୧୧ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଭାରତୀୟ ହଳଦୀରେ ...

ପେଶାୱର ଏବଂ ନେପାଳର କାଠମାଣ୍ଡୁ ସହରରେ ବିକ୍ରି ହେଉଥିବା ହଳଦୀରେ ସୀସାର ମାତ୍ରା ୧୦ ମାଇକ୍ରୋଗ୍ରାମ୍/ଗ୍ରାମ୍‌ରୁ ଅଧିକ ରହିଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବା ଦର୍ଶାଯାଇଛି। ପାଟଣାରେ ବିକ୍ରି ହେଉଥିବା ହଳଦୀରେ ସୀସାର ମାତ୍ରା ସର୍ବାଧିକ ୨୨୭୪ ମାଇକ୍ରୋଗ୍ରାମ୍/ଗ୍ରାମ୍ ରହିଥିବାବେଳେ ଗୁଆହାଟୀରେ ଦ୍ୱିତୀୟ ସର୍ବାଧିକ ୧୨୭ ମାଇକ୍ରୋଗ୍ରାମ୍/ଗ୍ରାମ୍ ରହିଛି। ତେବେ ବିନା ପ୍ୟାକିଂରେ ବିକ୍ରି ହେଉଥିବା ହଳଦୀରେ ସୀସାର ମାତ୍ରା ପ୍ୟାକେଟ ଏବଂ ବ୍ରାଣ୍ଡେଡ୍ ହଳଦୀଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିଥାଏ ବୋଲି ଏହି ଅଧ୍ୟୟନ କହିଛି। ଭାରତୀୟ ଗ୍ରାହକମାନଙ୍କୁ ଏଫ୍‌ଏସ୍‌ଏସ୍‌ଏଆଇର ମାନକ ଅନୁଯାୟୀ, ପ୍ୟାକେଟ୍ ଏବଂ ବ୍ରାଣ୍ଡେଡ୍ ହଳଦୀଗୁଡ଼ିକ ଉପରେ ଭରସା କରିବାକୁ ଏହି ଅଧ୍ୟୟନରେ ପରାମର୍ଶ ଦିଆଯାଇଛି।

ତେବେ ହଳଦୀର ନମୁନାଗୁଡ଼ିକରୁ ସୀସାର ମୁଖ୍ୟ ଉତ୍ସ ସୀସା କ୍ରୋମେଟ ମିଳିଥିବା ନେଇ ଏହି ଅଧ୍ୟୟନ କହିଛି। ଏହା ଏକ ପ୍ରକାରର ରସାୟନିକ ପଦାର୍ଥ, ଯାହା ହଳଦୀକୁ ଅଧିକ ଚମକାଇବା ପାଇଁ ବ୍ୟବହୃତ ହୋଇଥାଏ। ବଜାରରେ ବିକ୍ରି ହେଉଥିବା ହଳଦୀରେ ସୀସା କ୍ରୋମେଟର ବ୍ୟବହାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ଅଧ୍ୟୟନରେ ଗବେଷକମାନେ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ହଳଦୀରେ ସୀସାର ମାତ୍ରାକୁ କମାଇବା ଆବଶ୍ୟକ। ତେଣୁ ବିକ୍ରି ହେବାକୁଥିବା ହଳଦୀ ପାଇଁ କଠୋର ପରୀକ୍ଷା ପ୍ରଣାଳୀକୁ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି ବୋଲି ଏହି ଅଧ୍ୟୟନ ପ୍ରକାଶ କରିଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ସୀସା ଯୁକ୍ତ ହଳଦୀ ଖାଇବା ଶିଶୁମାନଙ୍କ ପାଇଁ ବିଶେଷ ହାନିକାରକ ହୋଇଥାଏ। ହଳଦୀରେ ସୀସାର ମାତ୍ରା ଅଧିକ ରହିଲେ ପିଲାଙ୍କ ମାନସିକ କ୍ଷମତା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସହ ସେମାନଙ୍କ ଆଇକ୍ୟୁ ସ୍ତର ହ୍ରାସ ପାଇଥାଏ। ସେହିପରି ଲମ୍ବା ସମୟ ଧରି ସୀସା ଯୁକ୍ତ ହଳଦୀର ସେବନ ଦ୍ୱାରା ବୟସ୍କଙ୍କ ମଧ୍ୟରେ ହୃଦ୍‌ରୋଗ, ଷ୍ଟ୍ରୋକ୍, ଏବଂ ବିଭିନ୍ନ ସ୍ନାୟୁଗତ ରୋଗ ଦେଖାଦେଇପାରେ। ସୀସା ଯୁକ୍ତ ହଳଦୀ ସେବନ ଦ୍ୱାରା ପେଟ ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଉପୁଜିପାରେ। ଏହା ମଣିଷ ଶରୀରରେ ଯକୃତର କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରିଥାଏ। ସେହିପରି ଲଗାତର ସୀସା ଯୁକ୍ତ ହଳଦୀ ସେବନ ଦ୍ୱାରା ଗାଷ୍ଟ୍ରାଇଟିସ୍, ପେପ୍ଟିକ ଅଲ୍‌ସର ପରି ପେଟ ଏବଂ ଅନ୍ତନଳୀ ସମସ୍ୟା ଭିତ୍ତିକ ରୋଗ ଦେଖାଦେଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।

## ଖୁଚୁରା ମୁଦ୍ରାସ୍ଫୀତି ....

ରସୁଣ ୮୨.୫%, ଆଳୁ ୬୪.୯% ଓ ପିଆଜ ୫୧.୮% ମହଙ୍ଗା ହୋଇଥିଲା। ଖାଇବା ତେଲ ଉପରେ ସରକାର ସୀମା ଶୁଳ୍କ ଲାଗୁ କରିବା ମଧ୍ୟ ମୁଦ୍ରାସ୍ଫୀତି ବଢ଼ିବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କେବଳ ଯେ ମଧ୍ୟମ ଆୟକାରୀ ପରିବାରଗୁଡ଼ିକର କ୍ରୟଶକ୍ତିକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଏହା ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ମଧ ପ୍ରଭାବିତ ହେବ। ୨୦୨୪-୨୫ରେ ଜିଡିପି ୭.୨% ରହିବା ନେଇ ଆର୍‌ବିଆଇ ପୂର୍ବରୁ ଭବିଷ୍ୟବାଣୀ କରିଥିଲା। ମୁଦ୍ରାସ୍ଫୀତିର ମାତ୍ରାଧିକ ବୃଦ୍ଧିକୁ ଦେଖି ବିଶେଷଜ୍ଞମାନେ ଜିଡିପି ହାର ଖସିବା ନେଇ ଅନୁମାନ କରିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପ୍ରିନ୍ସିପାଲ ଇକୋନୋମିଷ୍ଟ ଶକ୍ତିଗୁପ୍ତା କହିଛନ୍ତି, ଡିସେମ୍ବରରେ ହେବାକୁ ଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍ ହ୍ରାସ ପାଇଁ ଆର୍‌ବିଆଇ ବିଚାର କରୁଥିବା ଆଜିର ମୁଦ୍ରାସ୍ଫୀତିକୁ ଦେଖିଲେ ଏଥିଲାଗି କବାଟ ବନ୍ଦ ହୋଇଯାଇଥିବା ମନେହେଉଛି। ଏଲାରା ସିକ୍ୟୁରିଟିଜ୍‌ର ଅର୍ଥନୀତିଜ୍ଞ ଗାରିମା କପୁର ମଧ୍ୟ ଆଗାମୀ ଏମ୍‌ପିସି ବୈଠକରେ ସୁଧହାର ହ୍ରାସ ପାଇ ନ ପାରେ ବୋଲି ମତ ଦେଇଛନ୍ତି।

## ମୃତ ୩୦ ଚାଷୀଙ୍କ...

୪୫୦ ଜଣ ଚାଷୀଙ୍କ ପେପର ଟ୍ରାଞ୍ଜାକ୍ସନ(ପିଟି) କରିବା ପାଇଁ ପ୍ରତି ଚାଷୀଙ୍କଠାରୁ ୧୫୦୦ ଟଙ୍କା ଲେଖାଏ ଉତ୍କୋଚ ନେଇଛନ୍ତି। ନୂଆ ଋଣ କରିବା ପାଇଁ ୨ରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଭିନ୍ନ ଆଳ ଦେଖାଇ ଚାଷୀମାନଙ୍କଠାରୁ ପାସ୍‌ବୁକ୍ ଓ ବ୍ୟାଙ୍କ ଚେକ୍ ନିଆଯାଇ ସଭାପତି ଓ ସମ୍ପାଦକ ନିଜ ପାଖରେ ରଖୁଛନ୍ତି। ପରବର୍ତ୍ତୀ ସମୟରେ ଏହାକୁ ବ୍ୟବହାର କରି ଚାଷୀଙ୍କ ଅଗୋଚରରେ ସେମାନଙ୍କ ନାମରେ ଋଣ ଟଙ୍କା ଉଠାଣ କରି ଆତ୍ମସାତ୍ କରାଯାଉଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେଥିରେ ଆହୁରି ଉଲ୍ଲେଖ ରହିଛି, ୨ ବର୍ଷ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ମୃତ ଚାଷୀଙ୍କ ନାମରେ ଋଣ କରି ସଭାପତି ଓ ସମ୍ପାଦକ ସେହି ଅର୍ଥ ଆତ୍ମସାତ କରିଛନ୍ତି। ବିରିପଟା ପଞ୍ଚାୟତ ବଡକୁଆଁଳ ଗ୍ରାମର ପଞ୍ଚାନନ ମଲିକ ଏହାର ଏକ ଉଦାହରଣ। ପଞ୍ଚାନନଙ୍କ ୨୦୨୩ ଜୁନ୍ ୧୨ରେ ପରଲୋକ ହୋଇଥିଲା। ହେଲେ ତାଙ୍କ ନାମରେ ସେଲ୍ଫ ଚେକ ବ୍ୟବହାର କରାଯାଇ ଟିପ ଚିହ୍ନ ଜରିଆରେ ୨୦୨୩ ସେପ୍ଟେମ୍ବର ୨୭ରେ ୧୧,୫୦୦ ଟଙ୍କା ଋଣ ଉଠାଣ କରିଥିବା କଟକ କେନ୍ଦ୍ରୀୟ କୃଷି ସମବାୟ ସମିତି ଦଶରଥପୁର ଶାଖାରେ ପ୍ରମାଣ ରହିଛି। ଉଭୟ ସଭାପତି ଓ ସମ୍ପାଦକଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଯାଞ୍ଚ କଲେ ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପଦାକୁ ଆସିପାରିବ। ଏହାସହ ବହୁ ଅଣଚାଷୀଙ୍କୁ ଋଣ ଦିଆଯାଉଥିବାବେଳେ ପ୍ରକୃତ ଚାଷୀ ଏଥିରୁ ବାଦ୍ ପଡୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଚାଷୀମାନେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଡିଆରସିଏସ୍ ଅମୂଲ୍ୟ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ମୃତ ଚାଷୀଙ୍କ ନାମରେ ଋଣ ଉଠାଣ ସଂକ୍ରାନ୍ତରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରି ରିପୋର୍ଟ ଦାଖଲ କରି ସାରିଛି। ଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଉକ୍ତ ରିପୋର୍ଟ ଖୁବ୍‌ଶୀଘ୍ର ଦାଖଲ କରାଯିବ ବୋଲି ସେଠୀ କହିଛନ୍ତି।

## 'ଏଲଆରଏଲଏସିଏମ୍'ର ...

ଟ୍ରାକିଂ ସିଷ୍ଟମ୍ ଏବଂ ଟେଲିମେଟ୍ରି ଆଦି ରେଞ୍ଜ୍ ସେନ୍ସର ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ବିଭିନ୍ନ ଉଚ୍ଚତା ଏବଂ ବେଗରେ ଗତିମାନ ଅବସ୍ଥାରେ ଏହି କ୍ଷେପଣାସ୍ତ୍ର ନିଜର ଦକ୍ଷତାକୁ ନେଇ ବିଭିନ୍ନ କୌଶଳ ପ୍ରଦର୍ଶନ ସହ ପୂର୍ବ ନିର୍ଦ୍ଧାରିତ ଗତିପଥକୁ ଅନୁସରଣ କରିଥିଲା। ଉନ୍ନତ ତଥା ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ସମ୍ପାଦନ ପାଇଁ ଅତ୍ୟାଧୁନିକ ବିମାନ ଜ୍ଞାନକୌଶଳ ଓ ସଫ୍ଟୱେୟାର୍ ଏହି କ୍ଷେପଣାସ୍ତ୍ରରେ ସଂଯୋଜିତ କରାଯାଇଛି। ତେବେ ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ଭାରତୀୟ ସେନା ସମେତ ଏଥିରେ ଜଡିତ ଅନ୍ୟାନ୍ୟ ସଂସ୍ଥାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ସେନାବାହିନୀର ଦକ୍ଷତାକୁ ଆହୁରି ବୃଦ୍ଧି ସହ ସ୍ୱଦେଶୀ କ୍ରୁଜ ମିଶାଇଲ ବିକାଶ ପାଇଁ ଏହା ପଥ ପରିଷ୍କାର କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ସିଂ କହିଛନ୍ତି। ପ୍ରତିରକ୍ଷା ବିଭାଗ ସଚିବ (ଅନୁସନ୍ଧାନ ଏବଂ ବିକାଶ) ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମାତ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ବୈଜ୍ଞାନିକ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରବାସୀ ଭାରତୀୟ ...

ତାରିଖଯାଏ ଚାଲିବ। ସମାରୋହ ପାଇଁ ବୈଦେଶିକ ମନ୍ତ୍ରଣାଳୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀମାନେ ଯୋଗ ଦେବେ। ଦେଶର ଯୁବପିଢ଼ିଙ୍କୁ ପ୍ରବାସୀ ଭାରତୀୟଙ୍କ ସହ ସଂଯୋଗ କରିବା ଏହାର ମୂଳ ଲକ୍ଷ୍ୟ ରଖାଯାଇଛି। ପ୍ରବାସୀ ଭାରତୀୟ ଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ଏକ ୟୁଥ୍ ଏଡିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପନୀ ସମାରୋହରେ ଯୋଗ ଦେବା ସହ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ।

ଏହି ସମ୍ମିଳନୀରେ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଅତିଥି ଏବଂ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର କ୍ରମାଗତ ଭାବରେ ବିଦେଶରେ ଥିବା ଭାରତୀୟ ବିଦେଶୀମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଛନ୍ତି। ଏହି ସମ୍ମାନଜନକ ସମାରୋହ ଆମ ରାଜ୍ୟ ପାଇଁ ସ୍ମରଣୀୟ ରହିବ। ଓଡ଼ିଶାର ସଂସ୍କୃତିକୁ ପ୍ରଦର୍ଶନ କରିବା ଲାଗି ଏକ ସୁଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## 'ଧଡ଼କ ୨'ରେ ତୃପ୍ତି-ସିଦ୍ଧାନ୍ତଙ୍କ କେମେଷ୍ଟ୍ରି


ତୃପ୍ତି ଡିମ୍ରି

ମୁମ୍ବାଇ : ସମ୍ପ୍ରତି ବଲିଉଡ୍ ଅଭିନେତ୍ରୀ ତୃପ୍ତି ଡିମ୍ରି ନିଜର ଆଗାମୀ ରୋମାଣ୍ଟିକ-ଡ୍ରାମା ଫିଲ୍ମ 'ଧଡ଼କ ୨'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀ ନଜରକୁ ଆସିବେ। ୨୦୧୮ରେ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ଦ୍ୱାରା ନିର୍ମିତ 'ଧଡ଼କ' ଫିଲ୍ମର ସିକ୍ୱେଲ ହେଉଛି 'ଧଡ଼କ ୨'। 'ଧଡ଼କ' ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁର ଡେବ୍ୟୁ କରିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତା ଇଶାନ ଖଟ୍ଟରଙ୍କୁ ଦେଖିବାକୁ ମିଳିଥିଲା। 'ଧଡ଼କ' ମରାଠୀ ଚଳଚ୍ଚିତ୍ର 'ସେରାଟ'ର ରିମେକ୍ ଥିଲା। ସେହିପରି 'ଧଡ଼କ ୨' ହେଉଛି ତାମିଲ ଚଳଚ୍ଚିତ୍ର 'ପରିୟେରମ ପେରୁମଲ'ର ରିମେକ୍।

ସମାଜରେ ପ୍ରଚଳିତ ଜାତି ଭିତ୍ତିକ ଭେଦଭାବର ବିଷୟବସ୍ତୁକୁ ନେଇ 'ଧଡ଼କ ୨' ଚଳଚ୍ଚିତ୍ର ଆଧାରିତ। ଫିଲ୍ମରେ ସିଦ୍ଧାନ୍ତଙ୍କ ସହ ତୃପ୍ତିଙ୍କ କେମେଷ୍ଟ୍ରିକୁ ଦେଖିବା ପାଇଁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ସମ୍ପ୍ରତି ଏହି ଫିଲ୍ମର ଶୁଟିଂ ଜାରି ରହିଥିବା ବେଳେ ତୃପ୍ତି ଶୁଟିଂ ସେଟ୍‌ର ଏକ ଝଲକକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ମହାରାଷ୍ଟ୍ରର ସୋମେୟା ବିଦ୍ୟାବିହାର ବିଶ୍ୱବିଦ୍ୟାଳୟରେ ଶୁଟିଂ ଚାଲିଥିବା ସମୟର କିଛି ଫଟୋକୁ ସେ ଶେୟାର କରିଛନ୍ତି।

# ଓଡ଼ିଶାର ସବୁଜ ସ୍ୱର



ଆମ୍ନା ଏରିନା ଆର୍ଯ୍ୟମୟୀ, ଅଭିନେତ୍ରୀ



ଭାଲିନା ଭାଲେଣ୍ଟିନା, କରାଟେକା



ଓମ୍‌କାର ଆଚାର୍ଯ୍ୟ, ଅଭିନେତା



ଅସ୍ମିତା ଧୀର, ଅଭିନେତ୍ରୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଡିପିଏସ୍ କଳିଙ୍ଗା, କଟକ



ସରକାରୀ ଆୟୁର୍ବେଦିକ କଲେଜ ଆଣ୍ଡ ହସ୍ପିଟାଲ୍, ବଲାଙ୍ଗୀର



ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼



ରାଉରକେଲା ମ୍ୟୁନିସିପାଲ୍ କଲେଜ

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ୧୬ ପରେ ବଢ଼ିପାରେ ଶୀତ

ଭୁବନେଶ୍ୱର,୧୨।୧୧
(ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହୁଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା କିଛି ପରିମାଣରେ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରେକର୍ଡ କରାଯାଉଥିବାବେଳେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ କମ୍ ରହୁଛି। ଆସନ୍ତା ୧୬ ତାରିଖ ପରେ ରାଜ୍ୟରେ ଶୀତ ବଢ଼ିପାରେ। ବୁଧବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ଅନ୍ୟାନ୍ୟ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବ। ଆସନ୍ତା ୩ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହେବ ନାହିଁ। ମାତ୍ର ପରବର୍ତ୍ତୀ ୪ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ।

## ଭାସ୍କର ରାଓଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

### ଭାଗୀରଥି ମାଣ୍ଡାଙ୍କ ହତ୍ୟା ମାମଲା

ରାୟଗଡ଼ା,୧୨।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ୍ ବର୍ଷା ଦାଶ ମଙ୍ଗଳବାର ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍କ ହତ୍ୟା ମାମଲାର ଶୁଣାଣିକରି ବିଜେଡି ନେତା ଏନ୍.ଭାସ୍କର ରାଓଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଭାସ୍କର ରାଓଙ୍କ ସମେତ ଅନ୍ୟ ୬ ଜଣ ୟାଲା ଭେଙ୍କଟେଶ୍ୱର ରାଓ ଓରଫ୍ କୋଣ୍ଡାବାବୁ, କେ.କ୍ରିଷ୍ଣା ରାଓ, ଇପିଲି ସନ୍ୟାସୀ ରାଜୁ, ଏନ୍. ଆଦି ନାରାୟଣା ଓ ପି.ଦିଲୀପ କୁମାରଙ୍କ ନାଁରେ ଗିରଫ ପରୱାନା ଜାରି ହୋଇଥିବା ପ୍ରତିପକ୍ଷ ଓକିଲ ସାମୁଏଲ ତାଣ୍ଡି ସୂଚନା ଦେଇଛନ୍ତି।

ଭାଗୀରଥୀଙ୍କ ହତ୍ୟା ମାମଲାକୁ ନେଇ ତାଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ଗତ ଏପ୍ରିଲରେ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ୧ସି.ସି. କେସ୍ ନଂ. ୬/୨୪ରେ ମାମଲା ରୁଜୁ କରିଥିଲେ।

ସୂଚନାଯୋଗ୍ୟ, ୨୦୧୦ ଡିସେମ୍ବର ୧୫ରେ ଯୁବ ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗିଙ୍କୁ ହତ୍ୟା କରାଯାଇଥିବା ପରିବାରବର୍ଗ ଅଭିଯୋଗ କରିଥିଲେ। ଅଭିଯୋଗର ୪ ଦିନ ପରେ ଆନ୍ଧ୍ରପ୍ରଦେଶ ତୋଟାପିଲି ଡ୍ୟାମ ନିକଟରୁ ତାଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ତେବେ ପରିବାରବର୍ଗ ମୃତଦେହ ଚିହ୍ନଟ କରିପାରି ନ ଥିଲେ। ଘଟଣାର ସପ୍ତାହ ପରେ ମୃତଦେହର ଫଟୋ ଜାରି କରିବା ପରେ ଭାଗୀରଥିଙ୍କ ମୃତଦେହ ବୋଲି ପରିବାରବର୍ଗ ଚିହ୍ନଟ କରିଥିଲେ। ରାୟଗଡ଼ା ପୋଲିସ ହତ୍ୟା ମାମଲା ରୁଜୁକରି ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପରିବାରବର୍ଗ ଓ ଆଦିବାସୀ ମହାସଂଘ ରାୟଗଡ଼ା ବନ୍ଦ ପାଳନ କରିଥିଲା। ରାୟଗଡ଼ା ପୋଲିସ ଏହାର ତଦନ୍ତ କରୁଥିବା ବେଳେ ରାଜ୍ୟ ସରକାର ୨୦୧୧ ଫେବୃଆରୀରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଥିଲେ। କ୍ରାଇମବ୍ରାଞ୍ଚ ଦୀର୍ଘ ବର୍ଷ ଧରି ତଦନ୍ତ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। କିନ୍ତୁ କ୍ରାଇମବ୍ରାଞ୍ଚ ଏହି ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ତତ୍କାଳୀନ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲା। କ୍ରାଇମବ୍ରାଞ୍ଚର ତଦନ୍ତରେ ପରିବାରବର୍ଗ ଓ ଆଦିବାସୀ ମହାସଂଘ ସନ୍ତୁଷ୍ଟ ନ ହୋଇ ବିଭିନ୍ନ ସମୟରେ ସିବିଆଇ ତଦନ୍ତ ଦାବି କରିବା ସହ ଆନ୍ଦୋଳନ କରୁଥିଲେ। ୬ ଜଣଙ୍କ ନାଁରେ ୱାରେଣ୍ଟ ଜାରି ପରେ ଆଦିବାସୀ ସଂଘ ନ୍ୟାୟ ପାଇଁ ଲଢ଼େଇରେ ବିଜୟୀ ହୋଇଥିବା ଆଦିବାସୀ ନେତା ବସନ୍ତ ଉଲାକା ଓ ଜଗନ୍ନାଥ ମାଣ୍ଡାଙ୍ଗି ପ୍ରକାଶ କରିଛନ୍ତି।

## ରେଳଧାରଣାରେ ହାତୀମୃତ୍ୟୁର ତଦନ୍ତ ନିର୍ଦ୍ଦେଶ

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ୧୫ଦିନ ମଧ୍ୟରେ ଜଣାଅ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୧୨।୧୧ (ବନ୍ଦନା ସେଠୀ)

ରାଜ୍ୟରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନି। କେତେବେଳେ ହାତୀ-ମଣିଷ ସଂଘର୍ଷ ତ ଆଉ କେତେବେଳେ ରାସ୍ତା ଓ ରେଳ ଦୁର୍ଘଟଣା ସେମାନଙ୍କ ପାଇଁ କାଳ ସାଜୁଛି। ଗତ ଅକ୍ଟୋବରରେ ଦୁଇ ଥର ଟ୍ରେନ୍ ଦୁର୍ଘଟଣାରେ ୨ଟି ହାତୀଙ୍କ ଜୀବନ ଯାଇଛି। ତେଣୁ ରାଜ୍ୟରେ ବଢୁଥିବା ହାତୀମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତଦନ୍ତ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୫ଦିନ ମଧ୍ୟରେ ଜଣାଇବା ପାଇଁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଉରକେଲା ଓ ଢେଙ୍କାନାଳର ମେରାମୁଣ୍ଡଳିଠାରେ ଟ୍ରେନ୍ ଦୁର୍ଘଟଣାରେ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଅକ୍ଟୋବର ୩ ଓ ୧୫ରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ଓ ପ୍ରସାରିତ ହୋଇଥିଲା। ଘଞ୍ଚ ଜଙ୍ଗଲ ଓ ହାତୀ ଚଳପ୍ରଚଳ ପଥ ଦେଇ ଯାଉଥିବା ଟ୍ରେନ୍‌ଗୁଡ଼ିକର ବେଗସୀମା ନିୟନ୍ତ୍ରଣ ନେଇ ବିଭିନ୍ନ ପରାମର୍ଶ ସହ ଏସ୍‌ଓପି ଜାରି ସତ୍ତ୍ୱେ ରେଲୱେ ଏବଂ ବନ ବିଭାଗ ମଧ୍ୟରେ ଭୁଲ ବୁଝାମଣା ଯୋଗୁ ଏହି ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଯାହାକୁ ନେଇ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ରେଳଧାରଣାରେ ହାତୀମୃତ୍ୟୁକୁ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଉଭୟ ବିଭାଗ ପକ୍ଷରୁ କୁହାଯାଉଥିଲେ ହେଁ ଏଭଳି ଅଭାବନୀୟ ଘଟଣା ବାରମ୍ବାର ଘଟୁଛି। ତେଣୁ ଘଟଣା ଦୁଇଟିର ସମୁଚିତ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ସେହିପରି ଚଳିତବର୍ଷ ଆରମ୍ଭରୁ ରାଜ୍ୟରେ ପ୍ରାୟ ୫୦ଟି ହାତୀମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଏନେଇ ମଧ୍ୟ ତଦନ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୨୦୨୪ ଆରମ୍ଭରୁ ଏ ପର୍ଯ୍ୟନ୍ତ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିଲା। ଏପରିକି ଦୋଷୀ ଓ ଅବହେଳା ପ୍ରଦର୍ଶନ କରିଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ବାବଦରେ ତାଙ୍କୁ ଏକମାସ ମଧ୍ୟରେ ଜଣାଇବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ କୌଣସିମତେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜଙ୍ଗଲ ମନ୍ତ୍ରୀ ସତର୍କ କରାଇଥିଲେ।

## ସେନା ଅଧିକାରୀଙ୍କୁ ଥାନାରେ ମିଳିବ ସୌଜନ୍ୟତା

କଟକ,୧୨।୧୧ (କାର୍ତ୍ତିକ ସାହୁ)

ଭରତପୁର ଥାନା ବିବାଦ ମାମଲାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଜିଓର(ଏସ୍‌ଓପି) ଦାଖଲ କରାଯାଇଛି। ସେନା ଅଧିକାରୀ ଓ କର୍ମଚାରୀଙ୍କୁ ଥାନାରେ ପୋଲିସ କିଭଳି ବ୍ୟବହାର ଦେଖାଇବ ସେନେଇ ଉକ୍ତ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟଙ୍କୁ ଏ ବାବଦରେ ଅବଗତ କରାଇଛନ୍ତି। ରାଜ୍ୟ ସରକାର ଏହାର ଏକ ନକଲ ଆମିକସ୍‌କ୍ୟୁରୀଙ୍କୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୨୦୨୫ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟର ସବୁ ଥାନାରେ ସିସିଟିଭି ସ୍ଥାପନା ସମ୍ପୂର୍ଣ୍ଣ କରାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ଭରତପୁର ଥାନା ଘଟଣାରେ ହୋଇଥିବା ସମସ୍ତ ମାମଲାର ତଦନ୍ତ ଜାରି ରହିଥିବା ଆଡ୍‌ଭୋକେଟ ଜେନେରାଲ ହାଇକୋର୍ଟଙ୍କୁ ଜଣାଇଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ମଙ୍ଗଳବାରକୁ ଧାର୍ଯ୍ୟ ହୋଇଛି।

### ହାଇକୋର୍ଟରେ ଭରତପୁର ଥାନା ବିବାଦ ମାମଲା

- ଏସ୍‌ଓପି ଦାଖଲ କଲେ ରାଜ୍ୟ ସରକାର
- କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କରିପାରିବେନି ଗିରଫ
- ମାର୍ଚ୍ଚ ୩୧ ସୁଦ୍ଧା ସବୁ ଥାନାରେ ସିସିଟିଭି ଲଗାଅ

ଏସ୍‌ଓପିରେ ଦାଖଲ ତଥ୍ୟ ଅନୁଯାୟୀ, ଡ୍ୟୁଟିରେ ଥାଇ ଅଥବା ନ ଥାଇ କୌଣସି ସେନା ଅଧିକାରୀ ବା କର୍ମଚାରୀ ଥାନାରେ ପୋଲିସ ଅଧିକାରୀଙ୍କୁ ମାମଲା ରୁଜୁ କରିବା ପାଇଁ ଅନୁରୋଧ କଲେ ପୋଲିସ ତାଙ୍କୁ ସୌଜନ୍ୟତା ସହ ସମ୍ମାନ ଜଣାଇ ବ୍ୟବହାର କରିବେ। ସେନା ଅଧିକାରୀଙ୍କ ସମସ୍ୟାକୁ ତ୍ୱରିତ ଶୁଣିବେ। ତାଙ୍କୁ ଥାନା ପକ୍ଷରୁ ଯଥାଶୀଘ୍ର ସମସ୍ତ ପ୍ରକାର ସହଯୋଗ କରାଯିବ। କୌଣସି ସେନା ଅଧିକାରୀ ବା କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କଲେ ଏହାକୁ ମଧ୍ୟ ତ୍ୱରିତ ଗ୍ରହଣ କରାଯାଇ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ସେହିପରି ସେନା ଅଧିକାରୀ ଓ କର୍ମଚାରୀ ମୌଖିକ ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏହାକୁ ଲିଖିତ ଭାବେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେବେ। ଅନ୍ୟପକ୍ଷରେ କୌଣସି ସେନା ଅଧିକାରୀ ଓ କର୍ମଚାରୀଙ୍କ ଗିରଫଦାରି କ୍ଷେତ୍ରରେ ମଧ୍ୟ ଏସ୍‌ଓପି ରହିଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା ଆପରାଧିକ ମାମଲାରେ କୌଣସି ସେନା ଅଧିକାରୀଙ୍କୁ ଗିରଫ କରାଯିବ ନାହିଁ। ଏଥିପାଇଁ ନିକଟତମ ଷ୍ଟେଶନ୍ କମାଣ୍ଡର୍ (ମେଜର୍ ର୍ୟାଙ୍କ)ଙ୍କ ଅନୁମତି ନେବାକୁ ପଡ଼ିବ। ଗିରଫ ପାଇଁ ଅନୁମତି ନ ମିଳିଲେ ପୋଲିସ ଅଧିକାରୀ ସମ୍ପୃକ୍ତ ସେନା ଅଧିକାରୀଙ୍କୁ ମିଲିଟାରୀ ପୋଲିସକୁ ହସ୍ତାନ୍ତର କରିବେ। ତେବେ ବଳାତ୍କାର, ହତ୍ୟା, ଅପହରଣ ଭଳି ଘଟଣାରେ ପୋଲିସ ତାଙ୍କୁ ଗିରଫ କରିପାରିବ।

ଉଲ୍ଲେଖଯୋଗ୍ୟ, ଭରତପୁର ଥାନାରେ ସେନା ଅଧିକାରୀ ଓ ପୋଲିସ ବିବାଦ ଘଟଣାକୁ କେନ୍ଦ୍ରକରି ହାଇକୋର୍ଟ ନିଜ ଆଡ଼ୁ ଏହି ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପୂର୍ବତନ ଏଡିଜି (ଆଧୁନିକୀକରଣ) ଦୟାଲ ଗାଙ୍ଗୁଆର୍ ହାଇକୋର୍ଟରେ ହାଜର ହୋଇ ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବା ଉପରେ ସତ୍ୟପାଠ ଦାଖଲ କରିସାରିଛନ୍ତି। ରାଜ୍ୟ ପୋଲିସ ବିଭାଗ ଦ୍ୱାରା ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରାଯାଉଛି। ଡିଜିପିଙ୍କ କାର୍ଯ୍ୟାଳୟରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ରୁମ୍ ମନିଟରିଂ ସିଷ୍ଟମ କରାଯାଉଛି। ଏହାଦ୍ୱାରା ରାଜ୍ୟରେ କେଉଁ ଥାନାରେ ସିସିଟିଭି କାମ କରୁନାହିଁ ତାହା ଡିଜିପି ଜାଣିପାରିବେ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ବିଚାରପତି ପରମଜିତ୍ ସିଂହଙ୍କ ପ୍ରଦତ୍ତ ରାୟ ଅନୁସାରେ ୨୦୨୭ ସୁଦ୍ଧା ସମସ୍ତ ଥାନାରେ ଶିଶୁ ଓ ମହିଳା ଡେସ୍କ କରାଯିବ। ପୁନଶ୍ଚ ଏକ ଅତ୍ୟାଧୁନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ଥାନାରେ ପୋଲିସ ବିଭାଗ ନେଟ୍‌ୱର୍କ ଭିଡିଓ ରେକର୍ଡିଂ(ଏନ୍‌ଭିଆର୍) ସିଷ୍ଟମ କରାଯାଇଛି। ଏହାଦ୍ୱାରା ଥାନାରେ ଘଟୁଥିବା କାର୍ଯ୍ୟକଳାପର ସିସିଟିଭି ରେକର୍ଡିଂ ବର୍ଷେ ପର୍ଯ୍ୟନ୍ତ ସଂରକ୍ଷିତ ହୋଇରହିବ। ହାଇକୋର୍ଟ ଏହି ରେକର୍ଡିଂକୁ ଡିଜିପିଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରିବାକୁ ପରାମର୍ଶ ଦେଇଥିଲେ।

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା। **–ଶ୍ରୀଅରବିନ୍ଦ**

-ଗରୁଡ଼ ଦ୍ୱାଦଶୀ ଓ ତୁଳସୀ ବିବାହ



# ମାର୍ ମାର୍ ନାଗରିକଙ୍କୁ

ସୁଇଜରଲାଣ୍ଡସ୍ଥିତ ବାୟୁମାନ ତଦାରଖ ସଂସ୍ଥା 'ଆଇକ୍ୟୁଏୟାର' ମାର୍ଚ୍ଚ ୨୦୨୪ରେ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯେଉଁଥିରେ ଦିଲ୍ଲୀ ୨୦୨୩ରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ବୋଲି ବିବେଚିତ ହୋଇଥିଲା। ଏହି ରିପୋର୍ଟର ସତ୍ୟତା ଉପରେ ସନ୍ଦେହ ଏଥିପାଇଁ ରହୁନାହିଁ ଯେ ଦିଲ୍ଲୀରେ ଦେଖାଦେଉଥିବା ପ୍ରଦୂଷଣ ସବୁ ସୀମା ଟପି ସାରିଲାଣି। ଏବେ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ସବୁଦିନ ବାଣ ବନ୍ଦ କରିବା ନେଇ ଦିଲ୍ଲୀ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ। ଏଥିସହିତ ପ୍ରଦୂଷଣକୁ ବଢ଼ାଇବା ଭଳି କୌଣସି କାର୍ଯ୍ୟକୁ ଧର୍ମ ପ୍ରୋତ୍ସାହିତ କରେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛି। ୨୦୨୪ ଦୀପାବଳି ପୂର୍ବରୁ ସୁପ୍ରିମକୋର୍ଟ ବାଣ ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଲାଗୁ କରିଥିଲେ ମଧ୍ୟ ସେ ଦିଗରେ ସେଭଳି ସଫଳତା ନ ମିଳିବାରୁ କୋର୍ଟ ବର୍ତ୍ତମାନ ପୋଲିସ କାର୍ଯ୍ୟ କେବଳ ଲୋକଦେଖାଣିଆ ବୋଲି କହି ଭର୍ତ୍ସନା କରିଛନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସୁପ୍ରିମକୋର୍ଟଙ୍କ ରାୟ ଉତ୍ସାହଜନକ। କିନ୍ତୁ ସର୍ବଦା ନାଗରିକଙ୍କ ତ୍ରୁଟିକୁ ଲକ୍ଷ୍ୟ କରାଯାଇ ଦିଆଯାଉଥିବା ନିର୍ଦ୍ଦେଶ ସାଧାରଣରେ ଗ୍ରହଣୀୟ ହୋଇପାରୁ ନାହିଁ। ଦୀପାବଳିରେ ବାଣଫୁଟା ହେଉ ବା ବିବାହ ବ୍ରତ ଭଳି କୌଣସି ସାମାଜିକ କାର୍ଯ୍ୟରେ ଆତସବାଜି କାର୍ଯ୍ୟକ୍ରମ ଯେତିକି ବାୟୁ ପ୍ରଦୂଷଣ କରିଥାଏ, ତାହାଠାରୁ କାହିଁ କେତେ ଗୁଣରେ କଳକାରଖାନା, ଯାନବାହନ, ନିର୍ମାଣ କାର୍ଯ୍ୟ, ବର୍ଜ୍ୟଧୂଳି ଓ ପୋଡ଼ିରୁ ନିର୍ଗତ ଧୂଆଁଧୂଳି ଏବଂ ବିଷାକ୍ତ ଗ୍ୟାସ ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏପରିକି ବିମାନ ଚଳାଚଳରେ ମଧ୍ୟ ପ୍ରଦୂଷଣ ଘଟୁଥିବା ଅନ୍ତର୍ଜାତୀୟ ସ୍ତରରେ ପ୍ରମାଣ ରହିଛି। ପୂର୍ବରୁ ଦିଲ୍ଲୀ ଓ ଏହାର ଆଖପାଖ ରାଜ୍ୟରେ ଖୁଣ୍ଟା ପୋଡ଼ି ଯୋଗୁ ପ୍ରଦୂଷଣ ବଢ଼ୁଛି ବୋଲି ଯେଉଁ ଦୋଷ ଦିଆଯାଇ ଆସୁଥିଲା, ତାହା ଏଥର କମିଯାଇଥିଲେ ମଧ୍ୟ ବାୟୁ ପ୍ରଦୂଷଣ ସୁଧୁରି ନାହିଁ। ଅକ୍ଟୋବର ୨୦୨୪ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟରୁ ଜଣାପଡ଼ିଛି ଯେ, ଦିଲ୍ଲୀ ବାୟୁ ପ୍ରଦୂଷଣର ୧%ରୁ ସାମାନ୍ୟ ଅଧିକ ଖୁଣ୍ଟା ପୋଡ଼ି ଯୋଗୁ ଘଟୁଛି। ଏହି ପରିସଂଖ୍ୟାନକୁ ଦେଖିଲେ ଦିଲ୍ଲୀ ପ୍ରଦୂଷଣ ପଛରେ ଶିଳ୍ପ, ନିର୍ମାଣ କ୍ଷେତ୍ର ଏବଂ ଜୀବାଶ୍ମ ଇନ୍ଧନ ଚାଳିତ ଯାନର ବଡ଼ ଭୂମିକା ରହୁଛି। ପ୍ରଦୂଷଣକାରୀ ଶିଳ୍ପ ମଧ୍ୟରେ ରହୁଛି ଦିଲ୍ଲୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାଲୁଥିବା ବଦରପୁର ଭଳି ୧୧ଟି କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ଅନ୍ୟାନ୍ୟ କଳକାରଖାନା। ଏହାବ୍ୟତୀତ ମାର୍ଚ୍ଚ ୨୦୨୩ ସୁଦ୍ଧା ଦିଲ୍ଲୀରେ ପଞ୍ଜୀକୃତ ଯାନ ସଂଖ୍ୟା ପାଖାପାଖି ୧.୨ କୋଟିରୁ ଅଧିକ ଥିବାବେଳେ ବିଦ୍ୟୁତ୍ ଚାଳିତ ଯାନ ସଂଖ୍ୟା ଥିଲା ୧.୨୪ ଲକ୍ଷ। ଅର୍ଥାତ୍ ଜୀବାଶ୍ମ ଇନ୍ଧନଚାଳିତ ଗାଡ଼ି ସର୍ବାଧିକ ପ୍ରଦୂଷଣ କରୁଛି। ବିଜ୍ଞାନ ଓ ପରିବେଶ କେନ୍ଦ୍ର ଅଫ୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟର ରିପୋର୍ଟରୁ ଜଣାପଡ଼ିଛି ଯେ, କଳକାରଖାନା, ଗାଡ଼ିମୋଟର ଓ ନିର୍ମାଣ ଆଦି କ୍ଷେତ୍ରରୁ ୭୦ ପ୍ରତିଶତ ବାୟୁ ପ୍ରଦୂଷଣ ଘଟୁଛି। ଆଇଆଇଟି କାନପୁର ଓ ଦିଲ୍ଲୀ ସରକାରଙ୍କ ଏକ ମିଳିତ ଅଧ୍ୟୟନ କହେ ଯାନବାହନ ଓ କଳକାରଖାନାରୁ ନିର୍ଗତ ଦୂଷିତ ବର୍ଜ୍ୟ ଯୋଗୁ ଏଠାକାର ପ୍ରଦୂଷଣ ବଢ଼ିଯାଉଛି। ଏହି ରିପୋର୍ଟରେ କୁହାଯାଇଛି, ଦିଲ୍ଲୀ ବାୟୁ ପ୍ରଦୂଷଣର ୪୧ପ୍ରତିଶତ ଯାନବାହନ ଯୋଗୁ ହେଉଥିବାବେଳେ ଶିଳ୍ପରୁ ୧୮% ଓ ଧୂଳିର ୨୨% ଭୂମିକା ରହୁଛି। ବିଭିନ୍ନ ରିପୋର୍ଟର ପରିସଂଖ୍ୟାନଗତ ତଥ୍ୟ ଅଲଗା ରହୁଥିଲେ ମଧ୍ୟ ବାଣ ଫୁଟା ଓ ଖୁଣ୍ଟା ପୋଡ଼ି ଅପେକ୍ଷା ଉପରଲିଖିତ ପ୍ରଦୂଷଣକାରୀଙ୍କ ଯୋଗଦାନ ଯଥେଷ୍ଟ ଅଧିକ। ତେଣୁ ସୁପ୍ରିମକୋର୍ଟଙ୍କ ପ୍ରଦୂଷଣ ପାଇଁ କେବଳ ନାଗରିକଙ୍କ ଦୋଷଗୁଡ଼ିକୁ ଦେଖିଲା ଭଳି ମନେହେଉଛି। ଗଲା ବର୍ଷ ଯମୁନା ନଦୀରେ ଛଟ୍‌ପୂଜା ନ କରିବା ଲାଗି ଅଦାଲତ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛଟ୍‌ପୂଜାରୁ କେତେ ପରିମାଣ ଓ କେଉଁ ପ୍ରକାରର ପ୍ରଦୂଷଣ ଘଟିଥାଏ ତାହାର ତଥ୍ୟ କାହା ପାଖରେ ନାହିଁ। ମନେରଖିବାକୁ ହେବ ଯେ, ଯମୁନା ନଦୀରେ ଉଠୁଥିବା ଫେଣ ଛଟ୍‌ପୂଜା କାରଣରୁ ଘଟି ନ ଥାଏ। ଆଗ୍ରା, ପାନିପଥ, ସୋନିପଥ, ଫରିଦାବାଦ, ଗୁରୁଗ୍ରାମ ଆଦି ସ୍ଥାନରେ ଥିବା ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ କଳକାରଖାନାରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ଓ ଅଣବିଶୋଧିତ ମଇଳା ପାଣି ଯୋଗୁ ଯମୁନା ପ୍ରଦୂଷିତ ହେବାରେ ଲାଗିଛି। ଏହି ମୂଳ କାରଣକୁ ନ ଖୋଜି ନାଗରିକଙ୍କ ଉପରେ ଦୋଷ ଲଦି ଦେବାର ଗୋଟେ ଭଣ୍ଡିମ ପ୍ରୟାସ ଚାଲିଛି।

ଓଡ଼ିଶାକୁ ଫେରିଲେ ଏଠାରେ ବିଜ୍ଞାନ ଭୟ ୨୦୨୪ ଜାନୁଆରୀ ପ୍ରଥମ ସପ୍ତାହରେ ସୃଷ୍ଟି ହୋଇଥିଲା। ଭାରତର ସବୁଠୁ ପ୍ରଦୂଷିତ ୧୭ଟି ସହର ମଧ୍ୟରେ ଓଡ଼ିଶାର ୭ଟି ଥିଲା ବୋଲି ଭାରତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦର୍ଶାଇଥିଲା। ଉଦ୍‌ବେଗଜନକ ବିଷୟ ହେଉଛି ଅନୁଗୋଳ ସହରର ବାୟୁ ଗୁଣମାନ ସୂଚକାଙ୍କ(ଏକ୍ୟୁଆଇ) ୩୫୭ ଥିଲାବେଳେ ଦିଲ୍ଲୀରେ ସେତେବେଳେ ଏହା ଥିଲା ୩୪୧। ଏହାବାଦ୍ ତାଳଚେର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଓ କେନ୍ଦୁଝର ଏକ୍ୟୁଆଇ ବିପଜ୍ଜନକ ରହିବା ପଛରେ କଳକାରଖାନା, ଖଣିଖାଦାନ ଓ ଗଦାଗଦା ବର୍ଜ୍ୟ ଦାୟୀ ବୋଲି କୁହାଯାଇପାରେ।

ଦିଲ୍ଲୀଠାରୁ ଅନୁଗୋଳ ପର୍ଯ୍ୟନ୍ତ ପ୍ରଦୂଷଣକୁ ଦେଖିଲେ ସବୁଥିରେ ନାଗରିକଙ୍କୁ ଦାୟୀ କରା ନ ଯାଇ ପ୍ରଦୂଷଣକାରୀ କମ୍ପାନୀ, ନିର୍ମାଣ ସଂସ୍ଥା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଦେଖାଦେଉଥିବା ଅବ୍ୟବସ୍ଥାକୁ ସୁଧାରିବା ଦିଗରେ ଗୁରୁତ୍ୱ ଦେବାର ସମୟ ଆସିଲାଣି। ନାଗରିକଙ୍କୁ ଆଧାର ସହ ପାନ୍ କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ସଂଯୋଗ ଲାଗି ବାରମ୍ବାର ଦୌଡ଼ା ଯିବାଠାରୁ ଆରମ୍ଭ କରି ସ୍ୱଚ୍ଛତା ଟିକସ, ଶିକ୍ଷା ସେସ୍, ଜିଏସ୍‌ଟି ଭଳି ଟିକସ ବସାଇ ସରକାର ଆମ୍ଭମାନଙ୍କୁ ଘାଣ୍ଟିବାରେ ଲାଗିଛନ୍ତି। ସେମିତି କଚେରି ଚତୁରତାର ସହିତ ସବୁ ବୋଝ ନାଗରିକଙ୍କ ଉପରେ ପ୍ରଥମେ ଅଜାଡ଼ି ଦେଇ ଝାଡ଼ିଝୁଡ଼ି ବସି ପୋଲିସକୁ ଲଗାଇ ଦେଉଛି। ଅନ୍ୟପଟେ କର୍ପୋରେଟ୍ ସଂସ୍ଥା ଯେତେ ବେଆଇନ କାର୍ଯ୍ୟ କଲେ ମଧ୍ୟ ତାହା ପ୍ରତି ସରକାରଙ୍କଠାରୁ ଆରମ୍ଭ କରି ଅଦାଲତ ପର୍ଯ୍ୟନ୍ତ ନରମଭାବ ପ୍ରଦର୍ଶନ କରିବା ହୋଇଯାଇଛି ଯେମିତି ନୂଆ ନିୟମ।

# ମନ୍ଦଦୃଷ୍ଟି ଓ ମନବୋଧ



ଉପେନ୍ଦ୍ର ବିଶ୍ୱାଳ

ଦିନେ ଜଣେ ବନ୍ଧୁଙ୍କୁ ସଙ୍ଗୋଳିନେବାକୁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥାଏ। ଏହି ସମୟରେ ଝିଅଟିଏ ଅଟୋ ଚଳାଇ ଆସି ପହଁଚିଲା ଯାତ୍ରୀଭଡ଼ା ଉଦ୍ଦେଶ୍ୟରେ। ଅକସ୍ମାତ୍ ଆଖି ପଡ଼ିଲା ଅଟୋଟିର ପଛପଟେ ଲିଖିତ ଧାଡ଼ି ଲେଖା ଉପରେ, ''ଦେଖୋ, ମଗର ବୁରି ନଜର ମେଁ ମତ୍ ଦେଖୋ।'' ଧାଡ଼ି ଲେଖା କିନ୍ତୁ କହୁଥିଲା ଗାଡ଼ିଏ (ଗାଡ଼ିଆ ପରିମିତ) କଥା। ''ଚାହଁ, କିନ୍ତୁ ଖରାପ ଦୃଷ୍ଟିରେ ଦେଖନାହିଁ।'' ସତରେ, କି ସୁନ୍ଦର ଦାର୍ଶନିକ ଦୃଷ୍ଟିଭଙ୍ଗୀର କଥାଟିଏ! ମଣିଷ ମନକୁ ପ୍ରଭାବିତ କରିଥାଏ ଆଖିର ନଜର। କାରଣ ମନ ହେଉଛି ଇନ୍ଦ୍ରିୟର ବଶମ୍ବଦ। ଭଲ ଦୃଷ୍ଟିରେ ଦେଖିଲେ ମନ କଳୁଷିତ ହୁଏନାହିଁ। ଅର୍ଥାତ୍ ଦୃଷ୍ଟିକୋଣର ପବିତ୍ରତା ରହିଲେ ମନ କୁପ୍ରବୃତ୍ତିଯୁକ୍ତ ହେବନାହିଁ। ଅନ୍ୟଥା ଦେଖିବାର ଦୃଷ୍ଟିଭଙ୍ଗୀ ଖରାପ ରହିଲେ ମନ କୁଭାବନାର ବଶବର୍ତ୍ତୀ ହେବ, ଅନର୍ଥର କାରଣ ସାଜିବ। ମନେପଡ଼େ ଜୀବନ ଗଢ଼ଣର ଗାଢ଼ ତତ୍ତ୍ୱଭରା ସୁନ୍ଦର ଗୀତଟିଏ– ବୁରା ମତ୍ ସୁନୋ ବୁରା ମତ୍ ଦେଖୋ ବୁରା ମତ୍ କହୋ ... ବୁରି ହୈ ବୁରାଇ (ଚଳଚ୍ଚିତ୍ର– ଆୟା ସାୱାନ ଝୁମକେ)। ''ମନ୍ଦ କଥା ଶୁଣନାହିଁ, ମନ୍ଦ ଜିନିଷ ଦେଖନି, ମନ୍ଦ କଥା କୁହନାହିଁ .... ମନ୍ଦ ହିଁ ଅମଙ୍ଗଳ।'' ଏହି ପ୍ରସଙ୍ଗରେ ମନେପଡ଼େ ଦାର୍ଶନିକ ସକ୍ରେଟିସ୍‌ଙ୍କ ଜୀବନର ଏକ ଘଟଣା। ଏକଦା ଜଣେ ବ୍ୟକ୍ତି ଦୌଡ଼ି ଦୌଡ଼ି ଆସି ସକ୍ରେଟିସ୍‌ଙ୍କ କାନ ପାଖରେ ଫୁସ୍‌ଫୁସ୍ କରି କ'ଣ କହିବାକୁ ଯାଉଥିଲା ବେଳେ ଟିକିଏ ଦୂରକୁ ଘୁଞ୍ଚିଯାଇ ସକ୍ରେଟିସ୍ କହିଲେ– ରୁହ ରୁହ। ଆଗେ କୁହ, ତୁମେ ମୋତେ ଯେଉଁ କଥା କହିବାକୁ ଯାଉଛ ତାହା ସତ୍ୟ ଘଟଣା ତ? ଯଦି ସତ, ତେବେ ତାହା ହିତକର ତ? ଯଦି ହଁ, ତେବେ ମୋତେ କହିପାର। ଅନ୍ୟଥା ମୋତେ ତାହା ଶୁଣାଅ ନାହିଁ। ତାଙ୍କ ଦୃଷ୍ଟିଭଙ୍ଗୀରେ ଏହିଭଳି ଦିବ୍ୟତ୍ୱ ଥିବାରୁ ସେ ମନ୍ଦଠାରୁ ମାଇଲ ମାଇଲ ଦୂରରେ ରହୁଥିଲେ। ଯେଉଁଥିପାଇଁ କି ସେ ପରିଗଣିତ ହେଲେ ବିଶ୍ୱବିଖ୍ୟାତ ଦାର୍ଶନିକ ଭାବେ।

ସକ୍ରେଟିସ୍‌ଙ୍କ ପରି ମନୁଷ୍ୟ ଯଦି ଅହଂଠାରୁ ଦୂରେଇ ରୁହେ, ସତପଥୀ, ସତ୍ୟାନୁରାଗୀ, ସତ୍ୟଦର୍ଶୀ ହୁଏ, ତେବେ ସେ ନିଶ୍ଚିତଭାବେ ସତ୍ ଜୀବନଯାପନ କରିପାରିବ। ଏହି ସତ୍ ଜୀବନଯାପନ ହିଁ ତ ବାସ୍ତବ ଆଧ୍ୟାତ୍ମିକତା, ଈଶ୍ୱରାଭିମୁଖୀ ହେବାର ପ୍ରକୃଷ୍ଟ ପଥ। ରୁଗ୍ଣତା ଯେମିତି ଦେହର ଦୁର୍ବଳତା, ଖରାପ ବା ମନ୍ଦର ବଶବର୍ତ୍ତୀ ହେବା ବି ସେମିତି ଏକପ୍ରକାର ମନର ରୁଗ୍ଣତା, ମନର ମଳି। ସେଥିପାଇଁ ଖରାପ ପୁସ୍ତକ ପଢ଼ିବାକୁ ବାରଣ କରାଯାଇଥାଏ। କାରଣ ଖରାପ ପୁସ୍ତକ ପଢ଼ିବା ଅର୍ଥ ବିଷ ଖାଇବା ସଙ୍ଗେ



ସମାନ। ପ୍ରସଂଗକ୍ରମେ ଆଉ ଏକ ଦିବ୍ୟ ଦୃଷ୍ଟାନ୍ତଟିଏ ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେହୁଏ। ଭିନ୍ନ ଏକ ଜଗତର ସନ୍ଧାନରେ ବାହାରିଥିବା ପୁତ୍ର ଶୁକଦେଙ୍କୁ 'ହେ ଶୁକଦେବ, ହେ ଶୁକଦେବ' ବୋଲି ଡାକି ଡାକି ଅନୁଧାବନ କରୁଥା'ନ୍ତି ମହର୍ଷି ବ୍ୟାସଦେବ। ପଥପାର୍ଶ୍ୱସ୍ଥ ଏକ ପୁଷ୍କରିଣୀର ସ୍ୱଚ୍ଛ ଜଳରାଶିରେ ହର୍ଷ, ଉଲ୍ଲାସର ସହିତ ନିର୍ବସ୍ତ୍ର ଜଳକ୍ରୀଡ଼ାରେ ମଗ୍ନ ଥାଆନ୍ତି କେତେକ ତରୁଣୀ। ଶୁକଦେବଙ୍କ ପରେ ପରେ ସେହି ପୁଷ୍କରିଣୀ ପାର୍ଶ୍ୱ ଦେଇ ବ୍ୟାସଦେବ ଆସୁଥିବା ବେଳେ, ତାଙ୍କୁ ଦେଖି ସ୍ନାନରତା ଯୁବତୀମାନେ ତରବରରେ ଉପରକୁ ଉଠିଆସି ଶରୀରକୁ ଆବୃତ କରିଦେଲେ ବସ୍ତ୍ର ଦ୍ୱାରା। ଏହି ଘଟଣାରେ କ୍ଷିପ୍ରବେଗୀ ସ୍ଥବିରଙ୍କ ପାଦ ଯୁଗଳ ହଠାତ୍ ସେଠାରେ ସ୍ଥିର ହୋଇ ଅଟକିଗଲା। ଅତ୍ୟନ୍ତ ଆଚମ୍ବିତ ହୋଇ ଯୁବତୀଗଣଙ୍କୁ ପୃଚ୍ଛା କଲେ ମହର୍ଷି, ''ଏଇମାତ୍ର କ୍ଷଣିକ ଆଗରୁ ସାମାନ୍ୟ ବସ୍ତ୍ର (କୌପୀନ) ପରିହିତ ଯୌବନୋଦ୍ଦୀପ୍ତ ତରୁଣ ଶୁକଦେବ ଏହି ପଥ ଦେଇ ଯାଉଥିବା ବେଳେ ତୁମ୍ଭମାନଙ୍କର ତ କାହିଁ ନ ଥିଲା ତିଳେ ମାତ୍ର ପ୍ରତିକ୍ରିୟା। ନିର୍ଭୟ, ନିର୍ବିଘ୍ନ ଓ ନିର୍ବିକାର ଭାବେ ତୁମେ ସେମିତି ଜଳକ୍ରୀଡ଼ାର ଆନନ୍ଦ ଉପଭୋଗ କରୁଥିଲ। ମାତ୍ର ଏହି ବୃଦ୍ଧ ବ୍ୟାସକୁ ଦେଖି ତୁମ୍ଭମାନଙ୍କର ଏତେ ସଙ୍କୋଚବୋଧ କାହିଁକି ଭଦ୍ରା: ?'' ସେଇଠୁ ଅତ୍ୟନ୍ତ ନମ୍ରତାର ସହିତ ଜଣେ ଯୁବତୀ କହିଲେ, ''ହେ ମହର୍ଷି! ଆମ୍ଭଙ୍କ, ବ୍ରହ୍ମଜ୍ଞାନୀ ଶୁକଦେବଙ୍କ ଆଖିରେ ସମସ୍ତ ଆତ୍ମା ସମାନ– ଏକ ବ୍ରହ୍ମ, ଏକ ଆତ୍ମାଭାବ। ତାଙ୍କ ଦୃଷ୍ଟିରେ ଭରିରହିଛି ପବିତ୍ର ଦୃଷ୍ଟିକୋଣ। ତାଙ୍କ ନଜରରେ ନ ଥାଏ ନାରୀ ଓ ପୁରୁଷଙ୍କ ଭିତରେ କିଛି ପାର୍ଥକ୍ୟ। ନ ଥାଏ ସାମାନ୍ୟମାତ୍ର ବିକାରଭାବ। ତରୁଣ ହେଲେ ବି ଏଭଳି ବିକାରଶୂନ୍ୟ ଦିବ୍ୟଭାବର ପୁରୁଷଙ୍କ ପ୍ରତି ଆମର ଲଜ୍ଜାଭାବ ଆସିବ ବା କାହିଁକି? ମନୋବିଜ୍ଞାନ ଅନୁଯାୟୀ ଆମ ମନ ଯେମିତି ଚିନ୍ତା କରିବ, କ୍ରିୟାକଳାପ ମଧ୍ୟ ତଦନୁଯାୟୀ ହେବ। ଫଳ ମଧ୍ୟ ତଦ୍ରୂପ। ସେଥିପାଇଁ କୁହାଯାଇଥାଏ ''ଯଦି ଭାବମ ତଦ ଭବତି।'' ଅର୍ଥାତ୍ ଯେମିତି ଭାବନା, ସେମିତି ଫଳ, ସେମିତି ଭବିଷ୍ୟତ। ଆମ ଶାସ୍ତ୍ର ସେଥିପାଇଁ କହିଛନ୍ତି – ମନର ମୂଳେ ଏ ଜଗତ। ମଣିଷର ଶରୀର ଏକ ଜୈବିକ ଯନ୍ତ୍ର। ମନ ହେଉଛି ଏହି ଯନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଅଂଶ। ଯାହାକି ଚିନ୍ତା କରିପାରେ, ଅନୁଭବ କରିପାରେ, କଳ୍ପନା କରିପାରେ, ମନେ ରଖିପାରେ, ଇଚ୍ଛା କରିପାରେ। କିନ୍ତୁ ଏହି ମନଟି ଇନ୍ଦ୍ରିୟ ଅଧୀନ। ଅର୍ଥାତ୍ ଇନ୍ଦ୍ରିୟର ବଶ ହେବାକୁ ସେ ସଦା ବ୍ୟାକୁଳ। ଅନ୍ୟପକ୍ଷରେ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମଣିଷର ମନ ସର୍ବଶକ୍ତିମାନ ଈଶ୍ୱର ଚେତନାର ଏକ ସ୍ଫୁଲିଙ୍ଗ। ପରମାଣୁ ଦେହରେ ଯେମିତି ଅସୀମ ଶକ୍ତି ଥାଏ, ସେମିତି ମନ ମଧ୍ୟ ଅଜସ୍ର ଶକ୍ତିର ଉତ୍ସ। ଯେମିତି ପରମାଣୁ ଶକ୍ତିର ସୁବିନିଯୋଗ ଦ୍ୱାରା ମାନବ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇଥାଏ, ଅନ୍ୟପକ୍ଷରେ ଅସ୍ତ୍ର ବିନିଯୋଗ ଦ୍ୱାରା ଅକଳ୍ପନୀୟ କ୍ଷତିସାଧନ ହୁଏ। ଠିକ ସେମିତି ଅସୀମ ସାମର୍ଥ୍ୟ ଥିବା ମନର ସଦୁପଯୋଗ ବଳରେ ଆମର ପ୍ରଭୂତ ଉନ୍ନତି ସାଧିତ ହୋଇଥାଏ। ମାତ୍ର ମନକୁ ଭୁଲ୍ ବାଟରେ ପରିଚାଳିତ କଲେ ତାହା ଆମର ଅଜସ୍ର ଅମଙ୍ଗଳର କାରଣ ସାଜିଥାଏ। ସକାରାତ୍ମକ ଦୃଷ୍ଟିକୋଣ ନେଇ ଦୃଢ଼ ମନୋବଳ ବା ପ୍ରବଳ ଇଚ୍ଛାଶକ୍ତି ବଳରେ ଜଣେ ଅସମ୍ଭବକୁ ବି ସମ୍ଭବ କରିପାରେ। ମନରେ ଯାହା ଆଶା ବାନ୍ଧେ, ତାହା ଫଳବତୀ ହୁଏ। ଗୋଟେ ଗୋଡ଼ ହରେଇ ବି ଅରୁଣୀମା ସିହ୍ନାଙ୍କ ପରି ଝିଅମାନେ କେତେବେଳେ ହିମାଳୟ ଚୂଡ଼ା ଲଙ୍ଘି ପାରନ୍ତି ତ ଆଉ କେବେ ସାମାନ୍ୟ ଶରୀରଧାରୀ ଶ୍ୟାମାକାନ୍ତ ବନ୍ଦୋପାଧ୍ୟାୟ (ବ୍ୟାଘ୍ରସ୍ୱାମୀ)ଙ୍କ ପରି ମାମୁଲି ମଣିଷମାନେ ଗୋଟେ ଗୋଟେ ଶକ୍ତ ମୁଥରେ ହିଂସ୍ର ମହାବଳ ବାଘକୁ ବି ଧରାଶାୟୀ କରିଦେଇପାରନ୍ତି। କାରଣ, ମାଂସପେଶୀମାନଙ୍କର ଚାଳକ ହେଉଛି ମନ। ମନ ଶକ୍ତିଶାଳୀ ହେଲେ, ମନରେ ଦୃଢ଼ ଆତ୍ମବିଶ୍ୱାସ ରହିଲେ ସାମର୍ଥ୍ୟ ବହୁଗୁଣିତ ହୋଇଯାଏ। ବିଜୟର ଭାବନା ହେଉ କି ସଫଳତା ପାଇବାର ଇଚ୍ଛା ହେଉ, ମନରେ ସକାରାତ୍ମକ ଭାବନା ସୃଷ୍ଟି ହେଲେ ତାହା ଅବଶ୍ୟ ଘଟିବ। ସେଇଥିପାଇଁ ତ ଶ୍ରୀମଦ୍ ଭାଗବତରେ କୁହାଯାଇଛି, ''ଏ ମନ ଖୋଜୁଥାଏ ଯାହା/ କାଳେ ପ୍ରାପତ ହୁଏ ତାହା।'' ଗୀତାରେ ବି କୁହାଯାଇଛି, ''ମନଃ ଏବ ମନୁଷ୍ୟାଣାମ୍ କାରଣମ୍ ବନ୍ଧ–ମୋକ୍ଷୟୋହ।'' ଅର୍ଥାତ୍ ମନର ଭାବନା ଆମ ପାଇଁ ଯେମିତି ବନ୍ଧନ ବା ଦୁଃଖର କାରଣ, ସେମିତିବି ମୋକ୍ଷ ବା ଆନନ୍ଦର କାରଣ। ଯେମିତି ଫୁଲର ମହତ୍ତ୍ୱ ବଢ଼ାଏ ତା'ର ସୁଗନ୍ଧ, ସେମିତି ବି ମନର ମହତ୍ତ୍ୱ ବଢ଼ାଏ ଆଶାଭରା ଭାବନା, ସ୍ୱ ଚିନ୍ତନ, ସରସତା ବା ମଧୁର ସ୍ୱଭାବ। ସେଥିପାଇଁ ବେଦମାତା ଆମକୁ କହିଛନ୍ତିସ୍– ଆ ନୋ ଭଦ୍ରା: କ୍ରତବୋ ଯନ୍ତୁ ବିଶ୍ୱତଃ। ଅର୍ଥାତ୍ ବିଶ୍ୱର ପ୍ରତିଟି କୋଣରୁ ମହତ ଭାବନା ଉଦ୍ରେକ ହେଉ

ମୋ: ୯୪୩୭୪୩୬୦୭୩

# ନିଉଟନ୍‌ଙ୍କ କଣିକା ଓ ଆଲୋକର ରୂପ



ଡ. ଗୌରୀଶଙ୍କର ସାହୁ

ସକାଳ ପାହିଲେ ସୁନେଲି କିରଣ ବିଛେଇ ହୋଇପଡ଼େ। ସୁନା କାନଫୁଲ ରଙ୍ଗର ଏଇ ଆଲୋକ ଗଛ, ପଶୁପକ୍ଷୀ, ପାହାଡ଼ର ଛାଇ ସୃଷ୍ଟିକରେ। ସେ ସୁନା ରଙ୍ଗର ହେଉ କି ରୁପା ରଙ୍ଗର ଆଲୋକ, ଯେତେବେଳେ ସାଧାରଣ ମାଧ୍ୟମ ଦେଇ ଗତିକରେ, ଆମେ ତା' ରାସ୍ତାରେ ବସ୍ତୁଟିଏ ରଖିଲେ ଏଇ ବସ୍ତୁର ତୀକ୍ଷ୍ଣ ଛାଇ ଆଲୋକ ଗତି କରୁଥିବା ଦିଗରେ ଭୂଇଁ ଉପରେ ପଡ଼ିଥାଏ। ଏହାକୁ ଆଲୋକର ସରଳରୈଖିକ ଗତିର କାରଣ ବୋଲି କହିହେବ, ଯେଉଁ ଆଲୋକକୁ କଣିକା ରଶ୍ମି(ଷ୍ଟ୍ରିମ୍ ଅଫ୍ କର୍ପସ୍କୁଲ)ମାନଙ୍କ ଚଳଚଞ୍ଚଳ ସ୍ୱରୂପ ବୋଲି ଧରିନେଇ ସାର୍ ଆଇଜାକ୍ ନିଉଟନ୍ ପ୍ରତିଫଳନ(ରିଫ୍ଲେକ୍ସନ) ପ୍ରକ୍ରିୟାକୁ ବୁଝାଇ ପାରିଲେ, ହେଲେ ପ୍ରତିସରଣ(ରିଫ୍ରାକ୍ସନ)କୁ ବୁଝାଇବା ପାଇଁ ବାୟୁମଣ୍ଡଳ ଓ ଜଳଭଣ୍ଡାର ଏହିପରି ଦୁଇଟି ମାଧ୍ୟମ ମଧ୍ୟରେ ଥିବା ପତଳା ସୀମାରେଖାଠାରେ ଏକ ବିକର୍ଷଣ ବଳ ଆଲୋକରଶ୍ମି ଉପରେ ପଡୁଛି ବୋଲି ଧରିନେବାକୁ ହେଲା। ଏଇ ବଳର ଉପସ୍ଥିତି ପାଇଁ ଆଲୋକକୁ ଘନମାଧ୍ୟମ(ଯେପରି ଜଳଭଣ୍ଡାର)ରେ ଲଘୁମାଧ୍ୟମ(ଯେପରି ବାୟୁମଣ୍ଡଳ)ଠାରୁ ଅଧିକ ବେଗରେ ଗତି କରିବାକୁ ହେବ। ଜେ.ଏମ୍. ସ୍କାଏବର୍ଲଙ୍କ ଭାଷାରେ, ବାୟୁମଣ୍ଡଳରେ ଉଦ୍‌ଜାନ, ଯବକ୍ଷାରଜାନ, ଅମ୍ଳଜାନ ପ୍ରଭୃତି ଅଣୁଗୁଡ଼ିକ ପରସ୍ପରଠାରୁ ଅପେକ୍ଷାକୃତ ଅଧିକ ଦୂରତାରେ ଥିବାବେଳେ, ଜଳଭଣ୍ଡାରସ୍ଥିତ ଜଳ ଅଣୁଗୁଡ଼ିକ ପାଖାପାଖି ଥା'ନ୍ତି। ସୁତରାଂ ଜଳଭଣ୍ଡାରରେ ଆଲୋକର ପ୍ରକୃତ ପଥ ଓ ବାୟୁମଣ୍ଡଳରେ ସେଇ ଆଲୋକର ପ୍ରକୃତ ପଥର ଅନୁପାତ, ଜଳରେ ଆଲୋକର ପରିବେଗ ଓ ବାୟୁରେ ଆଲୋକର ପରିବେଗଠାରୁ ଯଥେଷ୍ଟ ଅଧିକ ସମୟ ହୋଇଥାଏ। ଫଳତଃ ଆଲୋକର ରଶ୍ମି ଜଳପଥରେ ଗତି ବେଳେ ଅଧିକ ହୋଇଥାଏ। ଫଳତଃ ଆଲୋକ ରଶ୍ମିକୁ ଜଳପଥରେ ଗତିକଲାବେଳେ ଅଧିକ ସମୟ ଲାଗିଥାଏ। ଫରାସୀ ଗବେଷକ ଜିନ୍ ବର୍ଣ୍ଣାଡ୍ ଲିଅନ୍ ଫକଲ୍ଟ, ସାର୍ ଆଇଜାକ୍ ନିଉଟନ୍‌ଙ୍କ ଦେହାନ୍ତର ଶହେବର୍ଷ ପରେ ୧୮୫୦ ସାଲ୍‌ରେ 'ଘୂର୍ଣ୍ଣାୟମାନ ଦର୍ପଣ ପରୀକ୍ଷଣ'ରୁ ପାଇଲେ ଯେ ବାସ୍ତବରେ ଆଲୋକ ବାୟୁଠାରୁ ଜଳରେ ଅପେକ୍ଷାକୃତ କମ୍ ବେଗରେ ଗତିକରେ!

ହେଲେ ନିଉଟନ୍‌ଙ୍କୁ ଯେତେବେଳେ ପ୍ରାୟ ୧୯ ବର୍ଷ ବୟସ ଓ ବିଦ୍ୟାର୍ଥୀ ଥା'ନ୍ତି, ସେତେବେଳେ ତାଙ୍କ ପଡ଼ୋଶୀ ଦେଶ ଫ୍ରାନ୍ସର ୫୫ ବର୍ଷ ବୟସ୍କ ଫରାସୀ ଗଣିତଜ୍ଞ 'ସର୍ବନିମ୍ନ ସମୟ ନିୟମ'(ପ୍ରିନ୍ସିପ୍ଲ ଅଫ୍ ଲିଷ୍ଟ ଟାଇମ୍) ରୂପେ ଏକ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଦେଇଥା'ନ୍ତି। ଏହାକୁ 'ସର୍ବନିମ୍ନ ଆଲୋକୀୟ ଦୂରତା ନିୟମ'(ପ୍ରିନ୍ସିପ୍ଲ ଅଫ୍ ଲିଷ୍ଟ ଅପଟିକାଲ୍ ପାଥ୍)ରେ ବ୍ୟବହାର କରିହେବ। ଆମେ ଯେମିତି ସହଜ ବାଟରେ ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟାକରନ୍ତି, ଆଲୋକ ମଧ୍ୟ ସେମିତି ସେଇପଥରେ ଯାଏ, ଯାହା ତାକୁ ଅଳ୍ପ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରିବ। ସରଳ ଭାଷାରେ କହିଲେ 'ଫର୍ମାଟ୍‌ଙ୍କ ନିୟମ' ହିଁ ପ୍ରକୃତି ସହଜ ଓ ସର୍ବନିମ୍ନ ବାଟରେ ଯିବାପାଇଁ ପ୍ରେରିତ କରେ ବୋଲି ପ୍ରତିପାଦିତ କରେ। ଏଇ ପ୍ରାକୃତିକ ନିୟମ ଆମ ଆଖପାଖରେ ସବୁଠାରେ ଦେଖିବାକୁ ମିଳେ।

ଯଦି ଫର୍ମାଟ୍‌ଙ୍କ ନିୟମ ବ୍ୟବହାର କରାଯିବ,



ତେବେ ନିଉଟନ୍‌ଙ୍କ କର୍ପସ୍କୁଲ(କଣିକା) ଘନ ମାଧ୍ୟମରେ ଲଘୁମାଧ୍ୟମଠାରୁ ଅଧିକ ବେଗରେ ଗତି ନ କରି ମଧ୍ୟ ପ୍ରତିଫଳନ ଓ ପ୍ରତିସରଣ ଉଭୟ ପ୍ରକ୍ରିୟାକୁ ବୁଝାଇବାରେ ସମର୍ଥ ହେବ। ନିଉଟନ୍‌ଙ୍କ ଲିଖିତ ଯୁଗାନ୍ତକାରୀ ପୁସ୍ତକ 'ଅପ୍ଟିକ୍ସ'ରେ ଆଲୋକର ଗୁଣାବଳୀ ବୁଝିବା ପାଇଁ ଉଭୟ କଣିକା(କର୍ପସ୍କୁଲ) ଓ ତରଙ୍ଗ(ୱେଭ୍) ତତ୍ତ୍ୱକୁ ବିଚାରକୁ ନିଆଯାଇଛି।

ନିଉଟନ୍‌ଙ୍କ କଣିକା ଫର୍ମାଟଙ୍କ ନିୟମ ମାନି ଗତିକରେ, ହେଲେ ଆଲୋକର ବ୍ୟତିକରଣ (ଇଣ୍ଟରଫେରେନ୍ସ) ଓ ବିକୀର୍ଣ୍ଣନ(ଡିଫ୍ରାକ୍ସନ)କୁ ବୁଝାଇବା ପାଇଁ ଏଇ କଣିକା ତତ୍ତ୍ୱ ସଫଳ ହୋଇପାରି ନ ଥିଲା। ଥୋମାସ ୟଙ୍ଗ ପାଖାପାଖି ଥିବା ଦୁଇଟି ସରୁକଣାଦେଇ ଆଲୋକ ରଶ୍ମି ଗତି କଲାବେଳେ ଆରପାଖ ପରଦାରେ ପାଖାପାଖି ହୋଇ ସଜାହୋଇ ରହିଥିବା ଉଜ୍ଜ୍ୱଳ ଓ କଳା ବ୍ୟତିକରଣ ପଟ୍ଟି ଦେଖିବାକୁ ପାଇଲେ। ୧୮୦୧ରେ ରୟାଲ୍ ସୋସାଇଟିରେ ପ୍ରଦର୍ଶିତ କରିଥିବା ତାଙ୍କ ଯୁଗାନ୍ତକାରୀ ଗବେଷଣାତ୍ମକ ନିବନ୍ଧ 'ଆଲୋକ ଓ ରଙ୍ଗର ତାତ୍ତ୍ୱିକ ପରିପ୍ରେକାଶରେ ସେ ବିଭିନ୍ନ ବ୍ୟତିକରଣ ନମୁନା ଦେଖାଇଥିଲେ। ଏପଟେ ଫରାସୀ ଗବେଷକ ଅଗଷ୍ଟିନ୍– ଜିନ୍ ଫ୍ରେଜନେଲ, ୧୫ ଅକ୍ଟୋବର ୧୮୧୫ ପାଖାପାଖି ତୀକ୍ଷ୍ଣ ଧାରଯୁକ୍ତ କଣାଦେଇ ନିର୍ଦ୍ଦିଷ୍ଟ ରଙ୍ଗର ଆଲୋକ ରଶ୍ମି ଗତି କରାଇ ଦେଖିଲେ ବିକୀର୍ଣ୍ଣନ(ଡିଫ୍ରାକ୍ସନ)ପଟ୍ଟି। ସେ ବିନ୍ଦୁଏ ମହୁ ମଧ୍ୟଦେଇ ସୌରରଶ୍ମିକୁ ଗତି କରିବାକୁ ଦେଇ ନିଜେ ତିଆରି କରିଥିବା ଯନ୍ତ୍ରାଂଶ ଦ୍ୱାରା ପରୀକ୍ଷଣ ସମ୍ପାଦିତ କରି ଏହି ଯୁଗାନ୍ତକାରୀ ଫଳାଫଳ ପାଇଥିଲେ। ୟଙ୍ଗଙ୍କ ବ୍ୟତିକରଣ ପରୀକ୍ଷଣ, ଫ୍ରେଜନେଲ୍‌ଙ୍କ ବିକୀର୍ଣ୍ଣନ ପରୀକ୍ଷଣ ଓ ନିଉଟନ୍‌ଙ୍କ ବର୍ଣ୍ଣାଳୀ ପରୀକ୍ଷଣ ଆଲୋକର ତରଙ୍ଗ ସ୍ୱରୂପ ଅନାବରଣ କରିଥିଲା।

ଡଚ୍ ଗବେଷକ ଖ୍ରୀଷ୍ଟିଆନ୍ ହଏଜେନ୍ ୧୬୭୮ରେ ଦର୍ଶାଇ ଥିଲେ କିପରି ତରଙ୍ଗ ସମ୍ମୁଖ(ୱେଭ ଫ୍ରଣ୍ଟ)ର ପ୍ରତ୍ୟେକଟି ବିନ୍ଦୁ ଦ୍ୱିତୀୟକ ତରଙ୍ଗର ଉତ୍ସ ସାଜିଥାଏ। ହଏଜେନ୍ ଆଲୋକକୁ ତରଙ୍ଗଟିଏ ବୋଲି ଦର୍ଶାଇ ଯେଉଁ ତତ୍ତ୍ୱଦେଲେ, ତାହା ହଏଜନ୍‌ଙ୍କ ଆଲୋକ ତରଙ୍ଗତତ୍ତ୍ୱ ଭାବେ ବିଦିତ।

ଫଳ ପଡ଼ିବା, ପଶୁ ଦୌଡ଼ିବା, ଗତିଶୀଳ ପଥରଠାରୁ ପୃଥିବୀ ପର୍ଯ୍ୟନ୍ତ ପଦାର୍ଥମାନଙ୍କ ଗତିର କାରଣ ଓ ପରିଣାମ ଠିକ୍‌ଭାବେ ବୁଝାଇବାରେ ସମର୍ଥ ହୋଇଥିଲେ ନିଉଟନ୍। ଏଇସବୁ ପଦାର୍ଥ ଓ ପଦାର୍ଥର କ୍ଷୁଦ୍ରାତିକ୍ଷୁଦ୍ର କଣିକାର ଗତି ନିଉଟନ୍‌ଙ୍କ ପାରମ୍ପରିକ ଗତିବିଜ୍ଞାନ(କ୍ଲାସିକାଲ୍ ମେକାନିକ୍) ଦ୍ୱାରା ଠିକ୍ ନିରୂପଣ କରାଯାଇ ପାରିଥିଲା। ହେଲେ ଆଲୋକ, ପାରମ୍ପରିକ ଅବଧାରଣାକୁ ବାରମ୍ବାର ପ୍ରଶ୍ନର ପରିସୀମା ଭିତରେ ଆଣି ଠିଆ କରିଥିଲା। ଆଲୋକ କଣିକାଟିଏ ନା ତରଙ୍ଗଟିଏ ଏ ପ୍ରଶ୍ନ ମଣିଷ ଜାତିକୁ ବର୍ଷ ବର୍ଷ ଧରି ଆନ୍ଦୋଳିତ କରିରଖିଲା, ନିଉଟନ୍, ହଏଜେନ୍‌ଙ୍କ ଦେହାବସାନ ପରେ। ନିଉଟନ୍ କହୁଥିଲେ ଆଲୋକ ମୁଖ୍ୟତଃ କଣିକା(କର୍ପସ୍କୁଲ)ଟିଏ, ହଏଜେନ୍ ମଧ୍ୟ ଦେଖାଇଲେ ଆଲୋକ କେମିତି ତରଙ୍ଗର ଗୁଣାବଳୀ ଦେଖାଉଛି ଓ କହିଲେ ଆଲୋକ ତରଙ୍ଗ ସ୍ୱରୂପରେ ରୂପାୟିତ। ହେଲେ କେବଳ ଆଲୋକ ହିଁ ସେତେବେଳେ ଜାଣିଥିଲା କ'ଣ ତା'ର ବାସ୍ତବ ସ୍ୱରୂପ। ଆଧୁନିକ ସମୟର ଅନ୍ୟତମ ଶ୍ରେଷ୍ଠତମ ବୈଜ୍ଞାନିକ ନିଉଟନ୍ ଓ ତାଙ୍କ ସମସାମୟିକ ଗବେଷକମାନେ ଆଲୋକର ସ୍ୱରୂପ ଯେ ବୁଝିପାରି ନ ଥିଲେ ଏହା ପରବର୍ତ୍ତୀ କାଳଖଣ୍ଡ ପ୍ରମାଣିତ କରିଛି। ମାକ୍ସୱେଲ୍‌ଙ୍କ ତରଙ୍ଗ ଦେଇ ପ୍ରଜ୍ଞାର ଏଇଯାତ୍ରା ଆଇନ୍‌ଷ୍ଟାଇନ୍‌ଙ୍କ କ୍ୱାଣ୍ଟା ପାଖରେ ପହଞ୍ଚିଥିଲା। ନିଉଟନ୍,ମାକ୍ସୱେଲ ଓ ଆଇନ୍‌ଷ୍ଟାଇନ୍ ଥିଲେ ତିନୋଟି ପିଢ଼ିର ପ୍ରତିନିଧି, ଯେଉଁ ପ୍ରଜ୍ଞାଦୀପ୍ତ ପିଢ଼ି ପରସ୍ପରକୁ ଅତିକ୍ରମଣ କରି ଜ୍ଞାନର ଗଙ୍ଗୋତ୍ରୀକୁ ଆଗକୁ ବାଟ କଢ଼ାଇ ନେଇଥିଲା। ଜ୍ଞାନ ହିଁ ଶକ୍ତି। ଏଇ ଯାତ୍ରାରେ ଶକ୍ତି ହିଁ ଦେଖାଇଥିଲା ଜ୍ଞାନକୁ ପଥ ଓ ବନାଇଥିଲା ତାକୁ ଐତିହାସିକ ପଥିକ।

**ପ୍ରାଧ୍ୟାପକ ଓ ଗବେଷକ**
**ମୋ: ୭୯୭୮୪୨୧୮୩୫**

## ଏଇ ଭାରତରେ

ଶ୍ରମିକମାନଙ୍କୁ ସ୍ଲିପର ଯୋଗାଉଛନ୍ତି ଉତ୍ତରପ୍ରଦେଶ ବନାରସର ଦିବ୍ୟାଂଶୁ ଉପାଧ୍ୟାୟ। କେବଳ ଏତିକି ନୁହେଁ, ସେ ମହିଳାମାନଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି। ଦିବ୍ୟାଂଶୁ ଆଇନରେ ଡିଗ୍ରୀ କରିଛନ୍ତି। ସେ ତାଙ୍କ ସାଥୀ ରବି ମିଶ୍ରଙ୍କ ସହ ମିଶି ୨୦୧୫ରେ 'ହୋପ୍ ୱେଲ୍‌ଫେୟାର ଟ୍ରଷ୍ଟ' ଗଠନ କରିଥିଲେ। ଏବେ ତା'ସାହାଯ୍ୟରେ ଏହି କାର୍ଯ୍ୟ କରୁଛନ୍ତି। ସେ ତିଆରି କରୁଥିବା ଚପଲର ଦାମ ରଖିଛନ୍ତି ୧୦୦ ଟଙ୍କା। କେବଳ ଶ୍ରମିକମାନଙ୍କୁ ଦେବା ଲାଗି ସେ ଏହା ତିଆରି କରୁଛନ୍ତି, ଅନ୍ୟମାନଙ୍କ ପାଇଁ ନୁହେଁ। ଯେଉଁମାନେ ଦାନ କରିବାକୁ ଚାହୁଁଛନ୍ତି ସେମାନେ ଦିବ୍ୟାଂଶୁଙ୍କଠାରୁ ୧୦୦ଟଙ୍କା ଦେଇ ଚପଲ କିଣିଛନ୍ତୁ। ସେହି ଟଙ୍କା ଦିବ୍ୟାଂଶୁ ଚପଲ ତିଆରିରେ ଲଗାଉଛନ୍ତି। ବଡ଼ କଥା ହେଉଛି, ଚପଲ ତିଆରି କରିବା ଲାଗି ଦିବ୍ୟାଂଶୁ 'ଗ୍ରୀନ୍ ଆର୍ମି' ଗଠନ କରିଛନ୍ତି। ଏଥିରେ ସେ କେବଳ ମହିଳାମାନଙ୍କୁ ସାମିଲ କରି ଚପଲ ତିଆରି କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଗୋଟିଏ ପଟେ ମହିଳାମାନେ ଜିବୀକା ପାଉଛନ୍ତି ଓ ଅନ୍ୟପକ୍ଷେ ଶ୍ରମିକମାନେ ମାଗଣାରେ ଚପଲ ବି ପାଇପାରୁଛନ୍ତି। ପ୍ରଥମେ ୨୫ ଜଣ ମହିଳାଙ୍କୁ ନେଇ ଗ୍ରୀନ ଆର୍ମି ଗଠନ କରାଯାଇଥିଲା। ଏବେ ଉତ୍ତରପ୍ରଦେଶର ୨୫୦ଟି ଗାଁର ୨୨୦୦ ମହିଳା ଏଥିରେ ସାମିଲ ହୋଇ ଚପଲ ତିଆରି ଓ ବିକ୍ରି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୭୫**

- ଭାରତ ସୋଭିଏତ ମୈତ୍ରୀ ଏବଂ ବିଶ୍ୱଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ୨୨ ଜଣ ଭାରତୀୟଙ୍କୁ ସୋଭିଏ ଦେଶ ନେହରୁ ପୁରସ୍କାର ପ୍ରଦାନ।
- ନାଗା ସମସ୍ୟାବଳିର ସମାଧାନ କଳ୍ପେ ମୌଳିକ ପ୍ରଶ୍ନଗୁଡ଼ିକ ସମ୍ପର୍କରେ ଏକ ଐତିହାସିକ ରାଜିନାମା ସମ୍ପନ୍ନ ହୋଇଛି।
- ସୋଭିଏତ୍ ରୁଷ୍ ଉଗାଣ୍ଡା ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବା ସହ ଲୁଆଣ୍ଡାର ବାମପନ୍ଥୀ ସରକାରକୁ ଆଙ୍ଗୋଲାର ସକାର ରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି।

## su | do | ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | | 2 | 4 | | |
| | | | | | | 5 | 8 | 9 |
| 5 | 9 | | | | | | 1 | |
| | | 4 | | | 5 | 2 | | |
| | | | | | | 9 | | 7 |
| 7 | | | 9 | | | | | |
| 2 | | 3 | | 8 | | | | |
| | | | 7 | 4 | | | | |
| | | 8 | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 9 | 2 | 4 | 3 | 7 | 5 | 6 |
| 6 | 2 | 4 | 7 | 5 | 9 | 1 | 8 | 3 |
| 5 | 3 | 7 | 8 | 1 | 6 | 4 | 2 | 9 |
| 7 | 1 | 2 | 9 | 8 | 5 | 6 | 3 | 4 |
| 9 | 5 | 3 | 6 | 7 | 4 | 8 | 1 | 2 |
| 4 | 6 | 8 | 3 | 2 | 1 | 9 | 7 | 5 |
| 3 | 7 | 5 | 4 | 6 | 8 | 2 | 9 | 1 |
| 8 | 4 | 1 | 5 | 9 | 2 | 3 | 6 | 7 |
| 2 | 9 | 6 | 1 | 3 | 7 | 5 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତର୍ଜମା ହେଉ

ମହାଶୟ,

ଗତ ଅକ୍ଟୋବର ୨୯ରେ ପ୍ରଧାନମନ୍ତ୍ରୀ ଦେଶରେ ୪୦ଟି ସ୍ଥାନରେ ଅନୁଷ୍ଠିତ ରୋଜଗାର ମେଳାରେ ୫୧,୨୩୬ ଜଣଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ ମୋଟ ୫୧,୨୩୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନକଲେ। ଠିକ୍ ସେହିଦିନ ଓଡ଼ିଶାର ରାଜଧାନୀରେ ଏକମାତ୍ର ନିଯୁକ୍ତିମେଳା ଅନୁଷ୍ଠିତ ହୋଇଥିଲା। ସେଠାରେ ମାତ୍ର ୩୩୦ ଜଣଙ୍କୁ ନିଯୁକ୍ତିପତ୍ର ମିଳିଲା। ଓଡ଼ିଶାର ଜନସଂଖ୍ୟା ଦେଶର ଜନସଂଖ୍ୟାର ୩.୪୭% ଓ କ୍ଷେତ୍ରଫଳ ୪.୮୭ % ପ୍ରତିଶତ। ଲୋକସଂଖ୍ୟା ଅନୁପାତରେ ଓଡ଼ିଶାରେ ପାଖାପାଖି ୧୭୦୦ ନିଯୁକ୍ତିପତ୍ର ବଣ୍ଟନ ହେବା କଥା। ମାତ୍ର ଦେଖାଗଲା ଲୋକସଂଖ୍ୟାର ୩.୪୭% ସ୍ଥାନରେ ମାତ୍ର ୦.୬% ଲୋକଙ୍କ ନିଯୁକ୍ତିପତ୍ର କାହିଁକି ବଣ୍ଟନ ହେଲା ଏହା ରାଜ୍ୟବାସୀ ଜାଣିବା ଦରକାର। ଏଣୁ ଏହାର ପ୍ରକୃତ କାରଣ ସମ୍ପର୍କରେ ରାଜ୍ୟ ସରକାର ତର୍ଜମା କରିବା ଆବଶ୍ୟକ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଝିଙ୍କାରୀ ଗୁଞ୍ଜନ ବୀଣା
ବନପଥେ ରଟେ,
ତୃଷିତ କାତର ଶ୍ୱାନ
ଶୁଏ ଜଳତଟେ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ସୋମନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୬ ଲକ୍ଷ କୋଟି

**ମୁମ୍ବାଇ,୧୨।୧୧**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ଷ୍ଟକ୍ ବଜାର କାରବାର ଉପରେ ପଡ଼ିଛି। ଫଳରେ ମଙ୍ଗଳବାର ଘରୋଇ ଶେୟାର ବଜାରର କାରବାର ଶେଷ ସୁଦ୍ଧା ନିବେଶକ ବଡ଼ ଧରଣର କ୍ଷତି ସହିଛନ୍ତି। ଏପରିକି ନିବେଶକ ଦିନକରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ସୋମବାର ପୁଞ୍ଜିବଜାରର ବଜାର ପୁଞ୍ଜି ପ୍ରାୟ ୪୪୮ ଲକ୍ଷ କୋଟି ଥିଲା। ଅପରପକ୍ଷରେ ମଙ୍ଗଳବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ



ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ବଜାର କାରବାର ଶେଷ ସୁଦ୍ଧା ନିବେଶକ ପ୍ରାୟ ୬ (୫.୭୬) ଲକ୍ଷ କୋଟି ଟଙ୍କାର ନିବେଶ ହରାଇବାରୁ ପୁଞ୍ଜି ବଜାରର ବଜାର ପୁଞ୍ଜି ପ୍ରାୟ ୪୪୨ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ୩୦ ଶେୟାର ବିଏସ୍ଇ ସେନ୍ସେକ୍ସ ୮୨୧ ପଏଣ୍ଟ କମି ୭୮,୬୭୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ପ୍ରାୟ ୨୬୦ ପଏଣ୍ଟ ହ୍ରାସ ଘଟି ୨୩,୮୮୩ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ବିଏସ୍ଇ ମିଡ୍‌କ୍ୟାପ୍‌ର କାରବାର ୧.୩୧% ହ୍ରାସ ଘଟିଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୧.୬୫% କମିଥିଲା। ନିଫ୍ଟି ମିଡ୍‌କ୍ୟାପ୍‌ର କାରବାର ୫୧୬.୨୫ ପଏଣ୍ଟ କମି ୫୫,୨୫୭.୫୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୧.୫୪% ହ୍ରାସ ଘଟି ୮୬୭୪.୮୫ ଅଙ୍କରେ ଶେଷ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୩୧% କମି ୫୧,୧୫୭.୮୦ ଅଙ୍କରେ କାରବାର ବନ୍ଦ କରିଥିଲା। ସେକ୍ଟରାଲ କ୍ଷେତ୍ରରେ ତୈଳ ଏବଂ ଗ୍ୟାସ୍, ଘରୋଇ ବ୍ୟାଙ୍କ, ଅଟୋ, ସିମେଣ୍ଟ, ଏଫ୍ଏମ୍‌ସିଜି, ହେଲ୍‌ଥ କେୟାର ଓ ଫାର୍ମା ଭଳି ନିବେଶକ ସଂସ୍ଥାର ନିବେଶ ପ୍ରାୟ ୧ରୁ୨% ହ୍ରାସ ଘଟିଛି।

## ଶେୟାର ବଜାର କାରବାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ପ୍ରାୟ ୮୨୦.୯୭ ପଏଣ୍ଟ କମି ୭୮,୬୭୫.୧୮ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୭.୮୫ ପଏଣ୍ଟ ହ୍ରାସ ଘଟି ୨୩,୮୮୩.୪୫ ଅଙ୍କରେ କାରବାର ଶେଷ ହୋଇଥିଲା।

# କମ୍‌ଭିଭା ସହ ଏଡବ୍ଲ୍ୟୁଏସ୍‌ର ବୁଝାମଣା

**ନୂଆଦିଲ୍ଲୀ,୧୨।୧୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା କମ୍‌ଭିଭା ଏବଂ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏ ସମ୍ପର୍କରେ କମ୍‌ଭିଭାର ସିଇଓ ରାଜେଶ ଚାନ୍ଦିରାମନି କହିଛନ୍ତି, କ୍ଲାଉଡ୍ ସମାଧାନଗୁଡିକ ଟେଲିକମ୍ ଅପରେଟରଙ୍କୁ ନୂଆ ରଣନୀତି ଓ ବିଜ୍‌ନେସ୍ ମଡେଲଗୁଡିକୁ ଆପଣାଇବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଛି, ଯାହା ସେମାନଙ୍କୁ ବ୍ୟବସାୟ ମୂଲ୍ୟ ପ୍ରଦାନ କରିବା ପାଇଁ ସର୍ବୋତ୍ତମ ମାର୍ଗ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିପାରିବ।

ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଓ ସାଉଥ୍ ଏସିଆର ବିଜ୍‌ନେସ୍ ଡେଭ୍‌ଲପମେଣ୍ଟ ବିଭାଗର ମୁଖ୍ୟ ଭି.ଜି.ସୁନ୍ଦର ରାମ କହିଛନ୍ତି, କମ୍‌ଭିଭା ବାସ୍ତବରେ ଏକ ସାସ୍ ସଂସ୍ଥାରେ ପରିଣତ ହେବା ପାଇଁ ନିଜର ଯାତ୍ରା ଆରମ୍ଭ କରିଥିବାରୁ ଏଡବ୍ଲ୍ୟୁଏସ୍ ଏହାର ପସନ୍ଦର କ୍ଲାଉଡ୍ ଭାବେ କମ୍ପାନୀ ସହ ସହଭାଗିତା କରିବା ପାଇଁ ଉତ୍ସାହିତ ରହିଛି। ଏହି ସହଭାଗିତା ବିସ୍ତୃତ, ସୁରକ୍ଷିତ ଓ ଅଭିନବ ଟେକ୍ନୋଲୋଜି ସମାଧାନ ପ୍ରଦାନକରି ସଂସ୍ଥାଗୁଡିକୁ ସେମାନଙ୍କର ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତା ସହ ଜଡିତ ରହିଛି।

# ଆଇଟିସିର ନୂତନ ଅଭିଯାନ

**ନୂଆଦିଲ୍ଲୀ,୧୨।୧୧**

ଆଇଟିସିର ନୂତନ ଅଭିଯାନ 'ଫିଲ୍ ଗୁଡ୍ ୱିଥ୍ ଫିଆମା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଦ ମାଇଣ୍ଡ୍‌ସ ଫାଉଣ୍ଡେଶନ ସହଭାଗିତାରେ ଆଇଟିସି ଫିଆମା ଯୋଗ୍ୟ ବିଶେଷଜ୍ଞଙ୍କ ସହ ସବ୍‌ସିଡିଯୁକ୍ତ ଭର୍ଚୁଆଲ୍ ଥେରାପି ପ୍ରଦାନ ସହିତ ଥେରାପିକୁ ପ୍ରତି ବ୍ୟକ୍ତି ପିଛା କେବଳ ୩୦୦ ଟଙ୍କାରେ ଅଧିକ ପହଞ୍ଚଯୋଗ୍ୟ ଓ ସୁଲଭ କରିଛି। ଭାରତରେ ୮୧% ଲୋକ ଥେରାପି ନେବା ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇବାକୁ ଲଜ୍ଜିତ ଅନୁଭବ କରୁଛନ୍ତି। ତେବେ ଆଜିର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଯୁଗରେ ଏତେ ସଂଖ୍ୟକ ଲୋକ ଥେରାପି ଗ୍ରହଣ କରିବାକୁ କୁଣ୍ଠାବୋଧ ପ୍ରକାଶ କରିବା ଚିନ୍ତାର ବିଷୟ ପାଲଟିଛି। ଏହି ପ୍ରସଙ୍ଗରେ ଆଇଟିସିର 'ଫିଲ୍ ଗୁଡ୍ ୱିଥ୍ ଫିଆମା ମେଣ୍ଟାଲ ୱେଲ୍‌ବିଙ୍ଗ୍ ସର୍ଭେ-୨୦୨୪'ରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଣାପଡ଼ିଛି। ଏ ସମ୍ପର୍କରେ ଆଇଟିସି ଲିମିଟେଡ୍‌ର ପର୍ସନାଲ କେୟାର ପ୍ରଡକ୍ଟସ ବିଜ୍‌ନେସ୍‌ର ବିଭାଗୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ଶତପଥୀ କହିଛନ୍ତି, ଫିଲ୍ ଗୁଡ୍ ୱିଥ୍ ଫିଆମା ଅଭିଯାନ ଗଭୀର ଭାବେ ଆମର ବ୍ରାଣ୍ଡ୍ ଉଦ୍ଦେଶ୍ୟର ପ୍ରତିଧ୍ୱନିତ୍ୱ କରୁଛି। ଏପରିକି ଚଳିତ ବର୍ଷର ସର୍ଭେ ଥେରାପିରେ ଅଧିକ ଖର୍ଚ୍ଚ, ଅପବାଦ ଓ ଠିକ୍ ଥେରାପିଷ୍ଟଙ୍କୁ ସନ୍ଧାନ କରିବାର ଜଟିଳତା ଭଳି ପ୍ରତିବନ୍ଧକଗୁଡ଼ିକୁ ଉନ୍ମୋଚନ କରିଛି।

# ହୋଣ୍ଡା ଆମେଜ୍‌ର ପ୍ରତିକୃତି ଅନାବରଣ

**ନୂଆଦିଲ୍ଲୀ,୧୨।୧୧(ଅଭୟ ଦାଶ)**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଆମେଜର ଉଭୟ ବାହ୍ୟ ଓ ଅନ୍ତଃ ଭାଗର ପ୍ରତିକୃତି (ଏକ୍ସଟେରିଅର ଆଣ୍ଡ ଇଣ୍ଟେରିଅର ସ୍କେଚ୍)କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ଏପରିକି ହୋଣ୍ଡାର ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ଆମେଜ୍ (୩ୟ ପିଢ଼ିର ଯାନ ଆମେଜ୍)କୁ ଆକର୍ଷଣୀୟ ଭାବେ ଡିଜାଇନ ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ଫିଚରକୁ ଉକ୍ତ ମଡେଲରେ ସାମିଲ କରାଇଛି। ସେହିଭଳି ଅଟୋଶିଳ୍ପରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ବ୍ରାଣ୍ଡ୍ ଉଭୟ ଟେକ୍ନୋଲୋଜି ଓ ଡିଜାଇନକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଏପରିକି ଏହି ନୂତନ ମଡେଲ ବ୍ରାଣ୍ଡର ସେଡାନ୍ ମଡେଲ ଭଳି




ଦେଖାଦେଉଥିବାବେଳେ ଉଭୟ ସାଇଜ ଓ ପରିଦୃଶ୍ୟ ଏକ ଉଚ୍ଚାଭିଳାଷୀ କାର୍ ଭଳି ଅନୁଭବ କରାଉଛି। ସେହିପରି ଅଲ୍ ନ୍ୟୁ ଆମେଜ୍‌ର ଶକ୍ତି, କ୍ଷମତା ଓ ଡିଜାଇନ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟକରିବ ବୋଲି ଆଶା କରାଯାଉଛି। ଏପରିକି ଏହି ମଡେଲକୁ ଥାଇଲାଣ୍ଡସ୍ଥିତ ହୋଣ୍ଡାର ଆର୍ ଆଣ୍ଡ ଡି ଏସିଆ ପ୍ୟାସିଫିକ୍ ସେଣ୍ଟର ପକ୍ଷରୁ ଡିଜାଇନ କରାଯାଉଥିବାବେଳେ ଭାରତୀୟ ରାସ୍ତା ଓ ବଜାରର ଆବଶ୍ୟକତାକୁ ଭଲ ଭାବେ ନିରୀକ୍ଷଣ କଲା ପରେ ବ୍ରାଣ୍ଡ୍ ଏହାକୁ ଡିଜାଇନ ସହ ନିର୍ମାଣ କରୁଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।







# Classified Everyday

0674-2580101, 2549949



MATRIMONIAL

## BRIDE WANTED

"Brahmin groom working at Indore in an Automobile Company seeking fair, Educated and working bride from any higher caste. Early marriage preferred. Phone- 9437560347". D-1861

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926, 9439189200. D-1865

Wanted Fair Educated Bride for Baishya Karan Boy 31/6'0" of Puri District Amazon Software Professional in USA. Contact: 7992753867. D-1898

## GROOM WANTED

Beautiful Brahmin Girl 1992, 5'3", MBBS MD. (Paediatrics) DM (Neorology) Serving Bhubaneswar- SUNASANSAR. 9937512659, 8249969649. D-76210



REAL ESTATE

## SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Triplex in gated society, 3000sqft. Carpet area at Bomikhal for resale. Call- 8917520527. D-1932

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1931

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1929




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

Newly open Jyoti SPA positively health benefits (Expert therapist). 8458067955. D-76166

Newly open health benefits SPA special offer @ 799 Bapujinagar. 8018429809. D-76168

## AFFIDAVIT

I, Sangeeta Dandia, W/o- Sri Ratnakar Dandia, C-Block, B-202, Shree Jagannath Plaza, Press Square, Gajapati Nagar, Bhubaneswar, Dist.- Khorda, State-Odisha, Pin- 751013 declared by this affidavit No.-12, dt 21.10.24 that now onwards I shall be known as Sangeeta Dandia for all future purposes. D-1939

By virtue of an affidavit sworn before **Notary Public, Bhubaneswar** on date 06th November, 2024, I, Lipsa Mohanty, Address Plot No.- 1098, Satyabhama Building, Nayapalli, Bhubneswar, Odisha, PIN-751012, India, declare that I have changed my daughter's name from **Kavya Krishnatmika Nayak to Krishnaatmika Nayak.** Henceforth, she shall be known as **KRISHNAATMIKA NAYAK** for all purposes.
Lipsa Mohanty
D-1940

By virtue of an affidavit executed before the Executive Magistrate, Bhubaneswar, **I SMT. SOUMYA PANDA @ MOHAPATRA** aged about 54 years, D/o- Late Dhaneswar Panda and W/o Sri Sudeep Mohapatra, Permanent Address At: House No.-MIG-46, Kapilaprasad Phase-II, H.B.Colony, P.O.- Old Town, P.S.- Airfield, Bhubaneswar, Dist.- Khordha, (Odisha) Pin Code- 751002, At present At- Unit-III, Kharvela Nagar, P.O.- Bhubaneswar, P.S.- Kharvela Nagar, Bhubaneswar, Dist.- Khordha, (Odisha) Pin Code- 751001, declare that before marriage I was Known as Soumya Panda after marriage to Sudeep Mohapatra I am Known as Smt. Soumya Mohapatra @ Panda as per my husband's title. Smt. Soumya Mohapatra @ Panda and Soumya Panda is one and same person. Henceforth, I shall be known as Smt. Soumya Mohapatra @ Panda for all purpose.
Soumya Mohapatra@ Panda
Deponent
D-1938

I, ABHISEKHA KUMAR BAL, S/o- BIRENDRA KUMAR BAL, resident of ward No.-16 Haldharbindha, Post- Dolsahi, Dist.-Bhadrak, Pin-756127, Odisha declare by this affidavit No.- 1143. Dtd.6.11.2014 that now onwards I shall be known as ABHISHEK BAL for all future purposes. D-1942

By virtue of an affidavit sworn before Notary Public, dated 11.11.2024, I, **SMT. PRATIMA MOHANTY,** W/o- Late Nrusingh Charan Mohanty, resident of Flat No.- 313, Third Floor, Jagannath Avenue, Canal Road, Jharpada, P.O.- Budheswari, P.S.- Laxmisagar, Bhubaneswar, District.- Khordha, Odisha, PIN- 751006 declare that I have changed my name from Pratima Kumari Mohanty to **PRATIMA MOHANTY.** Henceforth, I shall be known as **PRATIMA MOHANTY** for all purposes.
**PRATIMA MOHANTY**
D-1930

I, Diptimayee Sahu (old name), W/o- Ditikrishna Bhoi, resident at Vill/P.O.- Kandhakelgaon, P.S.- Saintala, Dist.- Balangir, PIN- 767029, Odisha have declared that I have change my name from Diptimayee Sahu (old name) to Diptimayee Bhoi (new name) vide affidavit (Sl No.- 1019 of Notary Public, Titilagarh on 01.11.24. My Aadhaar Card No.- xxxx xxxx 9627. D- 1937

## ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଆଶା ପଟ୍ଟନାୟକ**

ଦାଣ୍ଡିମାଳ ସାହି, ବଡ଼ଦାଣ୍ଡ, ପୁରୀ

ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ

ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା । ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି । ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୯୩୩

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି (ଏକାଦଶୀ)



**୰ଭୁବନେଶ୍ୱର ହୋତା**
ଶିକ୍ଷକ

କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ ସେଥିପାଇଁ ଲୁହଝରେ ସବୁରି ଆଖିରେ ।

ଶୋକସନ୍ତପ୍ତ- ପୁଅ: ଗଦାଧର, ବିଦ୍ୟାଧର, ବାପିନା, ଝିଅ: କୁନି, ନାତି: ଅଶୋକ, ପୂଜା, ରାଜା, ବୁବୁଲ୍, ସୋମି, ଭାଇ: ରବିନାରାୟଣ, ବନ୍ଧୁ ପରିବାରବର୍ଗ ।

ଧ-୭୫୬୧୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ କୈଳାଶ ଚନ୍ଦ୍ର ନାୟକ**

ବକ୍ସି, କାଏମା ଧର୍ମଶାଳା, ଯାଜପୁର

ଆବିର୍ଭାବ: ୨୫।୦୬।୧୯୫୮
ତିରୋଧାନ: ୦୩।୧୧।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ନାୟକ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୧୯୩୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସୁନୀତା ସ୍ୱାଇଁ

ଆବିର୍ଭାବ- 20.06.1965
ତିରୋଧାନ- 24.11.2023 (କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ)

ସମୟ ଚକ୍ରରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥୀର ଅନୁପସ୍ଥିତି ସଦା ଅନୁଭୂତ ଏବଂ ଅପୂରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର: ଦେବରାଜ ସ୍ୱାଇଁ (ସ୍ୱାମୀ), ଶୁଭ୍ରାଂଶୁ (ଜ୍ୟେଷ୍ଠ ପୁତ୍ର), ପୁନମ୍ (ପୁତ୍ରୀ), ସମ୍ବିତ୍ (କନିଷ୍ଠ ପୁତ୍ର), ସୀତାଂଶୁ (ଜାମାତା), ଆକଂକ୍ଷିକା (ଜ୍ୟେଷ୍ଠ ପୁତ୍ରବଧୂ), ସୌମ୍ୟା (କନିଷ୍ଠ ପୁତ୍ରବଧୂ), ସ୍ୱୟଂସିଦ୍ଧି ଓ ସୁଦୀକ୍ଷା (ନାତୁଣୀ ଦ୍ୱୟ) ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର, ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଗେଣ୍ଡୁଫୁଲ ଲଗାଉଥିଲେ...

**ବ**ର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ । ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ଲଙ୍କା ଫସଲରେ ଉକୁଣିଆ ପୋକ ଦମନ

**ଲ**ଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଲୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛମୂଳକୁ ଭିଜାନ୍ତୁ।



# ସୂର୍ଯ୍ୟମୁଖୀ ଫସଲରେ ରୋଗପୋକ ନିୟନ୍ତ୍ରଣ

**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଲୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ। ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



# ମାଛଚାଷରେ ଚୂନ ପ୍ରୟୋଗ

**ମା**ଛଚାଷ ପୋଖରୀରେ ଚୂନର ବହୁ ଆବଶ୍ୟକତା ରହିଛି। ଚୂନ ପ୍ରୟୋଗ ଫଳରେ ମାଛ ଚାଷ କରୁଥିବା ପୋଖରୀରେ ଅନେକ ଉପକାର ମିଳିଥାଏ । ସେ ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି।



➤ଚୂନ ମାଟି ଓ ପାଣିକୁ କ୍ଷାରୀୟ କରେ। ମାଛ ଏବଂ ଚିଙ୍ଗୁଡ଼ି ଚାଷ ପାଇଁ କ୍ଷାରୀୟ ପାଣି (୭.୫-୮.୫) ପି.ଏଚ୍. ଆବଶ୍ୟକ।

➤ଚୂନ ପୋଖରୀର ନିମ୍ନ ଅଂଶ ପାଣିକୁ ବିଶୋଧିତକରି ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରେ।

➤ଚୂନ ପ୍ରୟୋଗ ଫଳରେ ମାଟିରେ ଥିବା ଫସ୍‌ଫେଟ୍ ଲବଣ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆସିଥାଏ।

➤ମାଟିରେ ଥିବା କେତେକ ଧରଣର ଜୀବାଣୁ ଜବକ୍ଷାରଜାତୀୟ ପଦାର୍ଥର ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତନ ଘଟାଇ ଏହାକୁ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆଣିଥାଆନ୍ତି। ଏହି ଦରକାରୀ ଜୀବାଣୁଗୁଡ଼ିକର ଅବସ୍ଥିତି ଓ ଅଭିବୃଦ୍ଧି ପାଇଁ କ୍ଷାରଯୁକ୍ତ ମାଧ୍ୟମ ଦରକାର ଏବଂ ଚୂନ ପ୍ରୟୋଗ ଦ୍ୱାରା ଏହା ସମ୍ଭବ ହୋଇଥାଏ।

➤ଚୂନ ଜୈବିକ ସାରର ପଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ।

➤ଚୂନ ମାଛ ଏବଂ ଚିଙ୍ଗୁଡ଼ିର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସଙ୍ଗେ ସଙ୍ଗେ କେତେକ ରୋଗର ପ୍ରତିରୋଧକ ରୂପେ ମଧ୍ୟ କାର୍ଯ୍ୟକରେ।

➤ଚୂନର କ୍ୟାଲ୍‌ସିୟମ ମାଛର କାତି ଓ ଅସ୍ଥି, ଚିଙ୍ଗୁଡ଼ିର ଖୋଳ ଗଠନ କରିଥାଏ। ଅନ୍ୟ ଅର୍ଥରେ ଚିଙ୍ଗୁଡ଼ିର ବୃଦ୍ଧି ପାଇଁ ଏହା ଅତ୍ୟନ୍ତ ସହାୟକ।

➤ଚୂନ ପାଣିର ଗୋଳିମଇଳା କାଟିଦେଇ ପାଣିକୁ ସ୍ୱଚ୍ଛ ରଖେ। ଏହାଫଳରେ ସୂର୍ଯ୍ୟକିରଣ ପାଣିର ନିମ୍ନଭାଗ ପର୍ଯ୍ୟନ୍ତ ପହଞ୍ଚି ପୋଖରୀରେ ପ୍ରାକୃତିକ ଖାଦ୍ୟ ଉତ୍ପାଦନରେ ସହାୟକ ହୁଏ।

"ମାଟିରେ ଥିବା କେତେକ ଧରଣର ଜୀବାଣୁ ଜବକ୍ଷାରଜାତୀୟ ପଦାର୍ଥର ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତନ ଘଟାଇ ଏହାକୁ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆଣିଥାଆନ୍ତି। ଏହି ଦରକାରୀ ଜୀବାଣୁଗୁଡ଼ିକର ଅବସ୍ଥିତି ଓ ଅଭିବୃଦ୍ଧି ପାଇଁ କ୍ଷାରଯୁକ୍ତ ମାଧ୍ୟମ ଦରକାର ଏବଂ ଚୂନ ପ୍ରୟୋଗ ଦ୍ୱାରା ଏହା ସମ୍ଭବ ହୋଇଥାଏ। ଚୂନ ଜୈବିକ ସାରର ପଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଚୂନ ମାଛ ଏବଂ ଚିଙ୍ଗୁଡ଼ିର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସଙ୍ଗେ ସଙ୍ଗେ କେତେକ ରୋଗର ପ୍ରତିରୋଧକ ରୂପେ ମଧ କାର୍ଯ୍ୟକରେ। ଚୂନର କ୍ୟାଲ୍‌ସିୟମ ମାଛର କାତି ଓ ଅସ୍ଥି, ଚିଙ୍ଗୁଡ଼ିର ଖୋଳକୁ ଗଠନ କରିଥାଏ। ଅନ୍ୟ ଅର୍ଥରେ ଚିଙ୍ଗୁଡ଼ିର ବୃଦ୍ଧି ପାଇଁ ଏହା ଅତ୍ୟନ୍ତ ସହାୟକ। ଚୂନ ପାଣିର ଗୋଳିମଇଳା କାଟିଦେଇ ପାଣିକୁ ସ୍ୱଚ୍ଛ ରଖେ। ଏହାଫଳରେ ସୂର୍ଯ୍ୟକିରଣ ପାଣିର ନିମ୍ନଭାଗ ପର୍ଯ୍ୟନ୍ତ ପହଞ୍ଚି ପୋଖରୀରେ ପ୍ରାକୃତିକ ଖାଦ୍ୟ ଉତ୍ପାଦନରେ ସହାୟକ ହୁଏ।"

➤ସାଧାରଣତଃ ପାଣିର ପି.ଏଚ୍. ଅନୁସାରେ ଚୂନ ପ୍ରୟୋଗ କରାଯାଏ। ଯେପରି ପି.ଏଚ. ସୀମା ୪.୦-୫.୦ ମଧ୍ୟରେ ରହିଲେ ଏହି ପାଣିକୁ ଅତି ଅମ୍ଳଯୁକ୍ତ କୁହାଯାଏ ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ୮୦୦ କି.ଗ୍ରା. ଚୂପ ପାଣିରେ ପ୍ରୟୋଗ କରିବା ଜରୁରୀ।

➤ସେହିପରି ପାଣିର ପି.ଏଚ୍. ୫.୦-୬.୦ ମଧ୍ୟରେ ଥିଲେ ଏହାକୁ ମଧ୍ୟମ ଅମ୍ଳଯୁକ୍ତ କୁହାଯାଏ। ଏଥିପାଇଁ ଏକର ପିଛା ୪୦୦ କି.ଗ୍ରା. ଚୂନ ପ୍ରୟୋଗ ପାଇଁ ପରାମର୍ଶ ଦିଆଯାଏ।

➤ପୋଖରୀ ପାଣିରେ ୬.୦-୭.୦ ପି.ଏଚ୍. ମଧ୍ୟରେ ରହିଲେ, ଏହାକୁ ସାମାନ୍ୟ କ୍ଷାରୀୟ କୁହାଯାଏ ଏବଂ ଏକର ପିଛା ୧୦୦ କି.ଗ୍ରା. ଚୂନର ଆବଶ୍ୟକ ପଡ଼ିଥାଏ।

➤ବଜାରରେ ପ୍ରାୟତଃ ୪ ପ୍ରକାର ଚୂନ ମିଳେ,ଯେମିତି କଲି ଚୂନ, ଶିପ ଚୂନ ଏବଂ ପଥର ଚୂନ। ଏଗୁଡିକୁ ମାଛ ପୋଖରୀ ପାଇଁ ବ୍ୟବହାର କରିପାରିବେ।

➤ତେବେ ପୋଖରୀରେ ପାଣି ପୂରାଇବା ପୂର୍ବରୁ ବା ପୋଖରୀ ଶୁଖିଲା ଥିଲା ବେଳେ କଲି ଚୂନ ଏବଂ ପୋଖରୀରେ ପାଣି ଥିଲା ବେଳେ ପଥର ଚୂନ ପ୍ରୟୋଗକଲେ ଅଧିକ ସୁଫଳ ମିଳେ।

➤ମାଛଚାଷରେ ପ୍ରଥମେ ଅର୍ଥାତ୍ ଖତସାର ପ୍ରୟୋଗ ପୂର୍ବରୁ ଚୂନ ପ୍ରୟୋଗ କରାଯାଏ।

➤ଏହାବ୍ୟତୀତ ଆବଶ୍ୟକ ଅନୁଯାୟୀ ମାଛଚାଷ ମଝିରେ ମଧ୍ୟ ଚୂନ ପ୍ରୟୋଗ କରିପାରିବେ।

➤ଚୂନକୁ ସାଧାରଣତଃ ରାନ୍ଧିଲେ ଚୂନ ଆପେ ଆପେ ଫୁଟିଥାଏ । ଏହାକୁ ରାନ୍ଧିବା ପାଇଁ ଥଣ୍ଡା ପାଣି ବ୍ୟବହାର କରନ୍ତୁ।

➤ଥଣ୍ଡା ହେବା ପରେ ଚୂନକୁ ପାଣି ସହ ଭଲ ଭାବରେ ମିଶାଇ ଦିଅନ୍ତୁ।

➤ଚୂନ ପ୍ରୟୋଗର ୫-୭ ଦିନ ପରେ ଖତ ଓ ସାର ପ୍ରୟୋଗ କରିବାକୁ ହୁଏ।

**ମାଛଚାଷ ସମୟରେ...**

ମାଛଚାଷ କରିବା ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ପ୍ରଥମ କଥା ହେଲା, ଶୀତଦିନେ ମାଛମାନଙ୍କୁ କେତେକ ରୋଗ ହୋଇଥାଏ। ଏଥିରୁ ସେମାନେ କିପରି ରକ୍ଷାପାଇବେ ତାହାର ଏକ ସରଳ ଉପାୟ ରହିଛି। ଶୀତ ଆରମ୍ଭ ହେବା ପୂର୍ବରୁ ମାଛଚାଷ କରୁଥିବା ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ପକାନ୍ତୁ। ଏହି ମିଶ୍ରଣକୁ ୧ ମାସ ବ୍ୟବଧାନରେ ୨ ଥର ପକାନ୍ତୁ। ପକ୍ଷ ଓ ଲାଞ୍ଜ ପଚା ରୋଗର ପ୍ରତିକାର ପାଇଁ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ଦିଅନ୍ତୁ। ସେହି ମିଶ୍ରଣରେ ମାଛମାନଙ୍କୁ ୨ ମିନିଟ୍ ରଖନ୍ତୁ। ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ ଦିନ କରିବେ। ପଚା ଘାଦ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ । ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ୧ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

**-ଦିଲୀପ କୁମାର ସାହୁ (ଅଧ୍ୟାପକ),**
**ଡ. ମାନସ ରଞ୍ଜନ ପଟ୍ଟନାୟକ, ଅଧକ୍ଷ**
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

## ଚାଷୀଙ୍କ ପାଇଁ..

**କ**ଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ।



# ଗହମ ଚାଷ ପାଇଁ ଜମି ପ୍ରସ୍ତୁତି

**ଗ**ହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା - ସୋନାଲିକା, ପି.ବି.ଡବ୍ଲ୍ୟୁ.-୩୪୩, ପି.ବି.ଡବ୍ଲ୍ୟୁ.-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ। କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ ।

# ତଳି ପଟାଳିର ଯତ୍ନ ନେଉଥିଲେ...

**ପ**ନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଦ୍ୱାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ। ଟାଣଖରା ଓ ବର୍ଷା ଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ। ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।



# ମଧ୍ୟମ କିସମ ଧାନ କାଟିବା ସମୟରେ...



**ମ**ଧ୍ୟମ କିସମ ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି କାଢ଼ିଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧି ରଖନ୍ତୁ । ଧାନ କ୍ଷୀର ଢୋକିଲା ବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨-୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗକଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣକରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 13/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 348 ମୂଲ୍ୟ ₹୭/-




# ଉଗ୍ରପନ୍ଥୀ ନାଁରେ ୧୦ ସ୍ୱେଚ୍ଛାସେବୀଙ୍କୁ ହତ୍ୟା

**ଇମ୍ଫାଲ,୧୨।୧୧**

ମଣିପୁରର ଜିରିବାମ୍ ଜିଲାରେ ସୋମବାର ଅପରାହ୍ଣରେ ସିଆର୍‌ପିଏଫ୍ ଯବାନଙ୍କ ଗୁଳିରେ ପ୍ରାଣ ହରାଇଥିବା ୧୦ ଜଣ କୁକି ଉଗ୍ରପନ୍ଥୀ ବୋଲି ଦର୍ଶାଯାଇଥିଲା। ତେବେ ସେମାନେ ଉଗ୍ରପନ୍ଥୀ ନ ଥିଲେ, ବରଂ ଗ୍ରାମ ସ୍ୱେଚ୍ଛାସେବୀ ବୋଲି କୁକି-ଜୋ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଯବାନମାନେ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରି ହତ୍ୟା କରିଥିବା ସ୍ଥାନୀୟ ଆଦିବାସୀ ନେତାମାନଙ୍କ ଫୋରମ୍ (ଆଇଟିଏଲ୍‌ଏଫ୍) କହିଛି। ସୋମବାର ୧୦ ଜଣଙ୍କ ମୃତଦେହ ମିଳିଥିବାବେଳେ ମଙ୍ଗଳବାର ସକାଳେ ୨ ଜଣ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଇଛି। ସେଠାରେ ଥିବା କେତେକ ଦୋକାନକୁ ସୋମବାର ଉଗ୍ରପନ୍ଥୀମାନେ ନିଆଁ ଲଗାଇଦେଇଥିବା ପୋଲିସ କହିଥିଲା। ଗୁଳିକାଣ୍ଡ ବେଳେ ଏକ ରିଲିଫ୍ କ୍ୟାମ୍ପରୁ ପଳାଇଯାଇଥିବା ୬ ଜଣଙ୍କ ପତ୍ତା ମିଳୁନାହିଁ।

ସୂଚନାଯୋଗ୍ୟ, ମଣିପୁରରେ ଦୀର୍ଘଦିନ ହେଲା ହିଂସା ଜାରି ରହିଥିବାବେଳେ ଗୋଟିଏ ଗୁଳି ବିନିମୟ ଘଟଣାରେ କେବେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟି ନ ଥିଲା। ତେଣୁ ସିଆର୍‌ପିଏଫ୍ ଏବଂ ମେଇତି ବାହିନୀ ସାଧାରଣ ଲୋକଙ୍କ ଉପରେ ଅତର୍କିତ ଆକ୍ରମଣ କରି ଗ୍ରାମ ସ୍ୱେଚ୍ଛାସେବୀମାନଙ୍କୁ ହତ୍ୟା କରିଛନ୍ତି ବୋଲି ଆଇଟିଏଲ୍‌ଏଫ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରଥମେ ସିଆର୍‌ପିଏଫ୍ କ୍ୟାମ୍ପ୍ ଉପରେ ଉଗ୍ରପନ୍ଥୀମାନେ ଆକ୍ରମଣ କରିବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ ବୋଲି ସରକାରୀ ଭାବେ କୁହାଯାଇଥିଲା। ଯଦି ସ୍ୱେଚ୍ଛାସେବୀମାନେ ଅସ୍ତ୍ରଶସ୍ତ୍ର ସହ ସୁରକ୍ଷା ☞ପୃଷ୍ଠା–୪



# କାର୍ ମଡ଼ାଇଦେବାରୁ ୩୫ ମୃତ, ୪୩ ଆହତ

**ବେଜିଂ,୧୨।୧୧**

ଦକ୍ଷିଣ ଚାଇନାର ଝୁହାଇ ସହରରେ ଥିବା ସ୍ପୋର୍ଟ୍ସସେଣ୍ଟର ବାହାରେ ଜଣେ ବ୍ୟକ୍ତି କାର୍ ମଡ଼ାଇଦେବାରୁ ୩୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଝୁହାଇର ଶାଙ୍ଗ୍ ଚୋଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଚାଇନା ପିପୁଲ୍‌ସ ଲିବରେଶନ ଆର୍ମି (ପିଏଲ୍‌ଏ) ମଙ୍ଗଳବାର ଝୁହାଇ ଏୟାର ଶୋ' ଆୟୋଜନ କରିବାର ଦିନକ ପୂର୍ବରୁ ସୋମବାର ରାତିରେ ଏହି ଘଟଣା ଘଟିଛି। ସ୍ପୋର୍ଟ୍ସ ସେଣ୍ଟରରେ ଲୋକେ ବ୍ୟାୟାମ କରୁଥିବାବେଳେ ବାହାରେ ଅନେକେ ରୁଣ୍ଡ ହୋଇଥିଲେ। ସେମାନଙ୍କ ଉପରକୁ କାର୍ ମାଡ଼ିଯାଇଥିଲା। ରାସ୍ତା ଉପରେ ମୃତଦେହଗୁଡ଼ିକ ପଡ଼ିରହିଥିବାବେଳେ ଲୋକେ ସାହାଯ୍ୟ ପାଇଁ ଆକୁଳ ଚିତ୍କାର କରୁଥିବା ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି।

କାର୍ ମଡ଼ାଇ ଦେଇଥିବା ୬୨ ବର୍ଷୀୟ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ଅଟକ ରଖିଛି। ତେବେ ଏହା ☞ପୃଷ୍ଠା–୪


ଝୁହାଇ ସହରରେ ଥିବା ସ୍ପୋର୍ଟ୍ସ ସେଣ୍ଟର ବାହାରେ ଲୋକଙ୍କ ଉପରେ କାର ମାଡ଼ିଯାଇଛି।

# ଶ୍ରୀମନ୍ଦିର ଭିତରେ ବିଦେଶୀ ମହିଳା

## ପୋଲିସ ସୁରକ୍ଷା ଉପରେ ପ୍ରଶ୍ନବାଚୀ

**ପୁରୀ,୧୨।୧୧ (ଅଜିତ୍ କୁମାର ମହାନ୍ତି)**

ପଞ୍ଚକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଅଣହିନ୍ଦୁ ବିଦେଶୀ ମହିଳା ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ଜଣାଯାଇଛି। ଏନେଇ ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ପରେ କିପରି ଜଣେ ବିଦେଶୀ ମହିଳା ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲେ ତାହା ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ମଙ୍ଗଳବାର ମହାପ୍ରଭୁ ଲକ୍ଷ୍ମୀ ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଦୁର୍ଲ୍ଲଭ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କରିବା ନିମନ୍ତେ ମଙ୍ଗଳବାର ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ଣ ୨ଟାରେ ଜଣେ ବିଦେଶୀ ମହିଳା ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଉକ୍ତ ଅଣହିନ୍ଦୁ ଜଣଙ୍କ ଚାଇନିଜ୍ ଭାଷାରେ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଥିଲା। ମହିଳା ଜଣଙ୍କ ସିଂହଦ୍ୱାର ମଧ୍ୟ ଦେଇ ଗୁମୁଟ ମଧ୍ୟକୁ ପ୍ରବେଶକରି ପତିତପାବନଙ୍କ ଦର୍ଶନ ☞ପୃଷ୍ଠା–୪


ବିଦେଶୀ ମହିଳା



# ମେଣ୍ଟ ନେତାମାନେ ଦୁର୍ନୀତିରେ ସମ୍ପୃକ୍ତ : ଶାହା

ରାଞ୍ଚି,୧୨।୧୧


ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ଝାଡ଼ଖଣ୍ଡର କୋଇଲା ଖଣି ବହୁଳ ଝରିଆଠାରେ ନିର୍ବାଚନ ପ୍ରଚାର ବେଳେ ରାଜ୍ୟର ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟ ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ମେଣ୍ଟ ନେତାମାନେ ଦୁର୍ନୀତି ଏବଂ କୋଇଲା ଚୋରା କାରବାରରେ ସମ୍ପୃକ୍ତ ରହିଛନ୍ତି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ସରକାରୀ ପାଣ୍ଠି ଲୁଟୁଥିବା ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଓଲଟା ଝୁଲାଇ ଦିଆଯିବ ବୋଲି ଶାହା କହିଛନ୍ତି। ରାଜ୍ୟରୁ କୋଇଲା ଚୋରାଚାଲାଣ ବନ୍ଦ ହେବା ସହ ଏଠାରେ ରହିଥିବା ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରାଯାଇ ତଡ଼ିଦିଆଯିବ। ଏଥିପାଇଁ ଭୋଟରମାନେ ବହୁସଂଖ୍ୟାରେ ଭାଜପାକୁ କ୍ଷମତାକୁ ଆଣିବା ନିମନ୍ତେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଶାହା ନିବେଦନ କରିଛନ୍ତି।

ୱାକ୍ଫ ବୋର୍ଡ କର୍ନାଟକରେ ମନ୍ଦିର, ଗ୍ରାମବାସୀ ଓ ଅନ୍ୟମାନଙ୍କ ଜମି ଦଖଲ କରିଛି। ଏବେ ଉକ୍ତ ବୋର୍ଡରେ ପରିବର୍ତ୍ତନ ଆଣିବାର ଏବଂ ଆଇନରେ ସଂଶୋଧନ କରିବାର ସମୟ ଆସିଛି। ସେହିପରି ଦେଶରୁ ଅନୁପ୍ରବେଶକାରୀମାନଙ୍କୁ ରୋକିବାକୁ ହେବ। ଏଥିପାଇଁ ସମାନ ନାଗରିକ ସଂହିତା (ୟୁସିସି) ଲାଗୁକୁ କେହି ଅଟକାଇପାରିବେ ନାହିଁ। ତେବେ ଆଦିବାସୀମାନଙ୍କୁ ୟୁସିସି ବାହାରେ ରଖାଯିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି। ଭାଜପା ୱାକଫ୍ ଆଇନରେ ସଂଶୋଧନ ପାଇଁ ବିଲ୍ ଗୃହୀତ କରାଇବ। ଏହାକୁ କେହି ରୋକିପାରିବେ ନାହିଁ ବୋଲି ଝାଡ଼ଖଣ୍ଡର ବାଘମରାଠାରେ ଏକ ନିର୍ବାଚନୀ ରାଲିକୁ ଉଦ୍‌ବୋଧନ ଦେଇ ଶାହା କହିଛନ୍ତି।

# ଆଇସିୟୁରେ ବିଜେଡି: ଜୟନାରାୟଣ

ଭୁବନେଶ୍ୱର,୧୨।୧୧(ସୁନିତ୍ ମିଶ୍ର)

ବିଜେଡି ଏବେ ଆଇସିୟୁରେ ଅଛି। ଆଗକୁ ଥିଲେ ତ କଂଗ୍ରେସ ସହ ମିଶିବ ବୋଲି କହି ଭାଜପା ବିଧାୟକ ଜୟନାରାୟଣ ମିଶ୍ର ବିଜେଡିକୁ କଟାକ୍ଷ କରିଛନ୍ତି। କିଛିଦିନ ହେବ ବିଜେଡି ଏବଂ ଭାଜପା ମଧ୍ୟରେ ଭିନ୍ନ ଧରଣର ଆକ୍ଷେପ ପ୍ରତିଆକ୍ଷେପ ଦେଖିବାକୁ ମିଳୁଛି। କେତେବେଳେ ଭାଜପା କହୁଛି ବିଜେଡିର କେତେଜଣ ବିଧାୟକ ତାଙ୍କ ଦଳରେ ମିଶିବାକୁ ଯୋଗାଯୋଗରେ ଅଛନ୍ତି। ଆଉ କେତେବେଳେ ବିଜେଡି କହୁଛି କେତେଜଣ ଭାଜପା ବିଧାୟକ ଏବେ ତାଙ୍କ ଯୋଗାଯୋଗରେ ଅଛନ୍ତି, ଆସି ମିଶିଯିବେ। ବିଜେଡିର ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ସୋମବାର ଦେଇଥିବା ଏଭଳି କିଛି ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖି ଜୟନାରାୟଣ କହିଛନ୍ତି, କଂଗ୍ରେସ ସହ ମିଶି ବିଜେଡି ସରକାର କରିବ ବୋଲି କହୁଛି। କିନ୍ତୁ ବିଜେଡି ରହିଲେ ତ ଯାଇ ଯାହା ହେବ। ବିଜେଡିର ଆୟୁଷ ବହୁତ କମ୍। ସେ ଆଉ କେତେଦିନ ବଞ୍ଚିବ ଜଣାନାହିଁ। ବିଜେଡି ବଞ୍ଚିବ, ପୁଣି ଥରେ ଆଗକୁ ବଢ଼ିବ ଓ ସରକାର କରିବ, ଏଭଳି ସ୍ୱପ୍ନ ଦେଖିବା ପାଇଁ କାହାକୁ ମନା ନାହିଁ। ଏହାକୁ ଆମେ ସ୍ୱାଗତ କରୁଛୁ। ହେଲେ ବିଜେଡି ଖଣ୍ଡ ଖଣ୍ଡ ହେବାକୁ ବସିଲାଣି। ତାକୁ ବଞ୍ଚାଇବା ପାଇଁ ବିଜେଡିର ନେତାମାନେ ଏପରି କହୁଛନ୍ତି। ବିଜେଡିରେ ନେତୃତ୍ୱ କାହାନ୍ତି। ବିଜେଡିର ୨୪ ବର୍ଷ ଶାସନ ଲିଜ୍‌ରେ ଚାଲିଥିଲା। କେତେବେଳେ ପ୍ୟାରୀବାବୁ ବିଜେଡିକୁ ଲିଜ୍‌ରେ ନେଇଥିଲେ ତ ଆଉ କେତେବେଳେ ପାଣ୍ଡିଆନ୍ ନେଇଥିଲେ। ବିଜେଡି ଶାସନ କାଳରେ କର୍ମୀଙ୍କ କଥା ରହିଲା ନାହିଁ। ଏବେ ସ୍ୱପ୍ନ ଦେଖୁଛନ୍ତି ଦେଖନ୍ତୁ, ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ାଠାରେ ଏକ ସଭାରେ ଅତନୁ କହିଥିଲେ, ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ। ଓଡ଼ିଶା ଲୋକେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତୁତ ହେଲେଣି ବୋଲି ସେ କହିଥିଲେ।

# ଭୁବନ ଏନ୍‌ଏସି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ୍

କାମାକ୍ଷାନଗର, ୧୨।୧୧ (ସୁଧୀର କୁମାର ପରିଡ଼ା)

## ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଣତି ସ୍ଥଗିତ

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟ ଗ୍ରହଣ ହୋଇଛି। ମାତ୍ର ଅନାସ୍ଥାକୁ ବେଆଇନ ଦର୍ଶାଇ ଏନ୍‌ଏସି ଅଧ୍ୟକ୍ଷ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାରୁ ଅଦାଲତ ଭୋଟ ଗଣତି ପାଇଁ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ମଙ୍ଗଳବାର ଅନାସ୍ଥା ଭୋଟିଂ ହୋଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ସଭ୍ୟାସଭ୍ୟ ନିର୍ଦ୍ଧାରିତ ସମୟରେ ଉପଜିଲାପାଳଙ୍କ ସଭାଗୃହରେ ପହଞ୍ଚିଥିଲେ। ଭୁବନ ଏନ୍‌ଏସିର ମୋଟ ୧୫ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ଉପସ୍ଥିତ ଥିବାବେଳେ ୪ ଜଣ ଅନୁପସ୍ଥିତ ଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରିଥିବା ବେଳେ ତହସିଲଦାର ପ୍ରିୟବ୍ରତ ଦାସ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ପ୍ରଥମେ ଉପଜିଲାପାଳ ଆଲୋଚନା କରିବା ପରେ ଭୋଟ ଗ୍ରହଣ କରାଯାଇଥିଲା। ତେବେ ଏହି ଅନାସ୍ଥାକୁ ନେଇ ଭୁବନ ଏନ୍‌ଏସି ଅଧ୍ୟକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ନ୍ୟାୟାଳୟର ଆଦେଶ କ୍ରମେ ଭୋଟ ହୋଇଥିଲେ ମଧ୍ୟ ଗଣତି ହୋଇ ନ ଥିଲା। ଭୋଟିଂ ପରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସକୁ ସ୍ଥାନୀୟ ଟ୍ରେଜେରିରେ ରଖାଯାଇଥିଲା। ତେବେ ଅନାସ୍ଥା ସମ୍ପର୍କରେ ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ କହିଛନ୍ତି, ପ୍ରଶାସନ ତରଫରୁ ତାଙ୍କୁ କୌଣସି ନୋଟିସ ଦିଆଯାଇ ନ ଥିଲା। କିଛି ବିଶ୍ୱାସଘାତକ ତାଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ଅନାସ୍ଥା ଆଣିଛନ୍ତି।

ଏ ନେଇ ଉପଜିଲାପାଳ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଓ ଚିଠି ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ଆଲୋଚନା କରାଯାଇ ଭୋଟିଂ ହୋଇଛି, ମାତ୍ର ଉଚ୍ଚ ନ୍ୟାୟାଳୟ ଭୋଟ ଗଣତି ପାଇଁ ସ୍ଥଗିତାଦେଶ ଦେଇଥିବାରୁ ଗଣତି ହୋଇନାହିଁ।


ସଭାଗୃହରେ ଉପସ୍ଥିତ ସଭ୍ୟାସଭ୍ୟ ଓ ଉପଜିଲାପାଳ।

# ଭାଜପାରେ ଈଶ୍ୱରପୁର ଗାଁର ୨୦ ପରିବାର


ଭାଜପା ନେତାଙ୍କ ସହ ନୂତନ କର୍ମୀ।

ତିହିଡ଼ି,୧୨।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ଗ୍ରାମର ୨୦ ପରିବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଦଳର ନୀତି, ଆଦର୍ଶ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପରେ ଆସ୍ଥା ପ୍ରକଟକରି ସେମାନେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ତିହିଡ଼ିସ୍ଥିତ ଭାଜପା କାର୍ଯ୍ୟାଳୟରେ ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦଳୀୟ ନେତା ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଈଶ୍ୱରପୁର ଗ୍ରାମର ସୁଦର୍ଶନ ମଳିକ, ଅନନ୍ତ ମଳିକ, ସୁରେନ୍ଦ୍ର ମଳିକ, ଚିନ୍ତାମଣି ମଳିକ, ପୁରୁଷୋତ୍ତମ ଦାସ, ପ୍ରଭାତୀ ଦାସ, ଶ୍ୟାମଳା ଦାସ, ତିଳୋତ୍ତମା ଦାସ, ସିଦ୍ଧାନ୍ତ ଦାସ, କାର୍ତ୍ତିକ ଦାସ, ଝୁଲଣା ମଳିକ, ବାସନ୍ତୀ ମଳିକ, ପାର୍ବତୀ ମଳିକ, ଶ୍ରୀକାନ୍ତ ମଳିକ, ମନୋଜ ଦାସ, ନିମେଇ ଦାସ, ବୈରାଗୀ ମଳିକ, ମିଟି ଦାସ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଭାଜପା ନେତା ନୀଳମଣି ଦାସ, କିଶୋର ମଳିକ ପ୍ରମୁଖ ଏହି ମିଶ୍ରଣ ବେଳେ ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବଙ୍କ ଚିଠି ସରକାରଙ୍କ ବିଫଳତାକୁ ପଦାରେ ପକାଇଲା: ବିଜେଡି

ଭୁବନେଶ୍ୱର,୧୨।୧୧ (ଅନିଲ ଦାସ)

ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସୋମବାର ଜାରି କରାଯାଇଥିବା ଚିଠିରେ ସରକାରୀ କର୍ମଚାରୀମାନେ ଚାପ ନ ପକାଇବା ପାଇଁ ଦିଆଯାଇଥିବା ଚେତାବନୀରୁ ସରକାର ଓ ସରକାରୀ ଦଳର ବିଫଳତା ପଦାରେ ପଡ଼ିଲା ବୋଲି ବିଜୁ ଜନତା ଦଳ(ବିଜେଡି) କହିଛି। ବିଜେଡି ମୁଖପାତ୍ର ଭୃଗୁ ବକ୍ସିପାତ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ମୁଖ୍ୟ ଶାସନ ସଚିବଙ୍କ ଚିଠି ସ୍ପଷ୍ଟ କରୁଛି ଯେ ବଡ଼ ବଡ଼ କଥା କହି କ୍ଷମତାକୁ ଆସିଥିବା ଭାଜପା ସରକାର ଚଳାଇ ପାରୁନାହିଁ।

ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଚିଠି ବୋଧହୁଏ ଇତିହାସରେ ପ୍ରଥମ। ସରକାରୀ କର୍ମଚାରୀମାନେ ନିଜ ପସନ୍ଦର ନିଯୁକ୍ତି ପାଇବା ପାଇଁ ବାହ୍ୟ ଚାପ ପ୍ରୟୋଗ ନ କରିବା ଲାଗି ଚେଷ୍ଟା ନ କରିବା ପାଇଁ ଚେତାବନୀ ଦିଆଯାଇଛି। ଏହି ଚିଠି ସ୍ପଷ୍ଟ କରୁଛି ଯେ, ସରକାରୀ କର୍ମଚାରୀମାନେ ପସନ୍ଦ ମୁତାବକ ପୋଷ୍ଟିଂ ପାଇବା ପାଇଁ ବାହ୍ୟ ଚାପ ପ୍ରୟୋଗ କରୁଛନ୍ତି, ଯାହା ଦୁର୍ନୀତିର ସ୍ପଷ୍ଟ ଗନ୍ଧ ବାରି ହେଉଛି । ଏହି ବାହ୍ୟ ଚାପଟା କ'ଣ ଓ କେଉଁଠୁ ଆସୁଛି, ତାହା ସ୍ପଷ୍ଟ ହେବା ଦରକାର ବୋଲି ଭୃଗୁ ପ୍ରଶ୍ନ କରିଛନ୍ତି। ଏ କିଭଳି ଏକ ଚାପ, ଯାହା ସରକାରଙ୍କୁ ଅଡୁଆରେ ପକାଉଛି ଓ ସରକାର ଏହାକୁ ପ୍ରତିହତ କରିପାରୁନାହାନ୍ତି । ରୁଲ୍ ୨୩ ଅଫ୍ ସର୍ଭିସ୍ କଣ୍ଡକ୍ଟ ରୁଲ୍‌ର ଏହା ବ୍ୟତିକ୍ରମ ବୋଲି ଦର୍ଶାଯିବା ସହ ଏହି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଯଦି ଏଭଳି ନିୟମ ଉଲ୍ଲଙ୍ଘନ ହେଉଛି, ତାହେଲେ କେବଳ ଚେତାବନୀ କାହିଁକି, କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା କେଉଁଠି ବୋଲି ସେ କହିଛନ୍ତି । ସରକାରୀ ଦଳର ଜଣେ ବରିଷ୍ଠ ବିଧାୟକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ରାଜନେତାମାନେ ନିଜ ପସନ୍ଦର ଅଫିସରମାନଙ୍କ ପୋଷ୍ଟିଂ ଚାହିଁଥାନ୍ତି । କେଉଁଠି ନା କେଉଁଠି ସରକାରୀ ଦଳର ଭୂମିକା ଏହି ଚିଠି ସହିତ ଜଡ଼ିତ ହୋଇଥିବା ବେଳେ ସରକାରଙ୍କ ଅସହାୟତା ସ୍ପଷ୍ଟ ଦିଶୁଛି ବୋଲି ଭୃଗୁ କହିଛନ୍ତି।

## ହାଇକୋର୍ଟରେ ନୟାଗଡ଼ ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲା

# ମୂଳ ମାମଲା ଖାରଜ ପାଇଁ ବିଧାୟକ ଅରୁଣଙ୍କ ଆବେଦନ

କଟକ,୧୨।୧୧ (କାର୍ତ୍ତିକ ସାହୁ)

ନୟାଗଡ଼ ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ ଅରୁଣ ସାହୁଙ୍କ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ୩ଟି ଅନ୍ତରୀଣ ପିଟିଶନ ଦାଏର କରାଯାଇଛି। ମୂଳ ନିର୍ବାଚନୀ ମାମଲା ଖାରଜ କରିବାକୁ ଅରୁଣ ତାଙ୍କ ପିଟିଶନ୍‌ରେ ଆବେଦନ କରିଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରିଥିଲେ। ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ଅରୁଣ ବିଜେଡିକୁ ୩୦ ଲକ୍ଷ ଟଙ୍କା ଋଣ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ବିଜେଡି ଏକ ରାଜନୈତିକ ଦଳ। ଏହି ଦଳ ଅରୁଣଙ୍କୁ ୩୦ ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ ଆକାରରେ ପ୍ରଦାନ କରିଛି। କିନ୍ତୁ ସେ କିପରି ୩୦ ଲକ୍ଷ ଟଙ୍କା ଋଣ ଆକାରରେ ଉକ୍ତ ରାଜନୈତିକ ଦଳକୁ ଦେଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ମଧ୍ୟ ନିଜର ସମ୍ପତ୍ତି ତାଲିକା ସଂକ୍ରାନ୍ତରେ ଠିକ୍ ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ନୟାଗଡ଼ ନିର୍ବାଚନମଣ୍ଡଳୀର ପରାଜିତ ପ୍ରାର୍ଥୀ ଭାଜପାର ପ୍ରତ୍ୟୁଷା ରାଜେଶ୍ୱରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅରୁଣଙ୍କ ସଭ୍ୟପଦ ରଦ୍ଦ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ୱାୟନାଡ୍ ଲୋକ ସଭା, ୩୧ ବିଧାନସଭା ଆସନରେ ଆଜି ଭୋଟ

ନୂଆଦିଲ୍ଲୀ,୧୨।୧୧

କେରଳର ୱାୟନାଡ୍ ଲୋକ ସଭା ଆସନ ସମେତ ୧୦ ରାଜ୍ୟର ୩୧ ବିଧାନସଭା ଆସନରେ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହେବ। ୱାୟନାଡ୍ ଆସନରେ କଂଗ୍ରେସ ସାଧାରଣ ସମ୍ପାଦିକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରାର୍ଥୀ ହେବା ସହ ପ୍ରଥମ ଥର ପାଇଁ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛନ୍ତି। ଯଦିଓ ଉପନିର୍ବାଚନ ଫଳାଫଳ ସରକାରଙ୍କ ଉପରେ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ, ତେବେ କଂଗ୍ରେସ ଏବଂ ଇଣ୍ଡିଆ ବ୍ଲକ୍ ପାଇଁ ଏହାକୁ ବଡ଼ ପରୀକ୍ଷା ଭାବେ ଦେଖାଯାଉଛି। ନିକଟରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ ସେମାନଙ୍କ ମିଳିତ ଶକ୍ତି ବିଫଳ ହୋଇଥିଲା। ଉପରୋକ୍ତ ଆସନଗୁଡ଼ିକର ପ୍ରାର୍ଥୀ ଲୋକ ସଭା ନିର୍ବାଚନ ଲଢ଼ି ବିଜୟୀ ହେବା ଏବଂ ଅନ୍ୟ କେତେକ ଆସନରେ ନିର୍ବାଚିତ ପ୍ରତିନିଧିଙ୍କ ମୃତ୍ୟୁ ଯୋଗୁ ଉପନିର୍ବାଚନ ଅନୁଷ୍ଠିତ ହେଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକ ସଭା ନିର୍ବାଚନରେ ୱାୟନାଡ୍ ସହ ଉତ୍ତରପ୍ରଦେଶର ରାଏବରେଲୀରୁ ଲଢ଼ିଥିଲେ। ସେ ରାଏବରେଲୀକୁ ରଖି ୱାୟନାଡ୍‌କୁ ଛାଡ଼ିବାରୁ ସେଠାରେ ଉପନିର୍ବାଚନ କରାଇବାକୁ ପଡ଼ିଥିଲା। ବୁଧବାର ରାଜସ୍ଥାନର ୭ ବିଧାନସଭା ଆସନ ସମେତ ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ନାଟକର ୩, ମଧ୍ୟପ୍ରଦେଶର ୨ ଏବଂ ଛତିଶଗଡ଼, ଗୁଜରାଟ, କେରଳ ଓ ମେଘାଳୟର ଗୋଟିଏ ଲେଖାଏ ଆସନରେ ମତଦାନ ହେବ। ଆସନ୍ତା ୨୩ରେ ଭୋଟଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ।

DSPL-190

ଡଃ. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିକାଶ ମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା
ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରୀୟ
ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
୧୩ କୋଟି ୫୪ ଲକ୍ଷ ଟଙ୍କା ପ୍ରକଳ୍ପର
ଭିତ୍ତି ପ୍ରସ୍ତର ସ୍ଥାପନ
ଓ
୪ କୋଟି ୯୮ ଲକ୍ଷ ଟଙ୍କା ପ୍ରକଳ୍ପର
ଶୁଭ ଉଦ୍‌ଘାଟନ

୧୩ ନଭେମ୍ବର ୨୦୨୪
ବାଘଡ଼ା, ମୟୂରଭଞ୍ଜ

ଆରୋଗ୍ୟମ୍ ପରମ ଧନମ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10084/13/0020/2425

## ଅନ୍ୟାନ୍ୟ ଖବର

# ଗବେଷକ ଡ. ଧରଣୀଧରଙ୍କୁ ନଗେନ୍ଦ୍ରନାଥ ପ୍ରଧାନ ସ୍ମୃତି ସମ୍ମାନ


ଡ. ଧରଣୀଧର ନାଥଙ୍କୁ ୭ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଉଛି।

ଅନୁଗୋଳ,୧୨।୧୧ (ଜ୍ୟୋତିରଞ୍ଜନ ସାହୁ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ପକ୍ଷରୁ ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାହିତ୍ୟ ସାଧକ, ଗବେଷକ, ସମାଜସେବୀ ତଥା ସଙ୍ଗଠକ ସ୍ୱର୍ଗତ ପ୍ରଫେସର ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଅନୁଗୋଳ ଜିଲା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସାହିତ୍ୟିକ, ଗବେଷକ ତଥା କୃତବିଦ୍ୟ ସ୍ରଷ୍ଟା ଡ. ଧରଣୀଧର ନାଥଙ୍କୁ ୭ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା।

ରାମକୃଷ୍ଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ବିଜୟ ମୋଦି ନଗେନ୍ଦ୍ରନାଥଙ୍କ ସରଳ ଓ ଅମାୟିକ ବ୍ୟବହାର ସମ୍ପର୍କରେ କହିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ. ନାଥ ସ୍ୱର୍ଗତ ଡ. ପ୍ରଧାନଙ୍କ ଗବେଷଣାତ୍ମକ ସାହିତ୍ୟ ସାଧନା ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ମାର୍ଗଦର୍ଶନରେ ସରସ୍ୱତୀ ଶିଶୁ ମନ୍ଦିରଗୁଡ଼ିକ କିପରି ସର୍ବଶ୍ରେଷ୍ଠ ବିଦ୍ୟାଳୟ ହୋଇପାରିଥିଲା ତାହା ବର୍ଣ୍ଣନା କରିଥିଲେ। ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ସ୍ୱର୍ଗତ ପ୍ରଧାନଙ୍କ ସାମଗ୍ରିକ ଜୀବନ ଉପରେ ଆଲୋକପାତ କରିଥିଲେ। ଦୁର୍ଯ୍ୟୋଧନ ସାହୁ ମାନପତ୍ର ପାଠ କରିଥିବା ବେଳେ ଜିଲା ଅଧ୍ୟକ୍ଷ ପ୍ରଫେସର ସର ସମ୍ମାନିତ ଡ. ନାଥଙ୍କୁ ଅଭିନନ୍ଦନ ଜଣାଇବା ସହିତ ସ୍ୱର୍ଗତ ପ୍ରଧାନଙ୍କ କୃତୀ ଓ କୃତିତ୍ୱ ସମ୍ପର୍କରେ କହିଥିଲେ। ଡ. ସଦାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜରଙ୍ଗ ଅଗ୍ରୱାଲ, ଅରୁଣ ସାହୁ, ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ, ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମବାସୀ

**କୁମୁଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ପ୍ରସଙ୍ଗ**

ଲୋଇସିଂହା, ୧୨।୧୧ (ସୁଶାନ୍ତ ବାରିକ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗି ରହିଥିବା ବିବାଦର ସମାଧାନ ନା ନେଉନାହିଁ। ଜିଲା ଶିକ୍ଷା ବିଭାଗର ଆନ୍ତରିକତା ଅଭାବକୁ ଦାୟୀ କରି ଛାତ୍ରୀଛାତ୍ର ଓ ଗ୍ରାମବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଙ୍ଗଳବାର ଆନ୍ଦୋଳନର ଥିଲା ଦ୍ୱିତୀୟ ଦିବସ। ସୋମବାର ଗ୍ରାମବାସୀ ବିଦ୍ୟାଳୟ ଗେଟରେ ତାଲା ପକାଇ ଦେଇଥିଲେ। ଫଳରେ ବାହାରେ ଦୁଇଦିନ ହେଲା ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ରହି ଛୁଟି ପରେ ଫେରୁଛନ୍ତି। ଅପରପକ୍ଷେ କୁମୁଣ୍ଡେ-ବିଲାଇସର୍ଡା ରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ହେଲେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କିମ୍ବା ବ୍ଲକ ଶିକ୍ଷା ବିଭାଗରୁ କେହି ଅଧିକାରୀ ଆସୁ ନ ଥିବାରୁ ମଧ୍ୟାହ୍ନରେ ଛାତ୍ରୀଛାତ୍ରଙ୍କୁ ଘରକୁ ଛାଡି ଦେଇ ଅଭିଭାବକମାନେ ଧାରଣା ଜାରି ରଖିଛନ୍ତି। ସୋନପୁର ଓ ବଲାଙ୍ଗୀର ଜିଲା ସୀମାନ୍ତରେ କୁମୁଣ୍ଡେ ଗାଁ ଅବସ୍ଥିତ। ଗ୍ରାମର ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରୁ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ୭ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅବସ୍ଥାପିତ ହୋଇଥିଲେ। ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ଥାଇ ସୁଦ୍ଧା ପାଠପଢା ନ ହେବା, ମଧ୍ୟାହ୍ନଭୋଜନରେ ଅନିୟମିତତା ଏବଂ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଗ୍ରାମବାସୀ ସଙ୍ଗୀନ ଅଭିଯୋଗଣ ଆଣି ସେପ୍ଟେମ୍ବର ୩ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ଅଭିଯୋଗକୁ ନେଇ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଦନ୍ତ କରିଥିଲେ। ହେଲେ ତଦନ୍ତ ପ୍ରକ୍ରିୟାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି ସେପ୍ଟେମ୍ବର ୧୮ରେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ଧାରଣା ଖବରପାଇ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧାରଣା ସ୍ଥଳକୁ ଆସିଥିଲେ। ସେତେବେଳେ ସମ୍ପୃକ୍ତ ଅଧିକାରୀ ଜଣକ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ। ସେହିଦିନ ଅପରାହ୍ନରେ ବ୍ଲକ ଶିକ୍ଷାଅଧିକାରୀ ବିକ୍ଷୋଭସ୍ଥଳକୁ ଆସି ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ଲେଭେଲ (୩) ପ୍ରଧାନ ଶିକ୍ଷକ ବିରେଶ ପ୍ରସାଦ ନାଏକଙ୍କୁ ନିଲମ୍ବିନ କରିଥିବା ଜଣାଇଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ପରବର୍ତ୍ତୀ ସମୟରେ ବିଦ୍ୟାଳୟର ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ବିଦ୍ୟାଳୟକୁ ଶୃଙ୍ଖଳିତ ପରିଚାଳନା, ନିଲମ୍ବିତ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର ଓ ବିଦ୍ୟାଳୟ ଅନିୟମିତତା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗତ ଅକ୍ଟୋବର ୨୧ରେ ଗ୍ରାମବାସୀ ସୋନପୁରଠାରେ ଜିଲା ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଭେଟିଥିଲେ। ସେତେବେଳେ ଜିଲା ଶିକ୍ଷା ଅଧିକାରୀ ଅକ୍ଟୋବର ୨୮ ସୁଦ୍ଧା ତଦନ୍ତ ସରିବା ସହ ପରବର୍ତ୍ତୀ ସପ୍ତାହରେ ସେ ନିଜେ କୁଆଡେ ବିଦ୍ୟାଳୟ ପରିଦର୍ଶନରେ ଯିବାକୁ ଗ୍ରାମବାସୀଙ୍କୁ କଥା ଦେଇଥିଲେ। ହେଲେ ଜିଲା ଶିକ୍ଷା ଅଧିକାରୀ ତାଙ୍କ କଥା ରଖି ନ ଥିବାରୁ ଗ୍ରାମବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାୟଗୁରୁ କୁଅଁର, ଭୁବନ ଦନ୍ତା, ଦୁଃଶାସନ ମହାକୁର, ଦିଲୀପ ମହାକୁର, ମୁନା ତ୍ରିପାଠୀ, ରବୀନ୍ଦ୍ର ତ୍ରିପାଠୀ, ବିବେକ ମହାକୁର, ବିଘ୍ନ ନାଗ, ଦୟାସାଗର ବାରିକ, ରକ୍ଷା ମାଝିଙ୍କ ସମେତ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନରେ ନ ଆସିବା ଯାଏ ଏବଂ ବିଦ୍ୟାଳୟର ଦୁର୍ନୀତି ପର୍ଦ୍ଦାଫାଶ ନ ହେବା ଯାଏ ଏହି ଧାରା ଜାରି ରହିଥିବ ବୋଲି କହିଛନ୍ତି ଗ୍ରାମବାସୀ।


କୁମୁଣ୍ଡେ-ବିଲାଇସର୍ଡା ରାସ୍ତାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପିଲାମାନେ ଧାରଣା ଦେଇଛନ୍ତି।

# ୧୪ବର୍ଷ ପରେ ଘରକୁ ଫେରିଲେ ମହିଳା


ପରିବାର ଲୋକଙ୍କ ସାଙ୍ଗରେ କାନ୍ତି।

**ପରିବାର ଲୋକେ ସାରିଦେଇଥିଲେ ଶୁଦ୍ଧିକ୍ରିୟା**

ପାଟଣାଗଡ଼, ୧୨।୧୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଫୁଟୁକୁପଡା ଗାଁର ନିଖୋଜଥିବା ଜଣେ ମାନସିକ ଭିନ୍ନକ୍ଷମ ମହିଳା ଦୀର୍ଘ ୧୪ ବର୍ଷ ପରେ ନିଜ ଘରକୁ ଫେରିଛନ୍ତି। ହେଲେ ପରିବାର ଲୋକେ ତାଙ୍କର ଶୁଦ୍ଧିକ୍ରିୟା ସାରିଦେଇଛନ୍ତି। ସେ ଖୋର୍ଦ୍ଧାସ୍ଥିତ ଏକ ନିର୍ଦ୍ଦିଷ୍ଟ ଆଶ୍ରମରେ ରହି ଆସୁଥିଲେ। ଭଲହେବା ପରେ ତାଙ୍କ ନିଜ ଘରକୁ ଫେରିଛନ୍ତି। ଘରେ ପହଞ୍ଚିବା ପରେ ସେ ନିଜ ପରିବାର ଲୋକଙ୍କୁ ଓ ପରିବାର ଲୋକେ ତାଙ୍କୁ ପାଇ ଖୁସି ହୋଇଛନ୍ତି।

ସୂଚନା ଅନୁସାରେ, ଫୁଟୁକୁପଡା ଗାଁର ବ୍ରଜ ବାଗ ଲାଠୋର ଥାନା ହଲନଭଟ୍ଟାର କାନ୍ତିଙ୍କୁ ୧୯ବର୍ଷ ପୂର୍ବେ ସାମାଜିକ ରୀତିନୀତିରେ ବିବାହ କରିଥିଲେ। ଯେତେବେଳେ ତାଙ୍କର ବଡ଼ପୁଅ ୩ବର୍ଷ ଓ ସାନପୁଅ ଏକ ବର୍ଷର ହୋଇଥିଲେ ସେତେବେଳେ କାନ୍ତି ନିଜ ମାନସିକ ଭାରସାମ୍ୟ ହରାଇଥିଲେ। ରୋଗଣା ସ୍ୱାମୀ ଓ ପରିବାର ପ୍ରତିପୋଷଣର ବୋଝ ସହ ଆର୍ଥିକ ଅନଟନ କାରଣରୁ ଚିନ୍ତାଗ୍ରସ୍ତ ହୋଇ କାନ୍ତି ମାନସିକ ଭାରସାମ୍ୟ ହରାଇଥିଲେ ବୋଲି କୁହାଯାଉଛି। ସେ ତାଙ୍କ ବାପ ଘରକୁ ଚାଲିଯାଇଥିଲେ। ବାପ ଘରେ ଦୁଇଦିନ ରହିବା ପରେ ହଠାତ ଲାଠୋର ଷ୍ଟେଶନରୁ ଟ୍ରେନ୍ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଭୁବନେଶ୍ୱର ସହରରେ ମାନସିକ ଭିନ୍ନକ୍ଷମ ଅବସ୍ଥାରେ ବୁଲୁଥିବା କାନ୍ତିଙ୍କୁ ଜଣେ ସହୃଦୟ ବ୍ୟକ୍ତି ଦେଖି ଖୋର୍ଦ୍ଧା ଜଟଣୀସ୍ଥିତ ଏକ ଆଶ୍ରମରେ ନେଇ ଛାଡି ଦେଇଥିଲେ। ସେ ଆଶ୍ରମରେ ରହିଥିଲେ। ସମୟାନୁକ୍ରମେ ତାଙ୍କ ମାନସିକ ସ୍ଥିତିରେ ସୁଧାର ଆସିଥିଲା। ଚଳିତ ଅଗଷ୍ଟରେ ସେ ସମ୍ପୂର୍ଣ୍ଣ ଭାବରେ ଠିକ୍‌ହେବା ପରେ ତାଙ୍କ ଦୁଇ ପୁଅ ଓ ସ୍ୱାମୀଙ୍କ କଥା ମନେପକାଇ କାନ୍ଦିବାରେ ଲାଗିଥିଲେ। କାନ୍ତିଙ୍କ ମାନସିକ ସ୍ଥିତି ଠିକ ହୋଇଥିବା ଜାଣି ଆଶ୍ରମ କର୍ମକର୍ତ୍ତା ସମ୍ପୂର୍ଣ୍ଣ ଠିକଣା ପଚାରି ତାଙ୍କ ସ୍ୱାମୀଙ୍କ ଠିକଣାରେ ଏକ ରେଜିଷ୍ଟ୍ରି ଚିଠି ଡାକ ଯୋଗେ ପଠାଇଥିଲେ। ଦୀର୍ଘବର୍ଷ ଧରି ଖୋଜଖବର ନ ପାଇବାରୁ ପରିବାରବର୍ଗ କାନ୍ତିଙ୍କ ଶୁଦ୍ଧିକ୍ରିୟା ସାରିଥିବାରୁ ସେମାନେ ଏହାକୁ ଗୁଜବ ଭାବି ନୀରବ ରହିଯାଇଥିଲେ। କିନ୍ତୁ କାନ୍ତିଙ୍କ ବଡ଼ପୁଅ ମାଆ ବଞ୍ଚିଥିବା ଖବର ଶୁଣି ଚିଠିକୁ ନେଇ ଉକ୍ତ ଆଶ୍ରମ ଠିକଣାରେ ପହଞ୍ଚିଥିଲେ। କାନ୍ତି ନିଜ ବଡ଼ପୁଅକୁ ପାଇ କୁଣ୍ଢାଇ ପକାଇଥିଲେ। ପରେ ଆଶ୍ରମ କର୍ତ୍ତୃପକ୍ଷ କାନ୍ତିଙ୍କ ପ୍ରମାଣ ପାଇବା ପରେ ଚୁକ୍ତିନାମା କରି ପରିବାର ବର୍ଗଙ୍କ ଉପସ୍ଥିତିରେ ନିଜ ଗାଁକୁ ଆଣି ଛାଡ଼ିଥିଲେ। ଗାଁରେ ପହଞ୍ଚିବା ପରେ କାନ୍ତି ସ୍ୱାମୀ ଓ ପୁଅଙ୍କୁ ଚିହ୍ନି ଖୁସି ହୋଇଯାଇଥିଲେ।

# ବ୍ଲକ୍ ପରିସରରେ ନିଶା ନିବାରଣ ପ୍ରଶିକ୍ଷଣ ଶିବିର

ପାଟଣାଗଡ଼, ୧୨।୧୧ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ବ୍ଲକ ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପିପୁଲ୍ସ ଫୋରମ ବଲାଙ୍ଗୀର ନିଶା ନିବାରଣ କେନ୍ଦ୍ର ଆନୁକୂଲ୍ୟରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିମାନଙ୍କୁ ନେଇ ନିଶା ନିବାରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଭ୍ୟାସଗତ ନିଶାଖୋରମାନଙ୍କୁ କିଭଳି ମୁଖ୍ୟସ୍ରୋତକୁ ଫେରାଇ ଅଣାଯିବ ଏନେଇ ସଚେତନତା କରାଯାଇ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ତରଫରୁ ପ୍ରୋତ୍ସାହନ ପାଇଥିବା ପିପୁଲ୍ସ ଫୋରମ ନିଶା ନିବାରଣ କେନ୍ଦ୍ର ବଲାଙ୍ଗୀରଠାରେ ମାଗଣାରେ ଚିକିତ୍ସା ହୋଇପାରିବ ବୋଲି କେନ୍ଦ୍ରର ରଶ୍ମିରଞ୍ଜନ ପରିଡା ମତପ୍ରକାଶ କରିଥିଲେ। ଏହି ଶିବିରରେ ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ, ନିଶା ନିବାରଣ କେନ୍ଦ୍ର ବଲାଙ୍ଗୀରର ପରାମର୍ଶଦାତା ରଶ୍ମିରଞ୍ଜନ ପରିଡା, ବ୍ଲକର ସମସ୍ତ କର୍ମଚାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# କ୍ରିଷ୍ଣା ବିକାଶ ଗ୍ରୁପ୍ ପକ୍ଷରୁ ନବାକାଂକ୍ଷା କାର୍ଯ୍ୟକ୍ରମ

**ବଲାଙ୍ଗୀରର ଶତାଧିକ କୃତୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା**

ବଲାଙ୍ଗୀର, ୧୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବରଗଡ ସ୍ଥିତ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥ କଡ ନଟରାଜ ପ୍ୟାଲେସ୍ ଠାରେ ନବାକାଂକ୍ଷା କ୍ୟାରିୟର୍ କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗୁରୁଶ୍ରୀ ଘାସିରାମ ମିଶ୍ର, ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଓ ଅନ୍ୟ ଅନୁଷ୍ଠାନର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ୩୦ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ଏବଂ ସିବିଏସ୍‌ଇ ସ୍କୁଲର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ। ପ୍ରଥମ ଅଧିବେଶନରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଓ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ପ୍ରତିଷ୍ଠାତା ତଥା ଚେୟାର୍‌ମ୍ୟାନ୍ ଡି. ମୁରଲୀ କ୍ରିଷ୍ଣା କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ସହ ଭବିଷ୍ୟତକୁ ଦୃଷ୍ଟିରେ ରଖି କିପରି ପାଠପଢ଼ିବେ କହିଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ସ ଏବଂ କୋ-କରିକୁଲାର୍ ଏକ୍ଟିଭିଟିଜ୍‌ର ଗତ ୩ ବର୍ଷର ବିବରଣୀ ପ୍ରଦାନ କରିଥିଲେ। ବରଗଡ କ୍ରିଷ୍ଣା ବିକାଶରେ ଅଧ୍ୟୟନ କରି ଜେଇଇ, ନିଟ୍, ସିୟୁଇଟି, ଦଶମ, ଦ୍ୱାଦଶ ବୋର୍ଡ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବଲାଙ୍ଗୀର ଜିଲାର ଛାତ୍ରୀଛାତ୍ର, ବିକାଶରୁ ଉତ୍ତୀର୍ଣ୍ଣ ହୋଇ ଭୀମଭୋଇ ମେଡିକାଲ୍ କଲେଜରେ ଅଧ୍ୟୟନ କରୁଥିବା ୨୧ ଜଣ ଛାତ୍ରୀଛାତ୍ର ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଛାତ୍ରୀ ଗ୍ଲୋରିଆ ପଟେଲ, ଆଦ୍ୟାଶା ସାହୁ, ସଗୁନ ପଣ୍ଡା, ଅକ୍ଷରା ରାନୀ, ସୁଶ୍ରୀ ରିୟା ଦାଶ ଓ ହେମାକ୍ଷୀ ମିଶ୍ର ପରିଚାଳନା କରିଥିଲେ। ଶେଷରେ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


ବଲାଙ୍ଗୀର ନଟରାଜ ପ୍ୟାଲେସଠାରେ ଆୟୋଜିତ ନବାକାଂକ୍ଷା କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର।

# ସିନେମା ହଲ୍ ତାଲାମାରି ସିଲ୍‌କଲା ପ୍ରଶାସନ

କଣ୍ଟାବାଞ୍ଜି/ବେଲପଡ଼ା, ୧୨।୧୧ (ଗୁରୁଦୟାଲ ହଂସ/ମନୋଜ ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା କଣ୍ଟାବାଞ୍ଜି-ବଲାଙ୍ଗୀର ୪୨ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ଲଥାକେନ୍ଦ ଗାଁ ନିକଟରେ ଥିବା ସିନେମା ହଲ୍ 'ଆଲିଶାନ ସେଣ୍ଟ୍ରାଲ୍'କୁ ମଙ୍ଗଳବାର ପ୍ରଶାସନ ତାଲା ମାରି ସିଲ୍ କରିଛି। ସିନେମା ହଲ୍‌ର ଲଗାଯାଇଥିବା ନୋଟିସ ମୁତାବକ ଧାରା ୫ ଓଡ଼ିଶା ସିନେମା ରେଗୁଲେଶନ ଆକ୍ଟ ୧୯୫୪ର ବିଭିନ୍ନ ସର୍ତ୍ତକୁ ଖିଲାପ ସହ ସିନେମା ହଲ୍‌ର ମାଲିକଙ୍କ ଅନିୟମିତତା ଯୋଗୁ ପ୍ରଶାସନ ସିଲ୍ କରିବା ପାଇଁ ବାଧ ହୋଇଥିବା ଜଣାପଡିଛି। ସିନେମା ହଲ୍‌ର ଲାଇସେନ୍ସ ଚଳିତବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା। କିନ୍ତୁ ମାଲିକ ଆଲିଶାନ କୁମାର ଅଗ୍ରୱାଲ ଏବଂ ରାହୁଲ କୁମାର ଅଗ୍ରୱାଲ ଅବଧି ସରିଲା ପରେ ମଧ ନବୀକରଣ କରି ନ ଥିଲେ। ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ନବୀକରଣ କରିବା ପାଇଁ ପତ୍ର ମାଧ୍ୟମରେ ଜଣାଯାଇଥିଲେ ମଧ୍ୟ ମାଲିକ ଗୁରୁତ୍ୱ ଦେଇ ନ ଥିଲେ। ସେହିପରି ସିନେମା ହଲ୍ ମାଲିକ ଅଗ୍ନି ନିରାପତ୍ତା ସାର୍ଟିଫିକେଟ, ଏନ୍‌ଓସି ଏବଂ ଅନ୍ୟାନ୍ୟ କାଗଜପତ୍ର ଠିକ୍ ସମୟରେ ଦାଖଲ କରିପାରି ନ ଥିଲେ। ଫଳରେ ବାଧହୋଇ ପ୍ରଶାସନ ପକ୍ଷରୁ ବେଲପଡା ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଜ୍ଞାନରଞ୍ଜନ ମାଝି, ବେଲପଡା ଥାନା ଆଇଆଇସି ଅନନ୍ତ ପ୍ରଧାନ, ପାଟଣାଗଡ଼ର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ବେଲପଡା ଓ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ସିନେମା ହଲ୍‌ର ମୁଖ୍ୟ ଦ୍ୱାରରେ ତାଲା ମାରି ସିଲ୍ କରାଯାଇଛି।



ଆଲିଶାନ ସିନେମା ସେଣ୍ଟ୍ରାଲ୍‌କୁ ପ୍ରଶାସନ ଦ୍ୱାରା ସିଲ୍ କରାଯାଉଛି।

# ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା



ଲୋଇସିଂହା, ୧୨।୧୧ (ସୁଶାନ୍ତ ବାରିକ)

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ପଲ୍ଲୀଆଲୋକ ପାଠାଗାର ନଅଗାଁ(ଖ) ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ ସଭାଗୃହରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ୬ଟି ମହିଳା ଗୋଷ୍ଠୀ ଭାଗ ନେଇ ଅଣଧାନ ଯଥା ଡାଲିଜାତୀୟ ଶସ୍ୟରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ତଥା ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥି ଖାଦ୍ୟର ମାନ, ପରିଚ୍ଛନ୍ନତା ଓ ବିଷମୁକ୍ତ ଖାଦ୍ୟ ଉପରେ ଅନଧ୍ୟାନ କରି ମନୋନୀତ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମନୋନୀତ ଦଳକୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପଲ୍ଲୀଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ, ଉଦ୍ୟାନକୃଷି ଅଧିକାରୀ ଶ୍ରାବଣୀ ମହାପାତ୍ର, ଏଏଓ ଦେବପ୍ରିୟ ପଣ୍ଡା, ଏଓ ପ୍ରତିମା ରାଉତରାୟ, ମହେନ୍ଦ୍ର ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଶେଷକରି ମହିଳାଙ୍କ କ୍ଷେତ୍ରରେ ପୁଷ୍ଟିକର ଖାଦ୍ୟ ଖାଇବାର ପରିମାଣ ଓ ଉପାଦେୟତା ସମ୍ପର୍କରେ ଆବଗତ କରିଥିଲେ। ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ, ଅଭିଜିତ ମିଶ୍ର, ନମିତା ପଧାନ, ସୁଭଦ୍ରା ମହାଲିଙ୍ଗ ସହଯୋଗ କରିଥିଲେ।

# କଲେଜରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଦେଓଗାଁ, ୧୨।୧୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପିଏଚଇଓ ସ୍ନେହଲତା ସାହୁ, ସମ୍ମାନିତ ଅତିଥିଭାବେ ସିଏଚଓ ନୀପା ବେହେରା ପ୍ରମୁଖ ଯୋଗଦେଇ କଲେଜକୁ ତମାଖୁମୁକ୍ତ ଭାବେ ଘୋଷଣା କରିଥିଲେ। ଅଧ୍ୟାପକ ବିଜୟ କୁମାର ଜାଲ ଓ ହେମନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଏ ପରିପ୍ରେକ୍ଷୀରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଏ ଅଞ୍ଚଳକୁ ତମାଖୁ ମୁକ୍ତ ରଖିବା ପାଇଁ ଶପଥପାଠ କରାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଗୌତମ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶୁଭମ ଗଡତ୍ୟା ଦ୍ୱିତୀୟ ଓ କବିତା ରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର।

# ଅଫିସ୍‌ରେ ବସ ନାହିଁ, କ୍ଷେତ୍ରକୁ ଯାଅ: ଏମ୍‌ପି ସଙ୍ଗୀତା

**ବଲାଙ୍ଗୀର ଜିଲା ବିଦ୍ୟୁତ୍ କମିଟି ବୈଠକ**

ବଲାଙ୍ଗୀର, ୧୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅପରାହ୍ନରେ ଜିଲା ବିଦ୍ୟୁତ୍ କମିଟି ବୈଠକ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଟାଟା ପାୱାର ବଲାଙ୍ଗୀର ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ପଣ୍ଡା, ନିର୍ବାହୀ ଅଧିକାରୀ ସୁବ୍ରତ କୁମାର ସେଠ୍, ଟିଟିଲାଗଡ ନିର୍ବାହୀ ଅଧିକାରୀ, ଯୋଜନା ଓ ପରିବେକ୍ଷଣ ବିଭାଗ କର୍ମଚାରୀ, ପାଟଣାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀଙ୍କ ପ୍ରତିନିଧି, ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି, ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ଯୋଗଦାନ କରିଥିଲେ। ବୈଠକରେ ବିଦ୍ୟୁତ୍ ବିଭାଗର ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟ ସମୀକ୍ଷା କରି ଲୋକସଭା ଏମ୍‌ପି ସିଂଦେଓ ବିଭାଗୀୟ ଅଧିକାରୀଙ୍କୁ କଡା ତାଗିଦ୍ କରିଥିଲେ। କେବଳ ଅଫିସରେ ବସି ରହି ଚିଠିପତ୍ର କାମ କରିବା ଛାଡି ବିଭିନ୍ନ କ୍ଷେତ୍ରକୁ ଗସ୍ତ କରି ତୃଣମୂଳ ସ୍ଥିତି ଯାଞ୍ଚ କରିବାକୁ ଏମ୍‌ପି ସିଂଦେଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ଜିଲାର ସମସ୍ତ ଗାଁ ଓ ସହରାଞ୍ଚଳ ଲୋକଙ୍କୁ କିଭଳି ଗୁଣାତ୍ମକ ଏବଂ ନିରନ୍ତର ବିଜୁଳି ସେବା ଉପଲବ୍ଧ ହେବ ସେଦିଗରେ ଅଧିକାରୀମାନେ କାର୍ଯ୍ୟ କରିବାକୁ ସେ କହିଥିଲେ। ଜିଲାବାସୀଙ୍କ ବିଜୁଳି ସମସ୍ୟାର ଶୀଘ୍ର ସମାଧାନ କରିବା, ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ବିଷୟରେ ସଚେତନ କରି ସେସବୁ ସେବା ଲୋକେ ପାଉଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବାକୁ ଏମ୍‌ପି ସିଂଦେଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଅଧିକାରୀ ଜିଲାର ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ ନାହିଁ ତାଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଏମ୍‌ପି ସିଂଦେଓ ତାଗିଦ୍ କରିଥିଲେ। ଲୋୟର ସୁକ୍‌ତେଲ ବିସ୍ଥାପିତ ଏବଂ ଉଠାଜଳସେଚନ ଉପରେ ନିର୍ଭରଶୀଳ ଚାଷୀଙ୍କ ସମସ୍ୟା ଶୀଘ୍ର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।



ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଜିଲା ବିଦ୍ୟୁତ୍ କମିଟି ବୈଠକରେ ସମୀକ୍ଷା କରୁଛନ୍ତି।

## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କାବ୍ୟ ଉନ୍ମୋଚିତ

ବରଗଡ,୧୨।୧୧(ପ୍ରେମାନନ୍ଦ ଖମାରୀ): ସମ୍ବଲପୁରୀ ସାହିତ୍ୟରେ ଆଧ୍ୟାତ୍ମିକ ଚେତନାକୁ ନେଇ ଅନେକ କାବ୍ୟ, କବିତା ରଚିତ ହୋଇଥିଲେ ମଧ୍ୟ ଶୈବ ଉତ୍ପତ୍ତି ସ୍ଥଳ ଓ ତାର ମାହାତ୍ମ୍ୟକୁ ନେଇ କ୍ୱଚିତ୍ ସାହିତ୍ୟ ଦେଖିବାକୁ ମିଳେ। ଏହି କ୍ରମରେ ଯୁବକବି ସୁଦାମା ଠେଠୁଆରଙ୍କ ପ୍ରକାଶିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କାବ୍ୟ ଅଦ୍ଭୁତ ଓ ସ୍ୱତନ୍ତ୍ର ବୋଲି ଆଲୋଚକଗଣ ମତବ୍ୟକ୍ତ କରିଥିଲେ। ରବିବାର ଗାନ୍ଧୀ ସ୍ମୃତି ପାଠାଗାରରେ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଡଃ ଶେଷନ ବିଶି ମୁଖ୍ୟ ଅତିଥି, ସାହିତ୍ୟିକ ମନୋରଞ୍ଜନ ମେହେର ସମ୍ମାନୀତ ଅତିଥି, ଡଃ ଉମେଶ ମହାପାତ୍ର ଓ ଗବେଷକ ଉତ୍ପନ୍ନ କୁମାର ଭୋଇ ସମୀକ୍ଷକ ଭାବେ ଯୋଗଦେଇ ଉକ୍ତ କାବ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଔପନ୍ୟାସିକ ଧନପତି ମହାପାତ୍ରଙ୍କ ଉଦ୍ୟମ ଯୋଗୁ ଏପରି ଏକ କାବ୍ୟଗ୍ରନ୍ଥ ଲୋକଲୋଚନକୁ ଆସି ପାରିଥିବାରୁ ବକ୍ତାମାନେ ଧନ୍ୟବାଦ ଦେଇଥିଲେ। କଥାକାର ତେଜରୁ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡଃ ଗୋବର୍ଦ୍ଧନ ସାହୁ, ଡଃ ପାଣ୍ଡବ ବେହେରା, କଥାକାର ନରେନ୍ଦ୍ର ମହାନ୍ତି, ସମାଜସେବୀ ପ୍ରୀତମ ସିଂ, କବି ସୁରେଶ ତନ୍ଦ୍ର ଭୋଇ, ଦାମୋଦର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟାପକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ବୃତ୍ତଙ୍କ ରାତିଅଧିଆ ଆତଙ୍କରାଜ

ବରଗଡ଼,୧୨।୧୧(ପ୍ରେମାନନ୍ଦ ଖମାରୀ)



ପଥର୍ଲା ଛକରେ ରାସ୍ତା ଅବରୋଧ କରାଯାଇଛି।



ଥାନାରେ ପ୍ରଭାବିତ ପରିବାର ଲୋକେ।

- ସଂଘବଦ୍ଧ ଭାବେ ଘରକୁ ପଶି ତୁମୁଳକାଣ୍ଡ
- ମାରଣାସ୍ତ୍ର ଧରି ହତ୍ୟା ଧମକ ଅଭିଯୋଗ
- ଘରେ ଥିବା କାର୍, ବାଇକ୍ ଭଙ୍ଗାରୁଜା
- କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ

ବରଗଡ଼ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଚରମ ସୀମାରେ ପହଞ୍ଚିଛି। ଜିଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ମୋବାଇଲ୍, ସୁନାଚେନ୍ ଲୁଟ୍‌ପାଟ୍ ଚାଲିଛି। ରାସ୍ତାକଡ଼ରେ ଥିବା ବାଇକ୍ ମଧ୍ୟ ଚୋରି ହେଉଛି। ଅଭିଯୋଗ ସତ୍ତ୍ୱେ ପୋଲିସ ଚୋରି ଅଭିଯୁକ୍ତଙ୍କୁ ଧରିପାରୁନାହିଁ। କଥା ସେତିକିରେ ସରିନାହିଁ, ଏଠାରେ କେତେବେଳେ କିଏ ରାତିଅଧିଆ ଅମଳକ୍ଷମ ଧାନ ଫସଲରେ ମାଟି ପୋତି ତାକୁ ସମତୁଲ କରିଦେଉଛି ତ ଆଉ କେହି ସଂଘବଦ୍ଧ ଭାବେ ମାରଣାସ୍ତ୍ର ସହିତ ଘରକୁ ପଶି ଆତଙ୍କରାଜ ଚଳାଇଛନ୍ତି। ବରଗଡ଼ ସଦର ଥାନା ଅନ୍ତର୍ଗତ ଡୁରୁଙ୍ଗା ଗ୍ରାମରେ ସୋମବାର ରାତି ପ୍ରାୟ ୧୦ଟା ୩୦ମିନିଟ୍‌ରେ ଏଭଳି ଏକ ଘଟଣା ଘଟିଛି।

ସୋମବାର ରାତିରେ ସଂଘବଦ୍ଧ ଭାବେ ମାରଣାସ୍ତ୍ର ଧରି ଦୁର୍ବୃତ୍ତମାନେ ଗ୍ରାମର ମନୋଜ ମହାପାତ୍ରଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେବା ସହିତ ଘରେ ଥିବା କାର୍, ବାଇକ୍, ସ୍କୁଟି ଏବଂ ଆସବାବପତ୍ର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଏଭଳି ଆତଙ୍କରାଜକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଯାଇଛି। ମଙ୍ଗଳବାର ସକାଳେ ମନୋଜଙ୍କ ସ୍ତ୍ରୀ ବିଳାସିନୀ ଏତଲା ଦେବା ପରେ ସଦର ଥାନା ପୋଲିସ ଏ ନେଇ ତଦନ୍ତ କରୁଛି। ଅନ୍ୟପଟେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ପରିବାର ଏବଂ ପଡ଼ୋଶୀ ଲୋକେ ସ୍ଥାନୀୟ ପଥର୍ଲା ଛକରେ ବରଗଡ଼-ସୋହେଲା ରାସ୍ତାକୁ ଅବରୋଧ କରିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ସେମାନେ ରାସ୍ତାରୋକୋରୁ ହଟିଥିଲେ।

ବିଳାସିନୀ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି, ଗତ କିଛିଦିନ ତଳେ ତାଙ୍କ ଦିଅର ସୁଶାନ୍ତ ମହାପାତ୍ରଙ୍କୁ ଗ୍ରାମର ୨ଜଣ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସୁଶାନ୍ତଙ୍କ ମୁଣ୍ଡରେ ୧୪ଟି ଷ୍ଟିଚ୍ ପଡ଼ିଥିଲା। ଏହି ଘଟଣାରେ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ଉକ୍ତ ଘଟଣାରେ ଅନ୍ୟ ୨ଜଣ ମଧ୍ୟସ୍ଥି କରିବାକୁ ଥାନାକୁ ଆସି ଘଟଣାର ଆପୋସ ସମାଧାନ ପାଇଁ ତାଙ୍କ ସ୍ୱାମୀଙ୍କ ଉପରେ ଚାପ ପକାଇଥିଲେ। ସେଥିରେ ରାଜି ନ ହେଲେ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରି ଦେବାକୁ ସେତେବେଳେ ସମ୍ପୃକ୍ତ ୨ଜଣ ଧମକ ଦେଇଥିଲେ। ସେମାନଙ୍କ ସହିତ ୩୦ରୁ ୪୦ଜଣ ସୋମବାର ରାତି ୧୦ଟା ୩୦ରେ ଖଣ୍ଡା, ପିସ୍ତଲ, ଲୁହାରଡ୍, ଲାଠି ଧରି ତାଙ୍କ ଘରକୁ ପଶି ଆତଙ୍କ ସୃଷ୍ଟି କରିଥିଲେ ବୋଲି ବିଳାସିନୀ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ଭାଙ୍ଗି ଘର ଭିତରକୁ ପଶିଥିଲେ ଏବଂ ଘରେ ଥିବା କାର୍, ସ୍କୁଟି ଏବଂ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଦୁର୍ବୃତ୍ତଙ୍କ ଏହି ତୁମୁଳକାଣ୍ଡ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ଅନ୍ୟପଟେ ଦୁର୍ବୃତ୍ତମାନେ ଆତଙ୍କରାଜ ସୃଷ୍ଟି କରିବାବେଳେ ପରିବାର ଲୋକେ ପିଲାଛୁଆ ଧରି ଉପର ମହଲା ଛାତକୁ ଚାଲି ଯାଇଥିଲେ। ଏହାପରେ ଅଭିଯୁକ୍ତମାନେ ହତ୍ୟା ଧମକ ଦେଇ ଗାଡ଼ିରେ ଫେରି ଯାଇଥିଲେ ବୋଲି ବିଳାସିନୀ ଅଭିଯୋଗ କରିଛନ୍ତି। ଏହି ଘଟଣା ନେଇ ପରିବାର ଲୋକେ ରାତାରାତି ପୋଲିସକୁ ଫୋନ୍‌ରେ ସୂଚନା ଦେଇଥିଲେ। କିନ୍ତୁ ପୋଲିସ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

## ଆଜିଠୁ ବରଗଡ଼ରେ କୁଚ୍ ବେହାର ଟ୍ରଫି

ବରଗଡ଼,୧୨।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ୧୯ ବର୍ଷରୁ କମ୍ କୁଚ୍ ବେହାର ଟ୍ରଫି ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ୍ ଆସୋସିଏଶନ୍ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଓ ମେଘାଳୟ ଦଳର ଖେଳାଳି ରବିବାର ବରଗଡ଼ରେ ପହଞ୍ଚି ସ୍ଥାନୀୟ ୨ଟି ହୋଟେଲରେ ଅବସ୍ଥାନ କରୁଛନ୍ତି। ଉଭୟ ଦଳ ପହଞ୍ଚିବା ପରେ ଖେଳାଳି ଓ ଦଳର ସଦସ୍ୟମାନଙ୍କୁ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ଉପ ସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ଶୌର୍ଯ୍ୟ ରଞ୍ଜନ ରାଏ ପ୍ରମୁଖ ସ୍ୱାଗତ କରିଥିଲେ। ସୋମବାର ଓ ମଙ୍ଗଳବାର ଉଭୟ ଦଳ ଅଭ୍ୟାସ କରିଥିବା ଜଣାପଡିଛି। ଏହି ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ପର୍ଭିନ୍ଦର ସିଂ ମ୍ୟାଚ୍ ରେଫରି ନିଯୁକ୍ତ ହୋଇଥିବା ବେଳେ ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ରମେଶ କୁମାର ଅମ୍ପାୟାର କାର୍ଯ୍ୟ ତୁଲାଇବେ। ବିସିସିଆଇ ପକ୍ଷରୁ ଅନ୍‌ଲାଇନ୍ ସ୍କୋରର ରହିବେ ବିରାଜ ଦାଶ। ସେହିପରି ମାନୁଏଲ୍ ସ୍କୋରର ରାଜୁ ପାଣ୍ଡେ, ଭିଡିଓ ଆନାଲିଷ୍ଟ ତାପସ କୁମାର ନାୟକ, ଆସିଷ୍ଟାଣ୍ଟ ଭିଡିଓ ଆନାଲିଷ୍ଟ ଗୋବିନ୍ଦ ବେହେରା ରହିଛନ୍ତି। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ପ୍ରତ୍ୟେକ ଦିନ ସକାଳ ୯ଟାରୁ ମ୍ୟାଚ୍ ଆରମ୍ଭ ହୋଇ ଅପରାହ୍ଣ ୪ଟା ଯାଏ ଚାଲିବ। ଦିନ ୧୧ଟା ୩୦ ମିନିଟରୁ ୧୨ଟା ୧୦ମିନିଟ୍ ଯାଏ ମଧ୍ୟାହ୍ନ ଭୋଜନ ବିରତି ରହିବ। ଉଭୟ ଦଳ ପାଇଁ ଏଠାରେ ଉଚ୍ଚମାନର ପଡ଼ିଆ, ପ୍ରାକ୍ଟିସ୍ ପିଚ୍ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ଏହି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଏକ କମିଟି ଗଠନ କରାଯାଇଥିବା ସୂଚନା ଦିଆଯାଇଛି। ଭେନ୍ୟୁ ମ୍ୟାନେଜର ରହିଛନ୍ତି କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲି କ୍ରିଷ୍ଣା। ମେଘାଳୟ ଦଳର ସ୍ଥାନୀୟ ମ୍ୟାନେଜର ରହିଛନ୍ତି ପ୍ରଦୀପ ନନ୍ଦ। ଅମ୍ପାୟାରମାନଙ୍କ ଦାୟିତ୍ୱ ସଚ୍ଚିଦାନନ୍ଦ ପଣ୍ଡାଙ୍କ ଉପରେ ରହିଥିବା ବେଳେ ମେଡିକାଲ ଟିମ୍ ଦାୟିତ୍ୱ ବୁଝୁଛନ୍ତି ଗୁରୁଦତ୍ତ ଦାସ। ସ୍କୋରର ଓ ଭିଡ଼ିଓ ଆନାଲିଷ୍ଟମାନଙ୍କ ଦାୟିତ୍ୱ ରଜତ ଦାଶଙ୍କ ଉପରେ ରହିଛି । ସେହିପରି ଉଭୟ ଦଳ, ମ୍ୟାଚ୍ ଅଫିସିଆଲଙ୍କ ଖାଦ୍ୟ ଦାୟିତ୍ୱରେ ଉତ୍ପଳ ଦତ୍ତ ରହିଛନ୍ତି। ଗ୍ରାଉଣ୍ଡ ଦାୟିତ୍ୱରେ ପିତାମ୍ବର ପ୍ରଧାନ ଓ ଅଶୋକ ସିଂ ରହିଥିବା ବେଳେ କ୍ୟୁରେଟର ରହିଛନ୍ତି ଓସିଏର ମୁରଲୀ ପାତ୍ର। ପଡିଆରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡି. ବିବେକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ ଜିଲା କ୍ରିକେଟ ଆସୋସିଏଶନ ଏହି ମ୍ୟାଚ୍ ଆୟୋଜନ କରୁଛି।

## ୪୨ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼, ୧୨।୧୧(ପ୍ରେମାନନ୍ଦ ଖମାରୀ): ବରଗଡ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ୟୁନିୟନ ବ୍ୟାଙ୍କରେ ନିଷ୍ଠା ପରିବାର ଓ ୟୁନିୟନ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ୟୁନିୟନ ବ୍ୟାଙ୍କ କମଗାଁ ଶାଖା ପରିଚାଳକ ନିଶାନ୍ତ ଶିଲାଦିତ୍ୟ ମହାନ୍ତି, ସୁବ୍ରତ ଷଡଙ୍ଗୀ, କମଗାଁ ଜୁନିୟର କଲେଜର ପ୍ରିନ୍ସିପାଲ ପ୍ରେମାନନ୍ଦ ପଟେଲ ଉଦ୍‌ଘାଟନ କରିଥିଲେ। ଶିବିରରେ ୪୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ କମଗାଁ ୟୁନିୟନ ବ୍ୟାଙ୍କର ହର୍ଷିତା ଅଗ୍ରୱାଲ, ଦେବାଶିଷ ସ୍ୱାଇଁ, ସୁବାଷ ଶତପଥୀ, ପ୍ରହ୍ଲାଦ ବାଗ ଓ ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଜିତୁ ମହାପାତ୍ର, ମାନସ ମେହେର, ଜୟନ୍ତ ପ୍ରଧାନ, ଚିତ୍ର ପ୍ରଧାନ, ହେମାଞ୍ଚଳ ସାହୁ, ରାତ୍ର ପ୍ରଧାନ, ପୱନ ଷଡଙ୍ଗୀ, ଦିନେଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ପଦ୍ମପୁର,୧୨।୧୧(ପ୍ରଦୀପ୍ତ ଦାଶ)

### ଅଞ୍ଚଳ କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡା ନିଜ ଅଭିଭାଷଣରେ ଶିକ୍ଷା ଦିବସ ଉପଲକ୍ଷେ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଉତ୍ସାହିତ କରିଥିଲେ। ଶିକ୍ଷା ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଡଃ ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ର ମୁଖ୍ୟ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରମାନଙ୍କୁ କଠିନ ପରିଶ୍ରମ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। କେନ୍ଦୁଝରର ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏକ ଉନ୍ନତ ଭାରତ ବର୍ଷ ଗଠନ ଦିଗରେ ଶିକ୍ଷାର ଭୂମିକାକୁ ଉଦାହରଣ ଭାବରେ ଦର୍ଶାଇଥିଲେ। ବିଭାଗୀୟ ମୁଖ୍ୟ ଡଃ ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡଃ ଭେଙ୍କଟେଶ୍ୱର ମେହେର ଶିକ୍ଷା ମାଧ୍ୟମରେ ସାମାଜିକ ଓ ନୈତିକ ମୂଲ୍ୟବୋଧର ବିକାଶ ଉପରେ ଆଲୋକପାତ କରି ସାମାଜିକ ଗଣମାଧ୍ୟମର ସଦୁପଯୋଗ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗର ଗବେଷଣା ପ୍ରକଳ୍ପରେ କାର୍ଯ୍ୟରତ ଡଃ ପ୍ରଦୀପ କୁମାର ତିୱାରୀ ଶିକ୍ଷା ଓ ସମାଜ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରମାନଙ୍କୁ ନିଜ ମଧ୍ୟରେ ଥିବା ପ୍ରତିଭା ଚିହ୍ନିବା ପାଇଁ କହିଥିଲେ। ପରେ ଛାତ୍ରଛାତ୍ରୀ ଅଭିଭାଷଣ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ସସ୍ମିତା ମେହେରଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଛାତ୍ରୀ ମଞ୍ଜୁ ବାଲମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡଃ ଭେଙ୍କଟେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡଃ ବିରଞ୍ଚି ସାହୁ, ଖଗେଶ୍ୱର ଦାସ, ପ୍ରଭାତ କୁମାର ମହାପାତ୍ର, ନବକ୍ରିଷ୍ଣା ମିଶ୍ର, ସନ୍ତୋଷ ମିଶ୍ର, ପ୍ରମୋଦ କୁମାର ପାଣିଗ୍ରାହୀ, ସଞ୍ଜୟ ଟିଗା, ଡଃ ପ୍ରଦୀପ କୁମାର ପଣ୍ଡା, ଝୁନୁ ପରିଡ଼ା, ତାପିନୀ ପଣ୍ଡା, ଡଃ ମମତା ମୟୀ ଗୁରୁ ପ୍ରମୁଖଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ରାଣାପ୍ରତାପ ସ୍କୁଲରେ ରାଷ୍ଟ୍ରୀୟ ଶିକ୍ଷା ଦିବସ

ବରଗଡ,୧୨।୧୧(ପ୍ରେମାନନ୍ଦ ଖମାରୀ)

ମଣିଷର ଚେତନା ଶକ୍ତି ଯାହାଦ୍ୱାରା ପ୍ରସାରିତ ହୁଏ, ତାହା ହିଁ ପ୍ରକୃତ ଶିକ୍ଷା ବୋଲି ରାଣା ପ୍ରତାପ ସ୍କୁଲରେ ସ୍ୱାଧୀନତା ସଂଗ୍ରାମୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଶିକ୍ଷା ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷା ଦିବସ ପାଳନର ଯଥାର୍ଥତା ଉପରେ ଆଲୋଚନା କରିଥିଲେ। ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଆଜାଦଙ୍କ ଜୀବନୀ ଉପରେ ଆଲୋଚନା କରି ଛାତ୍ରୀଛାତ୍ର ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ବରପାଲି,୧୨।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ବୁରୋମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ବିଜେପୁର ବିଧାୟକ ସନତ ଗଡତିଆ ମୁଖ୍ୟ ଅତିଥି, ବରଗଡ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବରପାଲି ଏବିଇଓ ଦୁର୍ଯ୍ୟୋଧନ ସିଂହ, ବୁରୋମୁଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋରାରଜୀ ଭୋଇ ସମ୍ମାନିତ ଅତିଥି, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଧୀରଜ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ବିଇଓ ମୁକୁନ୍ଦ ମହାରା ସଭପତିତ୍ୱ କରିଥିଲେ। ଶିକ୍ଷକ ସୋହନ ପଧାନ ସଭା ସଂଯୋଜନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ନିମାଇଁ ପଧାନ, ନାରାୟଣ ଭୁଏ ଓ ପାଟକୁଲୁଣ୍ଡା ସରପଞ୍ଚ ପ୍ରେମରାଜ ତାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ସିସି ବିନୟ ଭୋଇ, ସଞ୍ଜୟ ସାହୁ, ଲୁପାଞ୍ଜନ ବାରିକ, ଶ୍ରୀନିବାସ ପଧାନ, କ୍ଷେତ୍ର ମେହେର, ମିଥୁନ ସାହୁ, ରାଜେନ୍ଦ୍ର ମେହେର, ସୁଦାମ ମେହେର, ଉତ୍ତମ ଦେହୁରୀ, ଅନିଲ ଦାସ, ଶିକ୍ଷକ ଧାଲେଶ୍ୱର ସାହୁ, ହିତାଂଶୁ ସାହୁ, ଶୁଭେନ୍ଦୁ ସାହୁ, ମହେନ୍ଦ୍ର ବେହେରା, ଅରବିନ୍ଦ ବିଶି ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଭିନ୍ନକ୍ଷମମାନଙ୍କୁ ପଞ୍ଜୀକରଣ କରାଯାଉଛି।

ଝାରବନ୍ଧ,୧୨।୧୧(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ଭିନ୍ନକ୍ଷମମାନେ ଅଂଶଗ୍ରହଣ କରି ପରୀକ୍ଷା କରାଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କଣ୍ଡୁଲନାଙ୍କ ତତ୍ତ୍ୱାବଧାନରେ ମେଡ଼ିଶିନ ବିଶେଷଜ୍ଞ ଡ଼ା ରାମପ୍ରସାଦ ସାହୁ, ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସଞ୍ଜୟ କୁମାର ନାଏକ, ଚକ୍ଷୁ ବିଶେଷଜ୍ଞ ଡା. ତନୁଜା ପାତ୍ର, ଇଏନ୍‌ଟି ବିଶେଷଜ୍ଞ ପ୍ରଭାତ କୁମାର ରାୱଲ, ମାନସିକ ରୋଗ ବିଶେଷଜ୍ଞ ନେପାଳ ଦୁଆନ ଯୋଗଦାନ କରି ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୨୯୮ଜଣ ବିଭିନ୍ନ ବିଭାଗରେ ଆବେଦନ କରିଥିଲେ। ତନ୍ମଧ୍ୟରେ ଦୃଷ୍ଟି ବାଧକ ୪୩ଜଣ, ମାନସିକ ବାଧିତ ୧୬ଜଣ, ଚଳନ ବାଧିତ ୧୩୧ଜଣ, ଆଖି, ଗଳା, ନାକ ୯୬ଜଣ, ମେଡ଼ଶିନ ୧୦ଜଣ ଥିଲେ। ୧୦ ଜଣଙ୍କୁ ବସ ପାସ୍, ୪୮ଜଣଙ୍କୁ ଶ୍ରବଣ ଯନ୍ତ୍ର, ୬ ଜଣଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡି, ଆଶା କର୍ମୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଜୈବିକ ସାରରେ ଚାଷ କରିବାକୁ ପରାମର୍ଶ

ଗାଇସିଲେଟ,୧୨।୧୧(ଦୁର୍ଗା ପ୍ରସାଦ ତ୍ରିବେଦୀ)

### ଗାଇସିଲେଟରେ ଦେଶୀ ବିହନ ଓ ଖାଦ୍ୟ ମେଳା

ଗାଇସିଲେଟ ବ୍ଲକ କଠାଉମାଲ ପଞ୍ଚାୟତ ସାପ୍ତାହିକ ବଜାରରେ ସୋମବାର ଅହିଂସା କ୍ଲବ ଓ ଭିତ୍ତିଭୂମି ସେବା ସଙ୍ଗଠନ ପକ୍ଷରୁ ଦେଶୀ ବିହନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ପନିପରିବା ବିକ୍ରି ସକାଶେ ପିଣ୍ଡି ଖୋଲାଯାଇଥିଲା। ପରେ ଦେଶୀ ଧାନ ଚାଷ କରୁଥିବା ମହିଳା ଚାଷୀମାନେ ବ୍ୟାନର ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରି ସଭାସ୍ଥଳକୁ ଆସିଥିଲେ। ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ମୁଖ୍ୟ ଅତିଥି, ବିଡିଓ ଲକ୍ଷ୍ମଣ ମାଝୀ, ମେଳାର ଡାଇରେକ୍ଟର ସରୋଜ ମହାନ୍ତି, ସରପଞ୍ଚ ଶେଷଦେବ ପଧାନ, ବଜାର କମିଟି ସଭାପତି ତ୍ରିଲୋଚନ ପୋଢ, ରାଇସଲପଦର ସରପଞ୍ଚ ବିଳାସିନୀ ସାହୁ ଓ ପୂର୍ବତନ ସରପଞ୍ଚ କରମସିଂ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଚାଷୀମାନଙ୍କୁ ଜୈବିକ ସାରରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅହିଂସା କ୍ଲବ ସମ୍ପାଦକ ଶବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଡିଗ୍ରୀ କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ

ବରଗଡ଼,୧୨।୧୧(ପ୍ରେମାନନ୍ଦ ଖମାରୀ)

ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ମୌଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜନ୍ମତିଥି ଅବସରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ସ୍ୱାମୀ ନିଜେ ଶିକ୍ଷାଶାସ୍ତ୍ର ବିଭାଗର ଜଣେ ପୂର୍ବତନ ପ୍ରାଧ୍ୟାପକ ଭାବେ ତାଙ୍କ ଅନୁଭୂତିରୁ ଅନେକ ବିଷୟବସ୍ତୁ ଛାତ୍ରୀଛାତ୍ରଙ୍କ ସହିତ ଆଦାନ ପ୍ରଦାନ କରିବା ସହ ଶିକ୍ଷାରେ ଆଧ୍ୟାତ୍ମିକତା ଓ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜର ଶିକ୍ଷାଶାସ୍ତ୍ର ସମ୍ମାନ ବିଭାଗର ଛାତ୍ରୀ ବନିତା ପ୍ରଧାନ ଏବଂ ଛାତ୍ର ଫୈଜାନ୍ ହେମଜ୍ ଖାନ୍ ଶିକ୍ଷାଶାସ୍ତ୍ର ଏବଂ ବିଭିନ୍ନ ଶିକ୍ଷାନୀତିର ତୁଳନାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଛାତ୍ରୀ ସଂସ୍କୃତି ହୋତା କାର୍ଯ୍ୟକ୍ରମ ସଞ୍ଚାଳନ ଏବଂ ଶିକ୍ଷାଶାସ୍ତ୍ର ବିଭାଗ ଅଧ୍ୟାପିକା ସୁଜାତା ବେସନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଳା ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଯୋଗଦାନ କରିଥିଲେ।



ଜାତୀୟ ଶିକ୍ଷା ଦିବସ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ବିକାଶ ନର୍ସିଂ କଲେଜରେ ଛାତ୍ରୀଛାତ୍ରଙ୍କ ଆଭିମୁଖ୍ୟ ସମାରୋହ

ବରଗଡ,୧୨।୧୧(ପ୍ରେମାନନ୍ଦ ଖମାରୀ)



ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଛାତ୍ରୀଛାତ୍ର ।

ବରଗଡ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜରେ ସୋମବାର, ମଙ୍ଗଳବାର ୨ଦିନ ଧରି ଚାଲିଥିବା ଆଭିମୁଖ୍ୟ ସମାରୋହ ଉଦ୍‌ଯାପିତ ହୋଇଛି। ବି.ଏସ୍.ସି. ନର୍ସିଂ, ଏ.ଏନ୍.ଏମ୍, ଜି.ଏନ୍.ଏମ୍ ଏବଂ ପୋଷ୍ଟ ବେସିକ୍ ବି.ଏସ୍.ସି. ନର୍ସିଂର ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସକାଶେ ଉକ୍ତ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ତପସ୍ୱିନୀ ଦାସ ଏବଂ ଅର୍ପିତାରାଣୀ ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନ୍ୱେଷିତା ସାହୁ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ନୂତନ ଛାତ୍ରୀଙ୍କୁ ଉତ୍ସାହିତ ଏବଂ ପ୍ରେରିତ କରିବା ସକାଶେ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ, ହସ୍ପିଟାଲ ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର, ମୁଖ୍ୟ ପ୍ରଶାସକ ଇଂ. ଅଜୟ କୁମାର ମହାପାତ୍ର ଏବଂ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଛାତ୍ର କଲ୍ୟାଣ ସମିତିର ଡିନ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦୀପାଳି ପଟେଲ ସମସ୍ତ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ହସ୍ପିଟାଲ ନିର୍ଦ୍ଦେଶକ ଡା. ମିଶ୍ର ନୂତନ ଛାତ୍ରୀଛାତ୍ରଙ୍କୁ ନର୍ସିଂର ଗୁରୁତ୍ୱ ବୁଝାଇଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଚେୟାରମ୍ୟାନ ରାଓ ଛାତ୍ରୀଛାତ୍ରଙ୍କୁ ନର୍ସିଂ ବୃତ୍ତିର ମହତ୍ୱ ବୁଝାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଶେଷରେ ନର୍ସିଂ କଲେଜ ଅଧ୍ୟାପିକା ଗ୍ଲାଡିସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପଟେଲ ଏବଂ ଛାତ୍ର କଲ୍ୟାଣ ସମିତିର ଡିନ୍ ଆର୍. ଏସ୍. ଭି. କ୍ରିଷ୍ଣା ଅଧିବେଶନ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଜ୍ଞାନ ତଥା ନର୍ସିଂର ଉପକାରିତା ବିଷୟରେ ମାର୍ଗଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନ, ମୁଖ୍ୟ ପ୍ରଶାସକ ଇଂ. ଅଜୟ କୁମାର ମହାପାତ୍ର, ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ଲ' ସ୍କୁଲର ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ, ଏଚ୍. ଆର୍. ଦେବଯାନୀ ଦାସ, ପଲିଟେକ୍ନିକ୍ ଅଧ୍ୟକ୍ଷ ଡଃ ଦିଲ୍ଲି ଖମାରୀ, ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ପ୍ରମୁଖ ପିଲାଙ୍କୁ ନର୍ସିଂ ବୃତ୍ତିର ମହତ୍ୱ, ଆବଶ୍ୟକତା, ଗୁରୁତ୍ୱ ଏବଂ ଭୂମିକା ବିଷୟରେ ବୁଝାଇଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କୁ କଚାଡି ମାରିଲା ଦନ୍ତା

ରାଉରକେଲା,୧୨।୧୧(ସଙ୍ଗୀତା ଜେନା) ରାଉରକେଲା ସହରର ଜନଗହଳିପୂର୍ଣ୍ଣ ସେକ୍ଟର-୧୯ ଥାନା ଅଞ୍ଚଳରେ ମଙ୍ଗଳବାର ଭୋର୍ ସମୟରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହମିରପୁର କିଷାନଟୋଲା ଉପରବସ୍ତିର ସୁଧୁ ବଡ଼ାଇକ(୭୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମୃତକଙ୍କ ପୁଅ ଜୟପ୍ରକାଶ ବଡାଇକ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୯/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ସୁଧୁ ଭୋର୍ ସାଢ଼େ ୪ଟା ସମୟରେ ଶୌଚ ପାଇଁ ରାଉରକେଲା ହାଉସ ପଛପାର୍ଶ୍ୱ ପଡ଼ିଆକୁ ଯାଇଥିଲେ। ଏହି ସମୟରେ ସେଠାରେ ସେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ବୃଦ୍ଧଙ୍କୁ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଓ ରାଉରକେଲା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୨୦ ହଜାର ଟଙ୍କା ଏବଂ ପରେ କ୍ଷତିପୂରଣ ବାବଦ ୫ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ପୋଲିସ ଇନ୍ସପେକ୍ଟର ସ୍ତରରେ ବଦଳି

ରାଉରକେଲା,୧୨।୧୧(ସଙ୍ଗୀତା ଜେନା): ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ସୂଚନା ଅନୁଯାୟୀ ଇନ୍ସପେକ୍ଟର ସ୍ତରରେ ରାଉରକେଲା ଓ ଅନ୍ୟ ପୋଲିସ ଜିଲାକୁ ବଦଳି ହୋଇଥିବା ଜଣାପଡ଼ିଛି। ବିବସ୍ୱ ପ୍ରଧାନ, ବିଜୟ ସିଂହ, ବିଜୟ ବିହାରୀ, ଗଗନ ବିହାରୀ ନାୟକ, ଜ୍ୟୋତିରଞ୍ଜନ ପତି ପ୍ରମୁଖ ବର୍ତ୍ତମାନ କେନ୍ଦୁଝର ପୋଲିସ ଜିଲାରେ ଅବସ୍ଥାନ କରୁଛନ୍ତି। ଏମାନଙ୍କର ରାଉରକେଲାକୁ ବଦଳି କରାଯାଇଛି। ସେହିପରି ରାଉରକେଲାରେ ଥିବା ଇନ୍ସପେକ୍ଟର ଅଶୋକ ଦାସ, ଚିତ୍ତରଞ୍ଜନ ନାୟକ, ମାନସ ମହାକୁଡ଼ଙ୍କ ବଦଳି ସୁନ୍ଦରଗଡ଼ ଏବଂ କେନ୍ଦୁଝରକୁ କରାଯାଇଛି।

### ଘରେ ପଶି ଚୋରି, ୩ ଗିରଫ

ରାଉରକେଲା,୧୨।୧୧(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ୩ ଜଣ ଯାଯାବରଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ସୁନାଚେନ୍, କାନ ଲକେଟ୍, ମୁଦି ସମେତ ରୁପା ଗହଣା ଜବତ କରାଯାଇଛି। ସେମାନେ ସମ୍ବଲପୁରର କୌଣସି ଅଞ୍ଚଳରେ ଘରେ ପଶି ଚୋରି କରିଥିବା ପୋଲିସ କହିଛି। ଅଭିଯୁକ୍ତମାନଙ୍କୁ ସମ୍ବଲପୁର ପୋଲିସକୁ ହସ୍ତାନ୍ତର କରାଯାଇଛି।

### ୧୬ରୁ ନୂତନ ଦୃଷ୍ଟିକୋଣ ଶିବିର

ରାଉରକେଲା,୧୨।୧୧(ବିପ୍ଳବ ରଞ୍ଜନ ଦାଶ): ସନ ଟୁ ହ୍ୟୁମାନ ପକ୍ଷରୁ ରାଉରକେଲା ଏଲ୍ଆଇସି ପଡିଆରେ ଆସନ୍ତା ୧୬ରୁ ୨୧ତାରିଖ ପର୍ଯ୍ୟନ୍ତ ନିଃଶୁଳ୍କ ନୂତନ ଦୃଷ୍ଟିକୋଣ ଶିବିର ଆୟୋଜନ ହେବ। ଖାରବେଳ ୱେଲଫେୟାର ଫାଉଣ୍ଡେଶନ ସମେତ ସୁରେଶ ଚନ୍ଦ୍ର ଜୈନ, ଅଞ୍ଜନ ଜୈନ, ରାକେଶ ଜୈନ, ବନ୍ଦନା ଜୈନ ପ୍ରମୁଖ ଶିବିରର ଆୟୋଜକ ରହିଛନ୍ତି। ଶିବିରରେ ଖାଦ୍ୟ, ବ୍ୟାୟାମ, ଧ୍ୟାନ ଏବଂ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ଶିବିରରେ ଅମ୍ଳଜାନ ବୃଦ୍ଧି ପାଇଁ ସରଳ ପ୍ରୟୋଗ କରାଯିବ ବୋଲି ସୁରେଶ ଜୈନ, ରାକେଶ ଜୈନ, ମୈତ୍ରେୟୀ, ରବି ନିର୍ମଳ ଓ ସୁରେଶ କେଜ୍ରିୱାଲ ସୂଚନା ପ୍ରଦାନ କରିଛନ୍ତି।

# ବଢୁଛି ପିଲାଙ୍କ ବସ୍ତାନି ବୋଝ

ରାଉରକେଲା,୧୨।୧୧(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲାର ଏକ ସ୍କୁଲରେ ପିଲାମାନେ ଓଜନିଆ ବସ୍ତାନି ଧରି ଛିଡ଼ା ହୋଇଛନ୍ତି।

- ନିୟମ ଅନୁପାଳନ ହେଉନାହିଁ
- ମେରୁଦଣ୍ଡ ଉପରେ ପଡୁଛି ପ୍ରଭାବ

ବିଶ୍ରା ଶିକ୍ଷା ଅଞ୍ଚଳ ଏବଂ ରାଉରକେଲା ସହରାଞ୍ଚଳରେ ୧ମରୁ ୫ମ ଶ୍ରେଣୀର କୋମଳମତି ଛାତ୍ରୀଛାତ୍ରମାନେ ନିଜ ଓଜନରୁ ଅଧିକ ଓଜନର ସ୍କୁଲ ବସ୍ତାନୀ ବୋହୁଛନ୍ତି। ଫଳରେ ଏହାର ପ୍ରଭାବ ସିଧାସଳଖ ପିଲାମାନଙ୍କ ମେରୁଦଣ୍ଡ ଉପରେ ପଡୁଛି। ସରକାର ଶ୍ରେଣୀ ଅନୁଯାୟୀ ବସ୍ତାନି ଓଜନ ହ୍ରାସ କରି ଓଜନ ନିର୍ଦ୍ଧାରିତ କରିଥିଲେ। କିନ୍ତୁ ବିଶ୍ରା ଓ ରାଉରକେଲା ଶିକ୍ଷାଞ୍ଚଳରେ ଏହାର ଖୁଲମଖୁଲା ଉଲ୍ଲଂଘନ ହେଉଛି। ସ୍କୁଲ ବସ୍ତାନିର ନିର୍ଦ୍ଧାରିତ ଓଜନ ମୁତାବକ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପାଇଁ ୧.୫ କିଗ୍ରା, ୩ୟରୁ ୪ଶ୍ରେଣୀ ୪ କିଗ୍ରା, ୫ମରୁ ୬ଷ୍ଠ ଶ୍ରେଣୀ ପାଇଁ ୪.୫ କିଗ୍ରା ରଖିବା ଧାର୍ଯ୍ୟ ହୋଇଛି। ମାତ୍ର ବିଶ୍ରା ବ୍ଲକ ଅନ୍ତର୍ଗତ ୮୪ଟି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୪୫୨ବାଳକ ଓ ୨୫୮୬ ବାଳିକା ବିଦ୍ୟା ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ବସ୍ତାନୀ ଓଜନ ୩ଗୁଣା ରହୁଛି। ରାଉରକେଲା ସହରର ଜନୈକ ସହକାରୀ ଶିକ୍ଷୟିତ୍ରୀ ନିଜ ନାଁ ଗୁପ୍ତ ରଖି କହିଛନ୍ତି, ଅଧିକ ବସ୍ତାନୀ ବୋଝ କାରଣରୁ ପିଲାମାନେ ଚାଲିବା ସମୟରେ ପଡି ଆହତ ମଧ୍ୟ ହେଉଛନ୍ତି। ୧ମରୁ ୫ମ ଶ୍ରେଣୀର ପିଲାମାନେ ୫ କିଲୋରୁ ଉର୍ଦ୍ଧ୍ୱ ଓଜନର ବସ୍ତାନୀ ଧରି ସ୍କୁଲ ଆସୁଛନ୍ତି। ଦିନକୁ ଦିନ ଶ୍ରେଣୀ ହିସାବରେ ପାଠ୍ୟ ପୁସ୍ତକର ସିଲାବସ ବୃଦ୍ଧି ପାଉଛି। ଫଳରେ ପିଲାମାନେ ବ୍ୟାଗ୍‌ରେ ସମସ୍ତ ପାଠ୍ୟ ପୁସ୍ତକ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଦ୍ରବ୍ୟ ନେଉଥିବା ଯୋଗୁ ଓଜନ ବୃଦ୍ଧି ପାଉଛି। ଏହାର ପ୍ରଭାବ ପିଲାଙ୍କ ମେରୁଦଣ୍ଡ ଉପରେ ପଡୁଛି ବୋଲି ସେ କହିଛନ୍ତି। ଏଣୁ ସରକାର ଓ ବିଭାଗୀୟ ପ୍ରଶାସନ ବସ୍ତାନୀ ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ଏ ନେଇ ବିଶ୍ରା ଶିକ୍ଷାଧିକାରୀ ସଦାନନ୍ଦ ପଧାନଙ୍କୁ ପଚାରିବାରୁ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ମେଣ୍ଟ ବିଜୟୀ

ରାଉରକେଲା,୧୨।୧୧(ସଙ୍ଗୀତା ଜେନା)

**ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ଶେଷ**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଏହି ନିର୍ବାଚନରେ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ମେଣ୍ଟ ବିଜୟୀ ହୋଇଛି।

ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନରେ ମତଦାନ ପାଇଁ ମୋଟ୍ ୧୧ଟି ବୁଥ୍ ହୋଇଥିବା ବେଳେ ୯୪୩୬ ମତଦାତାଙ୍କ ମଧ୍ୟରୁ ୮୯୪୯ ଜଣ ମତଦାନ କରିଥିଲେ। ଯାହାକି ପ୍ରାୟ ୯୫ ପ୍ରତିଶତ ମତଦାନ ହୋଇଥିଲା। ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୁପ୍ତ ବାଲାଟ୍‌ରେ ମତଦାନ କରାଯାଇଥିଲା। ବୁଥ୍ ନଂ-୧ କୋକ୍ ଓଭେନ୍ କୋପରେଟିଭ୍ କ୍ୟାଣ୍ଟିନରେ ୮୫.୧୪ ପ୍ରତିଶତ, ବୁଥ୍ ନଂ-୨ ବ୍ଲାଷ୍ଟ ଫର୍ନେସ ୧ ଓ ୪ ସମ୍ମିଳନୀ କକ୍ଷରେ ୯୫.୨୭ ପ୍ରତିଶତ, ବୁଥ୍ ନଂ-୩ ପୁରୁଣା ଏଆରସି ବିଲ୍ଡିଂରେ ୯୪.୭୫ ପ୍ରତିଶତ, ବୁଥ୍ ନଂ-୪ ଏଲ୍ଆଣ୍ଡଡ଼ିରେ ୯୭.୦୨ ପ୍ରତିଶତ, ବୁଥ୍ ନଂ-୫ ପିସିଏମ୍ ବିଲ୍ଡିଂରେ ୯୩.୫୯ ପ୍ରତିଶତ, ବୁଥ୍ ନଂ-୬ ପିବିଏସ୍ ବିଲ୍ଡିଂରେ ୯୬.୦୪ ପ୍ରତିଶତ, ବୁଥ୍ ନଂ.-୭ ଆର୍‌ଏସ୍‌ଏମ୍ ସମ୍ମିଳନୀ କକ୍ଷରେ ୯୫.୫୭ ପ୍ରତିଶତ, ବୁଥ୍ ନଂ-୮କ୍ରେନ୍ ମେଣ୍ଟେନାନ୍ସରେ ୯୫.୩୨ ପ୍ରତିଶତ, ବୁଥ୍ ନଂ-୯ ଏଚ୍‌ଏମ୍‌ଇ ୱାର୍କଶପ୍‌ରେ ୯୩.୩୩ ପ୍ରତିଶତ, ବୁଥ୍ ନଂ-୧୦ ପ୍ରଶାସନିକ ବିଲ୍ଡିଂରେ ୯୩.୧୦ ପ୍ରତିଶତ, ବୁଥ୍ ନଂ-୧୧ ସେକ୍ଟର-୧୯ ଇସ୍ପାତ ବିଦ୍ୟାମନ୍ଦିର କଲେଜରେ ୯୪.୨୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିଲା।

ସନ୍ଧ୍ୟା ସାଢ଼େ ୬ଟାରେ ସେକ୍ଟର ଦୀପିକା ଇସ୍ପାତ ଶିକ୍ଷା ସଦନରେ କଡ଼ା ସୁରକ୍ଷା ବଳୟରେ ଭୋଟ ଗଣତି ହୋଇଥିଲା। ପ୍ରଥମ କରି ସମସ୍ତ ବାଲାଟ୍ ଏକାଠି କରାଯିବା ପରେ ୧୧ଟି ଟେବୁଲ୍‌ରେ ଭାଗ କରି ଗଣତି ଆରମ୍ଭ ହୋଇଥିଲା। ରିଟର୍ନିଂ ଅଫିସର ଏସ୍. ସମ୍ପତ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଞ୍ଚଳିକ ଶ୍ରମ ବିଭାଗ (କେନ୍ଦ୍ର) ଉପାୟୁକ୍ତ ରବିକାନ୍ତ ରେଡ୍ଡୀ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ରାତି ପ୍ରାୟ ୧୦ଟା ୪୫ ମିନିଟ୍‌ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ଏଥିରେ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ମେଣ୍ଟ ୧୩୬ ଖଣ୍ଡ ଭୋଟ୍‌ରେ ବିଜୟ ଲାଭ କରିଥିଲା। ଏହି ମେଣ୍ଟକୁ ମୋଟ୍ ୪୧୯୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଶ୍ରମିକ ସଙ୍ଗଠନ ବିଏମ୍‌ଏସ୍ ସହବନ୍ଧିତ ଆର୍‌ଆଇକେକେଏସ୍‌କୁ ୪୦୩୬ ଖଣ୍ଡ ଭୋଟ୍ ମିଳିଥିଲା। ଭୋଟ୍ ଗଣତି ଶେଷ ହେବା ପରେ ବିଜୟୀ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ବାଣ ଫୁଟାଇ ଖୁସି ମନାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜୋନ୍-୧ ଡିଏସ୍‌ପି ପୁଷ୍ପାଞ୍ଜଳି ନିନ୍‌ଗୀଙ୍କ ନେତୃତ୍ୱରେ ୨ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ।



ନିର୍ବାଚନରେ ବିଜୟ ପରେ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ମେଣ୍ଟର ନେତା ।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଦିନିକିଆ ରାଉରକେଲା ଗସ୍ତ

ରାଉରକେଲା,୧୨।୧୧(ବିପ୍ଳବ ରଞ୍ଜନ ଦାଶ)



ଛାତ୍ରାବାସ ପିଲାଙ୍କ ଗହଣରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।

ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଉରକେଲାକୁ ଦିନିକିଆ ଗସ୍ତରେ ଆସି ମଙ୍ଗଳବାର ପୂର୍ବାହ୍ନ ୯ଟାରେ ରାଉରକେଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ମନ୍ତ୍ରୀ ରାଉରକେଲାର ପର୍ଯ୍ୟଟନ ସ୍ଥଳ, କ୍ରୀଡ଼ା କ୍ଷେତ୍ର ସହିତ ବିଭିନ୍ନ କଲେଜ ପରିଦର୍ଶନ କରି କ୍ରୀଡାବିତ୍‌ମାନଙ୍କ ସହିତ ଭାବ ବିନିମୟ କରିଛନ୍ତି। ସେ ଗୋପବନ୍ଧୁପଲ୍ଲୀସ୍ଥିତ ବୈଷ୍ଣୋଦେବୀ ମନ୍ଦିର, ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ହକି ଖେଳାଳିମାନଙ୍କ ସହିତ ଆଲୋଚନା କରିଥିଲେ। କ୍ରୀଡବିତ୍‌ମାନେ କେବଳ ଚାକିରି ପାଇଁ କ୍ରୀଡ଼ାରେ ମନୋନିବେଶ ନ କରି ଦେଶ ଏବଂ ରାଜ୍ୟର ଗୌରବ ବୃଦ୍ଧି ପାଇଁ କ୍ରୀଡ଼ା ମଡେଲ ହାସଲ କରିବାକୁ ମନ୍ତ୍ରୀ କହିଥିଲେ। ପରେ ସେ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ, ମ୍ୟୁନିସିପାଲ କଲେଜ ଓ ରାଉରକେଲା କଲେଜକୁ ଗସ୍ତ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତରେ ତାଙ୍କ ସହିତ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଆନ୍ତର୍ଜାତୀୟ ହକି ଖେଳାଳି ଲାଜରୁସ ବାର୍ଲା, ପ୍ରବୋଧ ତିର୍କୀ, ପାନପୋଷ ଭାଜପା ସାଙ୍ଗଠନିକ ଜିଲା ସଭାପତି ଲତିକା ପଟ୍ଟନାୟକ, ଭାଜପା ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସାମିଲ ହୋଇଥିଲେ।

### ଶାନ୍ତି କଲୋନିରେ ଅଷ୍ଟପ୍ରହର ନାମଯଜ୍ଞ

ରାଉରକେଲା,୧୨।୧୧(ଦିନେଶ ମିଶ୍ର) ରାଉରକେଲା ଓରାମପଡାସ୍ଥିତ ଶାନ୍ତି କଲୋନି ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଡମ୍ବରୁ ମହାରଣା ଓ ଲକ୍ଷ୍ମୀ ମହାରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୮ଟି କୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ହରିନାମ ସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ନଗର ସଂକୀର୍ତ୍ତନ କରାଯାଇ ଦଧିହାଣ୍ଡି ଭଙ୍ଗ କରାଯାଇଥିଲା। ନେୟାମି ମହାନନ୍ଦି, ପ୍ରତିଭା ଦାସ, ଗୌରୀ ସିଂହ, ଜ୍ୟୋତି ବଇତାଇ, ସୁମନ ମାଝୀ, ହରପ୍ରିୟା ସାହୁ, ସସ୍ମିତା ଥାଟୋଇ, ସୁକାନ୍ତି ସାହୁ, ମମତା ବଳିଆରସିଂହ, ଘେନ ଲୁହା, ଆଶା ରଣା, ତପସ୍ୱିନୀ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ପାନପୋଷ ଆର୍‌ଏମ୍‌ସି ନିର୍ବାଚନରେ ୮ ବିଜୟୀ

ରାଉରକେଲା,୧୨।୧୧(ସଙ୍ଗୀତା ଜେନା)



ଆଇଟିଡିଏ ହଲ୍‌ରେ ବିଜୟୀ ପ୍ରାର୍ଥୀ ଓ ପାନପୋଷ ଉପଜିଲାପାଳ।

କୃଷି ଓ କୃଷକମାନଙ୍କ ବିକାଶ ପାଇଁ ରାଜ୍ୟରେ ବଜାର କମିଟି ଗଠନ କରାଯାଇଛି। ଏହି କ୍ରମରେ ରାଉରକେଲା ଓ ଏହାର ଆଖପାଖରେ ଥିବା ବଜାର ଗୁଡ଼ିକୁ ନିୟନ୍ତ୍ରଣ ପାଇଁ ପାନପୋଷ ନିୟନ୍ତ୍ରିତ ବଜାର କମିଟି ରହିଛି। ପ୍ରାୟ ୧୦ ବର୍ଷ ପରେ ଏହାର ଚାଷୀ ଓ ବିକ୍ରେତାମାନଙ୍କୁ ନେଇ ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ୧୭ ଜଣ ସଦସ୍ୟଙ୍କ ପାଇଁ ମତଦାନ କରାଯାଇଥିଲା। ଏଥିରେ ରମେଶ ଅଗ୍ରୱାଲ ୧୮୪, ବିଭୂତି ଭୂଷଣ ପୁହାଣ ୧୩୨, ଉଜ୍ଜ୍ୱଳ କୁଣ୍ଡୁ ୧୧୯, ସତ୍ୟନାରାୟଣ ପ୍ରସାଦ ୧୧୨, ନିରଞ୍ଜନ ମହତୋ ୧୦୬, ଗନ୍ଧର୍ବ ମହାନ୍ତି ୧୦୨, ଉଗ୍ରସେନ ବେହେରା ୮୯ ଏବଂ ଝିର୍ଗା ଏକ୍କା ୮୦ ଖଣ୍ଡ ଭୋଟ ପାଇଥିଲେ। ରିଟର୍ନିଂ ଅଫିସର ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୩ଟାରେ ଭୋଟ୍‌ଗଣନା କରାଯାଇଥିଲା। ରିଟର୍ଣ୍ଣ ଅଫିସର ନାୟକ ସୂଚନା ଦେଇ କହିଥିଲେ, ମୋଟ୍ ୨୩୩ ଖଣ୍ଡ ଭୋଟରୁ ୧୮୨ ଖଣ୍ଡ ଭୋଟ ପଡ଼ିଥିଲା। ଏଥିରେ ୧୪ ଖଣ୍ଡ ଭୋଟ ନାକଚ ହୋଇଥିଲା। ୧୬୮ ଖଣ୍ଡ ଭୋଟ ଗଣନା କରାଯାଇ ଫଳାଫଳ ଘୋଷଣା କରାଯାଇଛି ବୋଲି ନାୟକ କହିଥିଲେ। ଏହି ଅବସରରେ ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଥିବା ରମେଶ ଅଗ୍ରୱାଲ କହିଛନ୍ତି, ଧାନ ଓ ଅନ୍ୟ ଫସଲ କିଣିବା ପାଇଁ ସରକାର ଧାର୍ଯ୍ୟ କରିଛନ୍ତି। ଏହାକୁ ସୁପରିଚାଳନା ପାଇଁ ଧାନ ମଣ୍ଡି, ବଜାର ବ୍ୟବସ୍ଥା, ବାଲୁଘାଟରେ ଅସମ୍ପୂର୍ଣ୍ଣ ମଡର୍ନ ଡେଲି ମାର୍କେଟକୁ ପୂର୍ଣ୍ଣାଙ୍ଗ ରୂପ ଆଦି ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ସିଭିଲଟାଉନଶିପ୍ କୃଷକ ବଜାରର ପୁନରୁଦ୍ଧାର କରାଯିବ ବୋଲି ଅଗ୍ରୱାଲ କହିଥିଲେ। ସୂଚନାଯୋଗ୍ୟ, ଏହି ନିର୍ବାଚନରେ ମୋଟ ୮ଟି ପଦବୀ ପାଇଁ ଭୋଟର ପିଛା ୮ଟି ମତଦାନକୁ ମାନ୍ୟତା ମିଳିଥିଲା। ଏହି ପଦବୀର ବୈଧତା ୩ ବର୍ଷ ରହିଛି। ୨ଟି ପ୍ୟାନେଲରେ ପ୍ରତିଦ୍ୱନ୍ଦ୍ୱିତା କରାଯାଇଥିଲା। ଗୋଟିଏ ପ୍ୟାନେଲରେ ୨ ଜଣ ଓ ଅନ୍ୟ ପ୍ୟାନେଲରେ ୬ ଜଣ ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିଲେ। ଏହି ଆଧାରରେ ଫଳାଫଳ ଘୋଷଣା କରାଯାଇଥିଲା।

### ମାସିକ ସାହିତ୍ୟ ଆସର

ରାଉରକେଲା,୧୨।୧୧(ଦିନେଶ ମିଶ୍ର)

ଗୋପବନ୍ଧୁ ପାଠାଗାର ଓ ସ୍ୱସ୍ତି ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଛେଣ୍ଡ ସ୍ଥିତ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ଚିନ୍ମୟ ମିଶନର ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ ଆଚାର୍ଯ୍ୟ ଶ୍ରୀମଦ୍ ଭାଗବତ ଗୀତାରେ ତ୍ରିଗୁଣ ମହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ନବଘନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ସୁରେନ୍ଦ୍ର ନାଥ ଜେନା ଗଳ୍ପପାଠ କରିଥିଲେ। ପରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। କବୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପାତ୍ର କବିତାଗୁଡିକୁ ସଂଯୋଜନା କରିଥିଲେ। ଅଜୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଶ୍ମି ସାହୁ, ହରିହର ନାୟକ, ଏସ୍. ଏନ୍. ପଣ୍ଡା, ସୁମନ ଦତ୍ତ, ଚିନ୍ମୟ ପୁରୋହିତ, ଅଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। କବି କିଶୋରୀ ମୋହନ କର ଧନ୍ୟବାଦ ଅର୍ପଣ କରିଥିଲେ।

### ପତଞ୍ଜଳି ଯୋଗ ଶିବିରର ବାର୍ଷିକୋତ୍ସବ

ରାଉରକେଲା,୧୨।୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୪ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରଗଡ ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ୧୮ତମ ବାର୍ଷିକୋତ୍ସବ ଯୋଗ ଶିକ୍ଷକ ବିଷ୍ଣୁ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅକ୍ରୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ମାଧ୍ୟମରେ କିଭଳି ନିରୋଗ ଜୀବନଯାପନ କରିବ ଏବଂ ସମାଜ, ରାଷ୍ଟ୍ର ନିର୍ମାଣରେ ଯୋଗର ଅବଦାନ ଉପରେ ମତପ୍ରକାଶ କରିଥିଲେ। ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ଜିଲା ପିୱାଇଏସ୍ ପ୍ରଭାତୀ ସାମଲ ଯୋଗର ପ୍ରସାର ପ୍ରଚାର ଉପରେ ଗୁରୁତ୍ୱ ଦେବା ସହ ସମସ୍ତେ ପ୍ରତିଦିନ ଏହାକୁ ଅଭ୍ୟାସ ଜାରି ରଖିବା ଓ ଅଷ୍ଟାଙ୍ଗ ଯୋଗକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରର ବରିଷ୍ଠ ଯୋଗ ଶିକ୍ଷକ ବି.ବି ଭୁଜବଳ, ଡି. ଜଳଧର ପାତ୍ର, ଉମାକାନ୍ତ ମଲ୍ଲିକ, ଅଶୋକ କୁମାର ଓଝା, ସଞ୍ଜୟ ଚୌଧୁରୀ, ବାପି ଜେନା, ମଞ୍ଜୁଲତା ମାଝୀ, ପ୍ରଭାତୀ ସାହୁ, ଗୌରୀଶଙ୍କର ପାଣିଗ୍ରାହୀଙ୍କ ସମେତ ବହୁ ସାଧିକା ସାଧକ ସହଯୋଗ କରିଥିଲେ।

### ସୁବର୍ଣ୍ଣରେଖାର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ରାଉରକେଲା,୧୨।୧୧(ଦିନେଶ ମିଶ୍ର)

ରାଉରକେଲା ସୁବର୍ଣ୍ଣରେଖା ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସଭାପତି ମନୋରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରକଳା, ପାଣିଗ୍ଲାସ୍‌ରେ କଏନ, ମହିଳାମାନଙ୍କ ମଧ୍ୟରେ ଶଙ୍ଖ ବାଦନ, ମ୍ୟୁଜିକ୍ ଚେୟାର, ଦମ୍ପତିମାନଙ୍କ ମଧ୍ୟରେ ବାଡିଲି ବଲ୍, ବେଲୁନ ଫୁଟାଇବା ଭଳି ପ୍ରତିଯୋଗିତା ହୋଇଥିଲା। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମନୋରଞ୍ଜନ ଦାଶ ମୁଖ୍ୟ ଅତିଥି, ଦୁର୍ଗା ମନୋଲୋଥିକ୍ସର ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କବୀନ୍ଦ୍ର ନାରାୟଣ ଦେଓ, କମଳାକାନ୍ତ ପ୍ରଧାନ, ବରୁଣ ମାଝୀ, ବାଲୁକିଶୋର ପାତ୍ର, ପରମେଶ୍ୱର ମହାରଣା, ବନବିହାରୀ ରଣା, କଲ୍ୟାଣକମଳ ପଣ୍ଡା, ରାଧାକୃଷ୍ଣ ଦଳପତି, ଆନନ୍ଦ ଗିରି, କମଳଲୋଚନ ଗାରୁ, ପ୍ରମୁଖ ସହଯୋଗ କରିଥିଲେ। ସୁବ୍ରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ଓଡ଼ିଶା ସଂସ୍କୃତିକୁ ଆଗେଇ ନେଉଛି ନୂଆଁଖାଇ

ରାଉରକେଲା,୧୨।୧୧(ସଙ୍ଗୀତା ଜେନା)



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍**

ରାଉରକେଲା ସିଭିଲଟାଉନଶିପ୍ ସ୍ଥିତ ଯୋଗପାର୍କରେ ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମିତିର ସଭାନେତ୍ରୀ ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ନାୟକ ମୁଖ୍ୟ ଅତିଥି, ବିରେନ ସେନାପତି, ସୁନୀଲ କୟାଲ, ଶୈଳେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି, ଘନଶ୍ୟାମ ସୁନା ବକ୍ତା ଭାବେ ମଞ୍ଚାସୀନ ଥିଲେ। ନୂଆଁଖାଇ ଭେଟ୍‌ଘାଟ୍ କେବଳ ଖାଦ୍ୟ ପାନୀୟ ଓ ମନୋରଞ୍ଜନରେ ସୀମିତ ରହିନାହିଁ ବରଂ ଭେଟ୍‌ଘାଟ୍ ପିଢ଼ି ପରେ ପିଢ଼ି ପଶ୍ଚିମ ଓଡ଼ିଶାର ମହାନ୍ ସଂସ୍କୃତିକୁ ଆଗେଇ ନେବାରେ ମୁଖ୍ୟ ସୂତ୍ରଧର ଭାବେ ଉଭା ହୋଇଛି ବୋଲି ମୁଖ୍ୟଅତିଥି ନାୟକ କହିଥିଲେ। ସେହିପରି ଅନ୍ୟ ଅତିଥିମାନେ ସମ୍ବଲପୁରୀ କଳା ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସୁରଭି ମ୍ୟୁଜିକାଲ ପକ୍ଷରୁ ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍ମିତା ମିଶ୍ର, ଅଜୟ ଖଟୁଆ, ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନ ପ୍ରମୁଖ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ସମ୍ପାଦିକା ୱାଇ. ହେମଲତା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାନେତ୍ରୀ ଲେଙ୍କା ବିବରଣୀ ପାଠ ଓ ସଭା ପରିଚାଳନା କରିଥିଲେ। ସଭ୍ୟା ସୁଲତା ଦାସ, ପ୍ରଭାତୀ ପରିଡ଼ା, ସୁଜାତା ପ୍ରଧାନ, ରୀତା ଗୌଡ଼, ପୁନମ ସମାସୀ, ଲକ୍ଷ୍ମୀ ବାହାଦୁର, ସୁକ୍ତା ନାୟକ, ଡଲି ବାହାଲି, କୁନି କିଷାନ ପ୍ରମୁଖ ସହଯୋଗ କରିଥିଲେ।

## ଆଜି ଝାଡ଼ଖଣ୍ଡ ନିର୍ବାଚନ, ସୀମାନ୍ତରେ ଯାଞ୍ଚ କଡ଼ାକଡି

ରାଉରକେଲା,୧୨।୧୧(ସଙ୍ଗୀତା ଜେନା)





ମହିପାଣି ଚେକ୍‌ପୋଷ୍ଟରେ ଯାଞ୍ଚ କରାଯାଉଛି।

ବୁଧବାର ଝାଡଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୪୩ଟି ଆସନରେ ମତଦାନ ହେବ। ତେବେ ଏହାର ପ୍ରଭାବ ସୁନ୍ଦରଗଡ଼ ଜିଲା ସମେତ ରାଉରକେଲାରେ ଦେଖାଯାଇଛି। ବିଶେଷତଃ ସିମଡେଗା, ମନୋହରପୁର, ଚକ୍ରଧରପୁର, ଖୁଣ୍ଟି ଆଦି ଆସନରେ ନିର୍ବାଚନ ହେଉଥିବାରୁ ରାଉରକେଲା ତଥା ସୁନ୍ଦରଗଡ଼ ସୀମାନ୍ତକୁ ଏହା ପ୍ରଭାବିତ କରୁଛି। ଉକ୍ତ ଅଞ୍ଚଳ ଗୁଡ଼ିକରେ ମାଓବାଦୀଙ୍କ ସକ୍ରିୟତା ବୃଦ୍ଧି ପାଇବା ଆଶଙ୍କା ଦେଖାଯାଇଛି। ଏଥିପାଇଁ ରାଉରକେଲା ପୋଲିସ ଜିଲା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ସୀମାନ୍ତ ସରଣ୍ଡା ଜଙ୍ଗଲ ଅଞ୍ଚଳ ଉପରେ ପୋଲିସର ବିଶେଷ ନଜର ରହିଛି। ପୂର୍ବାପେକ୍ଷା କୋମ୍ବିଂ ଅପରେଶନକୁ ଅଧିକ ଜୋରଦାର କରାଯାଇଛି। ଏହି କ୍ରମରେ ବିଶ୍ରା ଥାନା, ଜରେଇକେଲା ଫାଣ୍ଡି ଆଦିରେ ବ୍ୟାପକ ସୁରକ୍ଷା କରାଯାଉଛି। ସୀମାନ୍ତ ମହିପାଣି, ସୋରଡ଼ାରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କଡାକଡି କରାଯାଉଛି। ସେହିପରି ବିରମିତ୍ରପୁର ନିକଟ ବାଂଶଜୋର ସମେତ ଅନ୍ୟ ସ୍ଥାନରେ ମଧ ଯାଞ୍ଚ କରାଯାଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ସୁରକ୍ଷା ପାଇଁ ତନଖି କରାଯାଉଛି। ଉଭୟ ରାଜ୍ୟର ସୁରକ୍ଷାବଳ, ସିଆର୍‌ପିଏଫ୍ ଏବଂ ଡିଭିଏଫ୍ ଦ୍ୱାରା କୋମ୍ବିଂ ଅପେରଶନ କରାଯାଉଛି। ରାଉରକେଲା ପାର୍ଶ୍ୱରେ ଥିବା ନୂଆଗାଁ, ବିଶ୍ରା ଆଦି ବ୍ଲକ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ନେଇ ପୋଲିସ ସଜାଗ ରହିଛି। ଏହାବ୍ୟତୀତ ଗୋଇନ୍ଦା ବିଭାଗ ସକ୍ରିୟ ରହିଛି ବୋଲି ଏ ନେଇ ବିଶ୍ରା ଥାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ମାଓବାଦୀମାନେ କିଛିଦିନ ତଳେ ପୋଷ୍ଟର ମାରି ଭୋଟ୍ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ଫଳରେ ସୀମାନ୍ତ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଦିନ କାଟୁଥିବା ଦେଖାଯାଇଛି।

# ମାର୍କଫେଡ୍‌ରୁ ସାର କିଣି ସମବାୟ ସମିତି କ୍ଷତିରେ

**ସମ୍ବଲପୁର,୧୨।୧୧(ଭବାନୀ ଶଙ୍କର ଭୋଇ)**



**ସରକାରୀ ହସ୍ତକ୍ଷେପ ଲୋଡ଼ିଲା ସମ୍ବଲପୁର ଜିଲା ସମବାୟ ସମିତି ସମୂହ**

ଚାଷୀମାନେ ନିଜ ସୁବିଧା ପାଇଁ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗଠନ କରି ଫସଲ ସଂକ୍ରାନ୍ତୀୟ ବ୍ୟବସାୟିକ କାର୍ଯ୍ୟ କରିଥାନ୍ତି। ହେଲେ ବିଗତ କିଛି ବର୍ଷ ହେବ ସମବାୟ ସମିତିଗୁଡିକ ଚାଷୀଙ୍କୁ ସାର ଏବଂ କୀଟନାଶକ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ମାର୍କଫେଡଠାରୁ ସାର କ୍ରୟ କରିବା ଦ୍ୱାରା ଏଭଳି କ୍ଷତି ହେଉଥିବା ସମ୍ବଲପୁର ଜିଲାର ସମବାୟ ସମିତି ସମୂହ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି।

ସମବାୟ ସମିତିମାନଙ୍କ ଅଭିଯୋଗ ଅନୁସାରେ ସାର ଉତ୍ପାଦକ କମ୍ପାନୀ ବା ହୋଲସେଲରଙ୍କଠାରୁ ସିଧାସଳଖ ସାର କିଣୁଥିବା ସମୟରେ ସମିତି ଲାଭବାନ ହେଉଥିଲେ। ହେଲେ ସମବାୟ ସମିତିଗୁଡିକୁ ହୋଲସେଲରଠାରୁ ସିଧାସଳଖ ସାର ଏବଂ କୀଟନାଶକ କିଣିବା ଉପରେ ମାର୍କଫେଡ କଟକଣା ଲଗାଇଛି। ଏବେ ମାର୍କଫେଡ ଚଢାଦରରେ ସମବାୟ ସମିତିକୁ ସାର ଦେଉଛି। ଯଦ୍ୱାରା ସମବାୟ ସମିତି ଅଧିକ ଦରରେ କିଣି କମ୍‌ଦରରେ ସାର ବିକ୍ରୀ କରିବାକୁ ବାଧ ହେଉଛି। ଇଫକୋ କମ୍ପାନୀରୁ ସିଧାସଳଖ ୟୁରିଆ ସାର ବସ୍ତାପ୍ରତି(୪୫କେଜି) ୨୪୯ ଟଙ୍କା ୫୦ ପଇସା ପଡୁଛି। ହେଲେ ମାର୍କଫେଡ ବସ୍ତା ପ୍ରତି ୨୬୫ ଟଙ୍କା ୫୦ପଇସାରେ ସମବାୟ ସମିତିକୁ ବିକ୍ରି କରୁଛି। ପୁଣି ସାର ଅନଲୋଡିଂ ବସ୍ତା ପ୍ରତି ଖର୍ଚ୍ଚ ୪ ଟଙ୍କା ଅତିରିକ୍ତ ପଡୁଛି। ୟୁରିଆ ସାରର ଖୁଚୁରା ବଜାର ଦର(ଏମଆରପି) ୨୬୬ ଟଙ୍କା ୫୦ ଥିବାରୁ ବସ୍ତା ପ୍ରତି ସମବାୟ ସମିତିଗୁଡିକୁ ୩ ଟଙ୍କା କ୍ଷତି ସହିବାକୁ ପଡୁଛି। ମାର୍କଫେଡ କମ୍ପାନୀ ହୋଲସେଲ ଦରଠାରୁ ବସ୍ତା ପିଛା ଅଧିକ ୧୫ଟଙ୍କା ନେଉଥିବା ଅଭିଯୋଗ ହେଉଛି। ସେହିପରି ଡିଏପିରେ ହୋଲସେଲ ସାର ବସ୍ତା ପ୍ରତି(୫୦କେଜି)ଦର ୧୩୨୪ ଟଙ୍କା ଥିବା ବେଳେ ମାର୍କଫେଡ ସମବାୟ ସମିତକୁ ୧୩୪୭ ଟଙ୍କାରେ ଡିଏପି ବିକ୍ରି କରୁଛି। ମାର୍କଫେଡ ବସ୍ତା ପିଛା ୨୩ ଟଙ୍କା ଅଧିକ ଦର ନେଉଥିବାବେଳେ ବଜାରରେ ଖୁଚରା ବିକ୍ରୀ ଦର ୧୩୪୮ ଟଙ୍କା ରହିଛି। ଅନଲୋଡିଂ ବସ୍ତାପ୍ରତି ୪ ଟଙ୍କା ଖର୍ଚ୍ଚ କାଟିବା ପରେ ସମବାୟ ସମିତିଗୁଡିକ ବସ୍ତା ପିଛା ୩ ଟଙ୍କା କ୍ଷତି ସହୁଛି। ଜିଲାରେ ଟନ ଟନ ସାର ବ୍ୟବସାୟ ହେଉଥିବା ବେଳେ ୪୦ରୁ ଅଧିକ ପାକ୍ସ ଓ ଲ୍ୟାମ୍ପ ସାର କିଣି ପ୍ରଭୂତ କ୍ଷତି ସହୁଛନ୍ତି। ଏହାକୁ ନେଇ ହାଇକୋର୍ଟରେ ୨୦୨୩ ମସିହାରେ ଜିଲାର ୨୩ଟି ସମବାୟ ସମିତି ଦ୍ୱାରସ୍ଥ ହୋଇଛନ୍ତି। ମାମଲା ବିଚାରାଧୀନ ରହିଛି। ଏ ନେଇ ସମ୍ବଲପୁର ମାର୍କେଫେଡର ମୁଖ୍ୟ ଇକବାଲ ଖାନଙ୍କୁ ପଚାରିବାରୁ ଚଳିତ ଖରିଫ ଋତୁରେ ୟୁରିଆ ବସ୍ତା ପ୍ରତି ୨୫୮ ଟଙ୍କା ୪୪ ପଇସାରେ ସମବାୟ ସମିତିକୁ ବିକ୍ରି କରାଯାଇଥିବା କହିଛନ୍ତି। ତେବେ ଏହାକୁ ନେଇ ସମବାୟ ସମିତି ସମୂହ ପକ୍ଷରୁ ପାଲଟା ପ୍ରଶ୍ନ କରାଯାଇଛି। ଯଦି ଚଳିତ ସିଜିନରେ ୨୫୮ ଟଙ୍କା ୪୪ ପଇସା କରାଗଲା ତେବେ ପୂର୍ବରୁ କାହା ନିର୍ଦ୍ଦେଶରେ ଦୀର୍ଘ ବର୍ଷ ଧରି ଚଢା ଦରରେ ବିକ୍ରୀ କରାଯାଇ ଆସୁଥିଲା ବୋଲି ସମବାୟ ସମିତି ସମୂହ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହାର ଉତ୍ତରରେ ମାର୍କଫେଡ ମୁଖ୍ୟ ଇକବାଲ ଭୁବନେଶ୍ୱର ମୁଖ୍ୟାଳୟରୁ ସାର ଦର ସ୍ଥିର କରାଯାଇଥାଏ ବୋଲି କହିଛନ୍ତି। ତେବେ ସମସ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସମ୍ବଲପୁର ଜିଲା ସମବାୟ ସମିତି ସମୂହ ତରଫରୁ ଦାବି କରାଯାଇଛି । ଏହାସହ ସହ ଏହି ମାମଲାରେ ସରକାର ହସ୍ତକ୍ଷେପ କରି ସମବାୟ ସମିତିର ଆର୍ଥିକ ବୋଝ ଦୂର କରିବାକୁ ସମ୍ବଲପୁର ଜିଲା ସମବାୟ ସମିତି ସମୂହ ତରଫରୁ ଦାବି କରାଯାଇଛି। ସମବାୟ ସମିତି ଚାଷୀଙ୍କୁ ନେଇ ଗଠିତ। ଯଦି ସମିତିର କ୍ଷତି ହେଉଛି ତାହା ହେଲେ ସିଧାସଳଖ ଚାଷୀଙ୍କ କ୍ଷତି। ଏହାସହ ୨୦୨୨ ଡିସେମ୍ବର ୨୯ ତାରିଖ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ ମାର୍କଫେଡଠାରୁ ସାର କିଣିବା ବାଧତାମୂଳକ କରାଯାଉଥିବା ଚିଠି ଉପରେ ପୁନଃ ବିଚାର କରାଯାଉ ବୋଲି ସମବାୟ ସମିତି ଦାବି କରିଛି।

# ଦୁର୍ଗାପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା

**ସମ୍ବଲପୁର,୧୨।୧୧(ବି.ଶଙ୍କର)**

ପବିତ୍ର କାର୍ତ୍ତିକ ମାସ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସୋମବାର ରାତିରେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଗୋବିନ୍ଦତୋଳା ଦୁର୍ଗାପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିଚିତ୍ରାନନ୍ଦ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ମାନସୀ ପାତ୍ର, ତୃପ୍ତିମୟୀ ଓ ଅଭିନ୍ନ ସୁନ୍ଦର ଭଜନ ଗାନ କରିଥିଲେ। ଏହା ସହସ୍ରାଧିକ ଶ୍ରୋତାମାନଙ୍କୁ ବିମୋହିତ କରିଥିଲା । ବାଦ୍ୟ ଯନ୍ତ୍ରରେ ସହଯୋଗିତା କରିଥିଲେ ବିଭୁପ୍ରସାଦ ନନ୍ଦ, ଅମୃତ ରଞ୍ଜନ ଦାସ, ଶ୍ୟାମା ରାଓ ଓ ଦେବକାନ୍ତ ନନ୍ଦ । ଆୟୋଜକ ଗୋବିନ୍ଦତୋଳା ଦୁର୍ଗାପୂଜା କମିଟି ସଭାପତି ପ୍ରଦୀପ ପାଢ଼ୀ, କାର୍ଯ୍ୟକାରୀ ସଭାପତି ବାଙ୍କବିହାରୀ ପଣ୍ଡା, ସମ୍ପାଦକ ଡମ୍ବରୁଧର ରଣା, ଦୀପକ ପଣ୍ଡା, ରମାକାନ୍ତ ବେରିହା, ଅଜୟ ସାହୁ, ସୂର୍ଯ୍ୟ ପାଣିଗ୍ରାହି, ରାଜକିଶୋର ପୁରୋହିତ, ସୁପ୍ରିୟ ପାଣିଗ୍ରାହୀ, ଶୁଭମ ମହାପାତ୍ର, ଶ୍ରୀକାନ୍ତ ପଣ୍ଡା, ମନୋଜ ନାୟକ, ଅତିଶ ପାଣିଗ୍ରାହୀ, ଦିଲୀପ ଠାକୁର,ସଞ୍ଜୟ ସାହୁ, ରଞ୍ଜିତ ରଥ, ନରେଶ ସୁନାର, ତର୍ପଣ ପ୍ରଧାନ ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ିଶା ଇଣ୍ଟର ବାଟାଲିୟନ ଆଥ୍‌ଲେଟିକ୍ ପ୍ରତିଯୋଗିତା

**ସମ୍ବଲପୁର,୧୨।୧୧(ଭବାନୀ ଶଙ୍କର ଭୋଇ)**

ଗୋଶଳା ସ୍ଥିତ ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ କ୍ୟାମ୍ପସରେ ଓଡ଼ିଶା ସେକ୍ଟର ଇଣ୍ଟର ବାଟାଲିୟନ ଆଥଲେଟିକ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଗତ ୬ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶାରେ ନିୟୋଜିତ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସର ୭ଟି ବାଟାଲିଅନ୍ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ସିଆପିଏଫ ଡିଆଇଜି ସଞ୍ଜୟ କୁମାର ସିଂ ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତାରେ ସିଆରପିଏଫ ୬୪ ବାଟାଲିଅନ ବିଜେତା ଏବଂ ସମ୍ବଲପୁର ଗ୍ରୁପ୍ ସେଣ୍ଟର୍ ରନର୍ ଅପ୍ ହୋଇଥିଲା। ମୁଖ୍ୟ ଅତିଥି ବିଜେତା ଏବଂ ରନର୍ ଅପ୍ ଦଳର ଖେଳାଳିମାନଙ୍କୁ ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଡିଆଇଜି ସଞ୍ଜୟ କୁମାର ସିଂ ତାଙ୍କ ଅଭିଭାଷଣରେ କହିଥିଲେ, ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ ହେଉଛି ଦେଶର ସର୍ବବୃହତ ଅର୍ଦ୍ଧ ସାମରିକ ବାହିନୀ ଏବଂ ଏହାର ଯବାନ ମାନେ ଏସୀୟ, କମନୱେଲଥ୍ ଗେମ୍ସ, ଅଲିମ୍ପିକ୍ ଗେମ୍ସ ଭଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଖେଳରେ ଅଂଶଗ୍ରହଣ କରି ଗୌରବ ଆଣିଛନ୍ତି।



ଟ୍ରଫି ସହ ବିଜେତା ସିଆର୍‌ପିଏଫ ୬୪ ବାଟାଲୟନ ଦଳର ସଦସ୍ୟ।



ଆୟୋଜିତ ସଭାରେ କୁଳପତି, କୁଳସଚିବଙ୍କ ସହ ବିଭିନ୍ନ ସଂଘର କର୍ମକର୍ତ୍ତା।

# ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦାବି

**ସମ୍ବଲପୁର,୧୨।୧୧(ପ୍ରମୋଦ ବହିଦାର)**

**ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନ ପାଇଁ କୁଳପତିଙ୍କ ପ୍ରତିଶ୍ରୁତି**

ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦାବିକୁ ଦୋହରାଇଛି ବିଶ୍ୱବିଦ୍ୟାଳୟ ଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ମିଳିତ ସଂଘ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ମିନି ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, କୁଳସଚିବ ଡ.ନୃପରାଜ ସାହୁ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ତୁଷାରକାନ୍ତି ଦାଶଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ର, ଗବେଷିକା ଗବେଷକ, ଅଧାପିକା ଅଧାପକଙ୍କ ସହ କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ସଭାରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମସ୍ତେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦାବି ଉପସ୍ଥାପନ କରିଥିଲେ। ଶିକ୍ଷା, କ୍ରୀଡ଼ା, କଳା, ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନର ଅବଦାନ ଉଲ୍ଲେଖନୀୟ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀଛାତ୍ର ବର୍ତ୍ତମାନ ଭାରତ ତଥା ବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି। କେନ୍ଦ୍ରୀୟ ମାନ୍ୟତା ପାଇଲେ ଶିକ୍ଷାର ଭିତ୍ତିଭୂମି ସୁଦୃଢ ହେବା ସହ ଶିକ୍ଷାର ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଦୀର୍ଘ ୨୧ ବର୍ଷ ହେଲା ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦାବି ହୋଇ ଆସୁଛି। ତେବେ ଗତ ସାଧାରଣ ନିର୍ବାଚନ ସମୟରେରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ନିର୍ବାଚନୀ ଇସ୍ତାହାରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ପାଇଁ ଉଲ୍ଲେଖ କରିଥିଲେ। ତେଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦାବି ସରକାରଙ୍କ ନିକଟରେ ଉପସ୍ଥାପନ ପାଇଁ ସହଯୋଗ କରିବାକୁ କୁଳପତି ଓ କୁଳସଚିବ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ସଂଘର ସଭାପତି ପ୍ରଫେସର ବୁଲୁ ମହାରଣା ସଭା ପରିଚାଳନା କରିଥିଲେ। କର୍ମଚାରୀ ସଂଘ ସମ୍ପାଦକ ସତ୍ୟ କର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ରାଜପଥ ୧୦ରୁ ପାଉଁଶ ସଫେଇ ଅଭିଯାନ

**ସମ୍ବଲପୁର,୧୨।୧୧(ଭବାନୀ ଶଙ୍କର ଭୋଇ)**

ସ୍ୱାସ୍ଥ୍ୟ ଓ ପରିବେଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ରାଜ୍ୟ ରାଜପଥ ୧୦ରେ ପାଉଁଶ ସଫେଇ ଅଭିଯାନ କରାଯାଇଥିଲା। ଠେଲକୋଲୋଇ ସ୍ଥିତ ତାରିଣୀ ମନ୍ଦିର ସାମନାରୁ ଭୂଷଣ ମୁଖ୍ୟ ଗେଟ ପର୍ଯ୍ୟନ୍ତ ଏହି ସଫେଇ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବେଶ ଚାରିଟେବୁଲ ଟ୍ରଷ୍ଟ ସଭାପତି ଜ୍ଞାନେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଥିଲେ। ରାଜପଥରେ ପାଉଁଶ ଜମା ହେବା କାରଣରୁ ଭାରୀଯାନ ଯିବା ସମୟରେ ପାଉଁଶ ଉଡିବା ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି ଡ୍ରାଇଭରମାନଙ୍କ ପାଇଁ ମଧ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି । ଧୂଳି ଯୋଗୁ ରାସ୍ତା ଦେଖା ଯାଉନାହିଁ। ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନଙ୍କ ଶ୍ୱାସକ୍ରିୟାରେ ସମସ୍ୟା ହେଉଛି । ପ୍ରଶାସନକୁ ସମସ୍ୟା ବିଷୟରେ ଜଣାଇଥିଲେ ମଧ କୌଣସି ସୁଫଳ ନମିଳିବା ପରେ ଏହାର ପ୍ରତିବାଦ ସ୍ୱରୂପ ଆଜି ପାଉଁଶ ସଫା କରି ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମ୍ପାଦକ ଶିଶୁପାଲ ଦୁବେ, ସାମାଜିକ କର୍ମୀ ଉମେଶ ବେହେରା, ପ୍ରହ୍ଲାଦ ନାୟକ, ସୁନୀଲ ପଟେଲ ପ୍ରମୁଖଙ୍କ ସହ ବହୁ ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ମରୁଡ଼ି ଘୋଷଣା ଦାବିକଲା କୃଷକ ସଙ୍ଗଠନ



କୃଷକ ସଙ୍ଗଠନ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରୁଛନ୍ତି।

**ରେଢାଖୋଲ,୧୨।୧୧(ଅଚ୍ୟୁତାନନ୍ଦ ପୁରୋହିତ)**

**ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ସମ୍ବଲପୁର ଜିଲା ରେଢାଖୋଲ ଦଧିବାମନ କୃଷକ ସଙ୍ଗଠନର ଏକ ପତିନିଧି ଦଳ ମଙ୍ଗଳବାର ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କୁ ଭେଟି ବ୍ଲକରେ ଦେଖା ଦେଇଥିବା ମରୁଡି ପରିସ୍ଥିତି ନେଇ ଆଲୋଚନା କରିଛନ୍ତି। ପରେ ଏ ନେଇ ଏକ ଦାବିପତ୍ର ସେମାନେ ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ମାଳ ଧାନଗୁଡିକ ବର୍ତ୍ତମାନ ଅମଳ କରାଯାଉଥିବା ବେଳେ ଆଶାନୁସାରେ ଅମଳ ହେଉନାହିଁ। ସେହିପରି ବଡକିସମ ଧାନ ବର୍ଷାଭାବରୁ ଭଲ କେଣ୍ଡା ଦେଇନାହିଁ। ବଣପାହାଡ ଘେରା ରେଢାଖୋଲ ଏକ ଅଣଜଳସେଚିତ ଅଞ୍ଚଳ। ବର୍ଷା ଉପରେ ନିର୍ଭର କରି ଚାଷୀ ଚାଷ କରିଥାନ୍ତି। ଗତ କିଛି ବର୍ଷଧରି ବର୍ଷାରେ ଅନିୟମିତତା ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ଏଥିପାଇଁ ଚାଷୀମାନେ ବୀମା କରୁଥିବା ବେଳେ କ୍ଷୟକ୍ଷତିର ସଠିକ ଆକଳନ କରା ନ ଯାଇ ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ସାଟେଲାଇଟ ଯୋଗେ ସର୍ବେକ୍ଷଣ କରାଯାଉଛି। ଫଳରେ ପ୍ରକୃତ କ୍ଷୟକ୍ଷତି ହେଉଥିବା ସ୍ଥାନରେ ସର୍ବେକ୍ଷଣ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରେଢାଖୋଲରେ ଥିବା କେରାଣ୍ଡି ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଯାଉ ନ ଥିବା ଯୋଗୁ ବ୍ଲକର କୁକୁଡାବାହାଲି, ବଡବାହାଲ ଓ କଦଳିଗଡ ପଞ୍ଚାୟତର ଚାଷଜମିରେ ଜଳସେଚନ ହୋଇପାରୁ ନ ଥିବା ଚାଷୀ ସଙ୍ଗଠନ ଅଭିଯୋଗ କରିଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ସଠିକ ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି କରାଯାଇଛି। କୃଷକ ସଙ୍ଗଠନ ସଭାପତି ଉପମନ୍ୟୁ ବାଘ, ସମ୍ପାଦକ ଜୟକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଭୁବନ ପ୍ରଧାନ, ବୃଷକେତୁ ପ୍ରଧାନ ଓ ଉତ୍ତମ ମହାକୁଡ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।




ହାତୀ ସୁରକ୍ଷା ପାଇଁ ସଚେତନତା ରାଲିରେ ବାହାରିଥିବା ବିଦ୍ୟାର୍ଥୀମାନେ।

# ହାତୀସୁରକ୍ଷା ନେଇ ସଚେତନତା

**ରେଢାଖୋଲ,୧୨।୧୧(ଅଚ୍ୟୁତାନନ୍ଦ ପୁରୋହିତ)**

**ବଡ଼ବାହାଲ ଉଚ୍ଚ ବିଦ୍ୟାଳୟରେ ଗଜ ଉତ୍ସବ**

ସମ୍ବଲପୁର ଜିଲା ରେଢାଖୋଲ ବଡବାହାଲ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳଳୟରେ ହାତୀ ସଂରକ୍ଷଣ ଓ ବଂଶ ବୃଦ୍ଧି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଗଜ ଉତ୍ସବ ଭାବରେ ପାଳନ କରାଯାଇଥିଲା। ରେଢାଖୋଲ ବନଖଣ୍ଡ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ ଭାରତୀୟ ବନ୍ୟଜନ୍ତୁ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ସଚେତନତା ରାଲି, ସଭା, କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାକୁଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରେଢାଖୋଲ ବନଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭାରତୀୟ ବଣ୍ୟଜୀବ ଟ୍ରଷ୍ଟ ସଂଯୋଜକ ଅରବିନ୍ଦ ସାମଲ, ବଣ୍ୟଜନ୍ତୁ ପ୍ରେମୀ ପ୍ରସନ୍ନ କୁମାର ବେହେରା ହାତୀ ମାନଙ୍କ ସୁରକ୍ଷା, ପରିଚାଳନା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ହାତୀ ମାନଙ୍କର ବ୍ୟବହାରିକ ଗୁଣ, ଚଳଣି, ଖାଦ୍ୟ, ପାନୀୟ ଓ ସାମାଜିକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରମାନେ ହାତୀ ସମ୍ବନ୍ଧରେ ସକରାତ୍ମକ ବାର୍ତ୍ତା ପରିବେଷଣ କଲେ ଜନ ସାଧାରଣ ପ୍ରଭାବିତ ହୋଇ ସୁରକ୍ଷାରେ ଜନ ସହଯୋଗ କରିବେ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ହାତୀ ସୁରକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରୀମାନଙ୍କ ଭୂମିକା ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ସଂଯୋଜକ ପ୍ରିୟବ୍ରତ ବେହେରା, ଲିପସା ପ୍ରଧାନ, ସ୍ୱସ୍ତି ଦୀପା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

**ସୁନା ଓ ରୁପା ଗହଣା ଚୋରି ଘଟଣା**

# ଭିକ ମାଗୁଥିଲେ, ସୁବିଧା ଦେଖି ଚୋରି କରୁଥିଲେ

**ସମ୍ବଲପୁର,୧୨।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ସହର ଅଇଁଠାପାଲି ଥାନା ଦେହେରିପାଲିରୁ ଗତ ୯ ତାରିଖ ସୁନା ଗହଣା ଚୋରି ଘଟଣା ଉପରୁ ପରଦା ହଟାଇଛି ପୋଲିସ। ଏହି ଘଟଣାରେ ଯାଯାବର ଶ୍ରେଣୀର ୨ ମହିଳାଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ସହ ଚୋରି ଘଟଣାରେ ୨ଜଣ ନାବାଳିକା ଧରାପଡିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଚୋରି ହୋଇଥିବା ସମସ୍ତ ସୁନା ଓ ରୁପା ଗହଣାକୁ ଉଦ୍ଧାର ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପରମାର ଖରୁଆଲ(୩୫), ନବୀନ ଖରୁଆଲ(୨୬) ଏବଂ ନବୀନଙ୍କ ଦୁଇ ସ୍ତ୍ରୀ ସୁଧା(୩୨) ଓ ଅଞ୍ଜୁ ଖରୁଆଲ(୨୫)। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ



ଉଦ୍ଧାର ସୁନା ଓ ରୁପା ଗହଣା।



ଗିରଫ ୪ ଅଭିଯୁକ୍ତ।

କରାଯାଇଥିଲା। ଧରାପଡିଥିବା ନାବାଳିକା ଦ୍ୱୟଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇଛି। ସେମାନେ ସମସ୍ତେ ବିହାର ଅଞ୍ଚଳର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ସେମାନଙ୍କ ପ୍ରକୃତ ଠିକଣାର ତର୍ଜମା କରାଯାଉଛି ବୋଲି ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

ମଙ୍ଗଳବାର ଧନୁପାଲି ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବାଗ ସୂଚନା ଦେଇ କହିଛନ୍ତି ଯେ, ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟରେ ଯନ୍ତ୍ରୀଭାବେ କାର୍ଯ୍ୟରତ ବାଲେଶ୍ୱରର ଜ୍ୟୋତି ପ୍ରକାଶ ମହାନ୍ତିଙ୍କ ଦେହେରିପାଲିସ୍ଥିତ ଘରୁ ଗତ ୯ ତାରିଖ ସକାଳେ ଲୁଟ୍‌ପାଟ୍ ହୋଇଥିଲା। ଦୁର୍ବୃତ୍ତମାନେ ସୁନା ଓ ରୂପା ଗହଣା ସହ ନଗଦ ରାଶି ଚୋରି କରି ନେଇଥିବା ଅଇଁଠାପାଲି ଥାନାରେ ଅଭିଯୋଗ ହୋଇଥିଲା। ଏକ ମାମଲା(୩୬୯/୨୪) ରୁଜୁ କରି ପୋଲିସ ତଦନ୍ତ କରିଥିଲା। ସ୍ଥାନୀୟ ଲୋକେ ଅଟକ ରଖିଥିବା ଦୁଇ

**■୪ ଗିରଫ, ଧରାପଡିଲେ ୨ ନାବାଳିକା**

**■ଚୋରି ଗହଣା ଉଦ୍ଧାର, ମାଲିକଙ୍କୁ ହସ୍ତାନ୍ତର**

ମହିଳା ଓ ଦୁଇ ନାବାଳିକାଙ୍କୁ ପୋଲିସ ପଚରାଉଚରା କରିଥିଲା। ସେମାନଙ୍କ ସୂଚନା ଅନୁସାରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ବିହାର ଯାଇ ତଥ୍ୟ ସଂଗ୍ରହ କରି ରାଉରକେଲାରୁ ୨ଜଣଙ୍କୁ ସମ୍ବଲପୁର ଆଣିଥିଲା। ସେମାନଙ୍କ ନିକଟରୁ ସୁନାମୁଦି, ମାଳି, କାନଫୁଲ, ଶଂଖା ଆଦି ପ୍ରାୟ ୬୫ ଗ୍ରାମର ସୁନା ଗହଣା, ରୁପା ଗହଣା ୨୫୦ ଗ୍ରାମ ଉଦ୍ଧାର କରାଯାଇଛି। ଉଦ୍ଧାର ସୁନା ଓ ରୂପା ଗହଣାକୁ ମଙ୍ଗଳବାର ଏହାର ମାଲିକ ଜ୍ୟୋତି ପ୍ରକାଶଙ୍କ ଧର୍ମପତ୍ନୀଙ୍କୁ ଏସ୍‌ଡିପିଓ ତୋଫାନ ବାଗ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଦିନ ଜ୍ୟୋତି ପ୍ରକାଶ ଅଫିସ ଗଲା ପରେ ତାଙ୍କ ଧର୍ମପତ୍ନୀ ଲୁଗା ଶୁଖାଇବା ପାଇଁ ଘରର ଦାଣ୍ଡ କବାଟ ବନ୍ଦ କରି ଛାତ ଉପରକୁ ଯାଇଥିଲେ। ଛାତ ଉପରେ ଲୁଗା ଶୁଖାଇ ତଳକୁ ଆସିଲା ପରେ ଦାଣ୍ଡ କବାଟ ଖୋଲାଥିବା ଦେଖିଥିଲେ। ଘର ଭିତରେ ଥିବା ଆଲମିରା ଖୋଲାଥିବା ଦେଖି ଚୋରି ହୋଇଥିବା ଜାଣି ପାରିଥିଲେ। ତାଙ୍କଠାରୁ ଖବର ପାଇ ସ୍ଥାନୀୟ ଲୋକେ ନିକଟରେ ବୁଲାବୁଲି କରୁଥିବା ୨ଜଣ ଯାଯାବର ଶ୍ରେଣୀୟ ମହିଳା ଓ ଦୁଇ ନାବାଳିକାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସେମାନଙ୍କ ସୂଚନା ଆଧାରରେ ଦୁଇ ପୁରୁଷ ଅଭିଯୁକ୍ତ ପରମାର ଓ ନବୀନଙ୍କୁ ପୋଲିସ ରାଉରକେଲାରୁ ଗିରଫ କରିଥିଲା।

## କିପରି କରୁଥିଲେ ଚୋରି

ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଅନୁସାରେ ଉକ୍ତ ଯାଯାବର ପରିବାର ଗତ ଏକମାସ ହେଲା ସମ୍ବଲପୁରରେ ରହି ଭିକ୍ଷାବୃତ୍ତି କରୁଛନ୍ତି। ମହିଳା ସଦସ୍ୟମାନେ ସୁଯୋଗ ଦେଖି ଘର ଭିତରେ ପଶି ଚୋରି କରନ୍ତି। ମହିଳାମାନେ ସହରରେ ଘରଘର ବୁଲି ଭିକ୍ଷା ମାଗିବା ଆଳରେ ଖୋଲା ରହୁଥିବା ଘର ଉପରେ ନଜର ରଖନ୍ତି। ନାବାଳିକାମାନେ ଖୋଲାଥିବା ଘର ଭିତରକୁ ପଶି ଚୋରି କରନ୍ତି ଓ ମହିଳାମାନେ ବାହାରେ ଜଗି ରହନ୍ତି। ନାବାଳିକାମାନେ ଚୋରି କରି ସାମଗ୍ରୀ ଆଣି ବାହାରେ ଜଗି ରହିଥିବା ମହିଳାମାନଙ୍କୁ ଦିଅନ୍ତି। ସେମାନଙ୍କ ମଧ୍ୟର ଜଣେ ମହିଳା ଯାଇ କିଛି ଦୂରରେ ଥିବା ପୁରୁଷମାନଙ୍କୁ ଚୋରି ସାମଗ୍ରୀକୁ ହସ୍ତାନ୍ତର କରି ଦିଅନ୍ତି। ପୁରୁଷମାନେ ଚୋରି ସାମଗ୍ରୀ ଧରି ସେଠାରୁ ଫେରାର ହୋଇଯାଆନ୍ତି।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବ ଏଆଇ

## ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଭାରତ ସରକାରଙ୍କ ଡିଆଇବିଡି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୨ା୧୧(ସୁନିତ୍ ମିଶ୍ର)

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ ଡିଜିଟାଲ ଇଣ୍ଡିଆ ଭାଷିଣୀ ଡିଭିଜନ(ଡିଆଇବିଡି) ମଧ୍ୟରେ ଏକ ବୁଝାମଣାପତ୍ର ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏହି ବୁଝାମଣାର ଲକ୍ଷ୍ୟ। କୃତ୍ରିମ ବୁଦ୍ଧିମତ୍ତା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଦେଶର ସମସ୍ତ ପ୍ରାଦେଶିକ ଭାଷାର ବିକାଶ ଏବଂ ଭାଷାନୁବାଦ କ୍ଷେତ୍ରରେ ଡିଆଇବିଡି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତରଫରୁ ଅତିରିକ୍ତ ଶାସନ ସଚିବ ତଥା ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ରାଉତ ଏବଂ ଡିଆଇବିଡି ତରଫରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ ନାଗ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଯୁଗ୍ମ ଶାସନ ସଚିବ ତଥା ଓଡ଼ିଆ ଭର୍ଚୁଆଲ ଏକାଡେମୀର ସମ୍ପାଦକ ସବ୍ୟସାଚୀ ହୋତା, ଅନୁଶାସନ ସଚିବ ସୁକାନ୍ତ କୁମାର ଦାସ, ବରିଷ୍ଠ ସିଷ୍ଟମ ଆନାଲିଷ୍ଟ ସୁବ୍ରତ ମହାନ୍ତି, ସୂଚନା ପ୍ରଯୁକ୍ତିବିଦ୍ୟା ପରିଚାଳକ ସ୍ମୃତି ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆମ ଓଡ଼ିଆ ଭାଷା-ସାହିତ୍ୟକୁ ବୈଷୟିକ ଜ୍ଞାନକୌଶଳର ସାହାଯ୍ୟ ନେଇ କିପରି ଅଧିକରୁ ଅଧିକ ସମୃଦ୍ଧ କରାଯାଇପାରିବ ତଥା ଡିଜିଟାଲ ପ୍ଲାଟଫର୍ମରେ ଏହା ସହଜରେ ଉପଲବ୍ଧ ହୋଇପାରିବ ସେଥିନେଇ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ରାଜ୍ୟ ସରକାର ସରକାରୀସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ତଥା ଏକ ବଳିଷ୍ଠ ଶବ୍ଦ ଭଣ୍ଡାର ସୃଷ୍ଟି ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ଦ୍ୱାରା ମେସିନ ଭାଷା ଅନୁବାଦ(ଏମ୍‌ଏଲ୍‌ଟି), ମେସିନ ଭାଷା ପ୍ରକ୍ରିୟାକରଣ (ଏନ୍‌ଏଲ୍‌ପି), ଟେକ୍ସଟ ଟୁ ସ୍ପିଚ୍(ଟିଟିଏସ୍), ସ୍ପିଚ୍ ଟୁ ଟେକ୍ସଟ୍(ଏସ୍‌ଟିଟି) କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ତଥା ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ପ୍ରଭାବୀ ଢଙ୍ଗରେ ହୋଇପାରିବ ବୋଲି ଅତିରିକ୍ତ ଶାସନ ସଚିବ ରାଉତ ଉଲ୍ଲେଖ କରିଛନ୍ତି।

# କଣ୍ଟେନର ଚାପାରେ ଚାଲିଗଲା ମା'ପୁଅଙ୍କ ଜୀବନ

ଭବାନୀପାଟଣା,୧୨ା୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ କଣ୍ଟେନର ଚାପାରେ ମା' ଓ ପୁଅଙ୍କ ଜୀବନ ଯାଇଛି। ସେମାନେ ହେଲେ ଭବାନୀପାଟଣା ସଦର ଥାନା ବୋର୍ଡା ଗ୍ରାମର ସୁମନ୍ତ ପ୍ରଧାନ (୩୮) ଓ ତାଙ୍କ ମା' ମଞ୍ଜୁଳା ପ୍ରଧାନ (୫୩)। ସୁମନ୍ତ ସ୍ଥାନୀୟ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ। ସୂଚନାକ୍ରମେ ପୂର୍ବାହ୍ନରେ ମା' ଓ ପୁଅ ବାଇକ୍ ଯୋଗେ କୌଣସି କାମରେ ଭବାନୀପାଟଣା ଯାଇ ଘରକୁ ଫେରୁଥିଲେ। ସଦର ଥାନା ଅନ୍ତର୍ଗତ କର୍ଲାଗୁଡା ଛକ ନିକଟରେ ଏକ କଣ୍ଟେନର (ନଂ-ଏଆର୍ ୫୫ ଖ୍-୮୨୦୫) ସେମାନଙ୍କୁ ଚାପିଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିବା ଜଣାପଡିଛି।



ଦୁର୍ଘଟଣା ଘଟାଇଥିବା କଣ୍ଟେନର।

## ପ୍ରଥମ ପୃଷ୍ଠାରୁ...

### କାର୍ ମଡ଼ାଇଦେବାରୁ...

ଏକ ଆକ୍ରମଣ କିମ୍ବା ଦୁର୍ଘଟଣା ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ଡ୍ରାଇଭରଙ୍କ ନାଁ ଫ୍ୟାନ୍ ଓ ତାଙ୍କର ସ୍ତ୍ରୀଙ୍କ ସହ ବିବାହ ବିଚ୍ଛେଦ ହୋଇଥିବା ଜଣାପଡ଼ିଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଲାଗି ସମସ୍ତ ଉଦ୍ୟମ କରିବାକୁ କହିବା ସହ ଅପରାଧୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି।

### ଉଗ୍ରପନ୍ଥୀ କହି...

ବଳ ଉପରେ ଆକ୍ରମଣ କରିଥାନ୍ତେ, ତେବେ ଏତେ ଦୂରରୁ ପାଲଟା ଗୁଳିରେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସମ୍ଭବ ନ ଥିଲା ବୋଲି ଫୋରମ୍ କହିଛି। କେତେଜଣ ନିଖୋଜଙ୍କ ତଲାସି ବେଳେ ସାଧାରଣ ଲୋକଙ୍କ ମୃତଦେହ ମିଳିଛି। ଗୁଳିକାଣ୍ଡ ବେଳେ ଲୁଚିଯାଇଥିବା କେତେଜଣ ମଙ୍ଗଳବାର ସକାଳେ ଘରକୁ ଫେରିଥିବା ଏକ ସୂତ୍ରରୁ କୁହାଯାଇଛି। ସୋମବାର ଆକ୍ରମଣ ଘଟଣା ପରେ ଜିରିବାମ୍ ଜିଲାରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଲାଗୁ ହୋଇଛି। ଇମ୍ଫାଲ ୱେଷ୍ଟ ଜିଲାର କେତେକ ସ୍ଥାନରେ ସୋମବାର ରାତିରେ ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ମୃତକମାନଙ୍କ ସମ୍ମାନ ଜଣାଇ ମଙ୍ଗଳବାର କୁକି-ଜୋ ଅଞ୍ଚଳକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ କରାଯାଇଛି। ମଙ୍ଗଳବାର ସକାଳ ୫ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ପାର୍ବତ୍ୟାଞ୍ଚଳକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ରଖିବାକୁ କୁକି-ଜୋ କାଉନ୍‌ସିଲ ଡାକରା ଦେଇଥିଲା।

### ଶ୍ରୀମନ୍ଦିର ଭିତରେ...

କରିବା ସହ ବାଇଶିପାହାଚ ପର୍ଯ୍ୟନ୍ତ ଯାଇଥିଲେ। ମହିଳାଙ୍କ ଉପରେ ଶ୍ରୀଜଗନ୍ନାଥ ଟେମ୍ପଲ ପୋଲିସର ନଜର ପଡ଼ିଥିଲା। ଜେଟିପିମାନେ ଉକ୍ତ ମହିଳାଙ୍କୁ ବାହାରକୁଆଣିଥିଲେ। ମଧ୍ୟ ମହିଳା ଜଣଙ୍କ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଜିଦ୍ ଧରିଥିଲେ। ଫଳରେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଉକ୍ତ ମହିଳା ଜଣଙ୍କୁ ସିଂହଦ୍ୱାର ନିକଟରେ ଥିବା ପୋଲିସର ଅସ୍ଥାୟୀ କ୍ୟାମ୍ପ ମଧ୍ୟକୁ ନେଇଥିଲେ। ସେଠାରେ ଉପସ୍ଥିତ ପୋଲିସ ତଦନ୍ତ କରିବା ସହ ପଚରାଉଚରା କରିବା ପରେ ମହିଳାଙ୍କୁ ବାହାରକୁ ଛାଡ଼ି ଦେଇଥିଲେ।

# ୧୦୦ ଏକର ଜଙ୍ଗଲ ଜମି ଜବରଦଖଲ ଘଟଣା

## ଏନ୍‌ଜିଟି ପକ୍ଷରୁ ରିପୋର୍ଟ ତଲବ

ମାଲକାନଗିରି, ୧୨ା୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୋଟୁ ତହସିଲ ଅଧୀନରେ ୧୦୦ ଏକର ଜଙ୍ଗଲ ଜମିକୁ ବେଆଇନ କବ୍‌ଜାକରି ଇସ୍କାମ୍ବନଗର ନିର୍ମାଣ ଘଟଣାରେ ଏନ୍‌ଜିଟି ସ୍ୱତନ୍ତ୍ର ଭାବେ ରିପୋର୍ଟ ତଲବ କରିଛି। ପିସିସିଏଫ୍ ଓ ମାଲକାନଗିରି ଜିଲାପାଳଙ୍କୁ ଏନ୍‌ଜିଟି ପକ୍ଷରୁ ସୋମବାର ନୋଟିସ ଆସିବା ପରେ ପୁନର୍ବାର ତଦନ୍ତ ପାଇଁ ମୋଟୁ ରେଞ୍ଜରଙ୍କୁ ଦାୟିତ୍ୱ ଦେବା ସହ ୨ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମାଲକାନଗିରି ଏସିଏଫ୍ ମନସୁନ ଖେମୁଡୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବେଆଇନ ଇସ୍କାମ୍ବନଗରକୁ ସଂଯୋଗ ହୋଇଥିବା ରାସ୍ତା ନିର୍ମାଣ ପାଇଁ ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇନାହିଁ ବୋଲି ଏସିଏଫ୍ କହିଛନ୍ତି। ଏଥିପାଇଁ କାଳିମେଳା ବିଡିଓ ଏବଂ ମୋଟୁ ତହସିଲଦାରକୁ ଚିଠି କରାଯାଇ ଏ ସମ୍ପର୍କରେ ତଦନ୍ତ ରିପୋର୍ଟ ମଗାଯାଇଛି। ଏଥିରେ ଯିଏ କେହି ବି ଭୁଲ୍ କରିଥିବେ ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ଖେମୁଡୁ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି କେତେକ ବ୍ୟକ୍ତି ମୋଟୁ ତହସିଲ ଅଧୀନରେ ଥିବା ଏକର ଏକର ଜଙ୍ଗଲ ଜମିକୁ ଜବରଦଖଲକରି ସେଠାରେ ବିରାଟ ଅଟ୍ଟାଳିକା ଏବଂ ଏକାଧିକ ପୋଖରୀ ଖନନ କରିଥିଲେ। ତେବେ ଏହି ଅଟ୍ଟାଳିକା ମଧ୍ୟରେ ଜଡ଼ିବୁଟି ବା ଆୟୁର୍ବେଦ ଔଷଧ ତିଆରି ହେଉଥିବା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ବିଗତ ଦିନରେ ସେଠାରେ ଚଢ଼ାଉ କରାଯାଇ ବିଭିନ୍ନ ସାମଗ୍ରୀ ଜବତ ହୋଇଥିଲା। ଏନେଇ ଏନ୍‌ଜିଟି ପକ୍ଷରୁ ରିପୋର୍ଟ ତଲବ ପରେ ପ୍ରଶାସନ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ନେଉଥିବା ଜଣାପଡ଼ିଛି।


## RAJENDRA UNIVERSITY, PRAJNA VIHAR, BALANGIR

No. :/RUB/ Date:

### WALK-IN-INTERVIEW

**No.CAD-1575:** Walk-in-Interview will be conducted for the appointment of Assistant Professor (Physical Education) for Teacher Education Programme on contractual basis for the Academic Session 2024-25. Interested eligible candidates are required to attend the interview with necessary documents as mention below.

| Date/Time/Venue of Interview | Post | Essential Qualification |
|---|---|---|
| 20/11/2024 (9.30 A.M.) P.G.C. Office | Assistant Professor (Physical Education) | As per NCTE Norms: Master of Physical Education (M.P.Ed) with minimum 55% marks (Training Qualification in Yoga Education shall be desirable) |

For eligibility criteria and other details please visit the University Notice Board or website https://rajendrauniversity.ac.in/. No TA/DA will be paid for attending interview.

Sd./- REGISTRAR
Rajendra University, Balangir

OIPR-11141/11/0003/2425

## OFFICE OF THE DIVISIONAL FOREST OFFICER, ANGUL DIVISION, ANGUL

No.MM-230

At/PO - Angul, Dist - Angul, Odisha - 759122, E-mail ID - dfoangul@gmail.com, dfo.angul@odisha.gov.in, Phone No. - 9938022883

O/O No/1F-266 Dt. 11.11.2024

### 1st Corrigendum to Bid Identification No. ANG-04/2024-25

As per above Tender Call Notice No. ANG-04/2024-25 Sl. No. 1 of Construction of Forester Quarter of Dera Beat at Dera under Talcher Range for the year 2024-25 the Class of Bidder for the following works are hereby changed.

| Sl. No. | Name of work | Approx. Value of work without GST (Rs. in lakhs) | Concerned Tender Inviting Authority | Cost of Bid documents (Rs. Online) | Class of Bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Forester Quarters, of Dera Beat at Dera under Talcher Range for the year 2024-25 | 24.58 | DFO, Angul Division | Rs. 6000.00 | 'C' & 'B' | 03 (Three) Calendar months |

All other terms and conditions remain unchanged.

Sd./-Divisional Forest Officer, Angul Division

OIPR-08027/11/0020/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, BALASORE

AT/P.O/DIST- BALASORE, PIN-756001

ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)

(WORLD BANK PROJECT ID: PI63533)

REQUEST FOR BIDS (RFB) E-Procurement Notice

NATIONAL OPEN COMPETITIVE PROCUREMENT FOR SMALL WORKS

No.1920 Dated 28.10.2024

No.A-547: RFB No.OIIPCRA-BAL/W2-01/2024-25

| | |
|---|---|
| Name of Work | Improvement to Balance works of Minor Irrigation Projects under OIIPCRA Scheme of MI Division, Gajapati, Paralakhemundi |
| No. of Works | 02 (Two) Nos. Minor Irrigation Projects |
| Estimated Cost | From Rs.55.70 Lakh to Rs.75.33 Lakh Approx. (Total estimated cost of 2 Projects Rs.131.03 lakh) |
| Cost of Bid Document | Free of Cost |
| Period of Completion | As per DTCN |
| Availability of bid documents | From 12.11.2024, 10.00 Hrs. to 10.12.2024 upto 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | 20 November 2024 As per Para-7 of DTCN |
| Last date & time of receipt of bid | Upto 10.12.2024, 15.00 Hrs. through online |
| Period of receipt of bid security | To be paid online alongwith the bid. Bank Guarantees also acceptable subject to verification |
| Date of Opening of technical bid | On dt.10.12.2024 at 15.30 Hrs. |
| Date of Opening of financial bid | To be intimated online after off-line evaluation of Technical Bid |
| Digital Signature Certificate of Bidder | The Bidder must possess compatible digital signature certificate (DSC) of Class-II or III. |
| The detail tender call notice can also be seen in the DOWR website | https://dowrodisha.gov.in, https://octdms.in |
| Name & Address of the OIT | Superintending Engineer, M.I. Division, Gajapati, At/Po- Paralakhemundi/ Dist-Gajapati, PIN-761200, E-mail:eemi_gajapati@yahoo.co.in, Gmail:- eemigajapatiparalakhemundi@gmail.com |

Sd./- Superintending Engineer, M.I.Division, Gajapati

OIPR-32013/11/0007/2425

## ODISHA CONSTRUCTION CORPORATION LIMITED

No.CAD-1577

(A Govt. of Odisha Undertaking)
Unit-VIII, Bhubaneswar
e-mail : theoccltd@odishaconstruction.com
GSTIN - 21AAACO2571K2ZM

Quotation Call Notice No. 03/OCCL/PUR/2024-25

Type of Work : Supply of cement (PSC) to Projects sites of OCCL in different districts of Odisha

No. of Bids : 01 No.

Period of Supply : 21.11.2024 to 30.04.2025

| Bid Identification No. | Type of Cement | Availability of Bid documents | Submission of Bid documents |
|---|---|---|---|
| OCC-Monitoring/06/2024-25 | PSC | 11.11.2024, 11.00 A.M. to 20.11.2024, 4.30 P.M. | 11.11.2024, 11.00 A.M. to 20.11.2024, 4.30 P.M. |

Procurement Officer - General Manager (Mech.), H.O., OCC Ltd, Bhubaneswar.

Date of opening of Bid : **20.11.2024 at 05.30 P.M.**

Further detail can be seen from the OCCL website (www.odishaconstruction.com)

OIPR-34176/11/0017/2425 Sd./- Managing Director

## GOVERNMENT OF ODISHA
## OFFICE OF THE EXECUTIVE ENGINEER, NH DIVISION, JEYPORE

No.b-15

e-mail : eenhdivisionjeypore@gmail.com

Bid Identification No. 05/2024-25 [e-Procurement]

| | | |
|---|---|---|
| 1 | The Superintending Engineer, NH Division, Jeypore on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road works as detailed in the table below. | |
| 2 | Nature of work | Road |
| 3 | No. of work | 2 Nos. |
| 4 | Tender Paper Cost | Rs. 4000.00 & 6000.00 |
| 5 | Class of Contractor | B, C & D |
| 6 | Availability of Bid document in the Website | From 11.00 A.M. of 14.11.2024 to 27.11.2024 5.00 P.M. |
| 7 | Date of Opening of Bid | 28.11.2024 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in | |
| 9 | Any Corrigendum/Addendum/Cancellation of will be displayed in the e-tender website only. | |

Sd./- Superintending Engineer
N.H. Division, Jeypore

OIPR-34149/11/0002/2425

## WORKS DEPARTMENT
## OFFICE OF THE SUPERINTENDING ENGINEER ROURKELA (R&B) DIVISION, UDITNAGAR, ROURKELA

No. B-597 E-Mail Id: eepwdrkl@gmail.com

### Government of Orissa "e" Procurement Notice

Bid Identification No. 57/2024-25 Dated: 06.11.2024

1. Number of Works : 1 (One) Number of Works
2. Estimated Cost : Rs.75.21 Lakhs
3. Period of Completion : 6 (Six) Calendar Months
4. Date & Time of availability of bid document in the portal : Dt.14.11.2024 at 11.00 A.M.
5. Last date/time for receipt of bids in the portal : Dt.29.11.2024 upto 05.00 P.M.
6. Date of Opening of Bid : Dt.30.11.2024 at 11.00 A.M.
7. Name & Address of the Officer Inviting Bid : Superintending Engineer (R&B) Division, Rourkela, Udit Nagar

Further details can be seen from the e-procurement portal http//tendersorissa.gov.in

Sd./- Additional Chief Engineer (Civil)
Rourkela (R&B) Division

OIPR-34068/11/0016/2425

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF CONSTRUCTION ENGINEER DEO IRRIGATION PROJECT, KARANJIA

No. A-552

At/P.O.: Karanjia, Dist.: Mayurbhanj - 757037
Tel.: 06796-296144, e-mail: cce.dip.dowr@gmail.com

### "e" Procurement Notice

Bid Identification No. 02/CCEDIP of 2024-25

Name of Work : As per Detailed Tender Call Notice
Total No. of Packages : 05 (Five) Nos. of Individual Work
Estimated Cost of Package : From 270.02 Lakhs to 693.73 Lakhs
Period of Completion : 06 (Six) to 09 (Nine) Months
Class of Contractor : "B", "A" and "Special" Class Contractor
Other Details :

| Procurement Officer | Bid Identification No. | Availability of tender Online for Bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 02/CCEDIP of 2024-25 | 14.11.2024 at 10.00 A.M. | 28.11.2024 Upto 05.30 P.M. |

Further details can be seen from the Govt. website **www.tendersodisha.gov.in**.

Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Deo Irrigation Project, Karanjia

OIPR-32337/11/0002/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BOUDH

GOVERNMENT OF ODISHA, e-Procurement Notice
Bid Identification No.09/BMID/2024-2025
E-mail ID:bmidbdh@gmail.com
Letter No.2705/ Date.01.11.2024

**No.A-543:**01. Name of Work : Construction of Service Road from RD.0.00 Mtr. to RD 2100.00 Mtr of Right Bank Main Canal of Kukuteswar MIP in Harabhanga Block of Boudh District under CAPEX (Road) 2024-25. 02. Numbers of Work : 01 (One) 03. Tender Amount : Rs.76.60 Lakhs. 04. Class of Contractor: "B". 05. Tender Paper Cost (Online) : Rs.10,000/-. 06. Period of Completion : 04 (Four) Calendar Months. 07. Availability of Bid document: From 07.11.2024 at 10.00 AM to 16.11.2024 at 05.00 PM in website (www.tendersorissa.gov.in). 08. Last date & time of receipt of Bid: 16.11.2024 at 05.00 PM through online. 09. Date of opening of Technical Bid: 18.11.2024 at 11.00 A.M. in the office of the SE, M.I. Division, Boudh. 10. Date of Opening of Financial Bid: 21.11.2024 at 11.00 AM in the office of the SE, M.I. Division, Boudh. 11. Date of Lottery if required: 25.11.2024 at 11.00 AM in the office of the SE, M.I. Division, Boudh. 12. Digital Signature Certificate of Bidder: The bidder must process compatible digital signature certificate (DSC). 13. Name and address of the OIT: Superintending Engineer, M.I.Division, Boudh, At/Po- Malisahi, District-Boudh, PIN-762014. Further details can be seen from the Government of Odisha website:www.tendersorissa.gov.in.

Sd./-Superintending Engineer, M.I.Division, Boudh

OIPR-32279/11/0009/2425

## OFFICE OF THE MUNICIPAL COUNCIL, RAYAGADA
## DIST-RAYAGADA, PIN CODE-765001, ODISHA

E-mail ID: raygadam.hud@nic.in

Letter No.୪୪୯୩ Date: ୦୮.୧୧.୨୪

### ବିଜ୍ଞାପନ

**No.C-967:**ଏତଦ୍ୱାରା ରାୟଗଡ଼ା ପୌରପରିଷଦର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୦୧.୧୨.୨୦୨୪ ଠାରୁ ୩୦.୧୧.୨୦୨୫ ପର୍ଯ୍ୟନ୍ତ ଏକବର୍ଷ ସକାଶେ ପରିଷଦର ଦୈନିକ ବଜାର ଫି ଆଦାୟ ନିମନ୍ତେ ଲିଜ୍ ଦେବା ସକାଶେ ସ୍ଥିର କରାଯାଇଛି, ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଟେଣ୍ଡର ମାଧ୍ୟମରେ ଆସନ୍ତା ୨୨.୧୧.୨୦୨୪ ଦିନ ୧୨.୦୦ ଘଟିକା ପୂର୍ବରୁ ସେମାନଙ୍କ ଟେଣ୍ଡର ଦାଖଲ କରିପାରିବେ, ପ୍ରାପ୍ତ ଟେଣ୍ଡରଗୁଡ଼ିକ ସେହିଦିନ ଅର୍ଥାତ୍ ୨୨.୧୧.୨୦୨୪ ଅପରାହ୍ନ ଘ.୪.୦୦ଟିକା ସମୟରେ ଟେଣ୍ଡର ଦେଇଥିବା ବ୍ୟକ୍ତି କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ପୌର କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ବିନାକାରଣରେ ସର୍ବୋଚ୍ଚ କିମ୍ବା ସଂସ୍ଥା ସମସ୍ତ ଟେଣ୍ଡରକୁ ରଦ୍ଦ କରିଦେବାର ଅଧିକାର ପୌର କର୍ତ୍ତୃପକ୍ଷଙ୍କର ରହିଛି ।

ପ୍ରକାଶଥାଉକି ଏକବର୍ଷ ସକାଶେ ଦୈନିକ ବଜାର ଫି ଆଦାୟ ପାଇଁ ସର୍ବନିମ୍ନ upset price ଟଙ୍କା ଟ.୭୩୨୦୦୦/- କୁ ପୌରକାର୍ଯ୍ୟାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଛି ।

ଯେଉଁ ବ୍ୟକ୍ତି ଟେଣ୍ଡର ଦାଖଲ ପାଇଁ ଇଚ୍ଛୁକ ପରିଷଦ ଦ୍ୱାରା ଧାର୍ଯ୍ୟ ଟଙ୍କାଠାରୁ ଅଧିକ ପାଇଁ ଟେଣ୍ଡର ଦାଖଲ କରିବେ ।

ଟେଣ୍ଡର ଦାଖଲ ସମୟରେ ନିମ୍ନଲିଖିତ ପ୍ରମାଣପତ୍ରଗୁଡ଼ିକ ସଂଲଗ୍ନ କରିବେ ।

୧.ଟେଣ୍ଡର ଦାଖଲ ପୂର୍ବରୁ ଅମାନତ ଟଙ୍କା ୩୦,୦୦୦/- (ତିରିଶ ହଜାର) ମାତ୍ର କାର୍ଯ୍ୟାଳୟରେ ଦାଖଲ କରି ରସିଦ ନେବେ ଏବଂ ସେହି ରସିଦର ଜେରକ୍ସ କପି ଟେଣ୍ଡର ସହ ସଂଲଗ୍ନ କରିବେ ।

୨.i. ଆଧାର କାର୍ଡର ନକଲ
ii.ଲେବର ଲାଇସେନ୍ସର ନକଲ
iii. ପାନ୍‌କାର୍ଡ ରେଜିଷ୍ଟ୍ରେସନର ନକଲ
iv. ଫଟୋ ପରିଚୟ ପତ୍ରର ନକଲ
v. ଗୃହ ଟିକସର ପୈଠ (୨୪-୨୫) ରସିଦର ନକଲ
vi. GST Registration Xerox Copy

କ) ଟେଣ୍ଡର ସିଦ୍ଧ ହେବା ପରେ ସଂପୂର୍ଣ୍ଣ ଟେଣ୍ଡର ମୂଲ୍ୟ ୫୦% ପ୍ରତିଶତ ଟଙ୍କା ଆଦେଶ ପ୍ରାପ୍ତିର ୩ ଦିନ ମଧ୍ୟରେ ପରିଷଦରେ ଦାଖଲ ଦେବେ ଏବଂ ୭ ଦିନ ମଧ୍ୟରେ ଲିଜ୍ ଚୁକ୍ତିନାମା ସମ୍ପାଦନ କରିବେ । ବଳକା ୫୦% ପ୍ରତିଶତ ୨ ଗୋଟି ସମାନ କିସ୍ତି ୩୧.୦୩.୨୦୨୫ ମଧ୍ୟରେ ପୈଠ ଦେବେ । ଏଥିରେ ଖିଲାପ କଲେ ଲିଜ୍ ରଦ୍ଦ କରିଦିଆଯିବ ।

ଖ) ଟେଣ୍ଡର ଦାଖଲ କରିବା ବ୍ୟକ୍ତି ରାୟଗଡ଼ା ପୌରସଂସ୍ଥାର କୌଣସି ପ୍ରକାର ଟିକସ, ଭଡ଼ା, ଲାଇସେନ୍ସ ତଥା ଅନ୍ୟାନ୍ୟ ଦେୟ ବକେୟା ନଥିବ ।

ଗ) ଜଉମୁଦ ଟେଣ୍ଡର ଦାଖଲ ସ୍ଥାନ:- ନିର୍ବାହୀ ଅଧିକାରୀ, ପ୍ରକୋଷ୍ଠ ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ଼

ଟେଣ୍ଡର ଦାଖଲ ତାରିଖ ଓ ସମୟ- ତା.୨୨.୧୧.୨୦୨୪ ଦିନ ୧୨.୦୦ ଘଟିକା
ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ- ତା.୨୨.୧୧.୨୦୨୪ ଦିନ ୪.୦୦ ଘଟିକା ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌରପରିଷଦ, ରାୟଗଡ଼

OIPR-13150/11/0029/2425

## GOVERNMENT OF ODISHA
## WORKS DEPARTMENT
## OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA

No.B-594

Telephone & Fax : 06846-243242, E-mail - eepwd.balliguda@gmail.com

e-procurement notice

Bid Identification No. S.E. BLG-10/2024-25
Dated : 07.11.2024

| Sl. No. | Name of the Work | Roads Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs. 30.00 lakh to 42.00 lakh |
| 2 | No. of Works | 2 (Two) Only |
| 3 | Period & time of completion | 15 (Fifteen) Days |
| 4 | Date & time of availability of the bid document in the portal | 13.11.2024 to 22.11.2024 (up to 5.00 P.M.) for Online Bidding |
| 5 | Last date / Time for receipt of bids in the portal | Up to 5.00 P.M. of 22.11.2024 |
| 6 | Date & Time of bid opening | 11.30 hours on Dated 25.11.2024 |
| 7 | Name & Address of the officer inviting Bid | Superintending Engineer, Baliguda R&B Division, Baliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website. www.tendersodisha.gov.in. Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division

OIPR-34038/11/0008/2425

## idco | ODISHA NEW OPPORTUNITIES

No.CAD-1576

## OFFICE OF THE DIVISIONAL HEAD, MAINTENANCE DIVISION IDCO, IDCO TOWERS, BHUBANESWAR

Bid Identification No.IDCO/MAINT/BBSR/03/24-25

TCN.NO.3184 Dt.06.11.2024

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**1.Name of the Work:** Comprehensive annual operation & Maintenance (AMC) for 2x225 TR screw chillers and 2x450 TR centrifugal chillers and 3x500 TR cooling Towers alongwith all associated equipments and installation of HVAC system at IDCO, Fortune Towers, Bhubaneswar.

1.Value of Work:35 lakhs. 2. Period of contract:12 (Twelve) Calendar Months. 3. Availability of tender online for Bidding: I. Start Date:17.00 Hours of Dt.13.11.24. II. End Date: 17.00 Hours of Dt.20.11.24. III. Opening Date: 11.30 Hours of Dt.21.11.24.

Tender details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Divisional Head,
MAINTENANCE DIVISION,
IDCO, Bhubaneswar

OIPR-14003/11/0069/2425

## GOVT. OF ODISHA
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, JEYPORE

AT/PO : JEYPORE, DIST : KORAPUT
PHONE NO. : 06854-291412, e-mail - mijeypore@yahoo.co.in

e-Procurement Notice

BID IDENTIFICATION NO. MIDJEY 06/2024-25

No. 1355 Date. : 05.11.2024

**No.A-527**: The **Superintending Engineer, Minor Irrigation Division, Jeypore** on behalf of Governor of Odisha invites **Percentage Rate** bid in **Single** Cover System in **ONLINE MODE**. Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to Check Dams, CAPEX Lining, Imp. to Tank & MIPs CAPEX ROAD.
2. No. of works : 12 Nos.
3. Estimated cost : Approximately Rs. 5.60 to 44.80 Lakhs.
4. Period of completion : 2 (Two), 3 (Three) & 6 (Six) calendar months.
5. Date and time of availability of bid documents in the portal : From 10.00 Hours of 13.11.2024 to 17.00 Hours of 26.11.2024.
6. Last date/time for receipt of bids in the portal : 17.00 Hours of 26.11.2024.
7. Date of opening of Bid : 11.00 Hours on 27.11.2024.
8. The bidders have to participate in ONLINE bidding only.
9. Name of the Officer inviting Bid : Superintending Engineer, Minor Irrigation Division, Jeypore. Further details can be seen from the e-procurement portal https://tendersodisha.gov.in

Sd./- Suprava Kanhar
05.11.2024
Superintending Engineer
MI Division, Jeypore

OIPR-32374/11/0003/2425

## REGULATED MARKET COMMITTEE JEYPORE, DIST-KORAPUT, ODISHA

At/Umari (Phulabada) P.O.-Railway Station-764001, E-Mail: secretaryrmcjeypore@yahoo.in

Tender Call Notice No.610/Dt.9.11.2024

**No.H-38:**Sealed quotations are invited from reputed contractors/firms having Registered HT licenses issued by ELBO, Odisha for the following works as mentioned below. The detail information with clarification will be available in the Office of the Chairman, Regulated Market Committee, Jeypore At/Umari (Phulabada) P.O.- Railway Station- 764001, Dist- Koraput within working day from dt.12.11.2024, 10.00 A.M. to dt.18.11.2024 upto 3.00 P.M.

| 1 | 2 | 3 | 4 | 5 | 6 | 7 | 8 | 9 |
|---|---|---|---|---|---|---|---|---|
| Sl. No. | Name of District | Name of Block | Description of Work | Amount | Cost of Tender Paper | Class of Contractor | EMD Cost (1% of tender cost) | Completion Period |
| 1 | Koraput | Jeypore, Borigumma, Boipariguda, Kundura | Construction of Line substation and LT Line extension for providing LT power (voltage 1 phase 2kW) supply to different RMC building viz Phampuni, Badajiuna, Konga, Kumuliput, Ramagiri, Dashmantpur, Baligaon, Mashigaon, Ghumar, Taraput, Udalguda, Bagderi, Dangarpaunshi, Raniguda, Purna Borigumma | 42,43,429.00 | 6000+GST (18%) | HT Class | 42,434.29 | 30 days |

Tender papers will be sold at office of the Chairman, R.M.C. Jeypore during office hour on working days from date.12.11.2024 at 10.00 AM to 18.11.2024 upto 3.00 P.M. on payment of requisite tender paper cost as mentioned in shape of D.D. and will be received at Secretary R.M.C. Jeypore upto 03.00 PM of 18.11.2024 & will be opened on dt.19.11.2024 at 11.00 A.M. at O/o the Secretary RMC Jeypore in presence of the bidders or their authorised representative, if any.

OIPR-07088/11/0003/2425 Sd./-Sub Collector, Jeypore-cum-Chairperson, R.M.C. Jeypore

# ଉପକୃତ ହେବେ ୧୦୦ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର

ଭବାନୀପାଟଣା,୧୨।୧୧ (ଉତ୍ତମ କୁମାର ଦାଶ)




ଜିଲାପାଳ ଜଣେ ଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏନଇଇଟି, ଜେଇ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ମଙ୍ଗଳବାର କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରର ଏଡୁନିଟ କୋଚିଂ ସେଣ୍ଟର ମାଧ୍ୟମରେ ଏହି ବିଶ୍ୱବିଦ୍ୟାଳୟରେ ନିଟ୍, ଜେଇ ଓ ଓୟୁଏଟି ପାଇଁ ମାଗଣାରେ ସ୍ଥାନୀୟ ୧୦୦ ଜଣ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଉଦ୍‌ଘାଟନୀ ସମାରୋହରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ, ଉପକୁଳସଚିବ ଜୟଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମର ଲାଭ ଉଠାଇବା ପାଇଁ ଉତ୍ସାହିତ କରିବା ସହ ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଡ଼. ମଧୁଲିକା ସାହୁ ସଂଯୋଜନା କରିଥିଲେ। ସେହିପରି ମାଇନିଂ ସ୍କିଲ କାଉନସିଲ ପକ୍ଷରୁ ଥୁଆମୁଲ ରାମପୁର ଓ ଲାଞ୍ଜିଗଡ ବ୍ଲକ ଅଞ୍ଚଳର ୩୦୦ ଜଣ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ କଳାହାଣ୍ଡି ଜିଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ଅନୁଦାନରେ ମାଇନିଂ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ତାଲିମର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହାକୁ ମଧ୍ୟ ଜିଲାପାଳ ପାୱାର ସଚିନ ପ୍ରକାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଖଣିଜ ପ୍ରତିଷ୍ଠାନର ପ୍ରଶାନ୍ତ କୁମାର ମିଶ୍ର, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିଲେ। ଏଥିରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କୋଶଳୀ ଧନୁଯାତ୍ରା ପାଇଁ କଂସ ବରଣ

କୋମନା,୧୨।୧୧(ସୋଭିନ ଛତ୍ରିଆ): ନୂଆପଡ଼ା ଜିଲା କୋମନା ବ୍ଲକ କାଣ୍ଡେଟାର ପ୍ରଗତି ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ କୋଶଳୀ ଧନୁଯାତ୍ରା ମହୋତ୍ସବ -୨୦୨୪ର କଂସ ଭୂମିକାରେ ଅଭିନୟ ପାଇଁ ଶିକ୍ଷକ ମଧୁସୂଦନ ପାଣିଗ୍ରାହୀଙ୍କୁ ମଙ୍ଗଳବାର ବରଣ କରାଯାଇଛି। ଆସନ୍ତା ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କୋଶଳୀ ଧନୁଯାତ୍ରାରେ ପ୍ରତ୍ୟେକ ରାତ୍ରି ୮ଟାରୁ ୧୨ଟା ପର୍ଯ୍ୟନ୍ତ କଂସ ଦରବାର ହେବ। ଏହାସହ ବାଜାଶାଳ, ଢୁଲଢୁଲି, ରସର୍କେଲି, ରଙ୍ଗବତୀ, ଡାଲଖାଇ ଭଳି ନାଚଗୀତ ଆୟୋଜନ କରାଯାଇଛି। ମଧୁସୂଦନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, କୋଶଳୀ ହେଉଛି ମା' ମାଟିର ଭାଷା। ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଧନୁଯାତ୍ରା ଆୟୋଜନ ହେଉଛି। ଆୟୋଜକ କମିଟି ସଭାପତି ପୁରନ୍ଦର ସତନାମୀଙ୍କ କହିବା କଥା ଧନୁଯାତ୍ରା ମାଧ୍ୟମରେ କୋଶଳୀ ଭାଷାକୁ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଏହା ଆମର ଛୋଟିଆ ପ୍ରୟାସ। ପ୍ରଗତି ୟୁଥ୍ କ୍ଲବ ସଭାପତି ପୁରେନ୍ଦ୍ର ସତନାମୀ, ସମ୍ପାଦକ କ୍ଷମାସାଗର ସତନାମୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କ୍ରିକେଟ ଚାମ୍ପିୟନଶିପ

ନୂଆପଡ଼ା,୧୨।୧୧ (ମକାରୁ ବେମାଲ): ସ୍ଥାନୀୟ ମିନି ଷ୍ଟାଡିୟମଠାରେ ମଙ୍ଗଳବାର ନୂଆପଡ଼ା ସଦର ବ୍ଲକସ୍ତରୀୟ କ୍ରିକେଟ ଚାମ୍ପିୟନ ଶିପ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ ବିଦ୍ୟାଳୟର ଖେଳାଳୀ ଭାଗ ନେଇଥିଲେ। ସିମିତ ୮ ଓଭର ବିଶିଷ୍ଟ ମ୍ୟାଚ କରାଯାଇ ୧୬ ଜଣଙ୍କୁ ନେଇ ଦଳ ଚୟନ କରାଯାଇଛି। ଏହାଛଡ଼ା ୪ ଜଣଙ୍କୁ ଷ୍ଟାଣ୍ଡବାୟ ରଖାଯାଇଥିବା ଆୟୋଜକ ସୂତ୍ରରୁ ପ୍ରକାଶ। ଜିଲା କ୍ରିକେଟ ସଂଘ ସଭାପତି ସରୋଜ କୁମାର ସାହୁ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁଶାନ୍ତ ଶତପଥୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।


**CAREER APPOINTMENT**

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm

PAY FOR 1, GET 1 FREE

For Bookings
Call : 0674-2580385
Email : advt@dharitri.com



ଭୁବନେଶ୍ୱରରେ ଏକ ବ୍ରାହ୍ମଣ ପରିବାରରେ ରହି (ଦୁଇଜଣ)ଙ୍କ ପାଇଁ ରୋଷେଇ ଓ ଘରକାମ କରିବା ପାଇଁ ମହିଳା ଆବଶ୍ୟକ। ଖାଇବା ରହିବା ସହ ଉପଯୁକ୍ତ ଦରମା ଦିଆଯିବ। ଯୋଗାଯୋଗ – **9437029144**



**ଆବଶ୍ୟକ**

ପ୍ରତିଷ୍ଠିତ SHRIRAM ଗ୍ରୁପ ର ମୋଟର ବୀମା ମାର୍କେଟିଂ ଗ୍ରୁପ ପାଇଁ ଅଟୋମୋବାଇଲ୍ କିମ୍ବା ସାଧାରଣ ବୀମା ଶିଳ୍ପରେ ଅଭିଜ୍ଞତା ଥିବା Business Development Managers ଆବଶ୍ୟକ। Salary 2-2.5 Lakhs.PA. ସ୍ଥାନ: ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ଭୁବନେଶ୍ୱର, କେନ୍ଦୁଝର, ରାଉରକେଲା, ଅନୁଗୁଳ, ଭବାନୀପାଟଣା, ଜୟପୁର

Send your CV at resume@skiretail.in and jpmisra@skiretail.in, Call : 9437064772.


IN THE COURT OF THE HON'BLE DISTRICT JUDGE
KHORDHA AT BHUBANESWAR
RFA No. 30/2020

The Land Acquisition Officer (NH) & Competent Authority ... Appellant

-Versus-

Sukanti Singh & others ... Respondents

Notice under Order 5 Rule-20 of C.P.C

To,
**B. Sasi Kumar,** aged about 55 years, S/o.: Balakrushna Pilai, Gajapati Nagar, 4th Lane, Berhampur, Dist.: Ganjam at Present residing at Plot No.: 1050/1049, Uparsahi, Laxmisagar, Bhubaneswar, Dist.: Khordha

Take notice that the above named appellant has instituted an appeal bearing **No.30/2020** before the court of District Judge, Khordha at Bhubaneswar against you. You are hereby directed to appear in person or through pleader before the court of the District Judge, Khordha at Bhubaneswar on **04.12.2024** at **10.30 AM** positively to show cause why the appeal shall not be heard and in default of your appearance on the above mentioned date and time, the appeal shall be heard and determined ex-parte against you as per law.

Given under my hand and the seal of the Court, this 5th day of November 2024.

Sd/- District Judge
Khordha at Bhubaneswar


**Requirement**

for Marketing Executive, Manager, Receptionist, Malli and Gym Trainer, Jumba Trainer, Office Boy at various offices in Bhubaneswar.

**Mob : 9439913527**



**ଡ୍ରାଇଭର ଆବଶ୍ୟକ**

ଆମେ ଅଟୋମୋଟିକ୍ ମର୍ସିଡିଜ୍ କାର୍ ଚଲାଇବା ପାଇଁ ବ୍ୟକ୍ତିଗତ ଡ୍ରାଇଭର ଖୋଜୁଛୁ।

ଦରମା ୧୫୦୦୦/- + ଦୁଇଥର ଘର ଖାଇବା ଏବଂ ଡ୍ରାଇଭର ନିବାସ ଯୋଗେଇ ଦିଆଯିବ।

**9132933333** ରେ ଆମ ସହିତ ଯୋଗାଯୋଗ କରନ୍ତୁ


# ଇନ୍ଦ୍ରାବତୀ ମେଗାଲିଫ୍ଟ: ରବିଚାଷ ପାଇଁ ବନ୍ଦ ହେବ ଜଳସେଚନ

କୋକସରା,୧୨।୧୧
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପରୁ ଚଳିତ ରବି ଚାଷ ପାଇଁ ଜଳସେଚନ ବନ୍ଦ ରହିବା ନେଇ କୁସୁମଖୁଣ୍ଟି ମେଗାଲିଫ୍ଟ ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉଠା ଜଳସେଚନ ନିର୍ବାହୀ ଅଧିକାରୀ ପ୍ରଣୟ କୁମାର ପ୍ରଧାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ବିଗତ ବର୍ଷଠାରୁ କମ ରହିଥିବା କାରଣରୁ ଜଳସେଚନରେ ବ୍ୟାଘାତ ସୃଷ୍ଟି ହୋଇଛି। ମେଗାଲିଫ୍ଟ କେନାଲରୁ ଖରିଫ ଋତୁ ଧାନଚାଷ ପାଇଁ ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ପ୍ରାୟ ୨୫ ହଜାର ୨୭୫ ହେକ୍ଟର ଓ ରବି ଚାଷ ପାଇଁ ଜୟପାଟଣା ବ୍ଲକର ୭୬୬୮.୨ ହେକ୍ଟର ଓ କୋକସରା ବ୍ଲକର ୮୯୭୭.୬୮ ମୋଟ ୧୬୬୪୫.୮୮ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯାଉଥିଲା। ଜଳସ୍ତର ହ୍ରାସ ପାଇଥିବାରୁ ଜଳସେଚନ ସମ୍ଭବ ନୁହେଁ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। କୋକସରା ବ୍ଲକରେ ଖରିଫ ଋତୁ ସମୟରେ ୧୧ ହଜାର ହେକ୍ଟର ପାଖାପାଖି ଜଳସେଚନ ହେଉଥିବା ବେଳେ ରବି ଚାଷ ପାଇଁ ବିଗତ ବର୍ଷରେ ୮୯୭୭.୬୮ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆଯାଇଥିଲା।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଟିଟିଲାଗଡ଼, ୧୨।୧୧(ଶରତ ମିଶ୍ର): ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆଠାରେ ତିନି ଦିବସୀୟ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ଅବସରରେ ବିଧାୟକ ତାଙ୍କ ସରକାର ଚାଷୀଙ୍କ ଧାନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଦେବାକୁ ଯାଉଛନ୍ତି । ତାଙ୍କ ସରକାର ଚାଷୀ ପରିବାରଙ୍କ ଉତଥାନ ପାଇଁ ବଦ୍ଧ ପରିକର ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ, ଜିଲା ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ଡ଼. ପ୍ରଫୁଲ୍ଲ ଭଞ୍ଜ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଲାସା ମୁର୍ମୁ, ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ ପ୍ରମୁଖ ମତବ୍ୟକ୍ତ କରିଥିଲେ । ଟିଟିଲାଗଡ଼ ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଏଡିଓ ଟିଟିଲାଗଡ଼ ସୁରେନ୍ଦ୍ର ଘୋଡା, ବ୍ଲକ କୃଷି ଅଧିକାରୀ ଟିଟିଲାଗଡ଼ ଭକ୍ତ ଚରଣ ଛତ୍ରିଆ, ତୁରକେଲା ଆନନ୍ଦ ମଲ୍ଲିକ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ। ବଲାଙ୍ଗୀର ବିଏଓ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଫଳ ମତ୍ସ୍ୟ ଚାଷୀ ଅଶ୍ୱିନୀ ସାହୁଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।

# ସ୍ମାର୍ଟ ଶ୍ରେଣୀଗୃହ ପରିଚାଳନା ପାଇଁ ତାଲିମ କାର୍ଯ୍ୟକ୍ରମ




ଖଡ଼ିଆଳ,୧୨।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଓଏନ୍‌ଜିସି ଓ ଏଡସିଲଙ୍କ ମିଳିତ ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମ୍ପ୍ୟୁଟର ଆଧାରିତ ସ୍ମାର୍ଟ ଶ୍ରେଣୀଗୃହ ପରିଚାଳନା ପାଇଁ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ ଯୋଗଦେଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଜୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁକାନ୍ତ କୁମାର ସ୍ୱାଇଁ, ଗୋବର୍ଦ୍ଧନ କାମିଲା, ପ୍ରଦୀପ୍ତ କୁମାର ଦାସ ଓ ପ୍ରଭଞ୍ଜନ ବିଶ୍ୱାଳ ତାଲିମଦାତା ଭାବରେ ଯୋଗଦେଇ ପ୍ରଯୁକ୍ତି ବିଦ୍ୟା ଓ କୌଶଳ ମାଧ୍ୟମରେ ସ୍ମାର୍ଟ ଶ୍ରେଣୀଗୃହର ସୁଗମ ପରିଚାଳନା ବିଷୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବ୍ଲକ୍‌ର ୪୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି।

# ମଥୁରା ପାଲଟିଛି ବଙ୍ଗୋମୁଣ୍ଡା, କଂସର ରାଜୁତିରେ ପ୍ରକମ୍ପିତ

କଣ୍ଟାବାଞ୍ଜି, ୧୨।୧୧(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦରସ୍ଥିତ ସର୍ବସାଧାରଣ ଖେଳପଡ଼ିଆଠାରେ ଆୟୋଜିତ ୩୮ତମ ଧନୁଯାତ୍ରା ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ କଂସ ମହାରାଜଙ୍କ ରାଜଦରବାରକୁ ରାଜକୀୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ସମ୍ପାଦକ ଅଜୟ ଶର୍ମା, ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସରେ ହସ୍ତୀ ପିଠିରେ ବସି କଂସ ମହାରାଜ ରାଜଦରବାରକୁ ପହଞ୍ଚିଥିଲେ। ରାଜକାର୍ଯ୍ୟ ଆରମ୍ଭ ପରେ କଂସ ମହାରାଜଙ୍କ ରାଜ ଦରବାରକୁ ରାଜକୀୟ ଅତିଥି ଭାବେ ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରୀ, ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଙ୍ଗୋମୁଣ୍ଡାର ଅଧ୍ୟକ୍ଷ ଗରୁଡ଼ଧ୍ୱଜ ବେହେରା, ବଲଧା ସରପଞ୍ଚ ପ୍ରତିନିଧି ସମାଜସେବୀ ସଦାନନ୍ଦ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଡ. ନାରାୟଣ ମିଶ୍ର ସଭାକୁ ସଂଯୋଜନା କରିଥିଲେ। ରଙ୍ଗମଞ୍ଚରେ କୃଷ୍ଣ ଜନ୍ମ, ବିଜୁଳି କନ୍ୟାର ଶୁନ୍ୟବାଣୀ, ପୁତନା ଆହ୍ୱାନ ଓ ପ୍ରେରଣ, ଅଷ୍ଟମଲ୍ଲ ଆହ୍ୱାନ ଓ ପ୍ରେରଣ ଆଦି ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ସଭାପତି ତୁଳସୀରାମ ହଂସ, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, ସାଂସ୍କୃତିକ ସମ୍ପାଦକ ଘନଶ୍ୟାମ ମନହୀରା ପ୍ରମୁଖଙ୍କ ସହ କମିଟି କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା

ନୂଆପଡ଼ା,୧୨।୧୧ (ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି ମୁଖ୍ୟଅତିଥି, ଏବିଇଓ ଉତ୍କଳମଣି ଅଗସ୍ତି, ଚଇତରାମ ନାଏକ, ଚନ୍ଦ୍ରକଳା ଜଗତ, ଗୋଲାପଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସଭାରେ ବିଦ୍ୟାଳୟ ପାଇଁ ଉତ୍ତମ କାର୍ଯ୍ୟ କରୁଥିବା କାଦୋମେରୀ ସରପଞ୍ଚ କିଶୋର ବାରିକ ଓ ଗୁଡାପଡେରାର ଅଭିଭାବକ ତୁଙ୍ଗଣ ଚନ୍ଦ୍ରକାରଙ୍କୁ ମୁଖ୍ୟଅତିଥି ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ସାରାବଙ୍ଗ ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଖୁଟବନଭେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । କନିଷ୍ଠ ବର୍ଗରେ ବାଳିକା ଉଚ୍ଚ ବିଦ୍ୟାଳୟ କୋଟେନଚୂଆଁ ପ୍ରଥମ, ଉଚ୍ଚ ବିଦ୍ୟାଳୟ ଡୁମେରପାଣି ଦ୍ୱିତୀୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ଖରିଆର ରୋଡ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଉପକନିଷ୍ଟ ବର୍ଗରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରଟାପାଲି ପ୍ରଥମ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିପଲଛେଣ୍ଡି ଦ୍ୱିତୀୟ ଓ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଦଳଗତ ଭାବରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଟ୍ରଫି ସହ ମାନପତ୍ର ଦେଇ ପୁରସ୍କୃତ କରିଥିଲେ ।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଇଆର୍-ପିଏସ୍ଆଇ-କେଜିପି-ଟାଟା-୨x୨୫ କେଭି, ତାରିଖ: ୧୧।୧୧।୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପ୍ରୋଜେକ୍ଟ), ଦକ୍ଷିଣ ପୂର୍ବ ରେଳପଥ, ୧୧, କନ୍‌ଭେଣ୍ଟ ଲେନ୍, ବେଲିଆଘାଟ, କୋଲକାତା-୭୦୦୦୧୫ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ ଏବଂ ଏହାର ଅବସ୍ଥିତି:** ଇପିସି ପଦ୍ଧତିରେ ୩୦୦୦ ଏମ୍‌ଟି ଲୋଡିଂ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର/ଚକ୍ରଧରପୁର ଡିଭିଜନର ଖଡ଼ଗପୁର-ଟାଟାନଗର ସେକ୍ସନରେ ୨x୨୫ କେଭି ସିଷ୍ଟମ୍‌ରେ ୧୩୨ କେଭି ଟ୍ରାକ୍ସନ୍ ସବ୍‌ଷ୍ଟେଶନ୍, ସେକ୍ସନିଂ ପୋଷ୍ଟ (ଏସ୍‌ପି) ଏବଂ ସବ୍ ସେକ୍ସନିଂ ପୋଷ୍ଟ (ଏସ୍‌ଏସ୍‌ପି)ର ଡିଜାଇନ, ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ । **କାର୍ଯ୍ୟର ସମାପ୍ତି ଅବଧି:** ନିଯୁକ୍ତି ତାରିଖରୁ ୭୨୦ ଦିନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹ ୧୪୯,୩୨,୧୮,୧୬୯.୪୬ । **ବିଡ୍ ଅମାନତ:** ₹ ୭୬,୧୬,୧୦୦ । **ଅଫର୍ ବୈଧତା:** ଟେଣ୍ଡର ଖୋଲାଯିବା ତାରିଖରୁ ୧୮୦ ଦିନ । **ଅନୁସନ୍ଧାନ ପ୍ରାପ୍ତ କରିବାର ଶେଷ ତାରିଖ:** ତା୨୯।୧୧।୨୦୨୪ରିଖ। **ପ୍ରାକ୍-ବିଡ ବୈଠକ:** ତା୨୯।୧୧।୨୦୨୪ରିଖ ୧୨.୩୦ ଘଟିକା । **ଉପ-ଧାରା ନଂ. ୨.୧୧.୨ରେ ତାଲିକାଭୁକ୍ତ ସମସ୍ତ ବାସ୍ତବିକ ଦସ୍ତାବିଜ ଦାଖଲ:** ତା୩୦।୧୨।୨୦୨୪ରିଖ (୧୫.୦୦ ଘଟିକା ଆଇଏସ୍‌ଟି) । **ଟେଣ୍ଡର ବନ୍ଦ ହେବା ତାରିଖ:** ତା୨୬।୧୨।୨୦୨୪ରିଖ (୧୫.୦୦ ଘଟିକା [illegible]) [illegible] www.ireps.gov.in । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ ।
(PR-776)

GOVERNMENT OF CHHATTISGARH
**WATER RESOURCES DEPARTMENT**
**OFFICE OF THE CHIEF ENGINEER, MAHANADI GODAWARI BASIN, RAIPUR (C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(1st Call)**

**System Tender No.: 160833/NIT No.:05/SAC/2024-25, Kasdol** **Dated: 08.11.2024**

Online tenders are invited for the following works upto 02.12.2024 at 17.30 hour (IST) :-

Name of Work : Construction of Dhawai Stop Dam Across Jamuniya Nalla of Balodabazar Block of Balodabazar Bhatapara District.

Probable Amount of Contract : Rs.244.21 Lakhs

The details can be viewed and downloaded online directly from the Government of Chhattisgarh Integrated e-Procurement Portal (**https://eproc.cgstate.gov.in**) from **Date 18.11.2024 at 17.31 hours (IST) onwards.**

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Construction Division, Kasdol
for, Chief Engineer, Mahanadi Godawari Basin
Water Resources Department, Raipur (C.G.)

G-242503717/5

**यूनियन बैंक ऑफ इंडिया | Union Bank of India**
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୫, ଓଡ଼ିଶା, ଫୋନ୍-୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୧୧.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା ଠାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | କୋର୍ଟପେଟା ଶାଖା / ଫୋନ: ୭୮୯୪୬୨୫୫୧୧/ **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ସ୍ୱାମୀ: ଶତ୍ରୁଘନ ବେହେରା ଏବଂ **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, ଉଭୟଙ୍କ ଠିକଣା- ଗ୍ରାମ: ହୁଣ୍ଡତ, ପୋ: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୯୭୩/ ୧୬୧୭, ଖାତା ନଂ.: ୩୦୩/ ୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର.୦୪୧ ଡିସିମିଲି କିମ୍ବା ୧୭୮୬ ବର୍ଗଫୁଟ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତୀ ସାସମଲଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୫,୧୭,୨୫୦/- / ଟ.୧,୫୧,୮୦୦/- / ଟ.୧୫,୨୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୨. | କୋର୍ଟପେଟା ଶାଖା / ଫୋନ: ୭୮୯୪୬୨୫୫୧୧/ **୧) ଅଜିତ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/ ୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲି, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି କିମ୍ବା ୫୨୩ ବର୍ଗଫୁଟ ଏବଂ ଏହାର ଚତୁଃପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ଜାଗା, ଦକ୍ଷିଣ: କରୁଣା ରାଉଳଙ୍କ ଜାଗା | ଟ.୧୪,୯୩,୦୦୦/- / ଟ.୧,୪୯,୫୦୦/- / ଟ.୧୫,୦୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୩. | କୋର୍ଟପେଟା ଶାଖା / ଫୋନ: ୭୮୯୪୬୨୫୫୧୧/ **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶି ଗୌଡ, **୨) ଶ୍ରୀ କାଶି ଗୌଡ, ୩) ସିମାଞ୍ଚଳ ଗୌଡ,** ସମସ୍ତଙ୍କ ଠିକଣା- ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଅରୁଣ ଗୌଡ, କାଶି ଗୌଡ ଏବଂ ସିମାଞ୍ଚଳ ଗୌଡ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ: କାମନା ଗୌଡଙ୍କ ଗୃହ | ଟ.୧୨,୧୮,୯୦୦/- / ଟ.୧,୨୧,୯୦୦/- / ଟ.୧୨,୫୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୪. | କୋର୍ଟପେଟା ଶାଖା / ଫୋନ: ୭୮୯୪୬୨୫୫୧୧/ **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ଉଭୟଙ୍କ ଠିକଣା- ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/ ୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲି, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ଡିସିମିଲି ଏବଂ ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପାର୍ଟିଙ୍କ ଅବଶିଷ୍ଟ ଜମି | ଟ.୨୩,୮୯,୩୫୦/- / ଟ.୨,୩୯,୦୦୦/- / ଟ.୨୩,୯୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୫. | ବେଲଗୁଣ୍ଠା ଶାଖା / ଫୋନ: ୯୦୬୯୩୩୪୬୮୯ / **୧) କୈଳାଶ ଚନ୍ଦ୍ର ଶତପଥି,** ପିତା: କୃପାସିନ୍ଧୁ ଶତପଥି, **୨) ବାସନ୍ତୀ ଶତପଥି,** ସ୍ୱାମୀ: କୈଳାଶ ଚନ୍ଦ୍ର ଶତପଥି, **୩) ଲକ୍ଷ୍ମୀକାନ୍ତ ଶତପଥି,** ପିତା: କୈଳାଶ ଚନ୍ଦ୍ର ଶତପଥି, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡ଼ା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡ଼ା, ତହସିଲ: ଜଗନ୍ନାଥପ୍ରସାଦ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୭୯ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ବାସନ୍ତୀ ଶତପଥିଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ.୨,୨୨,୦୦୦/- / ଟ.୨୨,୫୦୦/- | ଆକାଉଣ୍ଟ ନଂ.: ୧୮୫୨୧୧୯୮୦୦୫୦୦୦୦ IFSC Code: UBIN0818526 |
ପରବର୍ତ୍ତୀ କୌଣସି ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୯୮୩୦୩୨୫୬୨୧

**ଏହି ବିକ୍ରୟ ନୋଟିସଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ରଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ରଣ ଆକାଉଣ୍ଟକୁ ବିକ୍ରୟ କରାଯିବ।**

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୨.୧୧.୨୦୨୪
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବାରକୋଟରେ ଜେଏମ୍ଏଫ୍ସି କୋର୍ଟ ଶୁଭାରମ୍ଭ

ଦେବଗଡ଼,୧୨।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାରେ ମଙ୍ଗଳବାର ବହୁ ପ୍ରତିକ୍ଷୀତ ଜେଏମ୍ଏଫ୍ସି କୋର୍ଟ ଶୁଭାରମ୍ଭ ହୋଇଯାଇଛି। ଏହାକୁ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଆଭାସୀ ମାଧ୍ୟମରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ନୂତନ ଜେଏମ୍ଏଫ୍ସି କୋର୍ଟରେ ଦେବଗଡ ଜିଲା ଜଜ୍ ଗୌତମ ଶର୍ମା, ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ଦେବଗଡ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଜିଲା ଓକିଲ ସଂଘ ସଭାପତି ପ୍ରମଥେଶ ଗୁରୁ ଓ ବାରକୋଟ ବ୍ଲକର ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ସମେତ ବହୁ ଆଇନଜୀବୀ ଓ ବିଚାର ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ଆଇନଜୀବୀ ସଞ୍ଜୀବ କୁମାର ପ୍ରଧାନ, ଏହି ନୂତନ ଜେଏମ୍ଏଫ୍ସି କୋର୍ଟର ପ୍ରଥମ ବିଚାରପତି ଭାବେ ଅତିରିକ୍ତ ସିଭିଲ ଜଜ୍ (ଜୁନିୟର ଡିଭିଜନ)ତଥା ଜେଏମ୍ଏଫ୍ସି ଅଙ୍କିତା ଗୁରୁ ଅଦାଲତ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏହି କୋର୍ଟ ସ୍ଥାପନ ଦ୍ୱାରା ବାରକୋଟ ଥାନା ଅଞ୍ଚଳର ବହୁ ଜନସାଧାରଣ ଉପକୃତ ହେବା ସହ ଦ୍ୱାର ମୁହଁରେ ସହଜରେ ତ୍ୱରିତ ନ୍ୟାୟ ପାଇ ପାରିବେ ବୋଲି ଅଞ୍ଚଳବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗୁରୁନାନକ ଦେବ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା

ସମ୍ବଲପୁର,୧୨।୧୧ (ଭବାନୀ ଶଙ୍କର ଭୋଇ)

ଶିଖପନ୍ଥର ସଂସ୍ଥାପକ ଗୁରୁନାନକ ଦେବଜୀଙ୍କ ୫୫୫ ତମ ଜନ୍ମ ଜୟନ୍ତୀ ତଥା ଗୁରୁ ପ୍ରକାଶ ପର୍ବର ଶୁଭ ଅବସରରେ ମଙ୍ଗଳବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଦିପଡାସ୍ଥିତ ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଗୁରୁଦ୍ୱାରା ଶ୍ରୀ ଗୁରୁ ସିଂ ସଭା ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ସହରର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ ସାମିଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଚକୋଲେଟ୍ ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛକରେ ସମ୍ବଲପୁର ଭାଜପା ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା ।


ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରିବା ପାଇଁ ଲୋକେ ଅପେକ୍ଷା କରିଛନ୍ତି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ଦେବଗଡ଼,୧୨।୧୧ (ଶଶାଙ୍କ ଶେଖର ଝାଙ୍କର)

ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦେବଗଡ଼ ଜିଲା ବାରକୋଟ ବ୍ଲକ ବିଜୟନଗରସ୍ଥିତ ନଈକୂଳ ସରକାରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାରକୋଟ ଗୋଷ୍ଠି ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସାମଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନ୍ନ କୁମାର ପାଇକରାୟ ଓ ଡଁରା ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ବରିଷ୍ଠ ବିଭାଗରେ ୪୪, କନିଷ୍ଠ ବିଭାଗରେ ୬୭ ଏବଂ ସର୍ବକନିଷ୍ଠ ବିଭାଗରେ ୧୯ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକସ୍ତରରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ସେମାନଙ୍କ ପ୍ରକଳ୍ପ ସ୍ଥାନ ପାଇବ ବୋଲି ଜଣାପଡିଛି।


ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୧୦ ନଂ. ରାଜ୍ୟ ରାଜପଥରେ ସଫେଇ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୨।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ ଓ ପରିବେଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ୧୦ନଂ. ରାଜ୍ୟ ରାଜପଥ ସଫେଇ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ସ୍ୱାସ୍ଥ୍ୟ ଓ ପରିବେଶ ଚାରିଟେବୁଲ ଟ୍ରଷ୍ଟ ସଭାପତି ଜ୍ଞାନେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ସଫେଇ କରିଥିଲେ। ଏଥିରେ କୋଷାଧ୍ୟକ୍ଷ ଓବେଦ ମେହେର, ସମ୍ପାଦକ ସିଶୁପାଲ ଦୁବେଙ୍କ ସମେତ ସାମାଜିକ କର୍ମୀ ଉମେଶ ବେହେରା, ପ୍ରହ୍ଲାଦ ନାୟକ ଏବଂ ସୁନୀଲ ପଟେଲ ସକ୍ରିୟ ଅଂଶଗ୍ରହଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଦୀର୍ଘଦିନରୁ ୧୦ନଂ. ରାଜ୍ୟ ରାଜପଥରେ ଧୂଳି ଏବଂ ପାଉଁଶ ଏକ ସମସ୍ୟା ହୋଇ ରହିଆସିଛି। ପ୍ରଶାସନକୁ ବାରମ୍ବାର ଏ ବିଷୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ରାସ୍ତାରେ ଯିବାଆସିବା ସମୟରେ ଡ୍ରାଇଭରମାନଙ୍କ ପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଥିଲା। ଧୂଳି ଯୋଗୁ ଆଗକୁ କିଛି ଦେଖା ଯାଉନାହିଁ ଏବଂ ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନଙ୍କ ପାଇଁ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ତଥା ସମସ୍ୟାକୁ ଗୁରୁତର ନେଉ ନ ଥିବାରୁ ବାଧ୍ୟ ହୋଇ ସ୍ୱାସ୍ଥ୍ୟ ଓ ପରିବେଶ ଚାରିଟେବୁଲ ଟ୍ରଷ୍ଟ ଏହି ଅଭିଯାନ ହାତକୁ ନେଇଛି। ସ୍ଥାନୀୟ ଲୋକଙ୍କ ସମର୍ଥନ ସହିତ ଏହି ଅଭିଯାନ ୧୦ ନଂ. ରାଜ୍ୟ ରାଜପଥରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରକାର ନୂତନ ରାସ୍ତା ଦେଖାଇଛି ବୋଲି ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ଯଦି ପ୍ରଶାସନ ତଥା ବିଭାଗ ଯଦି ଏଥିପ୍ରତି ସଜାଗ ନ ରହି କିଛି ସନ୍ତୋଷଜନକ ପଦକ୍ଷେପ ନ ନିଅନ୍ତି ତେବେ ଏହି କାର୍ଯ୍ୟକ୍ରମ ବ୍ୟାପକକୁ ଅଧିକ ବ୍ୟାପକ କରି ସମାନ ପଦକ୍ଷେପ ନେବା ପାଇଁ ସଙ୍ଗଠନ ପକ୍ଷରୁ କୁହାଯାଇଛି।



**ଦ.ପୂ. ରେଳପଥ – ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଇଆର୍-ପିଏସ୍ଆଇ-କେଜିପି-ଟାଟା-୨x୨୫ କେଭି, ତାରିଖ: ୧୧।୧୧।୨୦୨୪ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପ୍ରୋଜେକ୍ଟ), ଦକ୍ଷିଣ ପୂର୍ବ ରେଳପଥ, ୧୧, କନ୍ଭେଣ୍ଟ ଲେନ୍, ବେଲିଆଘାଟ, କୋଲକାତା–୭୦୦୦୧୫ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ ଏବଂ ଏହାର ଅବସ୍ଥିତି:** ଇପିସି ପଦ୍ଧତିରେ ୩୦୦୦ ଏମ୍ଟି ଲୋଡିଂ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର/ଚକ୍ରଧରପୁର ଡିଭିଜନର ଖଡ଼ଗପୁର-ଟାଟାନଗର ସେକ୍ସନରେ ୨x୨୫ କେଭି ସିଷ୍ଟମ୍‌ରେ ୧୩୨ କେଭି ଟ୍ରାକ୍ସନ୍ ସବ୍‌ଷ୍ଟେଶନ, ସେକ୍ସନିଂ ପୋଷ୍ଟ (ଏସ୍‌ପି) ଏବଂ ସବ୍ ସେକ୍ସନିଂ ପୋଷ୍ଟ (ଏସ୍‌ଏସ୍‌ପି)ର ଡିଜାଇନ, ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ । **କାର୍ଯ୍ୟର ସମାପ୍ତି ଅବଧି:** ନିଯୁକ୍ତି ତାରିଖରୁ ୭୨୦ ଦିନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹ ୧୪୯,୩୨,୧୮,୧୬୯.୪୬ । **ବିଡ୍ ଅମାନତ:** ₹ ୭୬,୧୬,୧୦୦ । **ଅଫର୍ ବୈଧତା:** ଟେଣ୍ଡର ଖୋଲାଯିବା ତାରିଖରୁ ୧୮୦ ଦିନ । **ଅନୁସନ୍ଧାନ ପ୍ରାପ୍ତ କରିବାର ଶେଷ ତାରିଖ:** ତା୨୯।୧୧।୨୦୨୪ରିଖ। **ପ୍ରାକ୍-ବିଡ ବୈଠକ:** ତା୨୯।୧୧।୨୦୨୪ରିଖ ୧୨.୩୦ ଘଟିକା । **ଉପ-ଧାରା ନଂ. ୨.୧୧.୨ରେ ତାଲିକାଭୁକ୍ତ ସମସ୍ତ ବାସ୍ତବିକ ଦସ୍ତାବିଜ ଦାଖଲ:** ତା୩୦।୧୨।୨୦୨୪ରିଖ (୧୫.୦୦ ଘଟିକା ଆଇଏସ୍‌ଟି) । **ଟେଣ୍ଡର ବନ୍ଦ ହେବା ତାରିଖ:** ତା୨୬।୧୨।୨୦୨୪ରିଖ (୧୪.୦୦ ଘଟିକା ଆଇଏସ୍‌ଟି) । ୱେବ୍‌ସାଇଟ୍ ବିବରଣୀ ଯେଉଁଠି ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ: **www.ireps.gov.in । ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ ।
(PR-776)

# ଜାତୀୟ ସ୍ତରୀୟ ହୁଇଲ୍ ଚେୟାର କ୍ରିକେଟରେ ଯୋଗଦେବେ ବସନ୍ତ

ରାଜଗାଙ୍ଗପୁର,୧୨।୧୧(ଅଶୋକ ପାଣି): ଜାତୀୟ ସ୍ତରୀୟ ହୁଇଲ୍ ଚେୟାର କ୍ରିକେଟ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ବସନ୍ତ ଶ୍ରେଷ୍ଠ ଓଡ଼ିଶା ଦଳରୁ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ଏହି ଟୁର୍ନାମେଣ୍ଟ ଭଦ୍ରକଠାରେ ନଭେମ୍ବର ୧୬ରୁ ଆରମ୍ଭ ହୋଇ ୧୯ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ରାଜ୍ୟର ଦିବ୍ୟାଙ୍ଗ କ୍ରିକେଟ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟକୁ ସମଗ୍ର ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘ ଆୟୋଜନ କରୁଛି।

GOVERNMENT OF CHHATTISGARH
WATER RESOURCES DEPARTMENT
OFFICE OF THE CHIEF ENGINEER, MAHANADI GODAWARI BASIN, RAIPUR (C.G.)
e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in
(1st Call)
System Tender No.: 160833/NIT No.:05/SAC/2024-25, Kasdol Dated: 08.11.2024
Online tenders are invited for the following works upto 02.12.2024 at 17.30 hour (IST) :-
Name of Work : Construction of Dhawai Stop Dam Across Jamuniya Nalla of Balodabazar Block of Balodabazar Bhatapara District.
Probable Amount of Contract : Rs.244.21 Lakhs
The details can be viewed and downloaded online directly from the Government of Chhatisgarh Integrated e-Procurement Portal (https://eproc.cgstate.gov.in) from Date 18.11.2024 at 17.31 hours (IST) onwards.
NOTE: All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.
Sd./- Executive Engineer
Water Resources Construction Division, Kasdol
for, Chief Engineer, Mahanadi Godawari Basin
Water Resources Department, Raipur (C.G.)
G-242503717/5

# ଲିଙ୍ଗଗତ ସମାନତା, ଅନ୍ତର୍ଭୁକ୍ତି ପ୍ରୋତ୍ସାହନ କାର୍ଯ୍ୟକ୍ରମ

ସମ୍ବଲପୁର,୧୨।୧୧(ବି.ଶଙ୍କର)

ଲିଙ୍ଗଗତ ସମାନତା ଏବଂ ଅନ୍ତର୍ଭୁକ୍ତି ନିମନ୍ତେ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ସହର ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନଏସସିବି) ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଧିକାରୀ ସୁରେଶ ଏକ୍କା, ମିଲି ସାହୁ, ରୋଜାଲିନ ସେଠ୍, ବିଶ୍ୱଜିତ ମହାନ୍ତି ପରିଚାଳନା କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଏନଏସଏସ ଶାଖାର ସଭ୍ୟାସଭ୍ୟ ଏବଂ ପତଙ୍ଗ ଅନୁଷ୍ଠାନ କର୍ମକର୍ତ୍ତା ସହଯୋଗ କରଇଥିଲେ ।

# ବ୍ଲକ୍ସ୍ତରୀୟ କ୍ରିକେଟ ଚାମ୍ପିୟନଶିପ

ନୂଆପଡ଼ା,୧୨।୧୧ (ମକାରୁ ବେମାଲ): ସ୍ଥାନୀୟ ମିନି ଷ୍ଟାଡିୟମଠାରେ ମଙ୍ଗଳବାର ନୂଆପଡ଼ା ସଦର ବ୍ଲକସ୍ତରୀୟ କ୍ରିକେଟ ଚାମ୍ପିୟନ ଶିପ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ ବିଦ୍ୟାଳୟର ଛାତ୍ର ଭାଗ ନେଇଥିଲେ। ସୀମିତ ୮ ଓଭର ବିଶିଷ୍ଟ ମ୍ୟାଚ କରାଯାଇ ୧୬ ଜଣଙ୍କୁ ନେଇ ଦଳ ଚୟନ କରାଯାଇଛି । ଏହାଛଡା ୪ ଜଣଙ୍କୁ ଷ୍ଟାଣ୍ଡବାୟ ରଖାଯାଇଥିବା ଆୟୋଜକ ସୂତ୍ରରୁ ପ୍ରକାଶ । ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁକାନ୍ତ ଶତପଥି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱରରେ ଏକ ବ୍ରାହ୍ମଣ ପରିବାରରେ ରହି (ଦୁଇଜଣ)ଙ୍କ ପାଇଁ ରୋଷେଇ ଓ ଘରକାମ କରିବା ପାଇଁ ମହିଳା ଆବଶ୍ୟକ। ଖାଇବା ରହିବା ସହ ଉପଯୁକ୍ତ ଦରମା ଦିଆଯିବ। ଯୋଗାଯୋଗ – 9437029144

ଆବଶ୍ୟକ
ପ୍ରତିଷ୍ଠିତ SHRIRAM ଗ୍ରୁପ ର ମୋଟର ବୀମା ମାର୍କେଟିଂ ଗ୍ରୁପ ପାଇଁ ଅଟୋମୋବାଇଲ୍ କିମ୍ବା ସାଧାରଣ ବୀମା କ୍ଷେତ୍ରରେ ଅଭିଜ୍ଞତା ଥିବା Business Development Managers ଆବଶ୍ୟକ। Salary 2-2.5 Lakhs.PA. ସ୍ଥାନ: ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ଭୁବନେଶ୍ୱର, କେନ୍ଦୁଝର, ରାଉରକେଲା, ଅନୁଗୁଳ, ଭବାନୀପାଟଣା, ଜୟପୁର
Send your CV at resume@skiretail.in and jpmisra@skiretail.in, Call : 9437064772.

Requirement
for Marketing Executive, Manager, Receptionist, Malli and Gym Trainer, Jumba Trainer, Office Boy at various offices in Bhubaneswar.
Mob : 9439913527

ଡ୍ରାଇଭର ଆବଶ୍ୟକ
ଆମେ ଅଟୋମୋଟିକ୍ ମର୍ସିଡିଜ୍ କାର୍ ଚଲାଇବା ପାଇଁ ବ୍ୟକ୍ତିଗତ ଡ୍ରାଇଭର ଖୋଜୁଛୁ । ଦରମା ୧୫୦୦୦/- + ଦୁଇଥର ଘର ଖାଇବା ଏବଂ ଡ୍ରାଇଭର ନିବାସ ଯୋଗେଇ ଦିଆଯିବ ।
9132933333 ରେ ଆମ ସହିତ ଯୋଗାଯୋଗ କରନ୍ତୁ

IN THE COURT OF THE HON'BLE DISTRICT JUDGE
KHORDHA AT BHUBANESWAR
RFA No. 30/2020
The Land Acquisition Officer (NH) & Competent Authority ... Appellant
-Versus-
Sukanti Singh & others ... Respondents
Notice under Order 5 Rule-20 of C.P.C

To,
B. Sasi Kumar, aged about 55 years, S/o.: Balakrushna Pilai, Gajapati Nagar, 4th Lane, Berhampur, Dist.: Ganjam at Present residing at Plot No.: 1050/1049, Uparsahi, Laxmisagar, Bhubaneswar, Dist.: Khordha

Take notice that the above named appellant has instituted an appeal bearing No.30/2020 before the court of District Judge, Khordha at Bhubaneswar against you. You are hereby directed to appear in person or through pleader before the court of the District Judge, Khordha at Bhubaneswar on 04.12.2024 at 10.30 AM positively to show cause why the appeal shall not be heard and in default of your appearance on the above mentioned date and time, the appeal shall be heard and determined ex-parte against you as per law.

Given under my hand and the seal of the Court, this 5th day of November 2024.

Sd/- District Judge
Khordha at Bhubaneswar

यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम A Government of India Undertaking

 କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୫, ଓଡ଼ିଶା, ଫୋନ୍-୦୬୮୦-୨୨୨୫୨୭୨

## ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

## ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୧୧.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା ଠାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ସ୍ୱାମୀ: ଶତୃଘ୍ନ ବେହେରା ଏବଂ **୩) ଶତୃଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, ଉଭୟଙ୍କ ଠିକଣା- ଗ୍ରାମ: ହୁଣ୍ଡତ, ପୋ: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର.୦୪୧ ଡିସିମିଲି କିମ୍ବା ୧୭୮୬ ବର୍ଗଫୁଟ, ଏହାର ଚଉହଦୀ- ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତୀ ସାସମଲଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୫,୧୭,୨୫୦/- / ଟ.୧,୫୧,୮୦୦/- / ଟ.୧୫,୨୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୨. | କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ **୧) ଅଜିତ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲି, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି କିମ୍ବା ୫୨୩ ବର୍ଗଫୁଟ ଏବଂ ଏହାର ଚଉହଦୀ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ଜାଗା, ଦକ୍ଷିଣ: କରୁଣା ରାଉଳଙ୍କ ଜାଗା | ଟ.୧୪,୯୩,୦୦୦/- / ଟ.୧,୪୯,୫୦୦/- / ଟ.୧୫,୦୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୩. | କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶି ଗୌଡ, **୨) ଶ୍ରୀ କାଶି ଗୌଡ, ୩) ସିମାଞ୍ଚଳ ଗୌଡ,** ସମସ୍ତଙ୍କ ଠିକଣା- ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଅରୁଣ ଗୌଡ, କାଶି ଗୌଡ ଏବଂ ସିମାଞ୍ଚଳ ଗୌଡ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚଉହଦୀ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍ଗନିଧି ଗୌଡଙ୍କ ଗୃହ, ଦକ୍ଷିଣ: କାମନା ଗୌଡଙ୍କ ଗୃହ | ଟ.୧୨,୧୮,୯୦୦/- / ଟ.୧,୨୧,୯୦୦/- / ଟ.୧୨,୫୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୪. | କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ଉଭୟଙ୍କ ଠିକଣା- ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ଡିସିମିଲି ଏବଂ ଏହାର ଚଉହଦୀ- ପୂର୍ବ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପାର୍ଟିଙ୍କ ଅବଶିଷ୍ଟ ଜମି | ଟ.୨୩,୮୯,୩୫୦/- / ଟ.୨,୩୯,୦୦୦/- / ଟ.୨୩,୯୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୫. | ବେଲଗୁଣ୍ଠା ଶାଖା / ଫୋନ୍: ୯୦୬୯୩୩୪୬୮୯ / **୧) କୈଳାଶ ଚନ୍ଦ୍ର ଶତପଥି,** ପିତା: କୃପାସିନ୍ଧୁ ଶତପଥି, **୨) ବାସନ୍ତୀ ଶତପଥି,** ସ୍ୱାମୀ: କୈଳାଶ ଚନ୍ଦ୍ର ଶତପଥି, **୩) ଲକ୍ଷ୍ମୀକାନ୍ତ ଶତପଥି,** ପିତା: କୈଳାଶ ଚନ୍ଦ୍ର ଶତପଥି, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡ଼ା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡ଼ା, ତହସିଲ: ଜଗନ୍ନାଥପ୍ରସାଦ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୭୯ଡିସିମିଲି, ଏହାର ଚଉହଦୀ- ପୂର୍ବ: ବାସନ୍ତୀ ଶତପଥିଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ.୨,୨୨,୦୦୦/- / ଟ.୨୨,୫୦୦/- | ଆକାଉଣ୍ଟ ନଂ.: ୧୮୫୨୧୧୯୮୦୦୫୦୦୦୦ IFSC Code: UBIN0818526 |
| ୬. | ବେଲଗୁଣ୍ଠା ଶାଖା / ଫୋନ୍: ୯୦୬୯୩୩୪୬୮୯ / **୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ: ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡ଼ି, ପୋ/ଥାନା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୪୦ଡିସିମିଲି, ଏହାର ଚଉହଦୀ- ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୪,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- | ଆକାଉଣ୍ଟ ନଂ.: ୧୮୫୨୧୧୯୮୦୦୫୦୦୦୦ IFSC Code: UBIN0818526 |
| ୭. | ବେଲଗୁଣ୍ଠା ଶାଖା / ଫୋନ୍: ୯୦୬୯୩୩୪୬୮୯ / **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ଉଭୟଙ୍କ ସ୍ଥାୟୀ ବାସସ୍ଥାନ ଠିକଣା- ସା: କାଦପଡ଼ା, ପୋ ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ବାସୋପଯୋଗୀ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡ଼ା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚଉହଦୀ- ପୂର୍ବ: ରୁଦ୍ର ନାରାୟଣ ପାତ୍ର ବିକ୍ରେତାଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୩,୫୦୦/- / ଟ.୨୧,୫୦୦/- | ଆକାଉଣ୍ଟ ନଂ.: ୧୮୫୨୧୧୯୮୦୦୫୦୦୦୦ IFSC Code: UBIN0818526 |
| ୮. | ନୀଳକଣ୍ଠ ନଗର ଶାଖା / ଫୋନ୍: ୭୮୯୪୫୨୯୨୭୨/ **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ / ସୁରକ୍ଷା ବିଶ୍ୱାଳ, ରାମନଗର, ୨ୟ ଲେନ୍, କମାପଲ୍ଲି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨, **୨) ନୀଳକଣ୍ଠ ମହାନ୍ତି,** ପିତା: ସୁଦର୍ଶନ ମହାନ୍ତି, ଶାସ୍ତ୍ରୀନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୧୮ / **ବକେୟା ଦେୟ: ୩୧.୦୩.୨୦୨୦ ସୁଦ୍ଧା ଟ.୧୮,୩୩,୦୩୫.୪୬** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଭିତ୍ତିଭୂମି ସଂରଚନା ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଗୃହର ସମୁଦାୟ ପରିମିତ କ୍ଷେତ୍ର: ଏକର୦.୦୧୪ଡିସିମିଲି, ଏହାର ଚଉହଦୀ- ପୂର୍ବ: ନିଳକଣ୍ଠ ମହାନ୍ତିଙ୍କ ଜାଗା, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଜାଗା, ଉତ୍ତର: ପ୍ଲଟ୍ ନଂ. ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୦,୨୦,୦୦୦/- / ଟ.୧,୦୨,୦୦୦/- / ଟ.୧୦,୨୦୦/- | ଆକାଉଣ୍ଟ ନଂ.: ୨୨୪୮୧୧୯୮୦୦୫୦୦୦୦ IFSC Code: UBIN0822485 |
| ୯. | ଭାବିନିପୁର ଶାଖା / ଫୋନ୍: ୭୮୯୪୧୧୯୯୧୦ / **୧) ବି. ଚନ୍ଦ୍ରେୟା,** ପିତା: ବୁରୁଡୁ ସତେୟା, **୨) ବି. ଲଚ୍ଛିମି ଆମ୍ମା,** ସ୍ୱାମୀ: ବି. ଚନ୍ଦ୍ରେୟା, ଉଭୟଙ୍କ ଠିକଣା- ସା: ପଡା ପେଣ୍ଠପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ବକେୟା ଦେୟ: ୦୨.୦୧.୨୦୨୦ ସୁଦ୍ଧା ଟ.୬,୭୩,୯୬୨.୦୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବି. ଲଚ୍ଛିମି ଆମ୍ମା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ଡିସିମିଲି, ରେଭିନ୍ୟୁ ମୌଜା: ଡୁରା ପେଣ୍ଠପଲ୍ଲୀ, ପଡା ପେଣ୍ଠପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚଉହଦୀ- ପୂର୍ବ: ପି. ଏରାମ୍ମାଙ୍କ ଘର, ପଶ୍ଚିମ: ବି. ସତେୟାଙ୍କ ଘର, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୧୦,୫୪,୦୦୦/- / ଟ.୧,୦୫,୪୦୦/- / ଟ.୧୧,୦୦୦/- | ଆକାଉଣ୍ଟ ନଂ.: ୨୧୭୧୧୧୯୮୦୦୫୦୦୦୦ IFSC Code: UBIN0821713 |
| ୧୦. | ଏସ୍ଏମ୍ଆଇଟି ଚଣ୍ଡିପଦର ଶାଖା / ଫୋନ୍: ୯୦୪୦୨୬୨୪୨୧ / **୧) ସଞ୍ଜୟ ରାଉଳ,** ପିତା: ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩, **୨) ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର ବଡ଼ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ / **ବକେୟା ଦେୟ: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ଼ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚଉହଦୀ- ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୯,୭୫,୦୦୦/- / ଟ.୯୭,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: ୧୪୯୪୧୧୯୮୦୦୫୦୦୦୦ IFSC Code: UBIN0814946 |

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ୨୮.୧୧.୨୦୨୪ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଏବଂ ସମୟ: ତା.୨୬.୧୧.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ, ଏନକମ୍ବ୍ରାନସେସ୍ ବିବରଣୀ ଯଦି କିଛି ଥାଏ: ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://ebkray.in, www.unionbankofindia.co.in ଦେଖନ୍ତୁ । ପରବର୍ତ୍ତୀ କୌଣସି ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୯୮୩୦୩୨୫୬୨୧

ଏହି ବିକ୍ରୟ ନୋଟିସଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍ଦାରଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୨.୧୧.୨୦୨୪

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଗାଡ଼ିମୋଟର ଯାଞ୍ଚ, ଜରିମାନା ଆଦାୟ

**ଖଡ଼ିଆଳ,୧୨।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ପରିବହନ ବିଭାଗ ଓ ଖଡ଼ିଆଳ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇ ଜରିମାନା ଆଦାୟ ହୋଇଛି। ପରିବହନ ବିଭାଗର ଏସ୍ଆଇ ପ୍ରଜ୍ଞା ପାରମିତା ଭୋଳ ଓ ସହ କର୍ମଚାରୀ, ଖଡ଼ିଆଳ ପୋଲିସ ଏଏସ୍ଆଇ ଦେବାର୍ଜ୍ଜନ ମାଝି ଓ ସହ କର୍ମଚାରୀ ଖଡ଼ିଆଳ-ଭବାନୀପାଟଣା ରାସ୍ତାର ସାନଦୋହେଲ ଛକରେ ଗାଡ଼ିମୋଟର ଯାଞ୍ଚ କରିଥିଲେ। ଏହି ସମୟରେ ଚାରିଚକିଆ ଓ ଦୁଇଚକିଆ ଯାନ ମାଲିକଙ୍କଠାରୁ ୧,୩୩,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ୩ଜଣ ମଦ୍ୟପାନକରି ବାଇକ୍ ଚଳାଉ ଥିବାବେଳେ ସେମାନଙ୍କ ନାମରେ ମାମଲା ରୁଜୁ ସହ ମୋଟରସାଇକେଲ ଓଡି୦୩-୮୮୭୩, ଓଡି୨୬-୮୬୦୩, ଓଡି୨୬ଏ-୨୦୨୨ ଜବତ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଜିଲାପାଳଙ୍କ ବରଗାଁ ମଣ୍ଡି ପରିଦର୍ଶନ

**ନୂଆପଡ଼ା,୧୨।୧୧(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ବରଗାଁଠାରେ ନୂତନ ଭାବେ ମଣ୍ଡି ଖୋଲାଯାଇଛି। ଆସନ୍ତା ଦିନରେ ଏଠାରେ ଖରିଫ ଧାନ ସଂଗ୍ରହ ହେବ। ଜିଲାପାଳ ମଧୁସୂଦନ ଦାଶ ମଙ୍ଗଳବାର ମଣ୍ଡି ପରିଦର୍ଶନକରି ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ଚଳିତବର୍ଷ ଚାଷୀ ଧାନର ସହାୟକ ମୂଲ୍ୟ ବର୍ଦ୍ଧିତ ଆକାରରେ ପାଇବା ନେଇ ଖୁସି ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ମଣ୍ଡିରେ ସୁରୁଖୁରୁରେ ଯେଭଳି ଧାନ ସଂଗ୍ରହ ହେବ ସେ ନେଇ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପୋଷାକ ବଣ୍ଟନ: ସ୍କୁଲ କମିଟି ସଦସ୍ୟଙ୍କ ଅସନ୍ତୋଷ

**ପଲମ, ୧୨।୧୧ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ପଲମ ପଞ୍ଚାୟତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରା ଯାଇଥିଲା। ସ୍କୁଲ କମିଟିର ୩ କର୍ମକର୍ତ୍ତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେଲେ ସେମାନଙ୍କୁ ଡକାଯାଇ ନ ଥିବା ନେଇ କମିଟି ସଭାପତି ଯଶୋବନ୍ତୀ ସାହୁ ଓ ସଦସ୍ୟ ଲକ୍ଷ୍ମୀ ଭୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଭୟେ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିପ୍ର ବରର୍ତ୍ତିଙ୍କୁ ପଚାରିବାରୁ ସେ ସମସ୍ତଙ୍କୁ ଜଣାଇଥିବା କହିବା ସହ ସଭାପତି ସାହୁ ଓ ସଦସ୍ୟ ଭୋଇ ନ ଆସିବାରୁ କମିଟିର ୩ଜଣ ସଦସ୍ୟଙ୍କ ଦ୍ୱାରା ପୋଷକ ବଣ୍ଟନ କରାଯାଇଥିଲା ବୋଲି ପ୍ରକାଶ କରିଥିଲେ।

### ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୧୨।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଦାବ୍ରି ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହାସହ ନିଜ ଗ୍ରାମରେ ପରିବାର ଗହଣରେ ରହି କାମକରି ଏକ ସୁଖୀ ଜୀବନ ଯାପନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥି ଭାବରେ ନୂଆପଡ଼ା ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଡିଓ ବୀରସେନ ବେହେରା, ତହସିଲଦାର ନରସିଂହ ଗଡ଼ବା, ଦାବ୍ରି ସରପଞ୍ଚ ଅମ୍ବିକା ମାଝି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ପୁଷ୍ପରଞ୍ଜନ ସାହୁ, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର, ଜିଲା ଶିଳ୍ପ କେନ୍ଦ୍ର ମ୍ୟାନେଜର ସମିର ମୁଦୁଲି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯାମୀ ବଳିଆରସିଂ ପ୍ରମୁଖ ଯୋଗଦେଇ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ ।

# ଦୁଇଟି ଗୃହରେ ପଢୁଛନ୍ତି ୮ ଶ୍ରେଣୀର ପିଲା

**କୋକସରା,୧୨।୧୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ୧୯୫୮ରେ ସ୍ଥାପିତ ଏହି ପୁରାତନ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଶିକ୍ଷାଦାନ ପାଇଁ ୨ଟି କୋଠରୀ ରହିଛି। ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟାୟ କ୍ରମେ ଶିକ୍ଷାଦାନ ଦିଆଯାଉଥିବା ନେଇ ସ୍କୁଲର ପ୍ରଧାନ ଶିକ୍ଷକ ଅଲେଖ ଠାକୁର ପ୍ରକାଶ କରିଛନ୍ତି। ୮ ଶ୍ରେଣୀ ପାଇଁ ୪ ଜଣ ଶିକ୍ଷକ ନିଯୁକ୍ତ ରହିଛନ୍ତି। ଅନ୍ୟପକ୍ଷରେ ସ୍କୁଲର ପୁରୁଣା ଶ୍ରେଣୀଗୃହ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହି ଅସୁରକ୍ଷିତ



ବଙ୍ଗୋମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ଗୃହରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଛାତ୍ରୀଛାତ୍ର ଏହି ଗୃହ ମଧଦେଇ ଯାତାୟାତ କରୁଥିବାରୁ କେତେବେଳେ କିଛି ଅଘଟଣ ହେବା ନେଇ ଅଭିଭାବକମାନେ ଆଶଙ୍କା ପ୍ରକଟ କରିଛନ୍ତି। ତେବେ ଅସୁରକ୍ଷିତ ସ୍କୁଲ କୋଠାକୁ ଭଙ୍ଗାଯାଇ ନୂତନ ସ୍କୁଲ ଗୃହ ନିର୍ମାଣ କରିବା ପାଇଁ ଅଭିଭାବକମାନେ

**ବଙ୍ଗୋମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

**ଅସୁରକ୍ଷିତ ସ୍କୁଲ କୋଠା, ନୂତନ ଶ୍ରେଣୀଗୃହ ନିର୍ମାଣ ଦାବି**

ଦାବି କରିଛନ୍ତି। ଏ ନେଇ କୋକସରା ବିଇଓ ରଶ୍ମିତା ନେତମଙ୍କ ପ୍ରତିକ୍ରିୟା ନେବାରୁ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଆମ ବିଭାଗ ନିକଟରେ କୌଣସି ଅନୁଦାନ ନାହିଁ, ବ୍ଲକ ପ୍ରଶାସନ କିମ୍ବା ଗ୍ରାମ ପଞ୍ଚାୟତ ଅନୁଦାନରୁ ନିର୍ମାଣ କାର୍ଯ୍ୟ ସମ୍ପାଦନ ହୋଇପାରିବ। ଅସୁରକ୍ଷିତ ସ୍କୁଲ ଗୃହକୁ କେମିତି ଶୀଘ୍ର ଭଙ୍ଗାଯିବ ସେ ନେଇ ପ୍ରଶାସନ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଲାଞ୍ଜିଗଡ଼ରେ ଜେଏମ୍ଏଫ୍ସି କୋର୍ଟ ଉଦ୍‌ଘାଟିତ

**ଲାଞ୍ଜିଗଡ଼,୧୨।୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ହାଇସ୍କୁଲ ଖେଳପଡିଆଠାରେ ନୂତନ ଭାବେ ଜେଏମ୍ଏଫ୍ସି କୋର୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ, ବିଚାରପତି ଭି. ନରସିଂହ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଳାହାଣ୍ଡି ଜିଲା ଓ ସେସନ୍ସ ବିଚାରପତି ଅନୁପ ରଞ୍ଜନ ପଟ୍ଟନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଚରଣଜିତ ଓରାମ, ଲାଞ୍ଜିଗଡ ଜେଏମ୍ଏଫ୍ସି ବିଚାରପତି ନାଜେଦା ଖାତୁନ, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ଅତିରିକ୍ତ ଏସ୍ପି ଆନନ୍ଦ ବର୍ଦ୍ଧନ ଗୁରୁ, କଳାହାଣ୍ଡି ବାର ଆସୋସିଏଶନ ସଭାପତି ସୁଧାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ**

ଥିଲେ। ଲାଞ୍ଜିଗଡ଼ ଜେଏମ୍ଏଫ୍ସି କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆୟୋଜିତ ସଭାରେ ଉପରୋକ୍ତ ଅତିଥିମାନଙ୍କ ସହିତ କମିଟି ସଭାପତି ରାଜେନ୍ଦ୍ର ସିଂଦେଓ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଧ୍ୱଜ ପେସନିଆ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଆଇନଜୀବୀ ରଘୁନାଥ ମହାଖୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ସୁବ୍ରତ ବହିଦାର ସଭା ପରିଚାଳନା କରିଥିବାବେଳେ ଶ୍ରୀମୁଖ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଘୁମୁରା, ବଜାଶାଳ, ସଲପ ନିଶାନ, ସଂକୀର୍ତ୍ତନର ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା।

### କମ୍ପ୍ୟୁଟର ମାଲିକ ସଂଘ ଗଠିତ

**କଲମପୁର,୧୨।୧୧(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ଧାନ ମଣ୍ଡି ପରିସରରେ ବ୍ଲକ ଅନ୍ତର୍ଗତ ୧୧ ଗ୍ରାମ ପଞ୍ଚାୟତର କମ୍ପ୍ୟୁଟର ଦୋକାନୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ଞାନ ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କମ୍ପ୍ୟୁଟର କେନ୍ଦ୍ରରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ସଙ୍ଗଠନ ଗଠନ ନେଇ ସର୍ବସମ୍ମତିକ୍ରମେ ମତ ପ୍ରକାଶ କରିଥିଲେ। ଉପସ୍ଥିତ ୩୬ଜଣ କର୍ମକର୍ତ୍ତାଙ୍କୁ ନେଇ କମ୍ପ୍ୟୁଟର ମାଲିକ ସଂଘ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଜ୍ଞାନ ରଞ୍ଜନ ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ମାଝୀ, ଉପସଭାପତି ମନୀଷ କୁମାର ନାଏକ, ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ଛତ୍ରିଆଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ସଭ୍ୟ ନିରଞ୍ଜନ ପାଢ଼ୀ, ସୁଧୀର ରାଉତ, ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

**ନୂଆପଡ଼ା,୧୨।୧୧ (ମକାରୁ ବେମାଲ)**

ନୂଆପଡ଼ା ନ୍ୟାଶନାଲ ଉଚ୍ଚବିଦ୍ୟାଳୟଠାରେ ମଙ୍ଗଳବାର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦର ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟରେ ଉଚ୍ଚ ମାନର ଶିକ୍ଷାଦାନ, ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି, ଅଷ୍ଟମ, ନବମ ଶ୍ରେଣୀରେ ସାପ୍ତାହିକ ଓ ଦଶମ ଶ୍ରେଣୀରେ ମାସିକ ପରୀକ୍ଷା ଆଦି ପ୍ରସଙ୍ଗ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଏବିଇଓ ଉତ୍କଳମଣି ଅଗସ୍ତି, ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ ଓ ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ।

### ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ବୋଡ଼େନ,୧୨।୧୧(ଟିକେଶ୍ୱର ନାଗ)**

ବୋଡ଼େନ ବ୍ଲକ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟଠାରେ ମଙ୍ଗଳବାର ଜାତୀୟ ସେବା ଯୋଜନା ଯୁବ ରେଡ୍‌କ୍ରସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଧ୍ୟକ୍ଷ ଅବନୀ କୁମାର ଖମାରୀ ମୁଖ୍ୟ ଅତିଥି ଓ ନୂଆପଡ଼ା ଜିଲାର ନିୟମିତ ରକ୍ତଦାତା ଶିକ୍ଷକ ଡ. କିଶୋର କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. କିଶୋର କୁମାର କର୍ଣ୍ଣ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିବିରରେ ଜାତୀୟ ସେବା ଯୋଜନାର ୧୭ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଯୁଧିଷ୍ଠିର ଦଣ୍ଡସେନା, ନବୀନ ଜଗତ, ଅଧ୍ୟାପକ ନେତ୍ରମ ହଂସ, ଅଧ୍ୟାପକ ଓମ୍ ପ୍ରକାଶ ମାଝି, ବଳରାମ ଦଣ୍ଡସେନା ପ୍ରମୁଖ ରକ୍ତଦାନ କରିଥିଲେ। ଶେଷରେ ଯୁବ ରେଡକ୍ରସ କାଉନସିଲର ନେତ୍ରମ ହଂସ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ଭବାନୀପାଟଣା, ୧୨।୧୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର ୬୦ତମ ଜନ୍ମ ବାର୍ଷିକୀ ସମାରୋହ 'ମହାବୀର ମହୋତ୍ସବ' ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ଏହି ଦିବସରେ ସର୍ବଭାରତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ କଳାହାଣ୍ଡି ଆର୍ଟ ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ବର୍ଷିୟାନ ଚିତ୍ରଶିଳ୍ପୀ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଭାଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓଡ଼ିଶା ଲଳିତ କଳା ଏକାଡେମୀ ପୂର୍ବତନ ସମ୍ପାଦକ ପଞ୍ଚାନନ ସାମଲ ମୁଖ୍ୟ ଅତିଥି ଓ ପିଏମ୍ ଶ୍ରୀ ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆର୍ଟ ଫାଉଣ୍ଡେଶନର ମୁକୁନ୍ଦ ରେଣ୍ଡୀ ଓ ଗୋବିନ୍ଦ ରେଙ୍ଗି ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ


ଗିରିଝର ପତ୍ରିକା ଉନ୍ମୋଚନ କରୁଛନ୍ତି ଅତିଥି।

ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଶାନ୍ତି ମୈତ୍ରୀ ସଂହତିର ବାର୍ତ୍ତା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବାର ଆସୋସିଏଶନ ସଭାପତି ତଥା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଜଗନ୍ନାଥ ମୁଣ୍ଡ ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଶିଶୁନୃତ୍ୟ ପ୍ରତିଯୋଗିତା ଓ ସାହିତ୍ୟ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପୂର୍ବତନ ସଭାପତି ସମାଜସେବୀ ଜୟନ୍ତ କୁମାର

**ମହାବୀର ମହୋତ୍ସବର ପଞ୍ଚମ ଦିବସ**

ବେହେରା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର କୁମାର ପଟ୍ଟଯୋଶୀ ବିଶିଷ୍ଟ ଅତିଥି ଭାବରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଯୋଗଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ଗିରିଝର ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ସମାଜ ସେବାରେ ବାସନ୍ତୀ ସାହୁ, କ୍ରୀଡାରେ ଦୈତାରି ନାଏକ, ମଞ୍ଚ କଳାକାର ତ୍ରିଲୋଚନ ବାଗ, ମହାବୀର ଯୁବ କଳାକାର ଜୟ ନାଗ, କୃତିସଭ୍ୟ ସୁଶିଲ କୁମାର ଗହିରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ସତ୍ୟନାରାୟଣ ସିଂ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଲୋକ


@ ଦେବାଶିଷ


@ ରମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀକ୍ଷେତ୍ର ପୁରୀରୁ ପହଞ୍ଚିଲା ନନ୍ଦିଘୋଷ ରଥଚକ



ରଥଚକକୁ ଭବ୍ୟ ସ୍ୱାଗତ କରାଯାଉଛି।

**ଧର୍ମଗଡ଼, ୧୨।୧୧(ଆକାଶ କୁମାର ଜଗତ)**

ଶ୍ରୀକ୍ଷେତ୍ର ପୁରୀରୁ ମଙ୍ଗଳବାର ନନ୍ଦିଘୋଷ ରଥଚକ ଧର୍ମଗଡ଼ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିଛି। ଏହାକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖି ପୂଜାର୍ଚ୍ଚନା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ନିବେଦନ କରାଯାଇଥିଲା। ପବିତ୍ର ବଡ ଏକାଦଶୀରେ ଏହା ଧର୍ମଗଡ଼ଠାରେ ପହଞ୍ଚିବା ପରେ ଶ୍ରୀ ବ୍ରଜମୋହନ ରାଧାକୃଷ୍ଣ, ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଓ ସ୍ଥାନୀୟ ଜଗନ୍ନାଥପ୍ରେମୀ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ। ପାରମ୍ପରିକ ଘୁମୁରା, ଦୁଲଦୁଲି ଓ ସଂକୀର୍ତ୍ତନ ଦଳ ସହ ରଥଚକକୁ ଏକ ଭକ୍ତିମୟ ପରିବେଶରେ ପ୍ରାୟ ୬କି.ମି. ପରିକ୍ରମା କରାଯାଇଥିଲା। ଏହି ଭବ୍ୟ ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଧର୍ମଗଡ଼ ଉପଜିଲାପାଳ

**ଧର୍ମଗଡ଼ରେ ଭକ୍ତିମୟ ପରିବେଶରେ ସ୍ୱାଗତ**

ଧୀମାନ ଚକମା, ଏନ୍ଏସି ଉପାଧ୍ୟକ୍ଷ ମନୀଷା ମିଶ୍ର, ସମାଜସେବୀ ହୃଷୀକେଶ ମିଶ୍ର, ତୁଷାର ରଞ୍ଜନ ପାଟଯୋଶୀ, ଧର୍ମଗଡ ଚାମ୍ବର ଅଫ କମର୍ସ ସଭାପତି ବିଦ୍ୟାଧର ସାହୁ, ଫେଶନ ଡିଜାଇନର ସୁଜିତ ମେହେର, ଜିଲା ଯାଦବ ସମାଜର ପୂର୍ବତନ ସଭାପତି ଡମ୍ବରୁଧର ଲହଜଳ, ଭାଜପା ନେତା ଜନ୍ମେଜୟ ରାଉତ, ନାରିନେତ୍ରୀ ତିଲୋତ୍ତମା ନାଏକ ପ୍ରମୁଖ ସାମିଲ ହୋଇଥିଲେ। ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରଥଚକକୁ ଭବ୍ୟ ସ୍ୱାଗତ ପୂର୍ବକ ପୂଜାର୍ଚ୍ଚନା କରାଯାଇଛି। ଭକ୍ତମାନେ ଏହାକୁ ନିତ୍ୟ ପୂଜାର୍ଚ୍ଚନା ସହ ମନ୍ଦିର ବେଢ଼ାରେ ଦର୍ଶନ କରିପାରିବେ।

# କେଉଁଟ କୈବର୍ତ୍ତ ମହାସଭାର ଆଞ୍ଚଳିକ କମିଟି ଗଠନ

**ରିଷିଡ଼ା,୧୨।୧୧(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କୁଦେଇପାଲି ତେଲନଦୀ ସେବାଶ୍ରମଠାରେ କେଉଁଟ କୈବର୍ତ୍ତ ମହାସଭା ସଭାପତି ଦାମୋଦର ନାଏକଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଖିଳ ଓଡ଼ିଶା କେଉଁଟ କୈବର୍ତ୍ତ ମହାସଭା ତରଫରୁ ତେରେସିଂହା ନାଏକ ଆଞ୍ଚଳିକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ହୃଦାନନ୍ଦ ମଲ୍ଲିକ ମନୋନୀତ ହୋଇଥିବା ବେଳେ ସମ୍ପାଦକ ସପ୍ତରୁଷି ମଲ୍ଲିକ, ଉପସଭାପତି ମଧୁସୂଦନ ମଲ୍ଲିକ, ସହ ସମ୍ପାଦକ ସୁଶାନ୍ତ ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ସନାତନ ନାଏକ ଚୟନ ହୋଇଛନ୍ତି। ଏହି ସଭାରେ ଅଞ୍ଚଳର ଶତାଧିକ କର୍ମକର୍ତ୍ତାଙ୍କ ସମେତ ସାନଡୁଙ୍ଗୁରିଗୁଡ଼ା ଆଞ୍ଚଳିକ କମିଟି ସମ୍ପାଦକ କିଶୋର ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ସମାଜର ଉନ୍ନତି ଦିଗରେ ସମସ୍ତ ଜାତିଭାଇ ନିଜ ମତପ୍ରକାଶ କରିଥିଲେ।

## ସଂକ୍ଷେପରେ

### ପ୍ରୀତିମୟୀଙ୍କୁ ୩ ସ୍ୱର୍ଣ୍ଣ, ଜାତୀୟସ୍ତରକୁ ମନୋନୀତ



**ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା**

ଅମରପାଲି,୧୨।୧୧(ପୀତାମ୍ବର ସାହୁ)

ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗୀତାରେ ଚମକିଲେ ସୁବର୍ଣ୍ଣପୁରର ଝିଅ ପ୍ରୀତିମୟୀ ଭୁକ୍ତା। ତିନୋଟି ଭିନ୍ନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ସେ ହୋଇଛନ୍ତି ଚାମ୍ପିୟନ। କେନ୍ଦୁଝର ସ୍ପୋର୍ଟସ କମ୍ପ୍ଲେକସରେ ଚଳିତ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ହେଉଥିବା ୬୮ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ପ୍ରୀତିମୟୀ ହାସଲ କରିଛନ୍ତି ଏହି କୃତିତ୍ୱ। ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ୮ଶହ ମିଟର ରେସ,୧୫ଶହ ମିଟର ରେସ୍ ଓ ୩ ହଜାର ମିଟର ରେସ୍‌ରେ ସେ ଅଂଶଗ୍ରହଣ କରି ସବୁ ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାମ୍ପିୟନ ହେବାର ସୌଭାଗ୍ୟ ହାସଲ କର ଜାତୀୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରୀତିମୟୀ ଏବେ ଉଲୁଣ୍ଡା ବ୍ଲକ ସିଣ୍ଡୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ । ସେ ବୀରମହାରାଜପୁର ବ୍ଲକ ସଂଗ୍ରମପୁର ଗ୍ରାମର ସୁରେନ୍ଦ୍ର ଭୁକ୍ତା ଓ ଅର୍ଚ୍ଚନା ଭୁକ୍ତାଙ୍କ ଝିଅ। ପ୍ରୀତିମୟୀଙ୍କ ଏହି ସଫଳତାରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଡିପିଓ ସତ୍ୟନାରାୟଣ ତ୍ରିପାଠୀ, ଗୋଷ୍ଠି ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ସିଣ୍ଡୋଲ କଲେଜ ଅଧକ୍ଷ ଶିଶିର କୁମାର ଦାସ, ଖେଳ ଅଧାପକ ସମିର ରଞ୍ଜନ ସାହୁ, ପ୍ରୀତିମୟୀଙ୍କ କୋଚ ଆସ୍ଥା ଓଝା, ଗୋପାଳ କୃଷ୍ଣ, କଲିମ ମହମ୍ମଦ, ସଂଗ୍ରାମପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ହୋତା, ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ସଭାପତି ପିୟୁସ ପଣ୍ଡା, ଶିକ୍ଷକ ରାଜେଶ ମେଣ୍ଡିଲି, ସ୍ଥାନୀୟ ସରପଞ୍ଚ ଅଳକା କର୍ମୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ସମ୍ବର୍ଦ୍ଧିତ ହେଲେ ଅଧ୍ୟାପକ ଉଦ୍ଧବ ପଧାନ



ଅମରପାଲି,୧୨।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋଦର ସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ କାଉନସେଲର ତଥା ଆଇଟି ଅଧାପକ ଉଦ୍ଧବ ପଧାନଙ୍କୁ ବିଲ୍ଡ ଭାରତ ଲିଡରଶିପ ଆୱାର୍ଡରେ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ଚକ ଦେ ସୁପର -୫୦ ଅବସରରେ ହେପି ମୋମେଣ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀ ଏବଂ ନାଗରିକ ସମ୍ବର୍ଦ୍ଧନା ସମାରୋହରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଛନ୍ତି। ଏନେଇ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଉଦ୍ଧବଙ୍କ ଏହି ସଫଳତା ପରେ କାଦୋଦର କଲେଜ ସମ୍ପାଦକ ଚିତ୍ତରଞ୍ଜନ ପାତ୍ରଙ୍କ ସମେତ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲାପାଳଙ୍କୁ ଫେରାଦ, ମରାମତି ନିର୍ଦ୍ଦେଶ

ଅମରପାଲି,୧୨।୧୧(ପୀତାମ୍ବର ସାହୁ)

■ନିର୍ବାଚନ ବେଳେ ଇଭିଏମ୍ ନେବାକୁ ଭଙ୍ଗାଯାଇଥିଲା ବୀରମହାରାଜପୁର କଲେଜ ପଛଗେଟ



ମୁକୁଳା ପଡ଼ିଛି ବୀରମହାରାଜପୁର କଲେଜ ଗେଟ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ପଛପଟ ଫାଟକକୁ ଗତ ସାଧାରଣ ନିର୍ବାଚନ ବେଳେ ଇଭିଏମ୍‌କୁ ଗାଡ଼ିରେ ନେବା ଆଣିବା ପାଇଁ ଭଙ୍ଗା ହୋଇଥିଲା। ମାତ୍ର ଏଯାଏ ସେହି ଗେଟକୁ ଲଗାଗଲା ନାହିଁ କି ମରାମତି କରାଗଲା ନାହିଁ। ଫଳରେ ଉକ୍ତ ଫାଟକକୁ ତୁରନ୍ତ ଲଗାଇବାକୁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ର। ଅଭିଯୋଗ ପରେ ଜିଲାପାଳ ୭ଦିନ ମଧ୍ୟରେ ଏହାକୁ ମରାମତି କରି ଗେଟ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ବୀରମହାରାଜପୁର କଲେଜ ପଛ ଗେଟ ନିର୍ମାଣ ପାଇଁ କଲେଜ ପରିଚାଳନା କମିଟି ସଦସ୍ୟ ରାଧାକାନ୍ତ ବାଘ ଓ ଆଲୁମିନି ଆସୋସିଏଶନ ସମ୍ପାଦକ କିଶୋର ହୋତା ଜିଲାପାଳ ଅନ୍ୟା ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଅନୁସାରେ ଗତ ସାଧାରଣ ନିର୍ବାଚନ ସମୟରେ ବୀରମହାରାଜପୁର କଲେଜରେ ଇଭିଏମ ମେଶିନ ଗୁଡ଼ିକ ଗଚ୍ଛିତ ରଖାଯାଇଥିଲା। ଭୋଟ ଗ୍ରହଣ ପରେ ମଧ୍ୟ କଲେଜରେ ଭୋଟ ଗଣତି ପାଇଁ ଇଭିଏମ ଗଚ୍ଛିତ ରଖିବା ସହିତ ଭୋଟ ଗଣତି ମଧ୍ୟ ଏଠାରେ ହୋଇଥିଲା। କଲେଜ ପଛପଟ ଗେଟ ଦେଇ ବଡ଼ ଗାଡ଼ିଗୁଡ଼ିକ ଯାଇ ନ ପାରିବାରୁ ଗେଟ ଭାଙ୍ଗିବା ପାଇଁ ଉପଜିଲାପାଳ କଲେଜ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ଗେଟ ଭଙ୍ଗାଯାଇଥିଲା। ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଭଙ୍ଗା ଗେଟକୁ ନିର୍ମାଣ କଲାନାହିଁ। କଲେଜ ତରଫରୁ ପ୍ରଶାସନକୁ ମଧ୍ୟ ଗେଟ କାମ କରିବା ପାଇଁ ଅନୁରୋଧ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଲିଖିତ ଅଭିଯୋଗ ପରେ ଉପଜିଲାପାଳ ଲଲାଟେନ୍ଦୁ ସି ଙ୍କ ସହିତ ସେ ଆଲୋଚନା କରିଥିଲେ। କଲେଜ ଗେଟ ନିର୍ମାଣ ଅତି ଜରୁରୀ ଉପଲବ୍ଧି କରି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତଙ୍କୁ ୭ ଦିନ ମଧ୍ୟରେ ଗେଟ ଲଗାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ମହିମା ସାଧୁ ସମ୍ମିଳନୀ, ବ୍ରହ୍ମଯଜ୍ଞ ଉଦ୍‌ଯାପିତ



ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ମହିମା ସାଧୁ।

ସୋନପୁର,୧୨।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସତ୍ୟ ମହିମା ଧର୍ମ ହେଉଛି ସତ୍ୟଯୁଗର ଧର୍ମ । ଏହି ଧର୍ମରେ ଦୀକ୍ଷିତ ବାବା ମାତା ଭକ୍ତଜନ ସତ୍ୟ ଯୁଗରେ ହେବେ ମହାମାନବ। ସୋନପୁର ଛନଛାନ ଡୁଙ୍ଗୁରିସ୍ଥିତ ଯୋଗେଶ୍ୱର ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ସତ୍ୟ ମହିମା ସାଧୁ ସମ୍ମିଳନୀ ଓ ମହିମା ବ୍ରହ୍ମ ଯଜ୍ଞରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ହରିଦ୍ୱାର ମଠର ମହନ୍ତ ଶାନ୍ତନୁ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମତପ୍ରକାଶ କରିଛନ୍ତି । ସନ୍ଥକବି ଭୀମ ଭୋଇଙ୍କ ଦ୍ୱାରା ପ୍ରଦର୍ଶିତ ସତ୍ୟ ମହିମା ଧର୍ମ ମାର୍ଗରେ କଳିଯୁଗରେ ସତ୍ୟ, ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ ବୋଲି ସେ ମତ ଦେଇଥିଲେ। କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ଭୀମ ଭୋଇଙ୍କ ସିଦ୍ଧି ଦିବସ ଉପଲକ୍ଷେ ପାଳିତ ଏହି ସତ୍ୟ ମହିମା ସାଧୁ ସମ୍ମିଳନୀ ଓ ମହିମା ବ୍ରହ୍ମ ଯଜ୍ଞରେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପ୍ରାକ୍ତନ ଅଧକ୍ଷା ନିବେଦିତା ବଳିୟାର ସିଂ ନାୟକ, ସମ୍ବଲପୁର ଓ ସୁବର୍ଣ୍ଣପୁର କୌପୁନୀ ସମାଜ ସଭାପତି ବିରଞ୍ଚି ବାବା, ବରଗଡ ଜିଲା ସଭାପତି ସୁରଥ ବାବା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସତ୍ୟ ମହିମା ଧର୍ମୀ ତଥା ବରିଷ୍ଠ ଖବରଦାତା ଗୋରେଖନାଥ ସାହୁ ଅଧକ୍ଷତା କରିଥିଲେ। ଏହି ସମ୍ମିଳନୀରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ବୌଦ୍ଧ ଓ କଳାହାଣ୍ଡି ଅଞ୍ଚଳରୁ ସାଧୁସନ୍ଥ, ବାବାମାତା ଯୋଗ ଦେଇଥିଲେ। ମହିମା ସାଧୁ ସମ୍ମିଳନୀ ଓ ମହିମା ବ୍ରହ୍ମଯଜ୍ଞ ଶ୍ରୀ ଯୋଗେଶ୍ୱର ମନ୍ଦିରରେ ସୋମବାର ଅହୋରାତ୍ର ଅନୁଷ୍ଠିତ ହେଇଥିଲା। ଏହା ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟ, ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ, ଶ୍ରୀ ଯୋଗେଶ୍ୱର ମନ୍ଦିର ଚାରିଟେବୁଲ ଟ୍ରଷ୍ଟ ଏବଂ କୋଶଳ ହେରିଟେଜ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାର ସଫଳ ଆୟୋଜନ ସକାଶେ ଭକ୍ତ ମିଲୁ ତାଣ୍ଡି , ଦୁର୍ଗା କଲତା, ରାମଗୋପାଲ ବାଘ, ଗୋବିନ୍ଦ ନନ୍ଦ, ସରୋଜ ଭୁୟାଁ, ଭୁବନେଶ୍ୱର ମେହେର, ଦିଲ୍ଲୀପ ରଥ, ନାରାୟଣ ସାହୁ, ମାଧବ ପ୍ରଧାନ, ମୀନା ମହାରଣା, ଶ୍ରଦ୍ଧାଞ୍ଜଳୀ ମିଶ୍ର ଓ ସୋମନାଥ ରଥ ପ୍ରମୁଖ ସହଯୋଗ କରିଥିଲେ । ପ୍ରତିବର୍ଷ ଭୀମ ଭୋଇଙ୍କ ସିଦ୍ଧି ଦିବସ ଏଠାରେ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଠାରେ ଏକ ସ୍ଥାୟୀ ଧୂନି ମଣ୍ଡପ ନିର୍ମାଣ ସକାଶେ ସ୍ଥାନ ନିରୂପଣ କରାଯାଇଥିଲା । ଏହି ଉପଲକ୍ଷେ ସ୍ମରଣିକା ଅଲେଖ ମହିମା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶେଷରେ ସୁରଥ ବାବା ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର, ୩୬ ୟୁନିଟ ରକ୍ତ ସଂଗ୍ରହ

ତରଭା,୧୨।୧୧(ମାନଭଞ୍ଜନ ମିଶ୍ର)

ବଜରଙ୍ଗ ଦଳ ତରଭା ପ୍ରଖଣ୍ଡ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ସ୍ଥାନୀୟ ନବଜ୍ୟୋତି କ୍ଲବରେ ଆୟୋଜିତ ହୋଇଯାଇଛି। ସଂଯୋଜକ ବିଜ୍ଞାନ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାଏକ, ପ୍ରାନ୍ତ ସହ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର, ବିଭାଗ ସଂଯୋଜକ ଜିତୁ ବଡମାଳି ଓ ସୋନପୁର ଜିଲା ସହ ସଂଯୋଜକ ସୁବ୍ରତ ବାରିକ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଜଣେ ମହିଳାଙ୍କ ସମେତ ୩୬ ଜଣ ରକ୍ତଦାନ କରିଥିଲେ। ସୋନପୁର ରକ୍ତ ଭଣ୍ଡାରର ଡାକ୍ତର ତନୁଶ୍ରୀ ମଜୁମଦାର,ଏଲଟି ସୁଦାମ ବିଶ୍ୱାଳ, ଜଗତ ନାରାୟଣ ଦରୁଆନ, ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ମାନସ ସାହୁ, ଶିରିଷ ମହନ୍ତ, ବିଷ୍ଣୁ ବେଜ, କେଶବ ମଲ୍ଲିକ, ସଞ୍ଜୀବ ପଟ୍ଟନାୟକ, ବିଜିତ ନାଏକ, କିରଣ ମହଲା, କାହ୍ନା ପାତ୍ର, ପ୍ରବୀର କୁମାର ସାହୁ, ପିଣ୍ଟୁ ସହଯୋଗ କରିଥିଲେ।

### ମଡେଲ ଡିଗ୍ରୀ କଲେଜରେ ଏବିଭିପିର ନୂତନ ଶାଖା ଗଠିତ

ସୋନପୁର,୧୨।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି) ପକ୍ଷରୁ ସୋନପୁର ମଡେଲ ଡିଗ୍ରୀ କଲେଜରେ ମଙ୍ଗଳବାର ନୂତନ ଶାଖା ଗଠନ କରାଯାଇଛି। ଶାଖା ସଭାପତି ଭାବରେ ସୌଭାଗ୍ୟ ନାୟକ, ସମ୍ପାଦକ ଚିନ୍ମୟ ତାଣ୍ଡି, ଉପସଭାପତି ହରିହର ବାଦି ଓ ସହସମ୍ପାଦକ ଭାବେ ଆକାଶ ରଣା ରହିଛନ୍ତି। ସେହିପରି ଦୀପକ ତାଣ୍ଡି ଓ ପ୍ରିତମ ସାହୁଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। କଲେଜରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କିଭଳି ଭାବରେ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପିର ସେବାର୍ଥେ ବିଦ୍ୟାର୍ଥିର ରାଜ୍ୟ ସଂଯୋଜକ ଶୁଭମ ପ୍ରସାଦ ମିଶ୍ର, ଜିଲା ସହସଂଯୋଜକ ରାଜେଶ ଜେନା ଓ ଲିପୁନ ସାହୁ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଆଲୋକ



@ ଦେବାଶିଷ



@ ରମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ କାଳିଦାସ ଜୟନ୍ତୀ**

# କାଳିଦାସଙ୍କ ସାହିତ୍ୟ କାଳଜୟୀ

ବିନିକା, ୧୨।୧୧(ରାମ ଗୋପାଳ ବାଘ)




ସ୍ନାତକ ମହାବିଦ୍ୟାଳୟ କାଳିଦାସ ଜୟନ୍ତୀରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର କାଳିଦାସ ଜୟନ୍ତୀ ପାଳିତ ହୋଇଯାଇଛି। ଏହିସଭାରେ ଅଧକ୍ଷତା କରିଥିଲେ ମହାବିଦ୍ୟାଳୟ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକ। ସେ ଭାଷଣ ପ୍ରସଙ୍ଗରେ କହିଥିଲେ କାଳିଦାସଙ୍କ ସାହିତ୍ୟ କାଳଜୟୀ। ତାଙ୍କ ଲିଖିତ କାବ୍ୟ ଓ ନାଟକ ବିଶ୍ୱବିଖ୍ୟାତ। ମୁଖ୍ୟବକ୍ତାଭାବେ ପୂର୍ବତନ ନଗରପାଳ ଉଷତ ପ୍ରସାଦ କର ତାଙ୍କ ବକ୍ତବ୍ୟରେ କହିଥିଲେ କାଳିଦାସଙ୍କ ରଚନା ଭାରତର ପ୍ରତ୍ୟେକ ଭାଷାରେ ଅନୁବାଦ ହୋଇଛି। ସଂସ୍କୃତ ବିଭାଗ ମୁଖ୍ୟ ଅଧାପକ ହରିଶ୍ଚନ୍ଦ୍ର ହୋତା ବେଦ ପାଠ ଓ ସଭା ସଞ୍ଚାଳନ କରିଥିଲେ। ସଂସ୍କୃତ ଅଧାପକ ସାଧୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନେ କାଳିଦାସଙ୍କ ଦାରା ବିରଚିତ ମେଘଦୂତର ଶ୍ଳୋକ ଆବୃତ୍ତି କରଥିଲେ। ଛାତ୍ରୀ ବର୍ଷାରାଣୀ ଭୋଇ କାଳିଦାସଙ୍କ କାବ୍ୟକୃତୀ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ଥିଲେ।

# ବୀରମହାରାଜପୁରରେ କଳାସି ଯାତ୍ରା

ଅମରପାଲି,୧୨।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ କଳାସି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଦନ୍ତାପାଲି ଗ୍ରାମରେ ଏକାଦଶୀ ତିଥିରେ କଳାସି ଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ସୂର୍ଯ୍ୟ ପୂଜା ପରେ ଷୋଡ଼ଶ ଉପଚାରରେ ପୂଜକଙ୍କ ଦ୍ୱାରା ପୂଜା ଅନୁଷ୍ଠିତ କରାଯାଇଛି। ବରୁଆମାନଙ୍କୁ କଳାସି କୁଠିରେ ଉପସ୍ଥିତ କରାଇ ଢୋଲ ଓ ନିଶାନ ବଜାଇ ଭରାଇବା ପରେ ସେମାନଙ୍କ ଦେହରେ କାଳାସି ପ୍ରବେଶ କରିଥିଲେ। ଘାସି ଦେହେରୀ, ସୁରେନ୍ଦ୍ର ସାହୁ,ବିଦେଶୀ ମହାକୁର, ପ୍ରମୋଦ ଖମାରୀ ପ୍ରମୁଖଙ୍କ ଶରୀରର କାଳିସି ପ୍ରବେଶ କରିବା ପରେ ପରେ ନୃତ୍ୟ କରିଥିଲେ। ପରେ ଲୁହାକଣ୍ଟାରେ ତିଆରି ଦୋଳିରେ ସେମାନେ ଝୁଲି ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଦନ୍ତାପାଲିର ସୁଶିଲ ପଣ୍ଡା, ସୁକାନ୍ତ ପଣ୍ଡା, ଦାଶରଥି ପଣ୍ଡା, ହୃଷୀକେଶ ପଣ୍ଡା, ଅନନ୍ତ ପଣ୍ଡା, ଆର୍ତ୍ତ ପଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବ୍ଲକ ସାଗଯୋରୀ, ବଡ଼ମାଳ, ଲୁଡୁରପଙ୍କ, ମୁର୍ଷୁଣ୍ଡୀ, ଜଟେସିଂହା, ଡୁମୁରୀ, ସୁବଳୟା, ଗୌଡଗାଡ, ଝାରକୁମୁରା, ଲଡୁରପେଟ ଆଦି ଗ୍ରାମରେ କଳାସି ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଜିଲାସ୍ତରୀୟ ପରାମର୍ଶ ବୈଠକ

ସୋନପୁର,୧୨।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ମାନସିକ ସ୍ୱାସ୍ଥ୍ୟ ଉପରେ ଜିଲାସ୍ତରୀୟ ପରାମର୍ଶ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଯୋଗ ଦେଇଥିଲେ। ସେହିପରି ବେସିକ୍ ନିଡ୍‌ସ ଇଣ୍ଡିଆ ବାଙ୍ଗାଲୋରରୁ ମାନସିକ ସ୍ୱାସ୍ଥ୍ୟ ସଂଯୋଜକ ରାଜୀବ କର୍ମୀ, ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗରୁ ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ, ଅନୁପ ରଞ୍ଜନ ଦାଶ, ଟିକାରାମ ପଟେଲ ଓ ଶିବା କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ବିଶ୍ୱମ୍ବର ସାହୁ ପରିଚାଳନା କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ। କ୍ଷେତ୍ର କର୍ମୀ ମିତ୍ରଭାନୁ ମଲ୍ଲିକ ବୀରମହାରାଜପୁର ବ୍ଲକରେ ଚାଲିଥିବା ମାନସିକ ସ୍ୱାସ୍ଥ୍ୟ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ, ମାନସିକ ଅସୁସ୍ଥ ବ୍ୟକ୍ତି, ଅଭିଭାବକ ଯୋଗ ଦେଇଥିଲେ।



ବୈଠକରେ ଅତିଥି ଓ ମାନସିକ ସ୍ୱାସ୍ଥ୍ୟ ଅଧିକାରୀ।

# ଚାରାରୋପଣ ଦ୍ୱାରା ସବୁଜ, ସୁନ୍ଦର ପରିବେଶ ସମ୍ଭବ

ସୋନପୁର,୧୨।୧୧(ମୃତ୍ୟୁଞ୍ଜୟ ଶତପଥୀ)




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୋନପୁର ଗୋପାଳଜୀ ତମଶା ଯୋଗାଳୟରେ ମହିଳାଙ୍କ ଦ୍ୱାରା ବୃକ୍ଷ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ଦ୍ୱାରା ପ୍ରକୃତି ପୂଜନ- ଅଁଳା ନବମୀ ଉତ୍ସବ ଅବସରରେ ଏକ ଚାରାରୋପଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ଶିକ୍ଷୟିତ୍ରୀ ଅରୁନ୍ଧତୀ ମହାପାତ୍ର, ମଞ୍ଜୁଶ୍ରୀ ବାବୁ, ସୁବର୍ଣ୍ଣ ଶତପଥୀ, ବିଦ୍ୟୁତପ୍ରଭା ପଟ୍ଟନାୟକ, ଅଧାପିକା ନଳିନୀପ୍ରଭା ପ୍ରଧାନ ଏବଂ ନିରୂପମା ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସାଂପ୍ରତିକ ପରିସ୍ଥିତିରେ ଚାରାରୋପଣ ଦ୍ୱାରା ହିଁ ଶାନ୍ତ, ସ୍ୱଚ୍ଛ,ସବୁଜ ଓ ସୁନ୍ଦର ପୃଥିବୀ ଗଠନ କରି ପାରିବା ସମ୍ଭବପର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଶତୃଘ୍ନ ହୋତା, ବିଭୂତି ଭୂଷଣ ଶତପଥୀ ବେଦମନ୍ତ୍ର, ବିଷ୍ଣୁ ସହସ୍ର ନାମ, ରୁଦ୍ରାଷ୍ଟକ ପ୍ରାର୍ଥନା ପାଠ କରିଥିଲେ। ଯୋଗାଳୟ ସମ୍ପାଦକ ଡ.ଆର୍ତ୍ତତ୍ରାଣ ବାବୁ ସବୁଜ ବିପ୍ଳବରେ ଯୋଗାଳୟର ଯୋଗଦାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଯୋଜକ ପ୍ରଦୀପ ପୁରୋହିତ ଅଧୁନା ପରିସ୍ଥିତରେ ପରିବେଶରୁ, ଅଙ୍ଗାରକାମ୍ଳ ବିଷ ଶୋଷଣ କରି, ଅମ୍ଳଜାନ ରୂପକ ଅମୃତ ଦାନ କରି ନୀଳକଣ୍ଠ ସାଜିଥିବା ବୃକ୍ଷ ଦେବତାଙ୍କ ରୋପଣ, ସୁରକ୍ଷା ଓ ଯତ୍ନ ଉପରେ ସମସ୍ତେ ଧାନ ଦେବାକୁ ଅନୁରୋଧ କରିଥିଲେ। ଶିଶୁମାନେ ଗୀତ ନାଚ ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ତ୍ତିକ ବ୍ରତ, ଅଁଳା ନବମୀ ଏବଂ ବୃକ୍ଷ ବନସ୍ପତି ଉପରେ ସଦସ୍ୟମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସବୁଜ ସୁବର୍ଣ୍ଣପୁର ଅଭିଯାନରେ ଏକ ପ୍ରମୁଖ ଭୂମିକା ନିଭାଇ ଥିବା ଯୋଗାଳୟର ବରିଷ୍ଠ ଯୋଗୀ ମୃତ୍ୟୁଞ୍ଜୟ ଦାସଙ୍କୁ ସପନ୍ତୀକ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଯୋଗାଳୟର ସମସ୍ତ ଯୋଗୀଗଣ ସପରିବାର ଯୋଗଦାନ କରି ସବୁଜ ସୁବର୍ଣ୍ଣପୁର ଅଭିଯାନରେ ସାମିଲ ହେବାର ସଂକଳ୍ପ ନେଇଥିଲେ ।

# ଦୃଢ଼ ସଂକଳ୍ପ ସିଦ୍ଧି ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ


ରାଜଯୋଗିନୀ ବ୍ରହ୍ମାକୁମାରୀ ଶିବାନୀଙ୍କ ସହ ଅତିଥିମାନେ।


ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ସୁନ୍ଦରଗଡ,୧୨।୧୧(ଜୟ ନାରାୟଣ ମେଣ୍ଟୁଲି)

ଉତ୍ତମ ବିଚାର, ସକରାତ୍ମକ ଚିନ୍ତନ ଓ ଦୃଢ଼ ସକଳ୍ପ ହିଁ ସିଦ୍ଧି ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ ବୋଲି ଆନ୍ତର୍ଜାତୀୟ ସୁବକ୍ତା ରାଜଯୋଗିନୀ ବ୍ରହ୍ମାକୁମାରୀ ଶିବାନୀ ମତବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ଼ ସରକାରୀ କଲେଜ ପଡିଆଠାରେ ଆୟୋଜିତ ବିପତ୍ତି ସମୟରେ ଆନ୍ତରିକତା ସ୍ଥିରତା ''ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତବ୍ୟ ପ୍ରଦାନ କରି ବ୍ରହ୍ମାକୁମାରୀ ଶିବାନୀ କହିଥିଲେ ଯେ,ଜୀବନରେ ଯେ କୌଣସି ପରିସ୍ଥିତିରେ ନିଜକୁ ସଶକ୍ତ ଓ ସ୍ଥିର ରଖି ସକରାତ୍ମକ ମନୋଭାବ ନେଇ ପାହାଡ ପରି କଠିନ ସମସ୍ୟାକୁ ଦୃଢ ସଂକଳ୍ପ ଦ୍ୱାରା ତୁଳାଭଳି ହାଲୁକା ମନେକରି ସହଜରେ ସମାଧାନ କରିହେବ। ଆଧ୍ୟାତ୍ମିକ ମନୋଭାବ ଠିକ ଚିନ୍ତନକୁ ସୃଷ୍ଟି କରିବା ସହ ଉତ୍ତମ କର୍ମରେ ପରିପ୍ରକାଶ କରିଥାଏ। ସାମ୍ପ୍ରତିକ ସମାଜରେ ଆମ ଦୈନନ୍ଦିନ ଜୀବନ ଶୈଳୀରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ନିଜକୁ ଶକ୍ତିଶାଳୀ ଆତ୍ମା ମନେ କରି ସବୁବେଳେ ଶାନ୍ତ, ସ୍ଥିର ରହି ସବୁ ପରିସ୍ଥିତିର ବିଜୟ ପାଇଁ ନିଜକୁ ସୁଖୀ ଓ ନିରୋଗୀ ହୋଇ କାର୍ଯ୍ୟ କରିବାକୁ ସକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ରାଜଯୋଗ ହେଉଛି ଜ୍ଞାନ ପ୍ରାପ୍ତିର ଶ୍ରେଷ୍ଠ ମାଧ୍ୟମ। ରାଜଯୋଗରେ ସଠିକ ଚିନ୍ତନ, ଧ୍ୟାନ ଓ ଯୋଗ ଉଭୟ ଶରୀର ଓ ଆତ୍ମାକୁ ଏକ ବିଶେଷ ଉର୍ଜା (ଶକ୍ତି)ପ୍ରଦାନ କରିଥାଏ ବୋଲି କହିଥିଲେ। ଏହି ଆଲୋଚନା ଚକ୍ରର ପ୍ରାରମ୍ଭରେ ପ୍ରଜାପିତାବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ପରିଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଜ୍ୟୋସ୍ନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଉରକେଲା ଜୋନର ସଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ବିମଳା, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ,ଏମସିଏଲ ବସୁନ୍ଧରାର ଜେନେରାଲ ମ୍ୟାନେଜର ପି.ବି. ରେଡ୍ଡୀ, ପ୍ରୋଜେକ୍ଟ ଅଫିସର ମନୋରଞ୍ଜନ ଦାସ, ଏନଟିପିସି ଦର୍ଲିପାଲି ମାନବ ସମ୍ବଳ ଅଧିକାରୀ ପ୍ରତିଭା ସିଂ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନର ଚେୟାରମ୍ୟାନ ସଞ୍ଜୟ ନନ୍ଦ ଅତିଥିଭାବେ ଯୋଗଦେଇ ରାଜଯୋଗିନୀ ବ୍ରହ୍ମାକୁମାରୀ ଶିବାନୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସୁନ୍ଦରଗଡ,ରାଉରକେଲା,ଝାରସୁଗୁଡା, ସମ୍ବଲପୁର, କୋଲକାତା ଓ ମାଉଣ୍ଟ ଆବୁରୁ ଆଗତ ବ୍ରହ୍ମା କୁମାରୀ ଭଉଣୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବାହ୍ନରେ ସୁନ୍ଦରଗଡ ଏକତା ନଗରଠାରେ ନବ ନିର୍ମିତ ବ୍ରହ୍ମା କୁମାରୀ ସଂସ୍ଥାର ପ୍ରଭୁ ଉପହାର ଭବନ ଉଦ୍‌ଘାଟିତ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ବ୍ରହ୍ମା କୁମାରୀ ଶିବନୀ,ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ବ୍ରହ୍ମା କୁମାର ବାଣେଶ୍ୱରଙ୍କ ସମେତ ସଂସ୍ଥାର ସମସ୍ତ ଭଉଣୀ ଭାଇ ପରିଚାଳନାରେ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଲହୁଣୀପଡା,୧୨।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ବରସୁଆଁ ରେଞ୍ଜ ଅନ୍ତର୍ଗତ ଚୋରଧରା ପଞ୍ଚାୟତ ତାଳଡିହି ଗ୍ରାମ ସେଲକୋବୁରୁ ବସ୍ତିର ଜଣେ ବ୍ୟକ୍ତି ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋରା ମୁଣ୍ଡା(୫୦)। ସୂଚନା ଅନୁଯାୟୀ, ଗୋରା ନିକଟସ୍ଥ ଜଙ୍ଗଲକୁ ଗାଈ ଚରେଇବାକୁ ଯାଇଥିବା ବେଳେ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଓ ଶକ୍ତ ସଂଗ୍ରାମ କମିଟିର ସଦସ୍ୟମାନେ ତାଙ୍କୁ ପ୍ରଥମେ ବଣେଇଁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ବରସୁଆଁ ରେଞ୍ଜ ଫରେଷ୍ଟର ମାନସ କୁମାର ସାହୁ ଡାକ୍ତରଖାନାରେ ପହଞ୍ଚି ଗୋରାଙ୍କୁ ଚିକିତ୍ସା କରାଉଥିବା ଜଣାପଡିଛି।

## ଗାଡ଼ିମୋଟର ଯାଞ୍ଚ, ଜରିମାନା ଆଦାୟ

**ଖଡ଼ିଆଳ,୧୨।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ପରିବହନ ବିଭାଗ ଓ ଖଡ଼ିଆଳ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇ ଜରିମାନା ଆଦାୟ ହୋଇଛି। ପରିବହନ ବିଭାଗର ଏସ୍‌ଆଇ ପ୍ରଜ୍ଞା ପାରମିତା ଭୋଳ ଓ ସହ କର୍ମଚାରୀ, ଖଡ଼ିଆଳ ପୋଲିସ ଏଏସ୍‌ଆଇ ଦେବାର୍ଚ୍ଚନ ମାଝି ଓ ସହ କର୍ମଚାରୀ ଖଡ଼ିଆଳ-ଭବାନୀପାଟଣା ରାସ୍ତାର ସାନଦୋହେଲ ଛକରେ ଗାଡ଼ିମୋଟର ଯାଞ୍ଚ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଆଲୋକ


@ ଦେବାଶିଷ


@ ରମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗ୍ରାହକ ସେବା କେନ୍ଦ୍ରରୁ ଟଙ୍କା ହେରଫେର


ଜମା ଟଙ୍କା ହଡ଼ପ ଅଭିଯୋଗ କରିଥିବା ଅଭିଯୋଗକାରୀ।

ବଡ଼ଗାଁ,୧୨।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକ ନିକଟରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ରରେ ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କା ହେରଫେର ହୋଇଥିବା ଗତମାସ ବଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗ୍ରାହକ ସେବାକେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ଅମୃତ ସାନେଙ୍କୁ ଗିରଫ କରିଥିଲା। ଅଭିଯୋଗକାରୀ ଟଙ୍କା ଫେରସ୍ତ ପାଇଥିଲେ। ଏହିପରି ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଗତ ସପ୍ତାହରେ ଏସଏସଜି ସଦସ୍ୟାଙ୍କ ପାଖାପାଖି ୫୦ହଜାର ଟଙ୍କା ଏବଂ ୨ଟି ପରିବାରର ଲକ୍ଷାଧିକ ଟଙ୍କା ଉକ୍ତ ଗ୍ରାହକ ସେବା କେନ୍ଦ୍ରରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ୨ଟି

### ଥାନାରେ ଅଭିଯୋଗ

ପରିବାର ଏନେଇ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେମାନେ ସର୍ବହରା ହୋଇପଡିଥିବା ସେମାନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଭୋଇପାଲି ପଞ୍ଚାୟତ ଡେମୁପଡା ଗାଁର ସାବିତ୍ରୀ ପେରୁଆଙ୍କ ଷ୍ଟେଟବ୍ୟାଙ୍କ ଖାତାରୁ ୬୮ ହଜାର ଟଙ୍କା, ବାଣ୍ଟୁ କିଷାନଙ୍କ ୫୦ ହଜାର ଟଙ୍କା, ତାଙ୍କ ସ୍ତ୍ରୀ ନିଦ୍ରା କିଷାନଙ୍କ ୧୩ ହଜାର ଟଙ୍କା ଓ ମୃତା ଲୀଳାବତୀ ଏକ୍କାଙ୍କ ପାସ ବୁକରୁ ୨୦ ହଜାର ଟଙ୍କା ଉଠାଣ କରାଯାଇଥିବା ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ବଡ଼ଗାଁ ଥାନା ଏସଆଇ ଶ୍ୟାମଲାଲ ଓରାମଙ୍କୁ ଯୋଗାଯୋଗ କରିବାରୁ,ଘଟଣାର ତଦନ୍ତ ଚଳାଇଥିବା କହିଛନ୍ତି।

# ମୁଣ୍ଡା ଗାଁରେ ମଦବିକ୍ରି ବନ୍ଦ ପାଇଁ ଶପଥ ନେଲେ ଗ୍ରାମବାସୀ

ବଡ଼ଗାଁ,୧୨।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳର ଅଧିକାଂଶ ଗ୍ରାମରେ ଦେଶୀ, ବିଦେଶୀ ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଗ୍ରାମାଞ୍ଚଳର ମହିଳାମାନେ ସଙ୍ଗଠିତ ହୋଇ ମଦ ବିକ୍ରି ବନ୍ଦ କରିବାକୁ ଆନ୍ଦୋଳନକରି ଅବକାରୀ ଓ ପୋଲିସକୁ ଲିଖିତ ଜଣାଉଥିବା ବେଳେ ଅନ୍ୟପଟେ ଗାଁ ଗାଁରେ କୁଟିଆ ମଦଭାଟି ଅବାଧରେ ବଢ଼ି ଚାଲିଛି। ବଡ଼ଗାଁ ବ୍ଲକର କେତେକ ଗ୍ରାମରେ ମହିଳାମାନେ ମଦ ବିକ୍ରି ବନ୍ଦ କରିବାକୁ ଆନ୍ଦୋଳନ କରିବା ସହିତ ଅବକାରୀ ଓ ପୋଲିସକୁ ଲିଖିତ ଜଣାଇଥିଲାବେଳେ ରବିବାର ବରଙ୍ଗାକଛାର ପଞ୍ଚାୟତର ମୁଣ୍ଡା ଗ୍ରାମବାସୀ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଶପଥ ନେଇଛନ୍ତି। ରବିବାର ଗ୍ରାମବାସୀ ଏଥିପାଇଁ ଏକ ବୈଠକ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି ଗୀତା ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ସମିତି ସଭ୍ୟା ସଂଯୁକ୍ତା ସୋରେଙ୍ଗ, ୱାର୍ଡମେମ୍ବର ସୁଭାଷିନୀ ପ୍ରଧାନ, ବିଶାଖା ମାଝୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଗୀତା ସା, ପଦ୍ମିନୀ ସିଂ, ସନ୍ଧ୍ୟାରାଣୀ ପ୍ରଧାନ, ଲତିକା ପ୍ରଧାନଙ୍କ ସହିତ ଗ୍ରାମର ହୃଦାନନ୍ଦ ପ୍ରଧାନ, ଉତ୍ତମ ପ୍ରଧାନ, କୈଳାଶ ସିଂ, ଭଗବାନ ସିଂ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ମଦର କୁପ୍ରଭାବ ଉପରେ ଆଲୋଚନା କରିଥିଲେ। ଗାଁରେ ମଦ ବିକ୍ରି ଯୋଗୁ ଯୁବଗୋଷ୍ଠୀ ବିପଥଗାମୀ ହେଉଥିବା, ଛୋଟ ପିଲାମାନେ ମଦ କବଳରେ ପଡୁଥିବାରୁ ପାଠ ଛାଡ଼ି ବୁଲୁଥିବା, ମଦ୍ୟପଙ୍କ ଯୋଗୁ ଘରେ ଅଶାନ୍ତି ଦେଖାଦେଉଥିବା, ପରିବାରଗୁଡ଼ିକ ଆର୍ଥିକ ଅନଟନରେ ପଡୁଥିବା, ଗାଁ ଅଶାନ୍ତ ହେଉଥିବା ଆଦି ଦେଖାଦେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଲୋଚନା ପରେ ସର୍ବସମ୍ମତିକ୍ରମେ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକ ପରେ ମହିଳାମାନେ ଶୋଭାଯାତ୍ରାରେ ଯାଇ ମଦ ବିକ୍ରେତାଙ୍କୁ ଏଣିକି ମଦ ବିକ୍ରି କଲେ ଆର୍ଥିକ ଦଣ୍ଡ ଦେବାକୁ ଚେତାବନୀ ଦେବା ସହ ମଦ ବିକ୍ରି ବନ୍ଦ କରିବାକୁ ଶପଥ ନେଇଥିଲେ।

# ଜିଲା ମହୋତ୍ସବ 'ଯତରା' ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୧୨।୧୧(ଜୟ ନାରାୟଣ ମେଣ୍ଟୁଲି)

ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରତିଷ୍ଠା ଦିବସ 'ସୁନ୍ଦରଗଡ଼ ଦିବସ' ଏବଂ ଜିଲା ମହୋତ୍ସବ 'ଯତରା' ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ଯତରା ପଡ଼ିଆଠାରେ ଆୟୋଜିତ ହେବ। ସେହିପରି ଯତରା ସଫଳତାର ସହ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ କଳାକାର ତଥା ବୁଦ୍ଧିଜୀବୀଙ୍କୁ ନେଇ ବିଭିନ୍ନ କମିଟିମାନ ଗଠନ କରାଯିବ ଏବଂ ସଂପୃକ୍ତ କମିଟିଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷା କରି ନିଜ ନିଜ କମିଟିର କାର୍ଯ୍ୟଗୁଡିକ ସମ୍ପାଦନ କରିବାକୁ ଜିଲାପାଳ ମହାଜନ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଗତ ବର୍ଷର ବିବରଣୀ ପାଠ କରିବା ସହିତ ଯତରା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପ୍ରସଙ୍ଗଗୁଡ଼ିକ ଉପରେ ଉପସ୍ଥାପନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୧ରେ ମା' ସମଲେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ବାହାରି ଯତରା ପଡ଼ିଆଠାରେ ପହଞ୍ଚିବ। ଏହି ଶୋଭାଯାତ୍ରାରେ ସବୁ ବ୍ଲକରୁ କଳାକାର, ସାଧାରଣ ଜନତା , ବିଭିନ୍ନ ଅନୁଷ୍ଠାନ, ଯୁବବର୍ଗ, ସମସ୍ତ ବିଭାଗୀୟ ଅଧିକାରୀ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତ୍ୟେକ ଦିନ ସଂଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଯେଉଁଥିରେ ଆଞ୍ଚଳିକ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶ ଗ୍ରହଣ କରିବେ। ଏହା ସହିତ ଓରମାସ ଦ୍ୱାରା ପଲିଶ୍ରୀ ମେଳା ଏବଂ ପୁସ୍ତକ ମେଳା ମଧ୍ୟ ଆୟୋଜନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ସମସ୍ତ ବିଭାଗୀୟ ଅଧିକାରୀ, ଜିଲାର ବରିଷ୍ଠ କଳାକାର, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିବେ।


ବୈଠକରେ ଉପସ୍ଥିତ ଅତିଥିମାନେ।

# ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ


ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

କୁତ୍ରା,୧୨।୧୧(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲିସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସର୍ଗୀଫୁଲ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ନେଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁତ୍ରା ବିଡିଓ ଯୁଗଳକିଶୋର ବିଶ୍ୱାଳ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ବ୍ଲକ ମଙ୍ଗଳ ଅଧିକାରୀ ବିନି ରାନି ସୋରେଙ୍ଗ,ଏବିଇଓ ମିନା କୁମାରୀ ଜେନା, ନିରଞ୍ଜନ ରାଉଳ,ଏସ୍‌ଏମ୍‌ସି ସଭାପତି ପୂର୍ଣ୍ଣଚନ୍ଦ୍ର ସା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ଯିଏ ଯେଉଁ କ୍ଷେତ୍ରରେ ପାରଙ୍ଗମ ସେହି ଅନ୍ତର୍ନିହିତ ଗୁଣଗୁଡ଼ିକ ପରିପ୍ରକାଶ କରି ସେହି କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉପଦେଶ ଦେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନେ ଜିଲା ସ୍ତର କାର୍ଯ୍ୟକ୍ରମରେ ଭାଗ ନେବେ। ଶିକ୍ଷକ ମୀନକେତନ ସେଠ ଓ ନରୋତ୍ତମ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସେବାଶ୍ରମର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମିନତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଗାଙ୍ଗପୁରରେ ବ୍ଲକ ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

ରାଜଗାଙ୍ଗପୁର,୧୨।୧୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ରାଷ୍ଟ୍ରୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏହି ପ୍ରଦର୍ଶନୀର ଉଦ୍‌ଘାଟନ ରାଜଗାଙ୍ଗପୁର ବ୍ଲକ ବିଡିଓ ଅକ୍ଷୟ ବାଗ କରିଥିଲେ। ପରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ. ସରୋଜିନୀ ସାହୁ, ମୁଖ୍ୟ ବକ୍ତା ଭାବେ ଅଶୋକ ଦାସ ଯୋଗଦେଇଥିଲେ। ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ଲାକ୍ରା ଓ ବ୍ଲକ ବିଜ୍ଞାନ ସଂଯୋଜକ ଗିରିଶ ରାଉତ ସଂଯୋଜନା କରିଥିଲେ। ବ୍ଲକ ଓ ମ୍ୟୁନିସିପାଲିଟିରୁ ୨୮୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୭ ଜଣ ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରଦର୍ଶନୀରେ ଭାଗନେବା ପାଇଁ ବିବେଚିତ ହୋଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଦୀପ୍ତିମୟୀ ବେହେରା ମଞ୍ଚ ପରିଚାଳନା କରିଥିଲେ।


ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଛାତ୍ରୀଛାତ୍ର।

# ଜମି ଫାଟି ଆଁ: ମରୁଡ଼ି ଘୋଷଣା ଦାବି

କୁତ୍ରା,୧୨।୧୧(ଦେବାଶିଷ ସାହୁ)

ଚଳିତବର୍ଷ ଆବଶ୍ୟକ ମୁତାବକ ମୌସୁମୀ ବର୍ଷା ହୋଇନଥିବାରୁ କୁତ୍ରା ବ୍ଲକରେ ମରୁଡି ପରିସ୍ଥିତି ଦେଖାଦେଇଛି। ଗଙ୍ଗାଜଳ ଓ ବିରିଙ୍ଗାଟୋଲି ପଞ୍ଚାୟତରେ ପରିସ୍ଥିତି ସଙ୍ଗୀନ ଥିବାବେଳେ ପାଣି ଅଭାବରୁ ଧାନ କ୍ଷେତ ଫାଟି ଆଁ କରିଛି। ତେଣୁ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ମରୁଡି ଘୋଷଣା କରିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପାଣି ଅଭାବରୁ ଏକର ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। କୁତ୍ରା ବ୍ଲକର ସମସ୍ତ ପଞ୍ଚାୟତରେ ସମାନ ସ୍ଥିତି ଦେଖାଦେଇଛି।


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


ଜମି ଫାଟି ଆଁ କରିଛି।

ଗଙ୍ଗାଜଳ ଓ ବିରିଙ୍ଗାଟୋଲି ଗ୍ରାମବାସୀ ମିଳିତ ଭାବେ ନିଜ ପଞ୍ଚାୟତକୁ ସଂପୂର୍ଣ୍ଣ ମରୁଡି ଘୋଷଣା କରି ଅତିଶିଘ୍ର ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଚାଷୀମାନେ ଧାରକରଜ କରି ବହୁ କଷ୍ଟରେ ଚାଷ କରିଥିବା ବେଳେ ମରୁଡି ହେବା ବୋଝ ଉପରେ ନଳିତା ବିଡା ପରି ହୋଇଛି। ତେଣୁ କୁତ୍ରା ବ୍ଲକକୁ ମରୁଡି ଘୋଷଣା କରିବା ପାଇଁ ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାଏକ,ସମିତି ସଭ୍ୟ ଲକ୍ଷ୍ମଣ ଦାନି,ଧୀରେନ୍ଦ୍ର ବେହେରା,ଦିଲିପ କୁମାର ସେଠୀ,ହଲଧର ରଣା,ଚକ୍ର ପୃଷେଠ,ତାରାଚାନ୍ଦ କାଲୋ,ଭଜମନ ସାହୁ,ରୁଷି ରଣା,ମନବୋଦ ସା,କୃଷ୍ଣଚନ୍ଦ୍ର ସା ପ୍ରମୁଖ ଦାବି କରୁଛନ୍ତି।

## ସଂକ୍ଷେପରେ

### ଖେରୁଆଲ-ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ବେଆଇନ ପାର୍କିଂ

ଝାରସୁଗୁଡ଼ା,୧୨।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଅନ୍ତର୍ଗତ ଖେରୁଆଲ ଛକଠାରୁ ପ୍ରସନ୍ନ ପଣ୍ଡାଛକ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ୍‌ର ୨ ପାର୍ଶ୍ୱରେ ରାସ୍ତା ଉପରକୁ ଭାରିଯାନଗୁଡିକ ବହୁ ସଂଖ୍ୟାରେ ପାର୍କିଂ କରୁଛନ୍ତି। ହୱାଇବା ଓ ଟ୍ରକଗୁଡିକ ଡ୍ରାଇଭର, ହେଲପରମାନେ ଗାଡି ରଖି ରାସ୍ତାରେ ରନ୍ଧା ବଢ଼ା କରୁଥିବା ବେଳେ ଗାଡିକୁ ଅଟକାଇ ଶୋଇବା ସହିତ ରାସ୍ତା ପାର୍ଶ୍ୱରେ ଥିବା ପୋଖରୀଗୁଡିକରେ ଗାଧୋଉଛନ୍ତି। ଫଳରେ ରାସ୍ତାରେ ଯାଉଥିବା ବାଇକ, କାର ତଥା ଅନ୍ୟାନ୍ୟ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ରୋଡ଼ରେ ଅଟକି ରହିଯାଉଛନ୍ତି। ଫଳରେ ରାସ୍ତା



ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ ହୋଇଛି।

ଜାମ ହୋଇ ବହୁତ ଦୁର୍ଘଟଣା ଘଟୁଛି। ବିଜୁ ଏକ୍ସପ୍ରେସୱେର ଦୁର୍ଘଟଣା ପ୍ରାୟତଃ ପ୍ରତେକ ଦିନ ଘଟୁଥିବା ଜଣାପଡ଼ିଛି। ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଢୀଙ୍କୁ ପଚାରିବାରୁ ପ୍ରତିଦିନ ଯାଞ୍ଚ କରାଯାଇଛି ଏବଂ ୩୦ରୁ ୪୦ଟି ଗାଡିର ଚାଲାଣ କରୁଛି। ଆଗାମୀ ଦିନରେ ଯାଞ୍ଚ ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯିବ ବୋଲି କହିଥିଲେ। ମନ୍ତ୍ରୀ ସୁରେଶ ପୂଝରୀ କହିଛନ୍ତି ଯେ, ପରିବହନ କାର୍ଯ୍ୟରେ ବ୍ୟବହାର ହେଉଥିବା ଗାଡିଗୁଡିକୁ ରାଜପଥ ତଥା ବିଜୁ ଏକ୍ସପ୍ରେସ ୱେ ଖାଲି ଜାଗାରେ ପାର୍କିଂ ନ କରି ଗାଡିଗୁଡିକ ରାସ୍ତାର କେଉଁ ସ୍ଥାନରେ ପାର୍କିଂ କରାଯିବ ତାହା ଚିହ୍ନଟ କରି ପଦକ୍ଷେପ ନେବା ପାଇଁ ସମ୍ବଲପୁର, ଝାରସୁଗୁଡା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଶ୍ରୀ ଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ନିଶାନ ପଦଯାତ୍ରା



ଦେବଗଡ଼,୧୨।୧୧(ଶଶାଙ୍କ ଶେଖର ଝାଙ୍କର)

କାର୍ତ୍ତିକ ମାସର ବଡ଼ ଏକାଦଶୀରେ ମା' ତୁଳସୀଙ୍କ ଶୁଭ ବିବାହ ସହ ଖାଟୁଧାମର ବାବା ଶ୍ୟାମଙ୍କ ଜନ୍ମ ଦିନ ଅବସରରେ ଦେବଗଡ଼ଠାରେ ନିଶାନ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଦେବଗଡ଼ ଶ୍ରୀଶ୍ୟାମ ମିତ୍ର ମଣ୍ଡଳ ଦ୍ୱାରା ନିଶାନ ପଦଯାତ୍ରା ସ୍ଥାନୀୟ ପୁରୁଣାଗଡସ୍ଥିତ ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହୋଇଥିଲା। ଶ୍ରୀଶ୍ୟାମ ମିତ୍ର ମଣ୍ଡଳର ସମସ୍ତ ସଦସ୍ୟ ହାତରେ ଧ୍ୱଜ ଧରି ବାବାଙ୍କ ଭଜନ ଓ ଶ୍ୟାମ ବାବାଙ୍କ ଧ୍ୱନି ଦେଇ ନଗର ପରିକ୍ରମା, ଶ୍ରୀ ଗୋପାଳଜି ମନ୍ଦିର ଦର୍ଶନ ଓ ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଶେଷରେ ଯୋଗଦେଇଥିବା ଭକ୍ତ ନିଜ ନିଜ ଧ୍ୱଜାକୁ ନେଇ ଘରେ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ଉମା ଗୋଏଲ, ରିତେଶ ଗୋଏଲ, ବିକାଶ ଅଗ୍ରୱାଲ, ସୁଶିଲ ଗୋଏଲଙ୍କ ସମେତ ବହୁ ମହିଳା, ପୁରୁଷ ଭକ୍ତ ଯୋଗଦେଇଥିଲେ।

# ମିଳିମିଶି କାମ କଲେ ଶିଶୁ ମୃତ୍ୟୁ କମାଇହେବ




କାର୍ଯ୍ୟକ୍ରମରେ ଅଧିକାରୀମାନେ ନିମୋନିଆ ନିରାକରଣ ବିଷୟରେ ଆଲୋଚନା କରୁଛନ୍ତି।

### ବିଶ୍ୱ ନିମୋନିଆ ନିରାକରଣ ଦିବସ ପାଳନ

ଦେବଗଡ଼,୧୨।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଶ୍ୱ ନିମୋନିଆ ନିରାକରଣ ଦିବସ ପାଳନ କରାଯାଇଛି। ଏହି ଦିବସ ପ୍ରତେକ ବର୍ଷ ନଭେମ୍ବର ୧୨ ତାରିଖରେ ପାଳନ କରାଯାଏ। ଯାହାର ମୂଳ ଲକ୍ଷ୍ୟ ହେଉଛି ନିମୋନିଆ ରୋଗ ନ ହେବ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ନିମୋନିଆ ଯୋଗୁ ହେଉଥିବା ଶିଶୁ ମୃତ୍ୟୁ ହାର କମାଇବା। ଯେଉଁଠାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧ୍ୟକ୍ଷ ଡଃ ମୋନରଞ୍ଜନ ସାମଲ, ଶିଶୁରୋଗ ବିଶେଷଜ୍ଞ ଡଃ ସୁରେନ ସାହୁ, ଡିପିଏମ ଉମେଷପ୍ରସାଦ ଷଡଙ୍ଗୀ, ଦିଏସଡବ୍ଲ୍ୟୁଓ ସୁରତି ପ୍ରଧାନ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁଣ୍ଢେଇଗୋଲା, ତିଲେଇବଣି, ରିଆମାଳର ଡାକ୍ତର, ଭରପ୍ରାପ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ, ଡିଏମ୍‌ଆର୍‌ସିଏଚ୍ ଜୋଛନା ଶର୍ମା, ଦେବଗଡ ମ୍ୟୁନିସିପାଲିଟିର ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତଥିଲେ। ଡଃ ସୁରେନ ସାହୁ ନିମୋନିଆର କାରଣ, ଏହାର ଲକ୍ଷଣ ଏବଂ ଏହାର ବିପଦ ବାବଦରେ ଆଲୋଚନା କରିଥିବାବେଳେ ଡଃ ସାମଲ ଏହାର ନିରକରଣ ଯେପରି କି ପରିଷ୍କାର ପରିଚ୍ଛନତା, ଶିଶୁର ଠିକ ଯତ୍ନ ନେବା, ନିମୋନିଆର ପ୍ରତିଷେଧକ ଟୀକାକରଣ ଏବଂ ଲକ୍ଷଣ ଦେଖାଦେବା ଯଥାଶୀଘ୍ର ଚିକିତ୍ସାଳୟକୁ ପଠାଇବା ଉପରେ ଗୁରୁତ୍ୱରୋପ କରିଥିଲେ। ଡଃ ପ୍ରଧାନ ସମସ୍ତେ ମିଳିମିଶି କାମ କେଲେ ନିମୋନିଆ ଯୋଗୁ ହେଉଥିବା ଶିଶୁ ମୃତ୍ୟୁକୁ ନିଶ୍ଚିତ ଭାବେ କମାଇ ହେବ ବୋଲି କହିଥିଲେ। ଏହି ପରିପେକ୍ଷୀରେ ସାନସ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ଯାହା ନଭେମ୍ବର ୧୨ରୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବ। ଶର୍ମା ଏହି କାର୍ଯ୍ୟକ୍ରମ ବାବଦରେ ସମସ୍ତଙ୍କୁ ବୁଝାଇଥିଲେ ଏବଂ ଏହି ବାର୍ତ୍ତା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଶତପଥୀ ପରାମର୍ଶଦେଇଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶତପଥୀ ଏବଂ ଡିଏମ୍‌ଆର୍‌ସିଏଚ୍ ଶର୍ମା କାର୍ଯ୍ୟକ୍ରମ ଚିଚାଳନା କରିଥିଲେ।

## ବ୍ରଜରାଜନଗର ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବ୍ରଜରାଜନଗର,୧୨।୧୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧାପକ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱ ତଥା ଇତିହାସ ବିଭାଗ ମୁଖ୍ୟା ଅଧାପିକା ଡାକ୍ତର ରତ୍ନପୂର୍ଣ୍ଣା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଜାତୀୟ ଶିକ୍ଷା ଦିବସ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରାଧାପକ ଗୋକୁଳ ମୋହନ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ପୁରାତନ ଶିକ୍ଷା ତଥା ସଂସ୍କୃତି ଉପରେ ଆଲୋକପାତ କରିବା ସହ ବର୍ତ୍ତମାନ ସମୟରେ ମଧ ବେଦପୁରାଣ ଆଦିର ଗୁରୁତ୍ୱ ରହିଛି ଏବଂ ଏହାର ବ୍ୟାପକ ପ୍ରଚାର ପ୍ରସାର ଯୁବପିଢ଼ୀରେ ହେବା ଆବଶ୍ୟକ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ଉଦ୍‌ବୋଧନ ଦେଇ ଭାରତ ସ୍ୱାଧୀନତା ପରବର୍ତ୍ତୀ ସମୟର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆଜାଦଙ୍କ ଦ୍ୱାରା ଦେଶର ଶିକ୍ଷା ବ୍ୟବସ୍ଥା ସଜାଡ଼ିବା ପାଇଁ ଯେଉଁ ସବୁ ବ୍ୟବସ୍ଥା କରାଯାଇଥିଲା ସେ ସମ୍ବନ୍ଧରେ ଆଲୋଚନା କରିବା ସହ ବର୍ତ୍ତମାନରେ ଲାଗୁ ହେଇଥିବା ନୂଆ ଶିକ୍ଷାନୀତି ଏନଇପି ୨୦୨୦କୁ ମଧ ସ୍ୱାଗତ କରି ଏହି ଶିକ୍ଷା ନୀତି ଦେଶର ଶିକ୍ଷା ବିକାଶରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଇନୋଭେଟିଭ୍ ସେଲ୍ ଦ୍ୱରା ଆୟୋଜିତ ଏହି ସଭା ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧାପକ ସୁପ୍ରକାଶ ଚୌଧୁରୀ, ଏକାଡେମୀକ ବର୍ଷର ପ୍ରାଧାପକ ବିଜୟ କୁମାର ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଆଇକ୍ୟୁଏସି ମୁଖ୍ୟ ଅଜୟ ଦୀପ ମଧ ସମ୍ବୋଧିତ କରିଥିଲେ। ସଭା ଆରମ୍ଭରେ ମହାବିଦ୍ୟାଳୟ ଆଇଆଇସି ସେଲ ମୁଖ୍ୟ ଶିବା ତ୍ରିବେଦି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଅଧାପିକା ନଗମା ନିଶା ନନ୍ଦ ଧନ୍ୟବାଦ ଦେଇଥିଲେ। ଶିକ୍ଷା ଦିବସ ସମାରୋହରେ ମହାବିଦ୍ୟାଳୟର ବହୁ ଅଧାପକ, ଅଧାପିକା, କର୍ମଚାରୀ ତଥା ବହୁ ଛାତ୍ରୀଛାତ୍ର ମଧ ଉପସ୍ଥିତ ରହିଥିଲେ।

## କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଅନାସ୍ଥା ପ୍ରସ୍ତାବ ପାଇଁ ସ୍ୱତନ୍ତ୍ର ବୈଠକ

ଝାରସୁଗୁଡ଼ା,୧୨।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଅନ୍ତର୍ଗତ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ବିରୋଧରେ ଗତ ସେପ୍ଟେମ୍ବର ୧୩ରେ ସରପଞ୍ଚ ଓ ସମିତି ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କୁ ଦରଖାସ୍ତ ଦେଇଥିଲେ। ଅଧ୍ୟକ୍ଷାଙ୍କ ମନମୁଖୀ ଓ ଦୁର୍ନୀତିମୂଳକ କାର୍ଯ୍ୟ ତଥା ନିୟମିତ ଭାବେ ବୈଠକ ନ କରୁଥିବା ଅଭିଯୋଗ କରିଥିଲେ। କିନ୍ତୁ ବ୍ଲକ ଅଧ୍ୟକ୍ଷା ଏବଂ ତାଙ୍କ ସ୍ୱାମୀ ଜିଲାର ଜଣେ ଟାଣୁଆ ନେତାଙ୍କ ନିକଟତର ହୋଇଥିବାରୁ ଜିଲା ପ୍ରଶାସନ ଏହା ଉପେରେ କିଛି ପଦକ୍ଷେପ ନେଇ ନ ଥିଲେ। ଫଳରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ଜିଲା ବିଜେଡି ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲା। ଏହାପରେ ମଧ ଜିଲା ପ୍ରଶାସନ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ପ୍ରକାଶ ନ କରିବାରୁ ସୁଲେହୀ ସମିତି ସଭ୍ୟା ସବିତା ଅଗ୍ରୱାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ରାୟରେ ଆଦେଶ ପ୍ରାପ୍ତିର ୨ ସପ୍ତାହ ମଧ୍ୟରେ ଅନାସ୍ଥା ପ୍ରସ୍ତାବ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୮ ତାରିଖରେ ପଞ୍ଚାୟତ ସମିତି ସଭା ଗୃହରେ ପୂର୍ବାହ୍ନ ୧୦ଟା ୩୦ରେ ବୈଠକ ଅନୁଷ୍ଠିତ ହେବ। ଏଥିରେ କିର୍ମିରା ବ୍ଲକର ସମସ୍ତ ସରପଞ୍ଚ ଓ ସଭ୍ୟଙ୍କୁ ନୋଟିସ ଜାରି ହୋଇଛି ବୋଲି ଉପଜିଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି। ବୈଠକ ପରିଚାଳନା କରିବା ପାଇଁ ପିଏ ଆଇଟିଡିଏ ସଞ୍ଜିବ ପଟେଲଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆଯାଇଛି।

## ନୂତନ ନିର୍ମିତ ଅଟ୍ଟାଳିକା ଗ୍ରହଣ ପାଇଁ ଦ୍ୱିତୀୟ ବୈଠକ

ଦେବଗଡ଼,୧୨।୧୧(ଶଶାଙ୍କ ଶେଖର ଝାଙ୍କର)



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଅଟ୍ଟାଳିକା ଗ୍ରହଣ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ ଗୃହ) ରାମଚନ୍ଦ୍ର ସେଠି ଆବାହନକ୍ରମେ ଜିଲାରେ ବିଭିନ୍ନ ବିଭାଗର ନିର୍ମିତ ହୋଇଥିବା ଅଟ୍ଟାଳିକା ଗ୍ରହଣ ପାଇଁ ଆଲୋଚନା କରିଥିଲେ। ୨୩ଟି ବିଭାଗର ଗୃହଗୁଡିକ ହସ୍ତାନ୍ତର ନେବା ନିମନ୍ତେ ଜିଲାପାଳଙ୍କ ଦୃଷ୍ଟିଗୋଚରକୁ ଆଣିଥିଲେ। ଜିଲାପାଳ ସାହୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ମିତ ଅଟ୍ଟାଳିକା ଗ୍ରହଣ କରିବା ପାଇଁ ଆଲୋଚନା କରିଥିଲେ। ଅଟ୍ଟାଳିକାର ବିଭିନ୍ନ ସମସ୍ୟାଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିପିଡବ୍ଲ୍ୟୁଓ ରାଜୁ ସାହା, ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ନେତ୍ରାନନ୍ଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଆଲୋକ



@ ଦେବାଶିଷ



@ ରମାଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଡ଼ମାଲଶାହାପଡ଼ାଠାରେ ଶବଦାହ ଗୃହ ନିର୍ମାଣ ଦାବି

ଝାରସୁଗୁଡ଼ା,୧୨।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ଗ୍ରାମପଞ୍ଚାୟତ ଅଧୀନ ଶାହାପଡା ଗ୍ରାମଠାରେ ଶବଦାହ ପାଇଁ କୌଣସି ଗୃହର ବ୍ୟବସ୍ଥା ହୋଇନାହିଁ। ଶାହାପଡାର ଲୋକ ସଂଖ୍ୟା ପ୍ରାୟ ୬୦୦। ଗାଁର କୌଣସି ଲୋକଙ୍କ ମୃତ୍ୟୁ ହେଲେ ଶବଦାହ ପାଇଁ ଉଡ୍‌କୋ ଅଧୀନସ୍ଥ ଅଞ୍ଚଳ, ଯାହାକି ଶାହାପଡାଠାରୁ ୩ କି.ମି ଦୂର ପର୍ଯ୍ୟନ୍ତ ବୋହି ନେବାକୁ ପଡୁଛି। ବେଳେ ବେଳେ ସେଠାରେ ଶବ ଦାହ କରିବା ବେଳେ ପାଖରେ ରହୁଥିବା କିଛି ଲୋକ ଆସି ମୃତଦେହ ପୋଡ଼ିବାକୁ ମନା କରୁଛନ୍ତି। ଗ୍ରାମବସୀ ଶବଦାହ କରିବା ପାଇଁ ନାହିଁ ନ ଥିବା ଅସୁଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ବରିଷ୍ଠ ତଥା ସଚେତନ ନାଗରିକ ପଣ୍ଡିତ ଲଳିତ ମୋହନ ପାଣିଗ୍ରାହୀ, ପ୍ରମୋଦ ପାଢ଼ୀ, ଝାସକେତନ ପାତ୍ର ଓ ପ୍ରକାଶ ସାହୁଙ୍କ ସମେତ ଗ୍ରାମବାସୀ ଏକ ଶବଦାହ ଗୃହ ନିର୍ମାଣ ପାଇଁ ଦାବି କରୁଛନ୍ତି।

## ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ | ଦେବଗଡ଼ କ୍ରିକେଟ୍ କ୍ଲବ୍ ବିଜୟୀ



ଦ୍ୱିତୀୟ ଦିବସ ମ୍ୟାଚ୍ ଅବସରରେ ଉପସ୍ଥିତ ଖେଳାଳିମାନେ।

ଦେବଗଡ଼,୧୨।୧୧(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ନିଷ୍ପତ୍ତିକ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଦେବଗଡ଼ କ୍ରିକେଟ୍ କ୍ଲବ୍ ବନାମ ରାଇଜିଂ ଷ୍ଟାର୍ କ୍ରିକେଟ୍ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଦେବଗଡ଼ କ୍ରିକେଟ କ୍ଲବ ୫୧ ରନ୍‌ରେ ବିଜୟୀ ହୋଇଛି। ଦେବଗଡ଼ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୭ ଉଇକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୬୦, ଯୁବ୍ରାଜ୍ ଦେଓ ୫୫, ଜିତେନ୍ଦ୍ର ବିଶ୍ୱାଳ ୩୪ ଓ ସୌମ୍ୟରଞ୍ଜନ ତିୱାରୀ ୩୪ ରନ କରିଥିବା ବେଳେ ରାଇଜିଂ ଦଳର ଏସ୍.କେ.ଏମ୍. ନକିବ୍ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ରାଇଜିଂ ଦଳ ୩୧ ଓଭରରେ ସମସ୍ତ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଦଳ ପକ୍ଷରୁ ଆଶିଷ ପଟ୍ଟନାୟକ ୩୪, ହ୍ରିତିକ୍ ଦେହୁରୀ ୩୪ ଓ ରଞ୍ଜନ ଲାକ୍ରା ୩୩ ରନ କରିଥିବା ବେଳେ ଦେବଗଡ଼ ଦଳର ଲିପୁ ନାୟକ ୪ ଓ ଆଶିଷ ସାହୁ ୩ଟି ଉଇକେଟ ନେଇଥିଲେ। ମ୍ୟାଚରେ ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ୍ କୁମାର ପ୍ରଧାନ, ଅଜିତ ମୋଦି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍‌ରେ ଅମ୍ପାୟାର ସଞ୍ଜୟ କୁମାର ନାୟକ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ବୁଧବାର ଦେବଗଡ଼ କ୍ରିକେଟ୍ କ୍ଲବ୍ ବନାମ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଶିଶୁଙ୍କ ଯତ୍ନ ପାଇଁ 'ଆମ କଳିକା କେନ୍ଦ୍ର' ଶୁଭାରମ୍ଭ

ଦେବଗଡ଼,୧୨।୧୧(ଶଶାଙ୍କ ଶେଖର ଝାଙ୍କର)



ଶ୍ରମିଜୀବୀ ମହିଳାଙ୍କ ଶିଶୁର ଯତ୍ନ ନେବା ପାଇଁ ଦେବଗଡ ଜିଲାରେ 'ଆମ କଳିକା କେନ୍ଦ୍ର' ଶୁଭାରମ୍ଭ ହୋଇଯାଇଛି। ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତର ସୁନାମୁଣ୍ଡାରେ 'ଆମ କଳିକା କେନ୍ଦ୍ର' ଉଦ୍‌ଘାଟନ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଜିଲାରେ ୧୬୦ଟି କେନ୍ଦ୍ର କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। ତିଲେଇବଣି ବ୍ଲକରେ ୫୯, ରିଆମାଳ ବ୍ଲକରେ ୫୧ ଏବଂ ବାରକୋଟ ବ୍ଲକରେ ୫୦ ଗୋଟି 'ଆମ କଳିକା କେନ୍ଦ୍ର' କାର୍ଯ୍ୟକାରୀ କରାଯିବ। ଜିଲା ସମାଜ ମଙ୍ଗଳ ବିଭାଗ ତତ୍ୱାବଧାନରେ ଓମ୍ୱାଡ଼ି ସହାୟତାରେ ସୁନ୍ଦରଗଡ ଜିଲାର 'ସେବକ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତ୍ୟକ୍ଷ ଭାବେ ତିଲେଇବଣି ବ୍ଲକର ସମସ୍ତ 'ଆମ କଳିକା କେନ୍ଦ୍ର' ପରିଚାଳନା ଦାୟିତ୍ୱ ବହନ କରିବ। ଏହି କ୍ରମରେ 'ସେବକ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୁନାମୁଣ୍ଡା ଗ୍ରାମରେ ଜିଲାର ପ୍ରଥମ 'ଆମ କଳିକା କେନ୍ଦ୍ର' ସୋମବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛ। ସେବକ ଅନୁଷ୍ଠାନ ଅଧ୍ୟକ୍ଷ ଅମୀୟକାନ୍ତ ନାୟକଙ୍କ ସଭାପତିତ୍ୱରେ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବଣିଆଁକିଲିଣ୍ଡା ପଞ୍ଚାୟତ ସରପଞ୍ଚ ବୁଧଦେବ ଗଡେଇ, ଡିଏସଡବ୍ଲ୍ୟୁଓ ସୁରତୀ ପ୍ରଧାନ, ଏସିଏସ୍‌ଓ ଅସିତ ଅମିତାଭ ବେହେରା, 'ସେବକ' ଅନୁଷ୍ଠାନର ଫାଇନାନ୍ସ ମ୍ୟାନେଜର ନିଳାମ୍ବର ଉପାଧ୍ୟାୟ, ପ୍ରକଳ୍ପ ସଂଯୋଜକ ସଞ୍ଜୁ ପଟେଲ, ତୃପ୍ତିମୟୀ ବେହେରା, ପ୍ରୋଗ୍ରାମ ମ୍ୟାନେଜର ଉମାକାନ୍ତ ଦଲେଇ, ମାଧବୀ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କଳିକା କେନ୍ଦ୍ର ଦ୍ୱାରା ଶ୍ରମଜୀବୀ ମହିଳାମାନେ ଲାଭବାନ ହୋଇପାରିବେ। ଶ୍ରମଜୀବୀ ମହିଳାମାନେ ସକାଳୁ ସଞ୍ଜ ଯାଏଁ ତାଙ୍କ ଶିଶୁକୁ ବିନା ଦ୍ୱିଧାରେ କଳିକା କେନ୍ଦ୍ରରେ ଛାଡି କାମ କରିବାକୁ ଯାଇପାରିବେ। ସେଠାରେ ପିଲାମାନଙ୍କ ଅପପୁଷ୍ଟି ରୋକିବା ସହିତ ସେମାନଙ୍କ ଶାରିରୀକ, ମାନସିକ ଏବଂ ବୌଦ୍ଧିକ ବିକାଶ ଦିଗରେ ଧ୍ୟାନ ଦିଆଯିବ। କଳିକା କେନ୍ଦ୍ରରେ ସକାଳୁ ସନ୍ଧ୍ୟା ଯାଏଁ ଶିଶୁମାନଙ୍କୁ ୩ ଥର ସୁଷମ ଖାଦ୍ୟ ଦିଆଯିବ। ପିଲାମାନଙ୍କୁ ଶୌଚ କରାଇବାଠାରୁ ଆରମ୍ଭ କରି ସେମାନଙ୍କ ଉଚିତ ଯତ୍ନ ନିଆଯିବ। ଶିଶୁଙ୍କ ମନୋରଞ୍ଜନ ଏବଂ ଖେଳିବା ପାଇଁ ଭଳିକି ଭଳି ଖେଳଣା ସବୁ ରଖାଯିବ। ୬ ମାସରୁ ଆରମ୍ଭ କରି ୩୬ ମାସ ତଥା ଅଙ୍ଗନୱାଡି ଯିବା ପର୍ଯ୍ୟନ୍ତ ଶିଶୁମାନଙ୍କୁ କଳିକା କେନ୍ଦ୍ରରେ ଯତ୍ନ ନିଆଯିବ ବୋଲି ଜଣାପଡିଛି। ତେବେ କଳିକା କେନ୍ଦ୍ର ଶୁଭାରମ୍ଭ ହୋଇଥିବାରୁ ସ୍ଥାନୀୟ ଶ୍ରମଜୀବୀ ମହିଳାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

# ଉପମୁଖ୍ୟମନ୍ତ୍ରୀଙ୍କ ପିଏ, ଓଏସ୍‌ଡି କହି ଠକେଇ

- ଚାକିରି କରାଇ ଦେବାକୁ ନେଇଥିଲେ ଟଙ୍କା
- ୨ ଅଭିଯୁକ୍ତ କୋର୍ଟ ଚାଲାଣ

ପାଟଣାଗଡ଼ ୧୨।୧୧ (ସଚ୍ଚିଦାନନ୍ଦ ମହାକୁର)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ପିଏ (ବ୍ୟକ୍ତିଗତ ସହାୟକ) ଏବଂ ଓଏସ୍‌ଡି (ଅଫିସିଆଲ ଅନ ସ୍ପେଶାଲ ଡ୍ୟୁଟି) ଥିବା କହି ୨ଜଣ ବ୍ୟକ୍ତି ଚାକିରି କରାଇ ଦେବା ନାଁରେ ୨ ଲକ୍ଷ ୧୦ ହଜାର ଟଙ୍କା ଆଦାୟ କରିଥିଲେ। ଅଭିଯୋଗ ପରେ ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ପାଟଣାଗଡ଼ ଥାନା ବିଲେଇସାଥୀ ଗାଁର ବୁଦ୍ଧଦେବ ସାହୁ ଓ ସାଲେପାଲି ଗାଁର ସୁଶୀଲ କୁମାର ରାଓ ବୋଲି ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା



କୋର୍ଟ ଚାଲାଣ ପୂର୍ବରୁ ପୋଲିସ ସହ ଗିରଫ ଅଭିଯୁକ୍ତ ଦ୍ୱୟ।

ସମ୍ମିଳନୀରେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି।

ବୁଦ୍ଧଦେବ ଓ ସୁଶୀଲ ଉପମୁଖ୍ୟମନ୍ତ୍ରୀଙ୍କ ପାଖଲୋକ। ଜଣେ ତାଙ୍କର ବ୍ୟକ୍ତିଗତ ସହାୟକ ଏବଂ ଅନ୍ୟ ଜଣେ ଓଏସ୍‌ଡି ଥିବା କହୁଥିଲେ। ସେମାନେ ପାଟଣାଗଡ, ଖପ୍ରାଖୋଲ, ବେଲପଡ଼ା, ପଦ୍ମପୁର ଅଞ୍ଚଳର ପରିଚିତ ଲୋକଙ୍କୁ ମଲ୍ଟିସ୍କିଲ୍ ଆଟେଣ୍ଡାଣ୍ଟ ଓ ସାନିଟାଇଜେଶନ ୱାର୍କର ଚାକିରି କରେଇଦେବା ନାଁରେ ଜଣପିଛା ୭୦ ହଜାର ଟଙ୍କା ଆଦାୟ କରୁଥିଲେ। ଏ ସମ୍ପର୍କରେ ପାଟଣାଗଡ଼ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ବିଶେଷ ସୂତ୍ରରୁ ଖବରପାଇ ସୋମବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଦ୍ୱୟଙ୍କୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ମଙ୍ଗଳବାର ଦିନତମାମ ପଚରାଉଚରା ପରେ ଅଭିଯୁକ୍ତ ଦ୍ୱୟ ଏହାକୁ ସ୍ୱୀକାର କରିବା ସହ ପୂର୍ବରୁ ସେମାନେ କେତେଜଣ ଲୋକଙ୍କୁ ଜାଲିଆତି କରି ଚାକିରି ଦେଇଥିବା ମଧ୍ୟ କହିଥିଲେ।

# ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟଣା: ଫେରାର ମାଲିକଙ୍କ ନାଁରେ ମାମଲା

ଭୁବନେଶ୍ୱର, ୧୨।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଚୂନକୋଳି ବସ୍ତି ଅଞ୍ଚଳରେ ଏକ ୨ମହଲା କୋଠାଘରେ ଚାଲିଥିବା ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ମଙ୍ଗଳବାର ପୋଲିସ ଉକ୍ତ ଘର ତଥା ବାଣ କାରଖାନା ମାଲିକ ବିଘ୍ନେଶ ପଟ୍ଟନାୟକଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୨୮୭, ୨୮୮ ଏବଂ ଦି ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟରେ ଏକ ମାମଲା (ନଂ.୫୪୭/୨୦୨୪) ରୁଜୁ କରିଛି। ତେବେ ବିଘ୍ନେଶ କେଉଁଆଡେ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ କୋଠାଘରର ତଳ ମହଲାରେ ୧୨ରୁ ଊର୍ଦ୍ଧ୍ୱ କର୍ମଜୀବୀ ଯୁବତୀ ରହୁଥିବାବେଳେ ସେମାନେ ପୂର୍ବାହ୍ନରେ ଘର ଛାଡ଼ି



ପଳାଇଯାଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ଉକ୍ତ ଘର ସିଲ୍ ହୋଇଥିବାବେଳେ ଅଭିଯୁକ୍ତ ବିଘ୍ନେଶଙ୍କୁ ଗିରଫ କରିବାକୁ ଖୋଜାଖୋଜି ଚାଲିଛି ବୋଲି ଇନ୍‌ଫୋସିଟି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

ବିଘ୍ନେଶ ଉକ୍ତ ଘରେ ପରିବାର ସହ ରହିବା ସହ ବିନା ଲାଇସେନ୍ସରେ ଅସୁରକ୍ଷିତ ଭାବେ ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ଗଚ୍ଛିତ କରି ରଖିବା ସହ ବିଭିନ୍ନ ପ୍ରକାର ବାଣ ମଧ୍ୟ ତିଆରି କରୁଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ବାଣ ମଧ୍ୟ ବିକ୍ରି କରୁଥିଲେ। ବିଘ୍ନେଶ ବାଣ ପ୍ରସ୍ତୁତି ଓ ବିକ୍ରି ନେଇ କୌଣସି ଉପଯୁକ୍ତ ଲାଇସେନ୍ସ ନ ନେଇ ଏଭଳି ବେଆଇନ୍ କାମ କରୁଥିଲେ। ସୋମବାର ଅପରାହ୍ନରେ କୌଣସି କାରଣବଶତଃ ବାଣ କାରଖାନାରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯିବା ସହ ଘରର ଛାତ ଉଡ଼ିଯିବା ସହ ବିମ୍ ମଧ୍ୟ ଭାଙ୍ଗିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଦୀର୍ଘସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଥାନାଠାରୁ କିଛି ଦୂରରେ ଏଭଳି ବେଆଇନ କାରବାର ଚାଲୁଥିବାବେଳେ ଏନେଇ ପୋଲିସ କେମିତି ଚୁପ୍ ବସିଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୪୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ସମ୍ବଲପୁର, ୧୨।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳରୁ ମଙ୍ଗଳବାର ଅବକାରୀ ବିଭାଗ ୧୪୦ ଗ୍ରାମ୍ ବ୍ରାଉନସୁଗାର(ହେରୋଇନ୍) ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ। କାରବାରରେ ସମ୍ପୃକ୍ତ ସୁନାପାଲିର ଶେଖ୍ ସବିର(୩୬)ଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ସମ୍ବଲପୁର ଅତିରିକ୍ତ ଅବକାରୀ ଅଧୀକ୍ଷକ ଅସୀତ ମଲ୍ଲିକ।

ସେ କହିଛନ୍ତି ଯେ, ଗତ ସୋମବାର ସନ୍ଧ୍ୟାରେ ହାଓଡ଼ା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସରେ ହାଓଡ଼ାରୁ ସମ୍ବଲପୁରକୁ ବ୍ରାଉନସୁଗାର ଚୋରା ଚାଲାଣ ହେଉଥିବା ସମ୍ପର୍କରେ ବିଭାଗକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଚାଲାଣକାରୀଙ୍କୁ ଠାବ କରିବା ପାଇଁ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଦଳ ଆଗତୁରା ଝାରସୁଗୁଡ଼ା ଯାଇ ସେଠାରୁ ଇସ୍ପାତ ଏକ୍ସପ୍ରେସ୍‌ରେ ସମ୍ବଲପୁର ଆସିଥିଲେ। ଚିହ୍ନଟ କରି ସାରିଥିଲେ ହେଁ, ସମ୍ବଲପୁର ଆସିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସ୍ୱତନ୍ତ୍ର ଦଳ ଯୋଜନା କରିଥିଲା। ହେଲେ ଟ୍ରେନ ସମ୍ବଲପୁର ଷ୍ଟେଶନ ପହଞ୍ଚିବା ପୂର୍ବରୁ ଫାଟକ ଷ୍ଟେଶନରେ ଟ୍ରେନ୍‌ର ଗତି ଧୀର ହେବା ସୁଯୋଗରେ ବ୍ରାଉନସୁଗାର ଚାଲାଣକାରୀ ଟ୍ରେନ୍‌ରୁ ଡେଇଁ ଫେରାର ହୋଇଯାଇଥିଲେ।



ଶେଖ୍ ସବିର

ତେବେ ଅବକାରୀ ବିଭାଗ ସ୍ୱତନ୍ତ୍ର ଦଳ ଚାଲାଣକାରୀମାନେ ସୁନାପାଲିର ବୋଲି ଚିହ୍ନଟ କରିସାରିଥିଲେ। ତେଣୁ ସୋମବାର ରାତିତମାମ ସ୍ୱତନ୍ତ୍ର ଦଳ ସୁନାପାଲିରେ ଛଦ୍ମବେଶରେ ଜଗି ରହିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ଅଭିଯୁକ୍ତଦ୍ୱୟ ଘରୁ ବାହାରିବା ପରେ ପୂର୍ବରୁ ସେଠାରେ ଛକି ରହିଥିବା ଅବକାରୀ ବିଭାଗ କର୍ମଚାରୀ ଶେଖ୍ ସବିରଙ୍କୁ କାବୁ କରି ନେଇଥିବା ବେଳେ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସବିରଙ୍କଠାରୁ ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ସବିରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି ଅତିରିକ୍ତ ଅବକାରୀ ଅଧୀକ୍ଷକ ମଲ୍ଲିକ।

# ୨ ଜଣଙ୍କ ଗଳା କାଟିବା ପରେ ନିଜ ବେକ କାଟିଲେ ଯୁବକ

## ମାନସିକ ବିକୃତଙ୍କ ଉନ୍ମତ୍ତକାଣ୍ଡ

କୋରାପୁଟ/ଲମତାପୁଟ/ନନ୍ଦପୁର, ୧୨।୧୧ (ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ/ସୁନୀଲ କୁମାର ପଣ୍ଡା)

ଜଣେ ମାନସିକ ବିକୃତ ଯୁବକ ୨ ଜଣଙ୍କ ଗଳା କାଟିବା ପରେ ନିଜ ବେକ କାଟିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। କୋରାପୁଟ ଜିଲା ଲମତାପୁଟ ଟିକରପଡ଼ା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନାନୁଯାୟୀ, ଟିକରପଡ଼ା ଗାଁର ସାଦୁ ବଡ଼ନାୟକ ୩ ଦିନ ତଳେ ମାନସିକ ବିକୃତ ବ୍ୟବହାର କରୁଥିଲେ। କାଡ୍ରି ଗ୍ରାମର ରାମ କ୍ରିସାନୀ ସୋମବାର ସାଦୁଙ୍କ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ସାଦୁ କୌଣସି କାରଣରୁ ଏକ ଛୁରିରେ ରାମ ଓ ନିଜ ନାବାଳକ ପୁତୁରା ସୁକୁଙ୍କ ଗଳା କାଟି ଦେଇଥିଲେ। ଏଥିସହ ସାଦୁ ନିଜ ବେକ ମଧ୍ୟ କାଟି ଦେଇଥିଲେ। ଘଟଣାସ୍ଥଳରେ ରାମଙ୍କର ମୃତ୍ୟୁ ହୋଇଯାଇଛି। ସୁକୁଙ୍କୁ ପରିବାର ଲୋକେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗ୍ରାମବାସୀ ସାଦୁଙ୍କୁ ବାନ୍ଧି ରଖି ପୋଲିସକୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ସାଦୁଙ୍କୁ ନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସାଦୁ ଓ ସୁକୁଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସାଦୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏ ନେଇ ନନ୍ଦପୁର ଥାନାରେ ନଂ.୧୨୩/୨୪ରେ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

## ସିନେ ନିର୍ଦ୍ଦେଶକଙ୍କୁ ସୋସିଆଲ ମିଡିଆରେ ଆକ୍ଷେପ

# ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା

କଟକ, ୧୨।୧୧ (କାର୍ତ୍ତିକ ସାହୁ)

ଓଡ଼ିଆ ସିନେ ନିର୍ଦ୍ଦେଶକମାନଙ୍କୁ ଆକ୍ଷେପ କରି ସୋସିଆଲ ମିଡିଆରେ କିଛି ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି ଅଭିନେତା ମନୋଜ ମିଶ୍ର। ତାଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶା ଫିଲ୍ମ ଆଣ୍ଡ୍ ଟିଭି ନିର୍ଦ୍ଦେଶକ ସଂଘ ପ୍ରତିକ୍ରିୟା ପ୍ରକାଶ କରିଛି। ତାଙ୍କର ଏଭଳି ମନ୍ତବ୍ୟ ଓଡ଼ିଆ ସିନେ ନିର୍ଦ୍ଦେଶକମାନଙ୍କ ପ୍ରତି ଅପମାନସୂଚକ ହୋଇଛି। ଏଥିସହ ସିନେମାକୁ ଭଲ ପାଉଥିବା ଦର୍ଶକଙ୍କ ନିକଟକୁ ଏକ ଖରାପ ବାର୍ତ୍ତା ପ୍ରସାରିତ ହେଉଛି। ମନୋଜଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ କଟକସ୍ଥିତ ସାଇବର ଥାନାରେ ମଙ୍ଗଳବାର ଏତଲା ଦିଆଯାଇଛି। ସଂଘ ପକ୍ଷରୁ ସବ୍ୟସାଚୀ ମହାପାତ୍ର, ବସନ୍ତ ସାହୁ, ଅବ୍‌ତାର ସିଂ, ହରିଶ ମହାନ୍ତି, ତାପସ ସରଘରିଆ, ଜ୍ୟୋତି ଦାସ, ଦେବୁ ପଟ୍ଟନାୟକ, ଗିରିଶ ମହାନ୍ତି, ବବି ଇସ୍‌ଲାମ, ସଂଗ୍ରାମ ମହାନ୍ତି ପ୍ରମୁଖ ଏତଲା ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସାଇବର ଥାନା ଆଇଆଇସି ରଶ୍ମିତା ଜେନା କହିଛନ୍ତି, ନିର୍ଦ୍ଦେଶକ ସଂଘ ପକ୍ଷରୁ ଏକ ଲିଖିତ ଏତଲା ସହ ପେନ୍ ଡ୍ରାଇଭ୍‌ରେ କିଛି ଭିଡିଓ ସମ୍ବଳିତ ତଥ୍ୟ ପ୍ରଦାନ କରାଯାଇଛି। ଉକ୍ତ ପେନ୍ ଡ୍ରାଇଭ ତଥ୍ୟକୁ ଦେଖିବା ପରେ ପଦକ୍ଷେପ ନିଆଯିବ।

# ରିମାଣ୍ଡରେ ଆସି ଜେରା ହେଲେ ସମୀର

## ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ ଘଟଣା

ଭୁବନେଶ୍ୱର, ୧୨।୧୧ (ସତ୍ୟଜିତ୍ ରାଉତ)

ବିବାହ ପାଇଁ ଯୁବତୀଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ଚାପ ପକାଇବା ଘଟଣାରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ ଏମ୍‌ଡି ସମୀର ମନ୍‌ସୁରୀଙ୍କୁ ପୋଲିସ ମଙ୍ଗଳବାର ଦିନିକିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିଛି।

ଅପରାହ୍ନ ପ୍ରାୟ ୧ଟାରେ ପୋଲିସ ସମୀରଙ୍କୁ ଜେଲରୁ ଆଣି ଏହି ମାମଲାର ଏକାଧିକ ଦିଗକୁ ନେଇ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ବହୁ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ସମୀରଙ୍କୁ କୋର୍ଟରେ ହାଜର କରାଯିବା ପରେ ପୁଣି ତାଙ୍କୁ ଝାରପଡ଼ା ଜେଲକୁ ଫେରାଇ ନିଆଯାଇଛି। ସମୀରଙ୍କୁ ୪ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ପକ୍ଷରୁ ଭୁବନେଶ୍ୱର



ଏମ୍‌ଡି ସମୀର ମନ୍‌ସୁରୀଙ୍କୁ ଜେରା ପରେ ଜେଲ୍‌କୁ ଫେରାଇ ନେଉଛି ପୋଲିସ।

ଏସ୍‌ଡିଜେଏମ୍ କୋର୍ଟରେ ଶନିବାର ଆବେଦନ କରାଯାଇଥିଲା। ତେବେ କୋର୍ଟ ଦିନିକିଆ ଅନୁମତି ଦେଇଥିଲେ। ଅପରପକ୍ଷରେ ଏ ସଂକ୍ରାନ୍ତରେ ବିହାର ଓ ଜମ୍ମୁ-କଶ୍ମୀର ପୋଲିସ ସହ କମିଶନରେଟ୍ ପୋଲିସ ଯୋଗାଯୋଗରେ ରହି ଏକାଧିକ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିଜ ଧର୍ମ ଓ ପରିଚୟ ଗୋପନ ରଖି ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ଲଭ୍ ଜିହାଦ ଜାଲରେ ଫସାଇ ସମୀର ବଳପୂର୍ବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କର ଅନ୍ତରଙ୍ଗ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ବ୍ଲାକ୍‌ମେଲ କରିଥିଲେ। ଅଭିଯୋଗ ପରେ ସମୀରଙ୍କୁ ଗତ ରବିବାର ମହିଳା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

# ୧୩ ଜଣଙ୍କ ନାମରେ ମାମଲା

## ସଂରକ୍ଷିତ ଜଙ୍ଗଲରୁ ଗଛକଟା ଘଟଣା

କେନ୍ଦୁଝର, ୧୨।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅଧୀନସ୍ଥ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ଅନୁମତିଠାରୁ ଅଧିକ ଗଛ କଟାଯିବା ଘଟଣାରେ ବନବିଭାଗ ୧୩ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣାକୁ ନେଇ ଉକ୍ତ ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଛି। ବନ ବିଭାଗ ଅଦ୍ୟାବଧି କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ଉକ୍ତ ସଂରକ୍ଷିତ ଜଙ୍ଗଲରେ ୨୫୦୫ଟି ୟୁକାଲିପଟାସ ଗଛ କାଟିବାକୁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ ଅନୁମତି ଦେଇଥିଲେ। ଧାର୍ଯ୍ୟଠାରୁ ଅଧିକ ବିଭିନ୍ନ କିସମର ଗଛ କଟାଯାଇଥିଲା। ଏନେଇ କୃଷ୍ଣପୁର ଗ୍ରାମବାସୀ କେନ୍ଦୁଝର ଜିଲାପାଳ, ଡିଏଫ୍‌ଓ, ଚମ୍ପୁଆ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ଅକ୍ଷୟ ଛତ୍ରିଆଙ୍କୁ କଟା ଗଛର ମୂଳ ଗଣତି ପାଇଁ ଡିଏଫ୍‌ଓ ଆଦେଶ କରିଥିଲେ। ଗଣତି ବେଳେ ଅଧିକ ଗଛ କଟାଯାଇଥିବା ଜଣାପଡ଼ିଥିଲା। ମାତ୍ର ଅଧାରୁ ଗଣତି ବନ୍ଦ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଘଟଣାରେ ଅଧିକ ଗଛ କଟାଯାଇଥିବା ପ୍ରମାଣ ମିଳିବା ପରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ସମେତ ୧୨ଜଣଙ୍କ ବିରୋଧରେ କେସ୍ ରୁଜୁ କରିଛନ୍ତି। ଫରେଷ୍ଟର ସୁନୀତା ବାଘେଲ କହିଛନ୍ତି, ପାଖାପାଖି ୧୧୨୩ଟି ଅଧିକ ଗଛ କଟାଯାଇଛି। ଏନେଇ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ତଦାରଖ କରୁଥିବା ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ମହାମେରୁ, ପତର ସରୁ,**
**ତା' ଫଳଟା ଗଣ୍ଠିଆ ଗୁରୁ।**

ତେନ୍ତୁଳିଗଛ ଦେଖିବାକୁ ମୋଟା ହୋଇଥିବାବେଳେ ତା'ର ପତ୍ର କିନ୍ତୁ ଅପେକ୍ଷାକୃତ ସରୁ ହୋଇଥାଏ। ସେହିପରି ତେନ୍ତୁଳି ଆକାର ବଙ୍କା ତଥା ଗଣ୍ଠିଆ ହୋଇଥିବା ନେଇ ଏଭଳି ପ୍ରହେଳିକା ପ୍ରକାଶ କରାଯାଇଛି।

**ଗୁଆ ମୂଳେ ଗୋବର,**
**ପଣସ ମୂଳେ ମାଟି,**
**ନଡ଼ିଆ ଯଦି ନ ଫଳିବ,**
**ଚେର ଦେବ କାଟି।**

ସାଧାରଣତଃ ଗୁଆ ଗଛ ମୂଳରେ ଗୋବର ଓ ପଣସ ଗଛ ମୂଳରେ ମାଟି ଦେଲେ ଭଲ ଫଳ ଫଳେ ବୋଲି ଜଣାଯାଇଥାଏ। ସେହିପରି ନଡ଼ିଆ ଗଛର ଉପର ଚେରକୁ କାଟି ଦେଲେ ନଡ଼ିଆ ଭଲ ଫଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨ ହାତୀଦାନ୍ତ ଜବତ, ଜଣେ ଗିରଫ

ଘସିପୁରା/ରାମଚନ୍ଦ୍ରପୁର, ୧୨।୧୧ (ଗଣେଶ୍ୱର ସା/ ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବନ ବିଭାଗ ୨୦ ନଂ. ଜାତୀୟ ରାଜପଥ ବୀରଗୋବିନ୍ଦପୁର ତ୍ରିରଙ୍ଗା ଢ଼ାବା ନିକଟରୁ ୨ ହାତୀଦାନ୍ତ ଜବତ କରିଛି। ବନ୍ୟପ୍ରାଣୀଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଘଟଗାଁ ବ୍ଲକ୍ ମେଲାଣ ଗ୍ରାମର ସୁଦାମ ମାଙ୍କିଡ଼ିଆ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବନ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ଗ୍ରାହକ ଭାବେ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ବୀରଗୋବିନ୍ଦପୁର ତ୍ରିରଙ୍ଗା ଢ଼ାବା ନିକଟକୁ ଡକାଇଥିଲେ। ଅଭିଯୁକ୍ତ ସେଠାରେ ପହଞ୍ଚିବା ପରେ ବନ କର୍ମଚାରୀ ତାଙ୍କୁ କାବୁ କରିନେଇଥିଲେ।

# ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା ଗୋମାଂସ

## ଚାଲାଣକାରୀ ଗିରଫ

ଖଲ୍ଲିକୋଟ, ୧୨।୧୧ (ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିର୍ମଳଝରନିକଟରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ଚାଲିଥିବା ବେଳେ ଜଣେ ବ୍ୟକ୍ତିଙ୍କଠାରୁ ଗୋମାଂସ ମିଳିଥିଲା। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀର ଆକ୍ରମ ଖାନ୍। ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।

ଅବକାରୀ ବିଭାଗ ପକ୍ଷରୁ ମଦ ଚାଲାଣ ରୋକିବାକୁ ନିର୍ମଳଝରଠାରେ ଗାଡ଼ିମୋଟର ଯାଞ୍ଚ ଚାଲିଥିଲା। ଏହି ସମୟରେ ଆକ୍ରାମ ସ୍କୁଟିରେ ଦୁଇଟି ବ୍ୟାଗ ଧରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ତାଙ୍କୁ ସନ୍ଦେହରେ ଅଟକାଇ ପଚାରିବାରୁ ସେ ଗୋମାଂସ ନେଉଥିବା କହିଥିଲେ। ଏହି ଖବର ପ୍ରଘଟ ହେବା ପରେ ନିକଟସ୍ଥ ଭରସା ଗ୍ରାମବାସୀ ଓ ଖଲ୍ଲିକୋଟ ବଜରଙ୍ଗ ଦଳର କର୍ମୀମାନେ ପହଞ୍ଚି ସ୍କୁଟି ସହ ଗୋମାଂସ ଚାଲାଣକାରୀଙ୍କୁ ଖଲ୍ଲିକୋଟ ଥାନା ଜିମା ଦେଇଥିଲେ। ପୋଲିସ ଆକ୍ରାମଙ୍କୁ ପଚରାଉଚରା କରିବା ପରେ ଗିରଫ କରିଥିଲା।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନାବାଳିକା ଝିଅଙ୍କୁ ବଳାତ୍କାର, ବାପା ଅଟକ

ବିଞ୍ଝାରପୁର, ୧୨।୧୧ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ନାବାଳିକାଙ୍କ ବାପାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ୮ ବର୍ଷ ମନୋମାଳିନ୍ୟ ରହିଛି। ଅଭିଯୁକ୍ତ ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀଙ୍କୁ ମାରଧର କରନ୍ତି। ଗତ ସୋମବାର ରାତିରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ରାଗିଯାଇ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ବାହାରକରି ଦେଇଥିଲେ। ଏହାପରେ ନିଜ ଝିଅଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ କୌଶଳକ୍ରମେ ଅଭିଯୁକ୍ତଙ୍କୁ କାବୁ କରି ଘରେ ତାଲା ପକାଇ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲା।

# ନବଜାତ ଶିଶୁକନ୍ୟା ବିକ୍ରି ଚର୍ଚ୍ଚା

## ଘଟଣା ପ୍ରଘଟ ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଛକାପଞ୍ଝା

ଲାଠୋର, ୧୨।୧୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଅଞ୍ଚଳରେ ନବଜାତ ଶିଶୁ କନ୍ୟା ବିକ୍ରି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଶିଶୁକନ୍ୟାର ମାଆ ଜଣେ ସମ୍ପର୍କୀୟଙ୍କୁ ଶିଶୁକୁ ଦେଇଦେଇଛୁ ବୋଲି କହୁଛନ୍ତି। କିନ୍ତୁ ସମ୍ପର୍କୀୟଙ୍କ ନାମ, ଠିକଣା କହୁ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ୧୦ ଦିନ ପରେ ମଙ୍ଗଳବାର ଘଟଣା ପ୍ରଘଟ ହେବାରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଛକାପଞ୍ଝା ସୃଷ୍ଟି ହୋଇଛି।

ଚଳିତ ମାସ ୨ତାରିଖ ଶନିବାର ସୁନାମୁଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଲାଠୋର ଅଞ୍ଚଳର ଜଣେ ଗର୍ଭବତୀଙ୍କୁ ପ୍ରସବ ପାଇଁ ଆଶାକର୍ମୀ ନେଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ନର୍ମାଲ ପ୍ରସବ କରାଇଥିଲେ। ଏକ ସୁସ୍ଥ ଶିଶୁ କନ୍ୟା ଜନ୍ମ ହୋଇଥିଲା। ପ୍ରସୂତି ମହିଳା ଏବଂ ନବଜାତ ଶିଶୁ କନ୍ୟା ସୁସ୍ଥ ଥିବାରୁ ଉଭୟଙ୍କୁ ଆଶାକର୍ମୀ ତାଙ୍କ ଘରକୁ ଆଣି ଅପରାହ୍ନରେ ଛାଡ଼ିଥିଲେ। ତହିଁ ପରଦିନ ରବିବାର ଆଶାକର୍ମୀ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ ଘରେ ମହିଳା ଏକାକୀ ଥିବାବେଳେ ଶିଶୁ ଘରେ ନ ଥିଲା। ଶିଶୁକୁ ନ ଦେଖି ଆଶାକର୍ମୀ ଶିଶୁ କୁଆଡ଼େ ଗଲା ବୋଲି ପଚାରିଥିଲେ। ମହିଳା ଜଣକ ଶିଶୁକୁ ସମ୍ପର୍କୀୟଙ୍କୁ ଦେଇ ଦେଇଛୁ ବୋଲି କହିଥିଲେ। ସନ୍ଦେହ ହେବାରୁ ଆଶାକର୍ମୀ ଘଟଣା ବିଷୟରେ ତୁରନ୍ତ ଦାୟିତ୍ୱରେ ଥିବା ସାନଗୁର୍ଜିଭଟା ସ୍ୱାସ୍ଥ୍ୟ ଉପକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ଲତା ଭୁଏଙ୍କୁ ଅବଗତ କରିଥିଲେ। ହେଲେ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ସୂରଜ କୁମାର ଦୀପଙ୍କୁ ଘଟଣା ବିଷୟରେ ନ ଜଣାଇ ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ଜ୍ୟୋତ୍ସ୍ନାବାଳା ରାମଙ୍କୁ ଜଣାଇ ଚୁପଚାପ ରହିଥିଲେ। ଏବେ ଘଟଣାଟି ପ୍ରଘଟ ହେବାରୁ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ସୁପରଭାଇଜର ବାଧ୍ୟ ହୋଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇଥିଲେ। ସେମାନେ କାହିଁକି ଘଟଣା ବିଷୟରେ କାହାକୁ କିଛି ନ କହି ଚୁପଚାପ ରହିଥିଲେ ତାହା ତଦନ୍ତ ସାପେକ୍ଷ। ଘଟଣାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୃକ୍ତ ଶିଶୁ କନ୍ୟାର ମା'ଙ୍କୁ ପଚାରିଥିଲେ। ସେ କହିଥିଲେ, ଶିଶୁକୁ ବରଗଡ଼ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କୁ ଦେଇଛନ୍ତି। ଶିଶୁ ଆଦିବାସୀ ସମ୍ପ୍ରଦାୟରୁ ଆସୁଥିବାରୁ ତାଙ୍କ ସମାଜର ସମ୍ପାଦକଙ୍କୁ ଘଟଣା ବିଷୟରେ ପଚରା ଯାଇଥିଲା। ସେ ତାଙ୍କ ପ୍ରତିକ୍ରିୟାରେ ଜଣେ ଥିଲାବାଲା ଲୋକଙ୍କୁ ଶିଶୁକୁ ଦିଆଯାଇଥିବା ଶୁଣିବାକୁ ପାଉଛନ୍ତି ବୋଲି କହିଥିଲେ। ତେବେ ଶିଶୁକୁ ବିକ୍ରି କରାଯାଇଛି ନା ପ୍ରକୃତରେ ସମ୍ପର୍କୀୟଙ୍କୁ ଦିଆଯାଇଛି। ଯଦି ସମ୍ପର୍କୀୟଙ୍କୁ ଦିଆଯାଇଛି ତା'ହେଲେ ସରକାରୀ ନିୟମକୁ ପାଳନ କରାଯାଇଛି ନା ନାହିଁ ଏମିତି ଅନେକ ପ୍ରଶ୍ନ ଲୋକେ ଆଲୋଚନା କରୁଛନ୍ତି। ବର୍ତ୍ତମାନ ଶିଶୁଟି କେଉଁ ସ୍ଥିତିରେ କାହା ପାଖରେ ରହିଛି ତାହା କହିବା ମୁସ୍କିଲ ହୋଇପଡ଼ିଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଦୀପଙ୍କୁ ପଚାରିବାରେ ଘଟଣାକୁ ସ୍ୱୀକାର କରିଥିଲେ। ଶିଶୁର ପରିବାରବର୍ଗ ତଦନ୍ତରେ ବାଧା ସୃଷ୍ଟି କରିବା ସମ୍ଭାବନା ଥିବାରୁ ପୋଲିସକୁ ଘଟଣା ବିଷୟରେ ଜଣାଇ ତଦନ୍ତ କରିବାକୁ ଯିବୁ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ Bhubaneswar, Wednesday, November 13/ 2024

# ସିନର ବର୍ଷ ଶେଷର ନଂ.୧



**ତୁରିନ୍, ୧୨।୧୧ (ଏପି):** ଜାନିକ ସିନର ବର୍ଷ ଶେଷର ନମ୍ବର ୱାନ ଖେଳାଳି ବିବେଚିତ ହୋଇଛନ୍ତି। ଏଥିସହିତ ଏଟିପି ଫାଇନାଲ୍ସ ଚାଲିଥିବା ବେଳେ ତାଙ୍କ ଘରୋଇ ସମର୍ଥକଙ୍କ ସମ୍ମୁଖରେ ସମ୍ମାନଜନକ ଟ୍ରଫି ହାସଲ କରିଛନ୍ତି। ସିନର ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନ ଓ ୟୁଏସ ଓପନ ଜିତିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ପ୍ରଥମ ଦୁଇ ଗ୍ରାଣ୍ଡସ୍ଲାମ ଟାଇଟଲ। ଗାଣିତିକ ହିସାବରେ ସେ ଏକ ମାସ ପୂର୍ବରୁ ନମ୍ବର-୧ ସ୍ଥାନ ଅଧିକାର କରିସାରିଛନ୍ତି। ବର୍ଷ ଶେଷର ଏହି ସମ୍ମାନ ଲାଭ କରିବାରେ ୨୩ବର୍ଷୀୟ ସିନର ୧୯ତମ ଏବଂ ଓଭରଅଲ ନମ୍ବର ୱାନ ସ୍ଥାନ ହାସଲ କରିବାରେ ସେ ହେଉଛନ୍ତି ୨୯ତମ ପୁରୁଷ ଖେଳାଳି। ବର୍ଷର ଶ୍ରେଷ୍ଠ ୮ଖେଳାଳିଙ୍କୁ ନେଇ ଚାଲିଥିବା ଏଟିପି ଫାଇନାଲ୍ସରେ ସିନର ରବିବାର ଆଲେକ୍ସ ମିନାଉରଙ୍କୁ ପରାସ୍ତ କରିଛନ୍ତି।

# ଲେହରେ ହେବ ପାରା ସ୍ପୋର୍ଟ୍ସ ସେଣ୍ଟର

**ଲେହ, ୧୨।୧୧ (ପି.ଟି.):** ଲଦାଖର ଲେହଠାରେ ପାରା ସ୍ପୋର୍ଟ୍ସ ସେଣ୍ଟର ସ୍ଥାପିତ ହେବ। ଉଚ୍ଚ ଉପତ୍ୟକାରେ ପାରା ସ୍ପୋର୍ଟ୍ସ ସେଣ୍ଟର ସ୍ଥାପନ ହେବା ବିଶ୍ୱରରେ ଏହା ସର୍ବପ୍ରଥମ। ଏଠାରେ ତାଲିମ ନେବା ଦ୍ୱାରା ୨୦୨୮ ପାରାଲିମ୍ପିକ୍ସ ପୂର୍ବରୁ ଆଥଲେଟ୍‌ମାନଙ୍କ କ୍ରୀଡ଼ା ଦକ୍ଷତା ସହ ଆତ୍ମବିଶ୍ୱାସ ମଧ ବୃଦ୍ଧି ପାଇବ। ଏହିପରିପ୍ରେକ୍ଷୀରେ ଲେହସ୍ଥିତ ଲଦାଖ ଅଟୋନମୋସ ହିଲ୍ ଡେଭଲପମେଣ୍ଟ କାଉନ୍‌ସିଲ (ଏଲଏଏଚ୍‌ଡିସି) ଓ ଆଦିତ୍ୟ ମେହେଟା ଫାଉଣ୍ଡେଶନ (ଏଏମ୍‌ଏଫ୍) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତୀୟ ପାରା ଆଥଲେଟମାନେ ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ଅଭୁତପୂର୍ବ ସଫଳତା ହାସଲ କରି ୭ ସ୍ୱର୍ଣ୍ଣ ସହ ୨୯ ପଦକ ହାସଲ କରିବାରେ ସମର୍ଥ ହୋଇପାରିଛି।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ରାଜଗିର, ୧୨।୧୧**

ବିହାରର ରାଜଗିରଠାରେ ଚାଲିଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ମାଲେସିଆକୁ ୪-୦ ଗୋଲରେ ହରାଇଥିବା ଭାରତ ମଙ୍ଗଳବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ ଗୋଲରେ ପରାସ୍ତ କରିଛି। ଦୀପିକା ସେରାୱତଙ୍କ ଡବଲ ଗୋଲ ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେ ମ୍ୟାଚର ୨୦ ଓ ୫୭ତମ ମିନିଟରେ ଏହି ଗୋଲ୍ ୨ଟି ଦେଇଥିଲେ। ଆକ୍ରମଣାତ୍ମକ ଆରମ୍ଭ କରିଥିବା ଭାରତ ପକ୍ଷରୁ କିନ୍ତୁ ମ୍ୟାଚର ୩ୟ ମିନିଟରେ ସଙ୍ଗୀତା କୁମାର ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। କୋରିଆ ପକ୍ଷରୁ ଲୀ ୟୁ-ରିମ୍ ୩୪ ଓ ଚ୍ୟୋନ ୟୁନ-ବି ୩୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଅର୍ଥାତ୍ ମ୍ୟାଚର ଶେଷଭାଗରେ ଦୀପିକା ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। କୋରିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଭାରତକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ଏହି ଗୋଲଟି ଆସିଥିଲା। ଭାରତ ଏହାର

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ଦୀପିକାଙ୍କ ଡବଲ ଗୋଲ**

ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ଥାଇଲାଣ୍ଡ ବିପକ୍ଷରେ ଖେଳିବ।

ଅନ୍ୟଏକ ମ୍ୟାଚରେ ଚାଇନା ୫-୦ରେ ମାଲେସିଆକୁ ହରାଇଥିବାବେଳେ ଜାପାନ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ୨ଟି ଲେଖାଏ ମ୍ୟାଚରୁ ଉଭୟ ଭାରତ ଓ ଚାଇନା ୬ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଚାଇନା ଶୀର୍ଷରେ ରହିଛି। ୨ ପଏଣ୍ଟ ସହ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି।



ଗୋଲ ଦେବାପରେ ଉଲ୍ଲସିତ ଦୀପିକା ସେରାୱତ (ବାମ)।

# ବ୍ୟାଟିଂ ସୁଧାରିବା ଲକ୍ଷ୍ୟରେ ଭାରତ

**ସେଞ୍ଚୁରିଅନ, ୧୨।୧୧ (ପି.ଟି.)**

**ତୃତୀୟ ଟି୨୦**

**ମ୍ୟାଚ୍ ସ୍ଥାନ: ସେଞ୍ଚୁରିଅନ**
**ସମୟ:ରାତି ୮.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

ଦକ୍ଷିଣ ଆଫ୍ରିକା ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ତୃତୀୟ ମ୍ୟାଚ୍ ବୁଧବାର ସେଞ୍ଚୁରିଆନରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବ୍ୟାଟିଂ ଦୁର୍ବଳତା ସୁଧାରିବା ଲକ୍ଷ୍ୟରେ ରହିବ। ପ୍ରଥମ ମ୍ୟାଚ୍‌ରେ ସଞ୍ଜୁ ସାମସନଙ୍କ ଶତକକୁ ବାଦ ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନରେ ବିଫଳ ହୋଇଥିଲେ। ସେହିପରି ଦ୍ୱିତୀୟ ଟି୨୦ରେ ଭାରତୀୟ ବ୍ୟାଟିଂ ଲାଇନଅପ୍ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଥିଲା। ଟପ୍ ଅର୍ଡରରେ ସାମସନ୍, ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ ଚାଲି ନ ଥିବା ବେଳେ ମଧ୍ୟକ୍ରମରେ ତିଳକ ବର୍ମା,ହାର୍ଦ୍ଦିକ ପାଣ୍ଡ୍ୟା ବିଫଳ ହୋଇଥିଲେ। ବୋଲରଙ୍କ ମଧ୍ୟରେ ଭାରତୀୟ ପେସର ମାନଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଛି। ଅନ୍ୟ ପକ୍ଷରେ ସ୍ପିନରଙ୍କ ମଧ୍ୟରେ ବରୁନ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେଞ୍ଚୁରିଅନରେ ଭାରତ ୨୦୧୮ରେ ଗୋଟିଏ ମ୍ୟାଚ୍ ଖେଳିଥିବା ବେଳେ ଦଳ ଏଥିରେ ପରାଜିତ ହୋଇଥିଲା। ଏହି ଦଳର ଏକମାତ୍ର ଖେଳାଳି ଭାବରେ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଦଳରେ ରହିଛନ୍ତି।

# କ୍ୱାର୍ଟର ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ସିନିୟର ସ୍ନୁକରର କ୍ୱାର୍ଟର ଫାଇନାଲରେ ଅବିନାଶ ମହାପାତ୍ରଙ୍କୁ ଆଶୁତୋଷ ପାଢ଼ୀ, ଅଲତାଫ ଅଲୀଙ୍କୁ ଚିରାଗ ଆରୋରା, ଚେତନ ଆନନ୍ଦଙ୍କୁ ରାକେଶ ରୋଶନ ପ୍ରଧାନ ଓ ଆକାଶ ମହାପାତ୍ରଙ୍କୁ ସୁବ୍ରତ ଦାସ ଭେଟିବେ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ତାରିଣୀ ସାମଲଙ୍କୁ ଆକାଶ ମହାପାତ୍ର ୩-୨, ଗୋବିନ୍ଦ ଶର୍ମାଙ୍କୁ ଦେବୀ ପ୍ରସାଦ ସାହୁ ୩-୦, ସବ୍ୟସାଚୀ ପଟ୍ଟନାୟକଙ୍କୁ ଆଶୁତୋଷ ପାଢ଼ୀ ୩-୦ରେ ପରାସ୍ତ କରିଛନ୍ତି। କ୍ୟୁ-ସ୍ପୋର୍ଟ୍ସ ତାରକା ଆଶୁତୋଷ ନିଜର ପ୍ରଥମ ମ୍ୟାଚରେ ୯୫ ପଏଣ୍ଟ ବ୍ରେକ୍ କରିଛନ୍ତି, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସର୍ବାଧିକ ବ୍ରେକ୍। ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚଗୁଡ଼ିକରେ ଜିତେଶ ଷଡ଼ଙ୍ଗୀଙ୍କୁ ସୁବ୍ରତ ଦାସ ୩-୦, ରୁମିତ ଗୁପ୍ତାଙ୍କୁ ଚେତନ ଆନନ୍ଦ ୩-୦, ଜ୍ଞାନ ଦାସଙ୍କୁ ଅବିନାଶ ମହାପାତ୍ର ୩-୧, ମିଶାଲ ସ୍ୱାଇଁଙ୍କୁ ରାକେଶ ରୋଶନ ପ୍ରଧାନ ୩-୧, କ୍ଲିଫୋର୍ଡ ଭିନସେଣ୍ଟଙ୍କୁ ଚିରାଗ ଆରୋରା ୩-୦ ଓ ଶୁଭାଶିଷ ଶେଟିଙ୍କୁ ଆଶୁତୋଷ ପାଢ଼ୀ ୩-୦, ଦେବୀ ପ୍ରସାଦ ସାହୁଙ୍କୁ ଆକାଶ ମହାପାତ୍ର ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି।

**ରାଜ୍ୟ ର୍‍ୟାଙ୍କିଙ୍ଗ୍ ବିଲିୟାର୍ଡ୍ସ, ସ୍ନୁକର**



ଚେତନ ଆନନ୍ଦ

# ଭାରତକୁ ଚେତାଇଲେ କ୍ୟୁରେଟର

**ପର୍ଥ,୧୨।୧୧(ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଭାରତୀୟ ବ୍ୟାଟରଙ୍କୁ ଚେତାଇ ଦେଇଛନ୍ତି କ୍ୟୁରେଟର୍। ପର୍ଥର ଅପ୍ଟସ୍ ଷ୍ଟାଡିୟମରେ ପିଚ୍‌ରେ ପ୍ରଚୁର ପେସ୍ ଓ ବାଉନ୍ସ ଦେଖିବାକୁ ମିଳିବ। ଭାରତୀୟ ଦଳ ସାଧାରଣତଃ ପେସ୍ ଓ ବାଉନ୍ସ ବିପକ୍ଷରେ ଷ୍ଟ୍ରଗଲ କରିଥାଏ। ପାରମ୍ପରିକ ଭାବରେ ପର୍ଥରେ ଯେଉଁ ଭଳି ଉଇକେଟ ରହିଥାଏ ସେଭଳି ଉଇକେଟ ପ୍ରସ୍ତୁତ କରାଯାଇଛି ବୋଲି କ୍ୟୁରେଟର ଆଇଜାକ ମ୍ୟାକଡୋନାଲ୍ଡ କହିଛନ୍ତି। ୱାକାରେ ବର୍ତ୍ତମାନ ଭାରତୀୟ ଦଳ ଅଭ୍ୟାସ ଜାରି ରଖିଛି। ନଭେମ୍ବର ୧୫-୧୭ ମଧ୍ୟରେ ଖେଳା ଯିବାକୁ ଥିବା ଇଣ୍ଟ୍ରା ସ୍କ୍ୱାଡ ମ୍ୟାଚକୁ ଭାରତୀୟ ଦଳ ବାତିଲ କରିଥିବା ବେଳେ ବର୍ତ୍ତମାନ ସିଧା ୨୨ ତାରିଖରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ। ଗତବର୍ଷ ଡିସେମ୍ବରରେ ପାକିସ୍ତାନ ବିପକ୍ଷରେ ପ୍ରସ୍ତୁତ କରାଯାଇଥିବା ପିଚ୍ ଭଳି ଏଥିରେ ମଧ ପେସରଙ୍କୁ ପ୍ରଚୁର ସହାୟତା ମିଳିବ। ପିଚ୍‌ରେ ସାମାନ୍ୟ ଘାସ ଛଡାଯିବ ବୋଲି କହିଛନ୍ତି ମ୍ୟାକଡୋନାଲ୍ଡ।

# ଭାରତୀୟ ଦଳରେ ୩ ଓଡ଼ିଆ ଖେଳାଳି

**ଦୃଷ୍ଟିବାଧିତ କ୍ରିକେଟ ବିଶ୍ୱକପ**



ଦେବରାଜ ବେହେରା, ପଙ୍କଜ ଭୁଏ ଓ ସୁଖରାମ ମାଝୀ।

**ନୂଆଦିଲ୍ଲୀ,୧୨।୧୧**

ପାକିସ୍ତାନରେ ଖେଳା ଯିବାକୁ ଥିବା ଦୃଷ୍ଟିହୀନ ବିଶ୍ୱକପ ପାଇଁ ଭାରତୀୟ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ପାକିସ୍ତାନ ଯିବା ପାଇଁ ଭାରତୀୟ ଖେଳାଳିଙ୍କୁ ଅନୁମତି ମିଳିଥିବା ବେଳେ ଦଳ ଘୋଷଣା କରାଯାଇଛି। ୪ର୍ଥ ସଂସ୍କରଣର ଦୃଷ୍ଟିବାଧିତ ବିଶ୍ୱକପ ପାକିସ୍ତାନରେ ୨୨ ନଭେମ୍ବରରୁ ୩ ଡିସେମ୍ବର ଯାଏ ଅନୁଷ୍ଠିତ ହେବ। ଏ ନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଦଳକୁ ଯିବା ପାଇଁ ମଙ୍ଗଳବାର ଅନୁମତି ମିଳିଛି। ଟୁର୍ନାମେଣ୍ଟ ପାଇଁ ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିବା ବେଳେ ଏହି ଦଳରେ ୩ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦେବରାଜ ବେହେରା, ପଙ୍କଜ ଭୁଏ ଓ ସୁଖରାମ ମାଝୀ ଏହି ଦଳରେ ସାମିଲ ଅଛନ୍ତି।

**ଭାରତୀୟ ଦଳ:** ଅଜୟ କୁମାର ରେଡ୍ଡୀ ଇଲୁରି, ଦେବରାଜ ବେହେରା, ନରେଶଭାଇ ବାଲୁଭାଇ ତୁମଡା, ନୀଲେଶ ଯାଦବ, ସଞ୍ଜୟ କୁମାର ଶାହ, ପ୍ରବୀଣ କୁମାର ଶର୍ମା, ଭେଙ୍କଟେଶ୍ୱର ରାଓ ଡୁନ୍ନା, ପଙ୍କଜ ଭୁଏ, ଲୋକେଶ, ରାମବୀର ସିଂ, ଇର୍ଫାନ୍ ଦିୱାନ, ଦୁର୍ଗା ରାଓ ଟୋମ୍ପାକି, ସୁନୀଲ ରମେଶ, ସୁଖରାମ ମାଝୀ, ରବି ଆମିଟି, ଦୀନେଶ ଭାଇ ରାଠୱା, ଧୀନାଗର ଗୋପୁ।

# କ୍ରିକେଟକୁ ଫେରିବେ ଶାମି

**କୋଲକାତା, ୧୨।୧୧ (ପି.ଟି.):** ଭାରତର ଆଗଧାଡ଼ି ପେସ୍ ବୋଲର ମହମ୍ମଦ ଶାମି ପାଖାପାଖି ଏକ ବର୍ଷ ପରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବାକୁ ଯାଉଛନ୍ତି। ବୁଧବାରଠାରୁ ଇନ୍ଦୋରରେ ଆରମ୍ଭ ହେବାକୁଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚରେ ସେ ବେଙ୍ଗଲ ତରଫରୁ ଖେଳିବେ। ସିଏବି ତରଫରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଗୋଇଠିରେ ଇଞ୍ଜୁରୀ ଓ ପରେ ଅସ୍ତ୍ରୋପଚାର ଯୋଗୁ ଶାମି ୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ କ୍ରିକେଟ ଖେଳୁ ନ ଥିଲେ।

# ଆଇଏକେଓ କିକ୍‌ବକ୍ସିଂରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ୍ସ (ଆଇଏକେଓ) ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୧୭ ପର୍ଯ୍ୟନ୍ତ କେରଳର କୋଝିକୋଡ଼େରେ ଅନୁଷ୍ଠିତ ହେବ। ଏଥିରେ ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ପ୍ରତିଯୋଗିତା ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବାକୁ ଯାଉଥିବାବେଳେ ଜାତୀୟ ଜଜ୍ ଉଦୟ ନାଥ ରାଉତ ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଉଛନ୍ତି।

# ବାରବାଟୀରେ ଆଜିଠୁ ଓଡ଼ିଶା-ମହାରାଷ୍ଟ୍ର

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ପଞ୍ଚମ ମ୍ୟାଚ ବୁଧବାରଠାରୁ କଟକର ବାରବାଟୀ ଷ୍ଟାଡିୟମରେ ଖେଳିବ। ଏଥର ଓଡ଼ିଶାର ପ୍ରତିଦ୍ୱନ୍ଦ୍ୱୀ ମହାରାଷ୍ଟ୍ର। ଓଡ଼ିଶା ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ସାରିଥିଲେ ହେଁ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳ ରହିଛି ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଦଳ। ଅଗରତାଲାରେ ହେବାକୁଥିବା

**ରଣଜୀ ଟ୍ରଫି**

ପ୍ରଥମ ମ୍ୟାଚଟି ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର' ମ୍ୟାଚରୁ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ମାତ୍ର ଏହାପରେ ଭଦୋଦରାରେ ଅନୁଷ୍ଠିତ ବରୋଦା ବିପକ୍ଷ ଏବଂ ମୁମ୍ବାଇରେ ଅନୁଷ୍ଠିତ ମୁମ୍ବାଇ ବିପକ୍ଷ ମ୍ୟାଚରେ ଇନିଂସ ପରାଜୟ ଲଭି ଲଜ୍ଜାଜନକ ସ୍ଥିତିରେ ରହିଛି ଓଡ଼ିଶା ଦଳ। ଚଳିତ ସିଜନରେ ଦ୍ୱିତୀୟ ଥର ପାଇଁ ଘରୋଇ ପରିବେଶରେ ବାରବାଟୀରେ ମ୍ୟାଚ ଖେଳିବାକୁ ଯାଉଛି ଓଡ଼ିଶା। ତେଣୁ ପ୍ରଦର୍ଶନରେ ଉନ୍ନତି ହେବା ଆଶା ରଖିଛନ୍ତି ରାଜ୍ୟ କ୍ରିକେଟପ୍ରେମୀ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଓ ସହକାରୀ କୋଚ୍ ଅବକାଶ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନେଟ୍ ସେସନରେ ଝାଳ ବୁହାଇଛନ୍ତି ଓଡ଼ିଶା ଖେଳାଳି। ୪ ମ୍ୟାଚ ଖେଳିବା ପରେ ଓଡ଼ିଶା ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆହତ ସମସ୍ୟା ଯୋଗୁ ବିପ୍ଲବ ସାମନ୍ତରାୟଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ତାପସ ଦାସଙ୍କୁ ସାମିଲ କରାଯାଇଛି। ସେହିପରି ଅନୁରାଗ ଷଡ଼ଙ୍ଗୀଙ୍କୁ ବାଦ୍ ଦିଆଯାଇ ଅନିଲ ପରିଡ଼ାଙ୍କୁ ନିଆଯାଇଛି।

ଅନ୍ୟପକ୍ଷରେ ମହାରାଷ୍ଟ୍ର ସ୍ଥିର ପ୍ରଦର୍ଶନ ଦେବାରେ ଅସଫଳ ରହିଛି। ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ୧ ବିଜୟ, ୨ ପରାଜୟ ଓ ୧ ଡ୍ର ସହ ୮ ପଏଣ୍ଟ ପାଇଛି। ଜମ୍ମୁ-କଶ୍ମୀର ବିପକ୍ଷରେ ଡ୍ର'ରୁ ଅଭିଯାନ ଆରମ୍ଭ କରିଥିବା ଏହି ଦଳ ପରେ ମୁମ୍ବାଇ ନିକଟରୁ ୯ ଉଇକେଟରେ ହାରିଥିଲା। ତୃତୀୟ ମ୍ୟାଚରେ ମେଘାଳୟକୁ ୧୦ ଉଇକେଟରେ ହରାଇଥିଲେ ହେଁ ଚତୁର୍ଥ ମ୍ୟାଚରେ ସର୍ଭିସେସ ନିକଟରୁ ୩୫ ରନରେ ହାରିଯାଇଛି। ତେଣୁ ଏପରି ସ୍ଥିତିରେ ଘରୋଇ ପିଚ୍ ଓ ପରିବେଶରୁ ଓଡ଼ିଶାକୁ ଫାଇଦା ନେବାକୁ ପଡ଼ିବ। ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ପ୍ରଥମ ୭ଟି ମ୍ୟାଚ ଡ୍ର ରହିଥିବାବେଳେ ୱାୟନାଡ଼ରେ ଅନୁଷ୍ଠିତ ୮ମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୧୧୮ ରନରେ ବିଜୟୀ ହୋଇଥିଲା। ୨୦୧୯-୨୦ରେ ଗହୁଞ୍ଜେରେ ଅନୁଷ୍ଠିତ ଶେଷ ମୁକାବିଲା କିନ୍ତୁ ମହାରାଷ୍ଟ୍ର ସପକ୍ଷରେ ରହିଛି। ଏହି ମ୍ୟାଚରେ ଓଡ଼ିଶାକୁ ୧୦ ଉଇକେଟରେ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା ମହାରାଷ୍ଟ୍ର। ତେବେ ଚଳିତ ସିଜନରେ ଏହି ଦଳ ଭଲ ପ୍ରଦର୍ଶନ ପାଇଁ ସଂଘର୍ଷ କରି ଆସୁଥିବାରୁ ମ୍ୟାଚ ରୋମାଞ୍ଚକ ହେବା ଆଶା କରାଯାଏ।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର, ଆଶୀର୍ବାଦ ସ୍ୱାଇଁ, ଅନିଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରନୀ ସା, ହର୍ଷିତ ରାଠୋଡ, ସୁମିତ ଶର୍ମା, ତାପସ ଦାସ।

**ମହାରାଷ୍ଟ୍ର ଦଳ:** ଅଙ୍କିତ ବାୱନେ (ଅଧିନାୟକ), ସିଦ୍ଧେଶ ବୀର, ସଚିନ ଧସ, ଆଜିମ କାଜି, ମୁର୍ତ୍ତାଜା ଟ୍ରଙ୍କୱାଲା, ହର୍ଶଲ କାଟେ, ସୌରଭ ନୱାଲେ, ସତ୍ୟଜିତ ବଚଭ, ହିତେଶ ୱାଲୁଞ୍ଜ, ତରଣଜିତ ସିଂ ଧୀଲୋନ, ମୁକେଶ ଚୌଧାରୀ, ମନ୍ଦର ଭଣ୍ଡାରୀ, ରଜନୀଶ ଗୁରବାନି, ଋତୁରାଜ ଗାଏକ୍ୱାଡ୍, ପ୍ରଦୀପ ଦଧି, ନିଖିଲ ନାଏକ, ପ୍ରଶାନ୍ତ ସୋଲାଙ୍କି, ଆର.ଏସ. ହେଙ୍ଗରଗେକର, ରାମକ୍ରିଷ୍ଣା ଘୋଷ, ଅର୍ଶିନ କୁଲକର୍ଣ୍ଣୀ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ